# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୧/୨୦୧୯ (୨୦ ପୃଷ୍ଠା) Bhubaneswar, Monday, February 11/ 2019 ★★★★

୪୫ଶ ଭାଗ ୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



ଓଡ଼ିଶା ଆମ ଗୌରବ

# ୩୦ତମ ଜାତୀୟ
# ସଡ଼କ ସୁରକ୍ଷା ସପ୍ତାହ

## ସଡ଼କ ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ :

- ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଆଇନତଃ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା।
- ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରୁଥିବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପୁଲିସ ଜେରା କରିପାରିବେ ନାହିଁ ଏବଂ ଉକ୍ତ ଭଦ୍ର ବ୍ୟକ୍ତିଙ୍କୁ ୨ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ''ଗୁଡ୍ ସମରିଟାନ ପଲିସି''।
- ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ, ଯାହା ଫଳରେ ବାରମ୍ବାର ମୋଟର ଯାନ ଆଇନ ଭଙ୍ଗ କରୁଥିବା ବ୍ୟକ୍ତିଙ୍କୁ ୨ ରୁ ୩ ଗୁଣ ଅଧିକ ଜରିମାନା।
- ୫ ଗୋଟି ଦୁର୍ଘଟଣା ପ୍ରବଣ ରାସ୍ତାରେ ହାଇୱେ ପାଟ୍ରୋଲ ପ୍ରଚଳନ କରିବାର ବ୍ୟବସ୍ଥା।
- ପଞ୍ଚମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ସଡ଼କ ସୁରକ୍ଷା ବିଷୟକୁ ଅର୍ନ୍ତଭୁକ୍ତ କରାଯାଇଅଛି ଏବଂ ନବମ ଓ ଦଶମ ଶ୍ରେଣୀର ପାଠ୍ୟ ପୁସ୍ତକରେ ସଡ଼କ ସୁରକ୍ଷା ବିଷୟକୁ ଅର୍ନ୍ତଭୁକ୍ତ କରିବାର ବ୍ୟବସ୍ଥା।
- ବିଭିନ୍ନ ରାଜପଥରେ ୪୩୫ ଗୋଟି ବ୍ଲାକ୍ ସ୍ପଟ ଚିହ୍ନଟ (୨୦୧୫ - ୧୭ର ତଥ୍ୟ) ଓ ଏହାର ନିରାକରଣ ବ୍ୟବସ୍ଥା।



## ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ

ମୁଖ୍ୟ ଅତିଥି

### ଶ୍ରୀଯୁକ୍ତ ଶଶି ଭୂଷଣ ବେହେରା

ମାନ୍ୟବର ମନ୍ତ୍ରୀ,
ଅର୍ଥ, ଅବକାରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ,

ସମ୍ମାନିତ ଅତିଥି

### ଡ଼ଃ ନୃସିଂହ ଚରଣ ସାହୁ

ମାନ୍ୟବର ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ

ସ୍ଥାନ : ରବିନ୍ଦ୍ର ମଣ୍ଡପ, ଭୁବନେଶ୍ୱର
୧୧ ଫେବୃଆରୀ, ୨୦୧୯, ସମୟ : ମଧ୍ୟାହ୍ନ ୧୨ ଘଟିକା ୧୦ ମିନିଟ୍

''ସଡ଼କ ସୁରକ୍ଷା - ଜୀବନ ରକ୍ଷା''

ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି
ବାଣିଜ୍ୟ ଓ ପରିବହନ ବିଭାଗ,
ଓଡ଼ିଶା ସରକାର

ଆସନ୍ତୁ, ଓଡ଼ିଶାକୁ ଏକ ଦୁର୍ଘଟଣାମୁକ୍ତ ରାଜ୍ୟରେ ପରିଣତ କରିବା

ଆମ ଗାଁ ଆମ ବିକାଶ

ODISHA ONE

DSPL-398


# PEETHA

( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )

# ପିଠା

ସଶକ୍ତିକରଣ ଏବଂ ସଚେତନତା

## ଏଥର ୫ ଦିନ ପରିବର୍ତ୍ତେ ୧୦ ଦିନ ହେବାକୁ ଯାଉଛି ପିଠା କ୍ୟାମ୍ପ । ଏଇ ଫେବୃୟାରୀ ମାସ ୧୦ ରୁ ୨୦ ତାରିଖ ମଧ୍ୟରେ ଆପଣଙ୍କ ଗ୍ରାମ ପଞ୍ଚାୟତରେ ଆୟୋଜିତ ହେବ ପିଠା କ୍ୟାମ୍ପ ।



- ୪୮ ଲକ୍ଷ ହିତାଧିକାରୀ ପାଇବେ ବର୍ଦ୍ଧିତ ଭତ୍ତା
- ୩୩ ଲକ୍ଷ ପରିବାରକୁ ମିଳିବ ୪ଟି ଲେଖାଏଁ ଏଲ୍. ଇ. ଡି ବଲ୍‌ବ୍
- ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ଏସ୍.ଏଚ୍.ଜି ଗ୍ରୁପ୍‌କୁ ସ୍ମାର୍ଟଫୋନ୍ କିଣିବା ପାଇଁ ମିଳିବ ୩ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା
- କାଳିଆ ଯୋଜନା ବିଷୟରେ ଲୋକମାନଙ୍କୁ ଦିଆଯିବ ସମ୍ପୂର୍ଣ୍ଣ ସୂଚନା
- ଖାଦ୍ୟ ସୁରକ୍ଷା, ଖୁସି ଓ ଜନଜାତି ସଶକ୍ତିକରଣ ବିଷୟରେ କରାଯିବ ସଚେତନ

ଯୋଜନାରେ ସ୍ୱଚ୍ଛତା ଆଣିଲା ପିଠା
ଆହୁରି ସଶକ୍ତ ହେଲା ନବୀନ ଓଡ଼ିଶା




19001/13/0043/1819

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୧/୨୦୧୯ Bhubaneswar, Monday, February 11/ 2019




ଓଡ଼ିଶା ସରକାର

DSPL-399

ରାଜ୍ୟର ୧୭ଟି ଜିଲ୍ଲାରେ ଥିବା
୩୮ଟି ସହରାଞ୍ଚଳ ପାଇଁ
**୩୮ଟି ନୂତନ ଆହାର କେନ୍ଦ୍ରର**
ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା**
**ଲୋକାର୍ପଣ**

ଦିବା ୧୧ଘ ॥ ୧୧ ଫେବୃଆରୀ ୨୦୧୯
ସଚିବାଳୟ



'ଆହାର'



- ୧ ଅପ୍ରେଲ, ୨୦୧୫ ରେ ଆରମ୍ଭ
- ୧୫୭ଟି ଆହାର କେନ୍ଦ୍ରରେ ଦୈନିକ ୧ଲକ୍ଷ ଭୋଜନ ଦିଆଯାଉଛି
- ୩୦ଟି ଜିଲ୍ଲାରେ ସମସ୍ତ ୧୧୪ଟି ସହରାଞ୍ଚଳରେ ସ୍ଥାପିତ
- ଆହାର କେନ୍ଦ୍ର ଗୁଡିକ ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଏବଂ ହସ୍ପିଟାଲ ନିକଟରେ ସ୍ଥାପିତ
- ପ୍ରତିଦିନ ଦିବା ୧୧ଟାରୁ ୩ଟା ପର୍ଯ୍ୟନ୍ତ (ରବିବାର ବ୍ୟତୀତ)
- **ରାତ୍ରି ଆହାର**
  ୩୧ ଡିସେମ୍ବର, ୨୦୧୮ ଠାରୁ ଜିଲ୍ଲା ସଦରମହକୁମା, ଉପ-ଖଣ୍ଡ ହସ୍ପିଟାଲ ଇତ୍ୟାଦି ପ୍ରମୁଖ ସ୍ଥାନ ନିକଟରେ ଥିବା ୫୬ଟି ଆହାର କେନ୍ଦ୍ରରେ ରାତିରେ ପରିବେଷଣ କରାଯାଉଛି ଦୈନିକ ୧୫୦୦୦ରୁ ଅଧିକ ଭୋଜନ
- ୭.୨ କୋଟିରୁ ଅଧିକ ଭୋଜନ, ଲୋକ ଉପକୃତ

13001/13/0062/1819

ସହରରେ ସୁଲଭ ଭୋଜନ
ଆନନ୍ଦ ସଭିଙ୍କର ମନ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

@CMO_Odisha CMO.Odisha @Naveen_Odisha

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରସି
ପରିବାରବର୍ଗ


ଶ୍ରୀ
ପରିବାରବର୍ଗ


ମୁକୁଲ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### real estate

**SALE**

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65822

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65558

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-11018

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9938177361, 7749026703. D-65353

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9938177361, 7749026703. D-65354

**Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65821

ଭୁବନେଶ୍ୱର କଣ୍ଟାବାଡ (ପିତାପଲ୍ଲୀରୁ-କଟକ) NH 100' bypass road sideରେ ଗୃହୋପଯୋଗୀ ପଟ୍ଟା plot. 9437971401. D-64787

Tata memorial Cancer Hospital ପାଖରୁ 1.5km distanceରେ 199/- 229/- 379/-ରେ ମିଳୁଛି: 8658864750. D-64788

### to-let

Commercial space 800 and 2500 sqft. for office/ godown. Contact: 9437033691. D-65608

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Experience full body massage with us by experts. Enquiry. 0674259782 2, 7377048581. D-65559

Herbal full body massage with refreshment by well trained therapist. 7381239385, 06742540855. D-65560

Improving your health, skin care through expert therapist, excellent offer. 9668374480. D-65562

Newly opening ayurvedic body massage smart therapist, Shree herbal. 7750020754. D-65563

Herbal full body massage by smart/ expert therapist. Contact: 8338067247. D-65564

Welcome to Seva care sensational massage by expert therapist- 9937062638. D-65471

Ayurvedic full body massage ladies/ gents smart experts therapist. 9114697517. D-65816

New opening ayurvedic full body massage. 7077444583. D-10885

Newly ayurvedic full body messege relaxed home service: 7609923705, 7438851534. D-38545

Sai solution ayurvedic full body massage ladies/ gents. Contact: 8117033493. D-11070

Now Matrimonial ads. only on Wednesday & Sunday Book 1 Get 1 FREE

### Birthday Wish



(Shree)
**Sai Sradha Parida**
F-Dhananjaya Parida
M-Sumitra Parida
At/P-Nalibasanta, D-Puri
"We wish for all of your wishes to come true."
Happy Birthday
D-65823

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ରସି**
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ, ଜନ୍ମଦିନର ଅନେକ ଅନେକ ଶୁଭକାମନା।
**ଶୁଭେଚ୍ଛା ସହ**
ମାମା, ବାବା, ଜେଜେମା, ଅଜା, ଆଈ।
ଧ-୧୧୦୭୫


# କନ୍ଧମାଳକୁ ୨୫୦ କୋଟିର ଭେଟି

## ସାଲୁଙ୍କି ନଦୀ ଉପରେ ହେବ ହାଇଲେଭଲ ସେତୁ



କନ୍ଧମାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଯୁବବାହିନୀ କର୍ମକର୍ତ୍ତାଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରୁଛନ୍ତି।

**ଫୁଲବାଣୀ ଅଫିସ, ୧୦।୨**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କନ୍ଧମାଳ ଗସ୍ତରେ ଆସି ଅପରାହ୍ଣରେ ଫୁଲବାଣୀ ଷ୍ଟାଡିୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ କରିବା ସହ ନୂତନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହାପରେ ବିଜୁ ଯୁବ ବାହିନୀ ଆଞ୍ଚଳିକ ସମାବେଶକୁ ଉଦ୍‌ବୋଧନ ଦେଇ ଯୁବକମାନେ ସଂଗଠିତ ହୋଇ ରାଜ୍ୟ ବିକାଶରେ ସାମିଲ ହେବାକୁ ପରାମର୍ଶ ଦେଇଛନ୍ତି।

ଜିଲାରେ ମୋଟ ୨୫୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଉଦ୍‌ଘାଟନ ପ୍ରକଳ୍ପ ମଧ୍ୟରେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଛାତ୍ରୀନିବାସ, ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟର ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ଫୁଲବାଣୀରେ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୬୦୦ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ, ସମ୍ପ୍ରସାରିତ ଏବଂ ଆଧୁନିକୀକରଣ କନ୍ଧମାଳ ପ୍ରକ୍ରିୟାକରଣ ୟୁନିଟ୍, ଫୁଲବାଣୀ ସ୍ୱୟଂକ୍ରିୟ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ, ଜିଲା ପଞ୍ଚାୟତ ସମ୍ବଳକେନ୍ଦ୍ର, ବୋଇଡା ଉଚ୍ଚ ମାଧ୍ୟମିକ ସ୍କୁଲ, ନବନିର୍ମିତ ଜିଲା ଲାଇବ୍ରେରି, ଜି.ଉଦୟଗିରି ୬୦୦ ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ ଓ ଟିକାବାଲି ୪୦୦ ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ରହିଛି। ସେହିପରି ଭିତ୍ତିପ୍ରସ୍ତର ସ୍ଥାପନ ପ୍ରକଳ୍ପ ମଧ୍ୟରେ ଫୁଲବାଣୀ ଗୋଚ୍ଛାପଡା ରାସ୍ତା ଉନ୍ନତୀକରଣ, ଚକାପାଦ, ଖଜୁରିପଡା, ଦାରିଙ୍ଗବାଡି, ଟିକାବାଲି, ବାଲିଗୁଡା ଏବଂ କୋଟଗଡ ବ୍ଲକର ୮ ହାଇଲେଭଲ ସେତୁ, ଫୁଲବାଣୀ, ଚକାପାଦ, ଖଜୁରିପଡା, ତୁମୁଡିବନ୍ଧ ଏବଂ ବାଲିଗୁଡା ବ୍ଲକରେ ୧୦ ଉନ୍ନୀତ ହାଇସ୍କୁଲ, ଫିରିଙ୍ଗିଆ, ଦାରିଙ୍ଗବାଡି, ତୁମୁଡିବନ୍ଧ ଏବଂ କୋଟଗଡ ବ୍ଲକର ୧୪ ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ, ଫୁଲବାଣୀରେ ୧୦୦ ସିଟ୍ ବିଶିଷ୍ଟ ସଂଖ୍ୟାଲଘୁ ଛାତ୍ରବାସ, ରାଇକିଆ-ଗଣ୍ଡଶୀଳା ନାଳ-ସାରଙ୍ଗଗଡ ଏବଂ ରାଇକିଆ -ସିମନବାଡି ରାସ୍ତାର ଉନ୍ନତୀକରଣ, ଜି.ଉଦୟଗିରି ପାଇପ୍ ଜଳଯୋଗାଣ ପ୍ରକଳ୍ପ ସମ୍ପ୍ରସାରଣ କାର୍ଯ୍ୟ, ବାଲିଗୁଡା ଏନ୍‌ଏସି ଜଳଯୋଗାଣ ପ୍ରକଳ୍ପର ଉନ୍ନତୀକରଣ କାର୍ଯ୍ୟ ଓ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟର ୫୦ ଶଯ୍ୟା ବିଶିଷ୍ଟ ଆନ୍ତଃ ବିଭାଗ ଓ ବହିଃ ବିଭାଗ କାର୍ଯ୍ୟ ଆଦି ରହିଛି।

ମୁଖ୍ୟମନ୍ତ୍ରୀ ନିର୍ଦ୍ଧାରିତ ସମୟଠାରୁ ସାମାନ୍ୟ ବିଳମ୍ବରେ ଆସି ଗୁଦାରି ଏୟାରଷ୍ଟ୍ରିପରେ ଓହ୍ଲାଇଥିଲେ। ସେଠାରୁ କାର ଯୋଗେ ଷ୍ଟାଡିୟମରେ ପହଞ୍ଚିଥିଲେ । ପ୍ରଥମେ ବିଜୁ ଯୁବ ବାହିନୀ କର୍ମକର୍ତ୍ତା ସେମାନଙ୍କ ଅଞ୍ଚଳରେ କରିଥିବା କାର୍ଯ୍ୟ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ । ଏହାପରେ ବିଜୁ ଯୁବ ବାହିନୀର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅରୂପ ପଟ୍ଟନାୟକ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟମନ୍ତ୍ରୀ ବିଜୁ ଯୁବ ବାହିନୀର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜାଗା ମିଶନରେ କେତେକ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ। ଏହିସମାବେଶରେ କନ୍ଧମାଳ, ଗଞ୍ଜାମ, ବୌଦ୍ଧ, ନୟାଗଡ ଓ ଗଜପତି ଜିଲାରୁ ହଜାର ହଜାର ସଂଖ୍ୟାରେ ବିଜୁ ଯୁବ ବାହିନୀ ସଦସ୍ୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ସରୋଜ କର୍ଣ୍ଣ, ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ, ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ବିକ୍ରମ କେଶରୀ ଆରୁଖ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଦାରୁବିଗ୍ରହଙ୍କ ଚାଚେରୀ ବେଶ

**ପୁରୀ ଅଫିସ, ୧୦।୨**

ବସନ୍ତ ପଞ୍ଚମୀ ଅବସରରେ ରବିବାର ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଚାଚେରୀ ବେଶ ଅନୁଷ୍ଠିତ ହୋଇଛି। ମଧ୍ୟାହ୍ନ ଧୂପ ପରେ ମଇଲମ ହୋଇଥିଲା। ତିନିଠାକୁର ମାଧାବଳି ଲୁଗା ଲାଗି ହେବା ପରେ ଶ୍ରୀଅଙ୍ଗରେ ଚନ୍ଦନ ଲାଗି ହୋଇଥିଲେ। ଏହାପରେ ମହାଜନ ସେବକ ରତ୍ନସିଂହାସନରୁ ଶ୍ରୀଦେବୀ, ଭୂଦେବୀଙ୍କୁ ଦକ୍ଷିଣୀ ଘର ଖଟ ଉପରକୁ ବିଜେ କରିଥିଲେ। ଦୋଳଗୋବିନ୍ଦଙ୍କୁ ଦକ୍ଷିଣୀ ଘରୁ ଆଣି ଉକ୍ତ ଘଟ ଉପରେ ବିଜେ କରାଇଥିଲେ। ଏହାପରେ ରତ୍ନବେଦୀରେ ତିନିଠାକୁରଙ୍କ ଚାଚେରୀ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ତିନିଠାକୁର ଫୁଟା ପହରଣ, ଶିରିକପଡା, ମୁଖବଳା, ଟୋପର, ଚନ୍ଦ୍ରିକା, ନଳୀଭୂଜ, ଆଡକାନୀ, ରମାନନ୍ଦୀ ତିଳକ, ଓଡ଼ିଆଣି, ସୂର୍ଯ୍ୟଚନ୍ଦ୍ର, ଘାଘଡା ମାଳ ଲାଗି ହୋଇଥିଲେ। ମହାପ୍ରଭୁ ଏବଂ ବଡଠାକୁର ଦୁଇଟି ଲେଖାଏଁ ମକର କୁଣ୍ଡଳ, ଦେବୀସୁଭଦ୍ରା ୨ଗୋଟି ତଡଗୀ ଲାଗି ହୋଇଥିଲେ। ମାଘ ମାସର ବସନ୍ତ ପଞ୍ଚମୀ ଏବଂ ଫାଲଗୁନ ଶୁକ୍ଳ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଠାକୁର ଚାଚେରୀ ବେଶ ହୋଇଥାନ୍ତି।

# ଉଠା ଜଳସେଚନ ନିଗମରେ ଲାଗୁହେବ ୭ମ ବେତନଧାରା

## ସମୂହ ଛୁଟିରୁ ଓହରିଲା ଇଞ୍ଜିନିୟର୍ସ ସଂଘ

**ଭୁବନେଶ୍ୱର,୧୦।୨(ବ୍ୟୁରୋ)**

ଉଠା ଜଳସେଚନ ନିଗମ(ଓଏଲ୍‌ଆଇସି)ରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର୍ସମାନେ ଚଳିତ ମାସ ୨୧ରୁ ସମୂହ ଛୁଟିରେ ଯିବା ପାଇଁ ଘୋଷଣା କରିଥିଲେ। ସେମାନଙ୍କ କ୍ଷେତ୍ରରେ ସପ୍ତମ ବେତନ କମିଶନ ସୁପାରିଶ ଲାଗୁ ନ କରାଯିବା କାରଣରୁ ସାମୂହିକ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ହେଲେ ରବିବାର ହସ୍ତଗତ ହୋଇଥିବା ଖବର ଅନୁଯାୟୀ ଓଏଲ୍‌ଆଇସିର ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ଆନ୍ଦୋଳନରୁ ଓହରି ଯାଇଛି। ଗତ ୮ତାରିଖ ଅର୍ଥାତ ଶୁକ୍ରବାର ରାଜ୍ୟ ସରକାର ଜଳସମ୍ପଦ ବିଭାଗ ପକ୍ଷରୁ ଓଡ଼ିଶା ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶିକାଙ୍କ ପାଖକୁ ଏକ ଚିଠି (ନଂ. ୩୭୨୩) ଲେଖାଯାଇଥିଲା। ଏହି ଚିଠିରେ ନିଗମର କାର୍ଯ୍ୟରତ ଇଂଜିନିୟରର୍ସ ତଥା କର୍ମଚାରୀଙ୍କ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ଏହି ସୁପାରିଶ ପିଛିଲା ଭାବେ ୨୦୧୬ ଜାନୁୟାରୀ ପହିଲାରୁ ଏହା ଲାଗୁ ହେବ ବୋଲି ଜଣାପଡିଛି। ପ୍ରକାଶ ଯେ, ସପ୍ତମ ବେତନ କମିଶନ ସୁପାରିଶ ଆଧାରରେ ଦରମା ପ୍ରଦାନ ପାଇଁ ଇଂଜିନିୟରର୍ସମାନଙ୍କ ପକ୍ଷରୁ ନିଗମର ପରିଚାଳନା ନିର୍ଦ୍ଦେଶିକାଙ୍କୁ ଗତ ୫ରେ ଏକ ଚିଠି ପ୍ରଦାନ କରାଯାଇଥିଲା।

ଏହି ଚିଠିରେ ଉଲ୍ଲେଖ ଥିବା ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶିକା , ଜଳସମ୍ପଦ ବିଭାଗ ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଏହାକୁ ବିଚାର କରି ରାଜ୍ୟ ସରକାର ନିଗମ କର୍ମଚାରୀଙ୍କ କ୍ଷେତ୍ରରେ ୭ମ ବେତନ କମିଶନ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ଅନୁକୂଳ ହେଲା ରଥକାଠ



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ରଥକାଠ ଅନୁକୂଳ ପୂଜା କରାଯାଉଛି।

**ପୁରୀ ଅଫିସ, ୧୦।୨:** ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ଦାରୁବିଗ୍ରହଙ୍କ ଲାଗି ତିଆରି ହେବ ତିନିରଥ। ପରମ୍ପରା ଅନୁଯାୟୀ, ରବିବାର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯାଇଛି। ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥ କାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ, ଗଦାଧର ଦାଶ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ଶେଷରେ ମହାପ୍ରସାଦ ମଧ୍ୟ ସମର୍ପଣ କରାଯାଇଥିଲା। ଅନୁକୂଳ ସମୟରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଶ୍ରୀମନ୍ଦିର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ ହେବ।

## ବ୍ରହ୍ମପୁର ପୋଲିସକୁ ଲୁଟେରାଙ୍କ ଚ୍ୟାଲେଞ୍ଜ

# ସିବିଆଇ ପରିଚୟ ଦେଇ ଲୁଟିଲେ

**ବ୍ରହ୍ମପୁର ଅଫିସ୍,୧୦।୨:** ବ୍ରହ୍ମପୁର ସହର ବୈଦ୍ୟନାଥପୁର ଥାନା ଅଧୀନ ଜୟପ୍ରକାଶନଗର ଛକରେ ରବିବାର ପୂର୍ବାହ୍ନ ୧୧ ଟାରେ ସିବିଆଇ ଅଫିସର ପରିଚୟ ଦେଇ ଏକ ବୃଦ୍ଧ ଦମ୍ପତିଙ୍କଠାରୁ ଲୁଟେରାମାନେ ୮ ତୋଳା ସୁନା ଗହଣା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି । ଖବର ପ୍ରଘଟ ହେବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବରିଷ୍ଠ ନାଗରିକ ଭାସ୍କର ପାତ୍ରଙ୍କ ଏତଲା କ୍ରମେ ବୈଦ୍ୟନାଥପୁର ପୋଲିସ ନଂ. ୩୦/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି। ଜାନୁୟାରୀ ୨୯ରେ ସେହି ସ୍ଥାନରେ ହିଁ ଜଣେ ବରିଷ୍ଠ ନାଗରିକ ମହିଳାଙ୍କଠାରୁ ପୋଲିସର ପରିଚୟ ଦେଇ ସୁନା ଗହଣା ଲୁଟ୍ ଉଦ୍ୟମ ହୋଇଥିଲା। ଉକ୍ତ ଘଟଣାକୁ ନେଇ ପୋଲିସ ସେତେଟା ଚିନ୍ତିତ ନ ଥିବା ବେଳେ ରବିବାର ପୁନଶ୍ଚ ସେହି ସ୍ଥାନରେ ହିଁ ଲୁଟେରାମାନେ ପୁଣି ସୁନା ଗହଣା ଲୁଟିନେବା ଘଟଣା ପୋଲିସ ପାଇଁ ମୁଣ୍ଡବ୍ୟଥା ପାଲଟିଛି ।

ପ୍ରକାଶଯେ, ଭୁବନେଶ୍ୱରରେ ରହୁଥିବା ବୃଦ୍ଧ ଦମ୍ପତି ଭାସ୍କର ଓ ତାଙ୍କ ସ୍ତ୍ରୀ ରାଜକୁମାରୀ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ବ୍ରହ୍ମପୁର ଆସିଥିଲେ। ପୂର୍ବାହ୍ନ ୧୧ ଟାରେ ଜୟପ୍ରକାଶନଗର ଛକରେ ଚାଲି ଚାଲି ଯାଉଥିବା ବେଳେ ୨ ଜଣ ଯୁବକ ଏକ ବାଇକରେ ତାଙ୍କ ନିକଟକୁ ଆସିଥିଲେ। ନିଜକୁ ସିବିଆଇ ଅଫିସର ବୋଲି ପରିଚୟ ଦେଇଥିଲେ । ଆଗରେ ସିବିଆଇ ରେଡ୍ କରୁଛି। ଅତ୍ୟଧିକ ପରିମାଣର ସୁନା ଗହଣା ପିନ୍ଧିଥିବା ଯୋଗୁ ସେମାନଙ୍କୁ ଫାଇନ୍ ଲାଗିପାରେ ବୋଲି କହିଥିଲେ। ସୁନା ଗହଣା ସବୁ ତାଙ୍କୁ ହସ୍ତାନ୍ତର କରି ରାସ୍ତାପାର ହୋଇଗଲେ ପୁଣି ଥରେ ସୁନା ଗହଣା ସବୁ ନେଇଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫାଇନ୍ କଥା ଶୁଣି ଦମ୍ପତି ବିଶ୍ୱାସରେ ନିଜର ସୁନା ଗହଣା ଯୁବକ ଦ୍ୱୟଙ୍କୁ ବାହାର କରି ଦେଇଥିଲେ । ତେବେ କ୍ଷଣିକ ମଧ୍ୟରେ ସୁନା ଗହଣା ସବୁ ଧରି ଉକ୍ତ ଯୁବକ ଦ୍ୱୟ ବାଇକରେ ଚମ୍ପଟ ମାରିଥିଲେ।


## ମନେ ପଡ଼ନ୍ତି

### ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ପ୍ରାଧ୍ୟାପକ ବୈକୁଣ୍ଠନାଥ ମହାନ୍ତି**
ଆବିର୍ଭାବ: ୦୪।୦୩।୧୯୪୦
ତିରୋଧାନ: ୦୨।୦୨।୧୯୯୮ (ମାଘଷଷ୍ଠୀ)
ଭୁବନେଶ୍ୱର
ଆଜି ଆପଣଙ୍କ ଏକବିଂଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମା ପ୍ରତି ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ପତ୍ନୀ- ସେବତୀ, ପୁଅ- ବିଶ୍ୱଜିତ, ଇନ୍ଦ୍ରଜିତ୍, ଶତ୍ରୁଜିତ୍, ରଣଜିତ୍, ଝିଅ-ଜ୍ୱାଇଁ: ମମତା-ରକ୍ଷକ, ସାନ ନାତି- ଶିମନ୍ ଓ ବନ୍ଧୁମାନେ।
ଧ-୧୧୦୫୪

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ହରିଶ୍‌ଲାଲ ମଂଡୋଲିୱାଲ୍**
ତିରୋଧାନ: ୩୦।୦୧।୨୦୧୯
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୬୪୦୪୫


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଚନ୍ଦ୍ର ସହ ମଙ୍ଗଳଙ୍କ ସଂଯୋଗ ଏକାଧାରରେ ଦୈହିକ ସୁସ୍ଥତା, ପାରିବାରିକ ଉନ୍ନତି ସହ ବ୍ୟବସାୟ ଓ ପରିବହନ ସକାଶେ ବହୁତ ଶୁଭଫଳ ପାଇବେ। ସାମାଜିକ ସ୍ତରରେ ସୁଖ ଓ ସମ୍ମାନ ପ୍ରାପ୍ତି ହେବ। ବନ୍ଧୁମିଳନରୁ ଖୁସି ରହିବେ, କିନ୍ତୁ ଅଶ୍ୱିନୀ ନକ୍ଷତ୍ରର ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତି, ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବୃଷ**
ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁସମ୍ପର୍କ, ଆଲୋଚନାଦି ବହୁ ପ୍ରୀତିପ୍ରଦ ହେବ। କିନ୍ତୁ ରୋହିଣୀ କାମଗୁଡ଼ିକ ସମ୍ପନ୍ନ କରିବାରେ ବହୁତ ତକ୍‌ଲିଫି ଭୋଗ କରିବାକୁ ପଡ଼ିପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଲାଭବାନ୍ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଆକ୍ଷେପୋକ୍ତିକୁ ଠିକ୍ ଭାବେ ବୁଝିପାରିବେ ନାହିଁ।

**ମିଥୁନ**
ଯେକୌଣସି ପ୍ରକାରର ପରିସ୍ଥିତି ହେଉନା କାହିଁକି ଆପଣ ଲକ୍ଷ୍ୟ ହାସଲ କରିବାରେ ଅସୁବିଧା ହେବନାହିଁ। ପୁନର୍ବସୁ ନକ୍ଷତ୍ର ସାମାଜିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପ୍ରଶାସନିକ, ପରିବହନ, ବ୍ୟବସାୟ, ନିର୍ମାଣ ଓ ଆଲୋଚନା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇପାରନ୍ତି।

**କର୍କଟ**
କର୍ମସ୍ଥ ଗ୍ରହ ପ୍ରଭାବ ଆପଣଙ୍କୁ ଉନ୍ନତ ଚିନ୍ତାଧାରାସମ୍ପନ୍ନ ବିଶିଷ୍ଟ ବ୍ୟକ୍ତି ମାନଙ୍କ ସହ ଯୋଗସୂତ୍ର ସ୍ଥାପନ କରିବାରେ ସାହାଯ୍ୟ କରିବ। ଈର୍ଷାପରାୟଣ ଶତ୍ରୁମାନଙ୍କ ସମସ୍ୟା ସୃଷ୍ଟି ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ। ଅଫିସରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବାରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବକେୟା ପ୍ରାପ୍ତିକୁ ଦୃଷ୍ଟିରେ ରଖି ପରିସ୍ଥିତି ଅନୁଯାୟୀ କାମ କରିବେ।

**ସିଂହ**
ଚତୁର୍ଥସ୍ଥ ବୃହସ୍ପତି ପାରିବାରିକ ସମ୍ପର୍କକୁ ନଷ୍ଟକଲେ ମଧ୍ୟ କର୍ମକ୍ଷେତ୍ର ସକାଶେ ଉନ୍ନତ ସ୍ଥିତି ପ୍ରଦାନ କରିବ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ବିଭିନ୍ନ ଯୋଜନା କରିବାର ଚେଷ୍ଟାକରି କେତେକାଂଶରେ ସଫଳ ହେବେ। କେତେକ ନୂତନ କାମର ପରିକଳ୍ପନା କରି ତାହାକୁ ଆରମ୍ଭ କରିବାର ମନସ୍ଥ କରିପାରନ୍ତି।

**କନ୍ୟା**
ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ଲୋକସମ୍ପର୍କ ହ୍ରାସ କରିପାରେ। ଫଳରେ ସାମାଜିକ ସ୍ତରରେ କିଛିଟା ସମସ୍ୟାର ସମ୍ମୁଖୀନ ହେବେ। ସମସ୍ୟା ରହିଥିଲେ ମଧ୍ୟ ବୁଝିବିଚାରି କାମ କରିବା ସାଙ୍ଗକୁ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଲ ହେବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ କେହି ଈର୍ଷା କରିପାରନ୍ତି।

**ତୁଳା**
କର୍ମାଧିପତିଙ୍କର ଧନାଧିପତିଙ୍କ ସହ କେନ୍ଦ୍ରାବସ୍ଥାନ ଅର୍ଥପ୍ରାପ୍ତି ସହ ପଦାଧିକାରୀଙ୍କ ପ୍ରୀତିଭାଜନ କରାଇବ। ବିଶାଖା ନକ୍ଷତ୍ର ସକାଶେ ନିଜର ଲୋକମାନଙ୍କ ବିରୁଦ୍ଧାଚରଣ ଦୁଃଖର କାରଣ ହୋଇପାରେ। ବ୍ୟବସାୟିକ, ସାମାଜିକ ଅଭିବୃଦ୍ଧି କ୍ରମଶଃ ବୃଦ୍ଧି ପାଇବାରୁ ସାମୟିକ ଖୁସିରହିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧିକାରଣରୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ ।

**ବିଛା**
ମଙ୍ଗଳ ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ସ୍ୱାସ୍ଥ୍ୟ ସମସ୍ୟା, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ । ଜ୍ୟେଷ୍ଠା ନକ୍ଷତ୍ର ସକାଶେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା କାରଣରୁ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ଚେଷ୍ଟା କରୁଥିବା କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା, ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେଇପାରେ।

**ଧନୁ**
ମୂଳା ନକ୍ଷତ୍ର ସକାଶେ ସ୍ୱାସ୍ଥ୍ୟ ସମସ୍ୟା,ଅସଜଡ଼ା ପାରିବାରିକ ପରିସ୍ଥିତି ସହ କର୍ମକ୍ଷେତ୍ରରେ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ଜମିଜମା କାରବାର, କଚେରି ମାମଲା, ରାଜନୈତିକ କ୍ଷେତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମକର**
ପାରିବାରିକ କ୍ଷେତ୍ରରେ ବନ୍ଧୁମିଳନ ସହ ବୈବାହିକ ସମ୍ପର୍କ ସ୍ଥାପନର ଶୁଭସୂଚନା ମନକୁ ଖୁସିକରାଇବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ବ୍ୟବସାୟୀମାନେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ନିଜର ଲକ୍ଷ୍ୟ ହାସଲ କରିପାରିବେ। ଶ୍ରବଣା ନକ୍ଷତ୍ର ମନର ଦୁଃଖକୁ ଲୁଚାଇ ରଖି ଉପରେ ହସି ହସି କଥା କହିବେ।

**କୁମ୍ଭ**
ତୃତୀୟସ୍ଥ ଚନ୍ଦ୍ର କୌଣସି ଶୁଭକାର୍ଯ୍ୟର ଯୋଜନା ଦିଗରେ ଚେଷ୍ଟିତ କରାଇବ। ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଲକ୍ଷ୍ୟ ହାସଲ କରିବେ । ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ, ଅବଶ୍ୟ ଆବଶ୍ୟକ ସୁବିଧା ସୁଯୋଗ ଆପଣାଛାଏଁ ଜୁଟିଯିବ । ଶତଭିଷା ନକ୍ଷତ୍ର ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମୀନ**
ମୁଖଭାବରେ ଚନ୍ଦ୍ର ଆପଣଙ୍କ ବ୍ୟବହାର ବନ୍ଧୁମାନଙ୍କ ମନୋରଞ୍ଜନ କରାଇବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହଯୋଗ ଆଶାକରି ନିରାଶ ହେବେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ଗବେଷଣା, ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ କ୍ଷେତ୍ରରୁ ସମ୍ମାନ ମିଳିବ। ପାରିବାରିକ କ୍ଷେତ୍ରରେ ଧୀରେ ଧୀରେ ସମସ୍ୟା ସମାଧାନ ହେବାର ରାସ୍ତା ଉନ୍ମୁକ୍ତହୋଇପାରେ।

ଆଜି ମାଘ ଶୁକ୍ଳ ଷଷ୍ଠୀ ସୋମବାର, ଫେବୃୟାରୀ ୧୧ ତାରିଖ। ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ଦେବତା ପ୍ରତିଷ୍ଠା ଓ ବାଣିଜ୍ୟକରଣ ପାଇଁ ଶୁଭଦିନ। ଦିବା ଘ.୭।୫୦ମି. ମଧ୍ୟେ ଘ.୧।୨୬ମି. ଗତେ, ଘ.୨।୫୦ମି. ମଧ୍ୟେ ଘ.୪।୧୨ମି. ଗତେ, ଘ.୫।୩୩ମି. ମଧ୍ୟେ ଅମୃତବେଳା। ଦିବା ଘ.୯।୧୫ମି. ଗତେ, ଘ.୧୦।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୭।୪୬ମି. ଗତେ, ଘ.୯।୧୧ମି. ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୧/୨୦୧୯ | Bhubaneswar, Monday, February 11/ 2019 | ପୃଷ୍ଠା-୧




**ଧୋନୀଙ୍କ ମାଇଲଖୁଣ୍ଟ**

ମହେନ୍ଦ୍ର ସିଂ ଧୋନୀ ପ୍ରଥମ ଭାରତୀୟ କ୍ରିକେଟର ଭାବେ ୩୦୦ ଟି୨୦ ମ୍ୟାଚ ଖେଳିବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

୧୫

୧୦

**ଇଣ୍ଡିଆ କନ୍‌ଫରେନ୍ସରେ ଯୋଗଦେବେ ତନୁଶ୍ରୀ**

ବଲିଉଡ୍ ଅଭିନେତ୍ରୀ ତଥା ପୂର୍ବତନ ବିଉଟି କୁଇନ୍ ତନୁଶ୍ରୀ ଦତ୍ତ ବୋଷ୍ଟନସ୍ଥିତ ହାଭାର୍ଡ ବିଜନେସ୍ ସ୍କୁଲ୍ ପକ୍ଷରୁ ଆୟୋଜିତ ଇଣ୍ଡିଆ କନ୍‌ଫରେନ୍ସରେ ଉଦ୍‌ବୋଧନ ଦେବେ।



## ■ ଡଙ୍କାରୀ, ରାହାଡ଼ପୁରରେ ୧୪୪ ଧାରା ଜାରି

# ପୁରୁଣା ଖାଦାନରୁ ଚାଲିଛି ଲୁଟ୍

■ ବିପଦରେ ରାଣୀବନ୍ଧି ଡ୍ୟାମ

■ ଚାଷୀ ମହଲରେ ଅସନ୍ତୋଷ

■ ଆଖିବୁଜିଛି ପ୍ରଶାସନ

ଯାଜପୁର ଅଫିସ,୧୦।୨

ଯାଜପୁର ଜିଲା ଧର୍ମଶାଳା ତହସିଲ ରାହାଡ଼ପୁର ବେଆଇନ କଳାପଥର ଖାଦାନ ଉପରେ ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ପ୍ରଭାବହୀନ ହୋଇଛି। ଏହି ଖାଦାନକୁ କ୍ଲୋଜର ନୋଟିସ ଦେଇ ଜିଲା ପ୍ରଶାସନ ସାଧାରଣରେ ପ୍ରଶଂସିତ ହୋଇଥିଲା। ହେଲେ ଏକ ସପ୍ତାହ ନ ପୂରୁଣୁ ପଥର ବ୍ୟବସାୟୀଙ୍କ ପ୍ରଭାବ ଆଗରେ ଜିଲା ପ୍ରଶାସନର ଦମ୍ଭ ଭାଙ୍ଗି ଯାଇଛି। ଡଙ୍କାରୀ ଓ ରାହାଡ଼ପୁରରେ ୧୪୪ ଧାରା ଜାରି ପରେ ନିକଟସ୍ଥ ରାଣୀବନ୍ଧି ଡ୍ୟାମକୁ ଲାଗିଥିବା ଏକ ପୁରୁଣା ଖାଦାନକୁ ବେଆଇନ ଭାବେ ଖୋଳି ସେଠାରୁ ବଡ଼ବଡ଼ ପଥର ଉତ୍ତୋଳନ କରାଯାଇ ଦୈନିକ ୫୦ରୁ ଊର୍ଦ୍ଧ୍ୱ ଟ୍ରିପ୍ ଚୋରାଚାଲାଣ କରାଯାଉଛି। ଏଥିଯୋଗୁ ପୁଣି ରାଣୀବନ୍ଧି ଉପରେ ବିପଦ ମାଡ଼ିଆସିଛି। ଏହାବାଦ ଯାଜପୁର-ଢେଙ୍କାନାଳ ସୀମାନ୍ତବର୍ତ୍ତୀ ବିଚ୍ଛିନ୍ନାଞ୍ଚଳ ନିଶ୍ଚନ୍ତା ପାହାଡ଼ରୁ ବେଆଇନ ପଥର ଉତ୍ତୋଳନ ହୋଇ ଏଆରଏସ୍ଏସ୍ କ୍ରଶରକୁ ବେଆଇନ ଭାବେ ଯୋଗାଣ ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ରାହାଡପୁର ପାହାଡ଼ର ୬ ଓ ୧୦ ନମ୍ବର ଖାଦାନ ଉପରେ ଗତ ୫ ତାରିଖରେ ତହସିଲ ପ୍ରଶାସନ ୧୪୪ ଧାରା ଜାରି କରି କ୍ଲୋଜର ନୋଟିସ ଦେଇଥିଲା। ଏହାସହ ପାହାଡକୁ ସଂଯୋଗ କରୁଥିବା ରାସ୍ତାରେ ଜେସିବି ମାଧ୍ୟମରେ ଗର୍ତ୍ତ କରାଯାଇ ଯାନବାହନ ଗମନାଗମନ ଉପରେ ରୋକ ଲଗାଯାଇଥିଲା। ଡଙ୍କାରୀ ଓ ରାହାଡ଼ପୁର ଖାଦାନ ବନ୍ଦ ହେବା ପରେ ଜଣେ ଜିଲା ପରିଷଦ ସଭ୍ୟଙ୍କ ପ୍ରୋତ୍ସାହନରେ ଏହି ପୁରୁଣା ଖାଦାନକୁ ଖୋଳା ଯାଇଥିବା ଚର୍ଚ୍ଚା ହେଉଛି । ଏଠାରୁ ବଡ଼ବଡ଼ ପଥର ଉତ୍ତୋଳନ କରି ପାରାଦୀପ, ଧାମରା, ରାଜନଗର ପ୍ରଭୃତି ଅଞ୍ଚଳକୁ ଚୋରାଚାଲାଣ କରାଯାଉଛି। ଜଙ୍ଗଲ ଓ ପରିବେଶ ବିଭାଗ କିମ୍ବା ଜିଲା ପ୍ରଶାସନରୁ କୌଣସି ଅନୁମତି ମିଳି ନ ଥିବା ବେଳେ ଅବାଧରେ ପଥର ଚୋରା ଚାଲାଣ ହୋଇଚାଲିଛି। ସବୁ ଦେଖି ପ୍ରଶାସନ ଆଖି ବୁଜି ଦେଇଥିବା ଭଳି ପ୍ରତୀୟମାନ ହେଉଛି। ଏହାଦ୍ୱାରା ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରେ ଆହୁରି ବିପଦ ସୃଷ୍ଟି ହୋଇଛି। ୧୯୮୮ରୁ ଡଙ୍କାରୀ ଓ ରାହାଡପୁର ପାହାଡ ପାଦଦେଶରେ ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି। ଏହି ପ୍ରକଳ୍ପ ପାଣିରେ ରମ୍ପେଇ, କାଦୁଅମାଗୁର ଆଦି ଗ୍ରାମର ପ୍ରାୟ ୪୮ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା କରାଯାଇଛି । କିନ୍ତୁ ଡଙ୍କାରୀ ପାହାଡ଼ରେ କଳାପଥର ଖନନ ଆରମ୍ଭ ପରେ ଜଳସେଚନ ଠପ୍ ହୋଇଯାଇଛି। ପାହାଡ଼ର ବିଭିନ୍ନ ସ୍ଥାନରେ ଖନନ ଯୋଗୁ ବର୍ଷା ପାଣି ଠିକ୍ ଭାବେ ପାଦଦେଶକୁ ଆସି ପାରୁନାହିଁ। ପାହାଡ଼ରୁ ଝରୁଥିବା ଋତୁକାଳୀନ ଝରଣା ମଧ୍ୟ ଏଠାରେ ବନ୍ଦ ହୋଇଯାଇଛି। ଫଳରେ ରାଣୀବନ୍ଧି ଡ୍ୟାମରେ ଜଳ ସଂରକ୍ଷିତ ହୋଇ ନ ପାରି ଚାଷୀଙ୍କ ଆଶା ମଉଳି ଯାଇଛି। କଳାପଥର ଖାଦାନର ପଥର ଗୁଣ୍ଡ ଯୋଗୁ ଏହି ଡ୍ୟାମ ତା'ର ଅସ୍ତିତ୍ୱ ମଧ୍ୟ ହରାଇବାକୁ ବସିଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପତ୍ରସଂଖ୍ୟା ୮୨/୩୧।୧।୨୦୧୮ରେ ସୂଚନା ମିଳିଛି। ଏବେ ରାଣୀବନ୍ଧିକୁ ଲାଗି ରହିଥିବା ପୁରୁଣା ଖାଦାନ କାର୍ଯ୍ୟକାରୀ ହେଲେ ଯେଉଁ ପାଣି ଟିକକ ସଂରକ୍ଷିତ ରହୁଥିଲା ତାହା ମଧ୍ୟ ବନ୍ଦ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା ପ୍ରକଟ କରିଛନ୍ତି। ଏହି ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ୨୦୧୭-୧୮ ☞ପୃଷ୍ଠା-୪



ବେଆଇନ ଭାବେ ପଥର ଚୋରାଚାଲାଣ ଚାଲିଛି।

## ୫ ଆତଙ୍କବାଦୀ ନିହତ



ଶ୍ରୀନଗର,୧୦।୨(ପି.ଟି.)

ଜମ୍ମୁ କଶ୍ମୀରର କୁଲଗାମ୍ ଜିଲାରେ ରବିବାର ସୁରକ୍ଷା କର୍ମୀ ଓ ଆତଙ୍କବାଦୀ ମଧ୍ୟରେ ଗୁଳିବିନିମୟ ହୋଇଛି। କେଲେମ ଗାଁକୁ ସର୍ଚ୍ଚ ଅପରେଶନରେ ଯାଇଥିବା ସୁରକ୍ଷା ବଳ ଟିମ୍ ଉପରକୁ ଆତଙ୍କବାଦୀମାନେ ଗୁଳିବର୍ଷଣ କରିବାରୁ ସୁରକ୍ଷା ଯବାନଙ୍କ ପାଲଟା ଜବାବ୍‌ରେ ୫ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇଛି। ମୃତ ଆତଙ୍କବାଦୀ ୱାସିମ୍ ଅହମ୍ମଦ ରାଠର, ଆକିବ୍ ନଜିର ମୀର୍, ପରଭେଜ୍ ଅହମ୍ମଦ ଭଟ୍ଟ, ଇଦ୍ରିଶ୍ ଅହମ୍ମଦ ଭଟ୍ଟ, ଜାହିଦ୍ ଅହମ୍ମଦ ପରାୟ ହିଜ୍‌ବୁଲ ମୁଜାହିଦ୍ଦିନ ଏବଂ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର ସଦସ୍ୟ ଥିଲେ ବୋଲି ପୋଲିସ କହିଛି। ଏହି ଏନ୍‌କାଉଣ୍ଟରକୁ ବିରୋଧ କରି ବିକ୍ଷୋଭ ହୋଇଥିଲା। ଏନ୍‌କାଉଣ୍ଟରସ୍ଥଳରେ ବିକ୍ଷୋଭକାରୀ ଓ ସୁରକ୍ଷା ଯବାନ ମୁହାଁମୁହିଁ ହୋଇଥିଲେ। ତେବେ ଏଥିରେ କେହି ଆହତ ହୋଇ ନ ଥିବା ଜଣାଯାଇଛି। ଉତ୍ତେଜନା ବଳବତ୍ତର ରହିଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

### ଆଜିର ମନ୍ତବ୍ୟ

"ଫେଲ୍ ଛାତ୍ର ସବୁବେଳେ ଟପ୍ପରଙ୍କୁ ଘୃଣା କରନ୍ତି।

– ଅରୁଣ ଜେଟ୍‌ଲୀ, କେନ୍ଦ୍ରମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ଜାନୁୟାରୀରେ ଦେଶର ଅଶୋଧିତ ଇସ୍ପାତ ଉତ୍ପାଦନ ୪% ହ୍ରାସ ଘଟି ୮.୯୯ ନିୟୁତ ଟନ୍ ରହିଛି।

–ୱାର୍ଲ୍ଡ ଷ୍ଟିଲ ଆସୋସିଏଶନ

## ଝଗଡ଼ା ନେଲା ଜୀବନ

■ ୨ ଭଉଣୀଙ୍କ ଆତ୍ମହତ୍ୟା ଉଦ୍ୟମ

■ ସାନ ମୃତ, ବଡ଼ ଗୁରୁତର

ଭଦ୍ରକ ଅଫିସ, ୧୦।୨

ସାମାନ୍ୟ ଝଗଡ଼ାରୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଦୁଇ ଭଉଣୀ ଆତ୍ମହତ୍ୟା ଭଳି ପନ୍ଥା ଆପଣେଇ ନେବା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଥିରେ ସାନ ଭଉଣୀର ମୃତ୍ୟୁ ହୋଇଥିବା ବେଳେ ବଡ଼ ଭଉଣୀ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ହଠାତ୍ ଏଭଳି ପରିସ୍ଥିତିକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଘଟଣା ଘଟିଛି ବଣିଆ ପଞ୍ଚାୟତ କ୍ଷୀରସାହିରେ।

ସୂଚନା ଅନୁସାରେ, ରବିବାର ଅପରାହ୍ନରେ କ୍ଷୀରସାହିର ଲକ୍ଷ୍ମୀଧର ଦାଶ ସଂକୀର୍ତ୍ତନ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ତାଙ୍କ ସ୍ତ୍ରୀ ବାପଘରକୁ ଯାଇଥିଲେ। ଏହି ସମୟରେ ଘରେ ଥିବା ତାଙ୍କର ୨ ଝିଅ ସୁନା(୨୧) ଓ ରୂପା(୧୭)ଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ରୂପା ଉତ୍ୟକ୍ତ ହୋଇ ଘରେ ଫ୍ୟାନରେ ରଶି ଲଗାଇ ଝୁଲି ପଡ଼ିଥିଲେ। ସୁନା ମଧ୍ୟ ଅନ୍ୟ ଏକ ଘରେ ବିଷ ପିଇ ଦେଇଥିଲେ। ସ୍ଥାନୀୟ ଲୋକେ ଖବର ପାଇ ୨ ଭଉଣୀଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ରୂପାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ଭଉଣୀ ସୁନାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସ୍ୱାମୀଙ୍କ ମୃତଦେହ ଦେଖି ଜୀବନ ହାରିଲେ ସ୍ତ୍ରୀ

**ଦେଢ଼ବର୍ଷର ଶିଶୁପୁତ୍ର ଅସହାୟ**

ଖୋର୍ଦ୍ଧା ଅଫିସ,୧୦।୨:

ବିପଦ ସମୟରେ ଧୈର୍ଯ୍ୟ ନ ଧରିଲେ କେଉଁଭଳି ଦୁଃଖଦ ପରିସ୍ଥିତି ସୃଷ୍ଟି ହୁଏ ତାହା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନାଚୁଣୀ ଫାଣ୍ଡି ଅଧୀନ ବଡ଼ପଦର ଗାଁରେ। ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ମୃତଦେହ ଦେଖି ଏତେ ମ୍ରିୟମ୍ରାଣ ହୋଇଗଲେ ଯେ, ଅନ୍ୟ ସବୁକଥାକୁ ତୁଚ୍ଛ ମନେ କରି ନିଜ ଜୀବନ ହାରିଦେଲେ। ଫଳରେ ମା'ବାପା ବୋଲି କିଛି ଜାଣିବା ପୂର୍ବରୁ ସେମାନଙ୍କ ଦେଢ଼ବର୍ଷର ଶିଶୁପୁତ୍ର ଅସହାୟ ହୋଇଯାଇଛନ୍ତି। ଏବେ ତାଙ୍କ ଲାଳନପାଳନ ଭାର ଠିକ୍ ଭାବେ ଉଠିବସିପାରୁ ନ ଥିବା ୭୨ ବର୍ଷ ବୟସ୍କା ଜେଜେମା'ଙ୍କ ଉପରେ ରହିଛି। ଗୋଟିଏ ପଟେ ଜୀବନର ଶେଷ ସମୟରେ ପୁଅବୋହୂଙ୍କୁ ହରାଇବାର ଦୁଃଖ ତାଙ୍କୁ ଭାଙ୍ଗିଦେଇଥିବାବେଳେ ଅନ୍ୟପଟେ ନାତିର ଲାଳନପାଳନ ଚିନ୍ତା ଘାରୁଛି।

ଘଟଣାଟି ଏହିପରି। ବଡପଦର ଟାଙ୍ଗିମୁଣ୍ଡସାହିର ଶଙ୍କର ଭୋଳଙ୍କର ୫ ପୁଅ। ଶଙ୍କରଙ୍କ ମୃତ୍ୟୁ ଘଟିସାରିଥିବାବେଳେ ୫ ପୁଅ ଅଲଗା ରହୁଥିଲେ। ଶଙ୍କରଙ୍କ ସ୍ତ୍ରୀ ଶଶି ପୁଅମାନଙ୍କ ପାଖରେ ରହି ଆସୁଥିଲେ। ସାନପୁଅ ମହାଦେବ ଭୋଳ(୨୬) ଗଞ୍ଜାମ ଜିଲାର ରେବତୀ(୨୨)ଙ୍କୁ ବିବାହ କରିଥିଲେ। ଦେଢ଼ବର୍ଷ ତଳେ ସେମାନଙ୍କ ଶିଶୁପୁତ୍ର ଜନ୍ମ ହୋଇଥିଲା। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ☞ପୃଷ୍ଠା-୪

## ■ ଟିଏମ୍‌ସି ବିଧାୟକ ହତ୍ୟାକାଣ୍ଡ

## ମୁକୁଲଙ୍କ ବିରୋଧରେ ଏତଲା

କୋଲକାତା,୧୦।୨(ପି.ଟି.)

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକ ସତ୍ୟଜିତ୍ ବିଶ୍ୱାସ ହତ୍ୟାକାଣ୍ଡକୁ ନେଇ ରାଜନୈତିକ କାଦୁଅଫିଙ୍ଗା ଜୋର ଧରିଛି। ହତ୍ୟାକାଣ୍ଡ ପାଇଁ ଶାସକ ଟିଏମ୍‌ସି ସିଧାସଳଖ ଭାଜପାକୁ ଦାୟୀ କରିଛି। ପୋଲିସରେ ଦାଏର ଏତଲାରେ ଭାଜପା ନେତା ମୁକୁଲ ରୟ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ମୁକୁଲଙ୍କ ବ୍ୟତୀତ ଏତଲାରେ ଉଲ୍ଲେଖ ଥିବା ଅନ୍ୟ ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରାଯାଇଛି।

ଟିଏମ୍‌ସିର ପୂର୍ବତନ ସାଧାରଣ ସମ୍ପାଦକ ମୁକୁଲଙ୍କର ଦଳ ସୁପ୍ରିମୋ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ମଧ୍ୟସ୍ଥର ନାହିଁ ପ୍ରୟୋଜନ

# ୯୦ ହଜାର କୋଟି ଟପିବ ଜନଧନ ଆକାଉଣ୍ଟ ଜମା

ନୂଆଦିଲ୍ଲୀ,୧୦।୨

ଗରିବଙ୍କୁ ବ୍ୟାଙ୍କ ସହ ଯୋଡିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ୨୦୧୪ ଅଗଷ୍ଟ ୨୮ରେ ଶୁଭାରମ୍ଭ କରିଥିଲେ। ଏବେ ଏହି ଯୋଜନାରେ ବ୍ୟାଙ୍କ ଆକାଉଣ୍ଟରେ ଜମା ପରିମାଣ ୯୦ ହଜାର କୋଟି ଟଙ୍କା ଟପିଯିବ ବୋଲି ଆକଳନ କରାଯାଉଛି। ଜନଧନ ଆକାଉଣ୍ଟଧାରୀଙ୍କୁ ଦୁର୍ଘଟଣା ବୀମା ବାବଦରେ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିବା ପରେ ଏଥିରେ ଜମା ପରିମାଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ଅର୍ଥ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ, ୨୦୧୭ ମାର୍ଚ୍ଚରୁ ଏହି ଯୋଜନା ଆରମ୍ଭ ହେବା ପରେ ଏହି ଆକାଉଣ୍ଟରେ ଜମା ପରିମାଣ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଜାନୁୟାରୀ ୩୦ ସୁଦ୍ଧା ଜନଧନ ଯୋଜନାରେ ବ୍ୟାଙ୍କରେ ୮୯,୨୫୭.୫୭ କୋଟି ଟଙ୍କା ଜମା ପଡିଲାଣି। ଜାନୁୟାରୀ ୨୩ ସୁଦ୍ଧା ଏହା ୮୮,୫୬୬.୯୨ କୋଟି ଟଙ୍କା ଥିଲା। ଏହି ଯୋଜନାରେ ପୂର୍ବରୁ ଆକାଉଣ୍ଟଧାରୀଙ୍କୁ ୧ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ଏବଂ ୫ ହଜାର ଟଙ୍କାର ଓଭରଡ୍ରାଫ୍ଟ ସୁବିଧା ଦିଆଯାଉଥିଲା। ଏହି ଯୋଜନା ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧିକୁ ଦେଖି ସରକାର ୨୦୧୮ ଅଗଷ୍ଟ ୨୮ ପରେ ବୀମା ରାଶିକୁ ୨ ଲକ୍ଷ ଟଙ୍କା ଏବଂ ଓଭରଡ୍ରାଫ୍ଟ ସୁବିଧାକୁ ୧୦ ହଜାରକୁ ବୃଦ୍ଧି କରିଛନ୍ତି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ଅଦ୍ୟାବଧି ୩୪.୧୪ କୋଟି ଜନଧନ ଆକାଉଣ୍ଟ ଖୋଲାଯାଇଛି। ଏଥିରୁ ଜଣାପଡ଼ିଛି ଯେ, ପ୍ରାୟ ୫୯ ପ୍ରତିଶତ ଆକାଉଣ୍ଟଧାରୀ ହେଉଛନ୍ତି ମହିଳା। ଏହାଛଡ଼ା ୨୭.୨୬ କୋଟି ଆକାଉଣ୍ଟଧାରୀଙ୍କୁ ରୁପେ ଡେବିଟ୍ କାର୍ଡ ପ୍ରଦାନ କରାଯାଇଛି।





SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com




NECC NATIONAL EGG CO-ORDINATION COMMITTEE 10.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 78 | 129 | 139 |
| BDK | 81 | 133 | 143 |
| BLS | 82 | 135 | 145 |
| ANG | 80 | 132 | 142 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers






For a test drive, SMS 'KWID' to 53030 or call on 1800 300 44444 (Open from Monday to Sunday between 7:00 am to 11:00 pm). Also available in CSD. Special offers for Defence Personnel, Government, PSU and Corporate employees.

Terms and conditions apply. #Price mentioned is for the base variant for ex-showroom Bhubaneswar and is exclusive of local taxes. Offers may vary across variants and cities. Benefits are applicable only on select variants of 2018 manufacturing. ***Contact your nearest dealer for loan amount and tenure details. All finance offers through the dealer, and at the sole discretion of the financier. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). The above mentioned offers are valid till 28th February, 2019. ^Benefits of ₹45,000 include insurance at ₹1, Exchange bonus of ₹20,000 and Cash benefit of ₹10,000 for MT variants only. Exchange at the sole discretion of Renault Selection only. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

SHOWROOMS: ODISHA: BHUBANESWAR: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. BALANGIR: RENAULT Balangir Mob: +91 9643800378. JHARSUGUDA: RENAULT Jharsuguda Mob: +917290055349. ROURKELA: RENAULT Rourkela Mob: + 91 8860875802, + 91 9778845542. SAMBALPUR: RENAULT Sambalpur Mob: +91 8860048351.

LOK | SAATCHI & SAATCHI

ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
-ଶ୍ରୀଅରବିନ୍ଦ



# ମଧ୍ୟସ୍ଥର ନାହିଁ ପ୍ରୟୋଜନ

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଦେଶର ପ୍ରମୁଖ କ୍ଷମତାକେନ୍ଦ୍ର ଭାବେ ଜଣାଶୁଣା। ରାଷ୍ଟ୍ର ହିତରେ ନ ଲାଗି ଏହା ଯେତେବେଳେ ଅହଂକାର ଓ ଆର୍ଥିକ କାରବାର ସହିତ ପ୍ରବଳ ମାତ୍ରାରେ ଜଡ଼ିତ ହୋଇଯାଏ, ସେତେବେଳେ ଦୁର୍ନୀତିର ଗନ୍ତାଘର ପାଲଟିବାର ଆଶଙ୍କା ଥାଏ। ନିକଟ ଅତୀତରେ ପିଏମ୍‌ଓର ଶୀର୍ଷ ଅଧିକାରୀଙ୍କ ଅଯଥା ହସ୍ତକ୍ଷେପ ଯୋଗୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରସାତଳକୁ ଯିବା ସହ ଏହାର ମର୍ଯ୍ୟାଦାହାନି ହୋଇଛି। କିଛି ମାସ ତଳେ ସିବିଆଇ ମୁଖ୍ୟ ଭାବେ ଆଲୋକ ବର୍ମା ଓ ଦ୍ୱିତୀୟ ଶୀର୍ଷ ଅଧିକାରୀ ରାକେଶ ଆସ୍ଥାନାଙ୍କ ମଧ୍ୟରେ କଳିକୁ ପିଏମ୍‌ଓ ବଢ଼ାଇଥିଲା। କେବଳ ସେତିକି ନୁହେଁ, ପିଏମ୍‌ଓରେ ଥିବା ସର୍ବୋଚ୍ଚ ଅଧିକାରୀଙ୍କ ମଧ୍ୟରେ ଅହଂକାର ଲଢ଼େଇର ଖେଳଣା ସାଜିଥିଲେ ଏହି ଦୁଇ ଅଧିକାରୀ। ସେହିପରି କୋଲକାତାରେ ଯେଉଁ ସିବିଆଇ ନାଟକ ମଞ୍ଚସ୍ଥ ହୋଇ ସୁପ୍ରିମକୋର୍ଟ ଯାଏ କଥା ଗଲା, ତା' ପଛରେ ପିଏମ୍‌ଓ ଥିବା ଆଲୋଚନା ହେଉଛି। ଦେଶର ସ୍ୱତନ୍ତ୍ର ତଥା ସ୍ୱାଧୀନ ସଂସ୍ଥାଗୁଡ଼ିକରେ ପିଏମ୍‌ଓରୁ ସିଧାସଳଖ ନିର୍ଦ୍ଦେଶ ଦିଆଯାଉଥିବା ନେଇ ଅନେକ ସମୟରେ ଅଭିଯୋଗ ଆସୁଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ନ୍ୟାଶନାଲ ସାମ୍ପଲ ସର୍ଭେ ଅଫିସ (ଏନ୍‌ଏସ୍‌ଏସ୍‌ଓ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ରାଜନୈତିକ ଉଦ୍ଦେଶ୍ୟ ରକ୍ଷା ବ୍ୟବହାର କରାଯାଉଥିବାର ପ୍ରମାଣ ମିଳିସାରିଲାଣି। ପିଏମ୍‌ଓର ହସ୍ତକ୍ଷେପ ଯୋଗୁ ଜଣକ ପରେ ଜଣେ ଆର୍‌ବିଆଇ ଗଭର୍ନର ପଦ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏସବୁକୁ ଏବେ ଚପି ଯାଇଛି ରାଫାଲ ଯୁଦ୍ଧ ବିମାନ କିଣାରେ ପିଏମ୍‌ଓର ହସ୍ତକ୍ଷେପ। ଏହାକୁ ନେଇ ଦେଶ ରାଜନୀତି ସରଗରମ ହୋଇଛି।

ପୂର୍ବରୁ ଏଭଳି ଅସ୍ତ୍ରଶସ୍ତ୍ର କିଣାରେ ମଧ୍ୟସ୍ଥଙ୍କ ଦ୍ୱାରା ଦୁର୍ନୀତି ହେଉଥିଲା ବୋଲି ଦୋଷାରୋପ କରାଯାଉଥିଲା। ହେଲେ ଫ୍ରାନ୍ସର ଦାସଲ୍ ଆଭିଏଶନ୍ କମ୍ପାନୀ ସହିତ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ରାଫାଲ ଲଢ଼ୁଆ ବିମାନ କିଣିବା ସମ୍ପର୍କରେ ଆଲୋଚନା କରୁଥିବା ବେଳେ ପିଏମ୍‌ଓ ମୂଳଚାଲ ଓ 'ସମାନ୍ତରାଳ ଆଲୋଚନା' କରୁଥିଲା ବୋଲି ଏବେ ଜଣାପଡ଼ିଛି। ଏହାର ଅର୍ଥ ହେଲା ଖୋଦ୍ ପିଏମ୍‌ଓ ହୋଇଯାଇଛି ମଧ୍ୟସ୍ଥ ବା ତୃତୀୟ ପକ୍ଷ। ଏହି କଥା ଜାଣିପାରି ୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ନୋଟ୍‌ରେ ଅସନ୍ତୋଷ ବ୍ୟକ୍ତ କରିଥିଲା। ଏଥିସହ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରି ପିଏମ୍‌ଓର ସମ୍ପୃକ୍ତ ଅଧିକାରୀଙ୍କୁ ସମାନ୍ତରାଳ ଆଲୋଚନାରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦେବା ଲାଗି ମନ୍ତ୍ରଣାଳୟର ସଚିବଙ୍କ ପକ୍ଷରୁ ଉକ୍ତ ନୋଟ୍‌ରେ ଉଲ୍ଲେଖ କରାଯାଇଥିଲା। ପ୍ରତିରକ୍ଷା ସଚିବଙ୍କ ଦ୍ୱାରା ଫାଇଲରେ ଲେଖାଯାଇଥିବା ନୋଟ୍ ପଦାରେ ପଡ଼ିବା ପରେ ଏବେ ଏହାକୁ ଅନେକ ପ୍ରକାରରେ ଖଣ୍ଡନ କରାଯାଉଛି। କୁହାଯାଉଛି ଯେ, ସେହି ଫାଇଲରେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର ସଚିବଙ୍କ କଥାକୁ ଖଣ୍ଡନ କରିଥିଲେ। ତେବେ ଏହି ଦୁଇଟି ମନ୍ତବ୍ୟର ତାରିଖ ଦେଖିଲେ ଏକ ମାସରୁ ଊର୍ଦ୍ଧ୍ୱ ସମୟର ବ୍ୟବଧାନ ବାରି ହୋଇପଡୁଛି। ସେଥିରୁ ସହଜରେ ବୁଝାପଡ଼ିବ ଯେ, ଏତେ ଦୀର୍ଘ ସମୟ ମଧ୍ୟରେ ସବୁ ପ୍ରମାଣକୁ ନଷ୍ଟ କରି ଦିଆଯାଇଥିଲା।

ଦେଶର ସବୁଠାରୁ ସମ୍ବେଦନଶୀଳ କ୍ଷେତ୍ର ହେଉଛି ପ୍ରତିରକ୍ଷା। ହେଲେ ଦେଖାଯାଇଛି ସ୍ୱାଧୀନତା ପରେ ଯେତେ ସରକାର ଆସିଛନ୍ତି, ପ୍ରତିରକ୍ଷା ଦୁର୍ନୀତିରେ ସମ୍ପୃକ୍ତ ଥିବା ବାରମ୍ବାର ଅଭିଯୋଗ ହୋଇଆସିଛି। ବୋଫର୍ସ ତୋପ କିଣାଠାରୁ ଆରମ୍ଭ କରି ଅଗଷ୍ଟା ୱେଷ୍ଟଲାଣ୍ଡ ଓ ଏବର ରାଫାଲ ପର୍ଯ୍ୟନ୍ତ ଦୁର୍ନୀତିର ତାଲିକା ହିସାବ କଲେ ଏହା ଲମ୍ବିଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପୂର୍ବରୁ ୟୁପିଏ ସରକାର ସମୟରେ ହୋଇଥିବା ଦୁର୍ନୀତିକୁ ଦୋହରାଇ ଚାଲିଥିଲେ। ଜନସାଧାରଣ ୟୁପିଏର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ତାଙ୍କୁ କ୍ଷମତାସୀନ କରିଥିଲେ ମଧ୍ୟ ଏହି ସରକାର ସ୍ୱଚ୍ଛ ଭାବମୂର୍ତ୍ତି ବଜାୟ ରଖିବାରେ ଅସମର୍ଥ ହୋଇଥିବା ଘଟଣା ଏବେ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଫାଲ ସଂକ୍ରାନ୍ତରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲଙ୍କ ଅଭିଯୋଗକୁ ବର୍ତ୍ତମାନର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରାମନ୍ ଖଣ୍ଡନ କରିଥିଲେ ମଧ୍ୟ ସରକାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରିବାକୁ ଅମଙ୍ଗ ହେଉଥିବାରୁ ମୋଦି ସରକାରଙ୍କ ଶାସନ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଯଦି ସରକାର ସଚ୍ଚୋଟ, ତେବେ ଜେପିସି ବସାଇବାର କୌଣସି ବାଧା ରହିବା କଥା ନୁହେଁ। ଏତଦ୍‌ବ୍ୟତୀତ ସରକାରଙ୍କ ଦ୍ୱାରା ପରିଚାଳିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର କାର୍ଯ୍ୟଦକ୍ଷତା ବୃଦ୍ଧି କରାଇବାକୁ ଯାଇ ରାଫାଲ ଚୁକ୍ତିରେ ତାହାର ସମ୍ପୃକ୍ତିକୁ ସୁରକ୍ଷିତ ରଖାଯାଇପାରିଥାଆନ୍ତା। ସେହି କାର୍ଯ୍ୟ କରାଯାଇ ନାହିଁ। ଅନ୍ୟପଟେ ଅନିଲ ଅମ୍ବାନୀଙ୍କ ଦ୍ୱାରା ନୂତନ ଭାବେ ଗଢ଼ି ଉଠିଥିବା ରିଲାଏନ୍ସ ଡିଫେନ୍ସ ଲିମିଟେଡ୍ (ଆର୍‌ଡିଏଲ୍)କୁ ଦାସଲ୍ ସହଯୋଗୀ କମ୍ପାନୀ ଭାବେ ଚୁକ୍ତିରେ ଅନ୍ତର୍ଭୁକ୍ତ କରାଗଲା। ଏହା ମଧ୍ୟ ଏବେ ଅବିଶ୍ୱାସର କାରଣ ପାଲଟିଛି। ସେଥିପାଇଁ କୁହାଯାଉଛି ଯେ, ମଧ୍ୟସ୍ଥଙ୍କୁ ଦୂରେଇ ଦେଇ ପିଏମ୍‌ଓ ନିଜେ ସେହି କାର୍ଯ୍ୟ କରୁଛି।

ସମାଧାନ ଭାବରେ କୁହାଯାଇପାରନ୍ତା ଯେ, ଭବିଷ୍ୟତରେ ଯେତେବେଳେ ବି ଏହିଭଳି ଉଚ୍ଚମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ସଂକ୍ରାନ୍ତ ଚୁକ୍ତି କରାଯିବ, ସେଥିରେ ସ୍ୱଚ୍ଛତା ସହିତ ଗୋପନୀୟତାର ଏକ ସନ୍ତୁଳନ ସୃଷ୍ଟି କରିବା ସର୍ବନିମ୍ନ ଆବଶ୍ୟକତା ହେବା କଥା।



ପ୍ରେମାନନ୍ଦ ନାୟକ

# ଦୁର୍ନୀତିର ସ୍ୱରୂପ

ତ୍ରିଶଣମୂଳ ସ୍ତରରେ ଲୋକମାନେ ଶାସନ ତଥା ବିକାଶରେ ପ୍ରତ୍ୟକ୍ଷ ଭାବେ ଭାଗୀଦାର ହୋଇପାରିଲେ ଦେଶର ପ୍ରକୃତ ଉନ୍ନତି ସାଧିତ ହେବ ବୋଲି ଚିନ୍ତାକରି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରବର୍ତ୍ତନ ହୋଇଛି। ଏହା କରିଆରେ ଗ୍ରାମାଞ୍ଚଳର ବିକାଶ, ଦାରିଦ୍ର୍ୟ ଦୂରୀକରଣ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଲାଗି ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଯୋଜନାର ରୂପାୟନ ବେଳେ ବିନିଯୋଗ ଅର୍ଥରୁ ବିପୁଳ ପରିମାଣ ବାଟମାରଣା ହେବା ସହିତ ସାଧାରଣ ଜନତାଙ୍କୁ ଶୋଷଣ କରି ଜେତେଜଣ ଲାଭବାନ ହେଉଛନ୍ତି। ଫଳରେ ସରକାରଙ୍କ ଜନହିତକର ଯୋଜନାର ଲକ୍ଷ୍ୟ ସାଧିତ ହୋଇପାରୁ ନାହିଁ। ନିପ୍ରରେ ଖବରକାଗଜରୁ ପଢ଼ିଥିବା କେତେକ ସତ୍ୟ ଘଟଣା ଉଲ୍ଲେଖ କରୁଛୁ।

ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକ ଅଙ୍କରିଆପଦର ଗ୍ରାମର ଉଲ୍ଲେଖ ଦୀପଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ ଆଗରେ ଥିବାବେଳେ କାର୍ଯ୍ୟାଦେଶ ପତ୍ର ପାଇଁ ସରପଞ୍ଚ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଲେ। ଗରିବ ଉଲ୍ଲେଖ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ଉକ୍ତ ତାଲିକାରେ 'ମୃତ' ଦର୍ଶାଯାଇ ତାଲିକାରେ ବହୁ ତଳେ ଥିବା କିଛି ବଡ଼ବଡ଼ିଆ ହିତାଧିକାରୀଙ୍କୁ ଘର ଦିଆଗଲା। ଉଲ୍ଲେଖ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କଲାପରେ ଘଟଣାର ତଦନ୍ତ କରାଯାଇ ଅଙ୍କରିଆପଦର ପଞ୍ଚାୟତର ନିର୍ବାହୀ ଅଧିକାରୀ ଦେବରାଜ ମାଝିଙ୍କୁ ନିଲମ୍ବନ କରାଗଲା। ସେହିଭଳି ବେଗୁନିଆ ଅଞ୍ଚଳର ଜଗନାଥ ମହାରଣା 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ଓ ପାଇଖାନା ନିର୍ମାଣ ବାବଦରେ ମଞ୍ଜୁର ହୋଇଥିବା ମୋଟ ୧ଲକ୍ଷ ୨୦ ହଜାର ଟଙ୍କା ମଧ୍ୟରୁ ୯୦ହଜାର ଟଙ୍କା ପାଇଥିଲେ। ଅବଶିଷ୍ଟ ୩୦ ହଜାର ଟଙ୍କା ପାଇଁ ବେଗୁନିଆ ବ୍ଲକ ଗ୍ରାମ ରୋଜଗାର ସେବକ ତାଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ। ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ୪ ନମ୍ବର ୱାର୍ଡ଼ର ରାଜୁ ଭୋଇ 'ଇନ୍ଦିରା ଆବାସ' ପାଇଁ କାର୍ଯ୍ୟାଦେଶ ପାଇବା ପରେ ପ୍ରଥମ କିସ୍ତି ବାବଦରେ ୨୦ ହଜାର ଟଙ୍କା ପାଇଥିଲେ। ଦ୍ୱିତୀୟ କିସ୍ତି ପ୍ରଦାନ ପାଇଁ କାର୍ଯ୍ୟନିର୍ବାହୀ ଜଣକ ରାଜୁଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କଲା। ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଉପରବୁଦ୍ଧୁକା ଗ୍ରାମର ହିତାଧିକାରୀ ମାଳତୀ ନାୟକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିବା ପରେ ମାଳତୀଙ୍କ ଦିଅରଙ୍କଠାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଲ୍ କରାଇଦେବା ପାଇଁ ୫ ହଜାର ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କଲା।

ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ 'ଇନ୍ଦିରା ଆବାସ', 'ବିଜୁ ପକ୍କାଘର', 'ମୋ କୁଡ଼ିଆ', 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା'ରେ ଗରିବ ଲୋକମାନେ ଘରଖଣ୍ଡେ ପାଇବା ପାଇଁ ପଞ୍ଚାୟତ ସ୍ତରରେ କିଭଳି ଶୋଷଣର ଶିକାର ହେଉଛନ୍ତି, ଉପରୋକ୍ତ ଘଟଣାଗୁଡ଼ିକ ତାହାର ଗୋଟିଏ ଗୋଟିଏ ନମୁନା ମାତ୍ର। ଏହିଭଳି ଘଟଣା ପ୍ରାୟ ସମସ୍ତ ପଞ୍ଚାୟତରେ ଘଟୁଛି। ସରକାରଙ୍କର ଅନ୍ୟ ଯୋଜନାଗୁଡ଼ିକ ମଧ୍ୟ ଦୁର୍ନୀତିଗ୍ରସ୍ତ ନୁହନ୍ତି। ବିଦ୍ୟାଳୟଗୁଡ଼ିକରେ ମିଥ୍ୟା ଉପସ୍ଥାନ ଦର୍ଶାଇ ମଧ୍ୟାହ୍ନଭୋଜନ ସାମଗ୍ରୀ ହେରଫେର କରାଯାଉଛି ତ ଯୋଗାଣ ଏବଂ ନିର୍ମାଣ କାର୍ଯ୍ୟରେ ପର୍ସେଣ୍ଟେଜ୍ ଦେଇ ବିପୁଳ ଅର୍ଥ ହଡ଼ପ ହେଉଛି।

ଏବେ ଅନ୍ୟାନ୍ୟ ରାଜ୍ୟ ଏବଂ କେନ୍ଦ୍ର ପ୍ରସଙ୍ଗକୁ ଆସିବା। ବିହାରର ଅରାରିଆ ଜିଲ୍ଲାର ୨୮୦ଟି ପ୍ରାଥମିକ ବିଦ୍ୟାଳୟରେ ମୋଟ ସାଢ଼େ ୫ଲକ୍ଷ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଥିବା ଦର୍ଶାଯାଉଥିଲେ ସୁଦ୍ଧା ବାସ୍ତବରେ ସେତିକି ସଂଖ୍ୟାରେ ପିଲା ନ ଥିବା ଅନୁଧ୍ୟାନରୁ ଜଣାପଡ଼ିଥିଲା। ୨୫୧ଜଣ ପ୍ରଧାନଶିକ୍ଷକଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କଠାରୁ ଜରିମାନା ଆକାରରେ ମୋଟ ୬୧ଲକ୍ଷ ୬୮ ହଜାର ଟଙ୍କା ଆଦାୟ କରିଛନ୍ତି। ବିଗତ ଦୁଇବର୍ଷରେ ଗଙ୍ଗାନଦୀ ସଫେଇ କାର୍ଯ୍ୟକ୍ରମରେ ସରକାର ପ୍ରାୟ ୭ହଜାର କୋଟି ଟଙ୍କା ଖର୍ଚ୍ଚ କରିସାରିଥିଲେ ମଧ୍ୟ ଆଶାନୁରୂପ ଫଳ ମିଳିପାରିନାହିଁ। ସୂଚନାଯୋଗ୍ୟ, ବିଗତ ୨୮ବର୍ଷ ମଧ୍ୟରେ କେନ୍ଦ୍ର ସରକାର ପ୍ରାୟ ୨୦ ହଜାର କୋଟି ଟଙ୍କା ଗଙ୍ଗାନଦୀ ସଫେଇ କାର୍ଯ୍ୟରେ ବ୍ୟୟ କରିଛନ୍ତି। କିନ୍ତୁ ଫଳ ଯଥା ପୂର୍ବଂ ତଥା ପରମ୍। ତିନିକୋଟି ଟଙ୍କା ଲାଞ୍ଚ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ବଏସରେ କାର୍ଯ୍ୟରତ ଆୟକର ବିଭାଗ ଡେପୁଟି କମିଶନର ଜୟପାଲ ସ୍ୱାମୀଙ୍କ ସମେତ ତିନିଜଣଙ୍କୁ ସିବିଆଇ ଅଧିକାରୀମାନେ ତା୨୨।୧୨।୨୦୧୭ରେ ଗିରଫ କଲେ। ୨୦୦୫ରେ ୧୧ଜଣ ସାଂସଦ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ସଂସଦରୁ ବହିଷ୍କୃତ ହୋଇଥିଲେ। ଏହି ଅଭିଯୁକ୍ତମାନଙ୍କ ଭିତରେ ଭାଜପା, କଂଗ୍ରେସ, ବିଏସ୍‌ପି ଏବଂ ଆରଜେଡିର ସାଂସଦ ଅଛନ୍ତି। କଟକର ଏସ୍‌ସିବି ମେଡ଼ିକାଲ କଲେଜ ହସ୍‌ପିଟାଲରେ ହେପାଟୋଲୋଜି ବିଭାଗର ଦୁଇଜଣ ଡାକ୍ତର ଏକ ନିର୍ଦ୍ଦିଷ୍ଟ ଔଷଧ କମ୍ପାନୀ ସହିତ ସଲାସୁତୁରାରେ ସରକାରଙ୍କ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି (ଓଏସ୍‌ଟିଏଫ୍)ରୁ ବିପୁଳ ଅର୍ଥ ରୋଜଗାର କରିବା କାରଣରୁ ଯୋଗୁ ଗତ ଡିସେମ୍ବରରେ ଗିରଫ ହେଲେ। ଚଢ଼ାଉ ବେଳେ ଜଣେ ଡାକ୍ତର ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି, ଯାହାକି ତାଙ୍କ ଆୟର ୨୯୪ ପ୍ରତିଶତ। ସେହିପରି ବାଙ୍ଗାଲୋରରେ ଆୟକର ବିଭାଗ ଚଢ଼ାଉ ବେଳେ ଧରାପଡ଼ିଛି ଡାକ୍ତର ଓ ନିଦାନ କେନ୍ଦ୍ର ମଧ୍ୟରେ ଅନୈତିକ ସମ୍ପର୍କ। ରୋଗୀଙ୍କୁ ଅନାବଶ୍ୟକ ପରୀକ୍ଷା ଲାଗି ପାଥୋଲାବକୁ ପଠାଇ ସେଠାରୁ ବିପୁଳ ପରିମାଣର କମିଶନ ନେଉଛନ୍ତି। ଆୟକର ବିଭାଗ ଅଧିକାରୀମାନେ ୨ଟି ଆଇଭିଏଫ୍ ସେଣ୍ଟର ଓ ୫ଟି ଡାକ୍ତରୀ ପରୀକ୍ଷା କେନ୍ଦ୍ର ଉପରେ ଚଢ଼ାଉବେଳେ ୧୦୦ କୋଟି ଟଙ୍କା ମୂଲ୍ୟର ଗହଣା ଓ ନଗଦ ୧ କୋଟି ୪୦ଲକ୍ଷ ଟଙ୍କା ଜବତ କରିଛନ୍ତି।

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ପକ୍ଷରୁ ହୋଇଥିବା ଏକ ସର୍ଭେରେ ଭାରତକୁ ଏସିଆରେ ସବୁଠାରୁ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ଭାବେ ବିବେଚନା କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତର ଅର୍ଦ୍ଧାଧିକ ଭାରତୀୟ ସରକାରୀ ସେବା ଓ ସୁବିଧା ପାଇବା ଲାଗି ଲାଞ୍ଚ ପ୍ରଦାନ କରିଥାନ୍ତି। ତଥ୍ୟ ଅନୁଯାୟୀ ଭାରତରେ ଲାଞ୍ଚ ଗ୍ରହଣ କରିବାର ହାର ୬୯ ପ୍ରତିଶତ। ପୋଲିସ ବିଭାଗରେ ୮୫, ସରକାରୀ କର୍ମଚାରୀ ୮୪, ବ୍ୟବସାୟିକ ଅଧିକାରୀ ୭୯, ସ୍ଥାନୀୟ କାଉନସିଲର ୭୮ ଏବଂ ସାଂସଦ ୭୬ ପ୍ରତିଶତ ବୋଲି ଉଲ୍ଲେଖ କରାଯାଇଛି।

ଭାଜପା ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି ବୋଲି କହୁଥିଲେ ମଧ୍ୟ ଲୋକପାଳ ଓ ଲୋକାୟୁକ୍ତ ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଉଦାସୀନତା ଦୁର୍ନୀତିକୁ ପ୍ରୋତ୍ସାହନ ସଦୃଶ। ମଧ୍ୟପ୍ରଦେଶର ଭାଜପା ସରକାରଙ୍କ ଅମଳରେ ହୋଇଥିବା ୧୨୦୦ କୋଟି ଟଙ୍କାର ଭ୍ୟାପମ୍ ଦୁର୍ନୀତି ବିଷୟ ସର୍ବଜନବିଦିତ। ଏହି ମାମଲାରେ ୪୪ଜଣ ସାକ୍ଷୀଙ୍କୁ ହତ୍ୟା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଏ ଦେଶର ଚୌକିଦାର କହି ନିଜେ ଖାଇବେ ନାହିଁ କି କାହାରିକୁ ଖାଇବାକୁ ଦେବେନାହିଁ ବୋଲି କହୁଛନ୍ତି। କିନ୍ତୁ 'ବାପଘୁଅ ରାତି ଅନ୍ଧାର ପୁରୁଣା ପଛ ମେଲା' ନ୍ୟାୟରେ ଦେଶରେ ଭ୍ରଷ୍ଟାଚାର ତା'ର କାୟା ବିସ୍ତାର କରିଚାଲିଛି। ଉପରୋକ୍ତ ଧରଣର ଘଟଣାଗୁଡ଼ିକ ଛଡ଼ା ସରକାରଙ୍କ ବିଭିନ୍ନ ଟିକସ, ଶୁଳ୍କ ଇତ୍ୟାଦି ରାଜସ୍ୱ ଆଦାୟକାରୀ ସଂସ୍ଥାଗୁଡ଼ିକର ବିଭାଗୀୟ ଅଧିକାରୀମାନେ ଟିକସ/ଶୁଳ୍କ ଫାଙ୍କି ମାମଲାର ବିଚାରବେଳେ ମୋଟାଅଙ୍କର ଲାଞ୍ଚ ନେଇ ବୃହତ୍ ପରିମାଣର ଅର୍ଥ ଛାଡ଼ିଦେଉଛନ୍ତି। ସରକାର ସେ ବାବଦରେ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ନୀତିଶ୍ଳୋକ କହେ, 'ବୁଭୁକ୍ଷିତଃ କିଂ ନ କରୋତି ପାପମ୍'। କ୍ଷୁଧାତୁର ଲୋକ କି ପାପ କରି ନ ପାରେ? ତେବେ ପ୍ରଶ୍ନ ହେଉଛି, ଉପରୋକ୍ତ ଦୁର୍ନୀତି ଅଭିଯୁକ୍ତମାନେ କେତେ ପରିମାଣରେ କ୍ଷୁଧାର୍ତ୍ତ ବା ଅଭାବଗ୍ରସ୍ତ ଯେ ସେମାନେ ଅନୈତିକ ଉପାୟରେ ଅର୍ଥ ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି?

କୌତୂହଳର ବିଷୟ, ଏବେ ଭିଜିଲାନ୍ସ ଚଢ଼ାଉରୁ ବର୍ତ୍ତିବା ପାଇଁ ଦୁର୍ନୀତିଖୋର କର୍ମଚାରୀମାନେ ନୂଆ ଉପାୟ ଅବଲମ୍ବନ କଲେଣି। ନିଜେ ଲୋକଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ ନ କରି ଦଲାଲଙ୍କ ମାଧ୍ୟମରେ ତାହା ନେଉଛନ୍ତି, ଯାହାଦ୍ୱାରା ଭିଜିଲାନ୍ସ ଦ୍ୱାରା ଧରାପଡ଼ିବାର ଭୟ ରହିବ ନାହିଁ ଏବଂ ନିଜର ସ୍ୱଚ୍ଛତା ଅକ୍ଷୁଣ୍ଣ ରହିବ। ଫଳରେ ଦଲାଲମାନେ ଦୁଇପଟୁ ପାଉଣା ପାଇ ମାଲାମାଲ ହେଉଛନ୍ତି। କିନ୍ତୁ ଜନସାଧାରଣଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି।

ଶହୀଦନଗର, ଭୁବନେଶ୍ୱର, ମୋ-୯୪୩୭୩୭୨୧୦୦

# ଆମ ହାତରେ ଆମ ପରିବେଶ

ପ୍ରଜ୍ଞାପାରମିତା ପତ୍ରି

କଥାରେ ଅଛି- 'ଘର ପାଖେ ଥିଲେ ଗୋବର ଖାତ, ରୋଗ ହେଉଥିବ ଅନବରତ।' ଗାଁ ଗହଳିର ଲୋକମାନେ ଏଥିପ୍ରତି ଖୁବ୍ ଚେତିଲେଣି ଓ ନିଜ ଗୋବର ଗାଡ଼ିଆକୁ ଘରଠାରୁ ଦୂରରେ ରଖିଲେଣି। ମାତ୍ର ସହରରେ ବସବାସ କରୁଥିବା ବଡ଼ବଡ଼ିଆ ବାବୁମାନେ ଚେଇଁ ଶୋଇଛନ୍ତି। ସିଲ୍‌ଭର ସିଟି ଓ ସ୍ମାର୍ଟ ସିଟିର ସ୍ମାର୍ଟ ବାବୁ ଓ ବାବୁଆଣୀମାନେ ସ୍ମାର୍ଟ ଗୋବର ଗାଡ଼ିଆ ତିଆରି କରିଚାଲିଛନ୍ତି। ଦୈନିକ ବାହାରୁଥିବା ଅଳିଆ ଆବର୍ଜନାକୁ ବିଏମ୍‌ସିରେ ନ ଦେଇ ଏଣେତେଣେ ନାଳନର୍ଦ୍ଦମାରେ ଫୋପାଡ଼ିବାରେ ଲାଗିଛନ୍ତି, ଯାହାଦ୍ୱାରା ବଢୁଛି ଡେଙ୍ଗୁ, ବ୍ୟାପୁଛି ମ୍ୟାଲେରିଆ। ଘର ଆଖପାଖରେ ସବୁବେଳେ ପାଣି ଜମି ରହିଲେ ନାନା ପ୍ରକାର ରୋଗ ଜୀବାଣୁ ବ୍ୟାପିଥାଆନ୍ତି। ସାରା ଦେଶରେ ପ୍ରତ୍ୟେକ ଦିନ ୧,୦୦,୦୦୦ ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଥିବାବେଳେ ବର୍ଷକରେ ୩୬,୫୦୦,୦୦୦ ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଛି। ଯଦି ଗୋଟିଏ ବର୍ଷରେ ଏତିକି, ତେବେ ୧୦ ବର୍ଷରେ ଏହାର ମାତ୍ରା କେତେ ଅଧିକ ହେବ, ତାହା ଆକଳନ କଲେ ମନରେ ଡର ବସା ବାନ୍ଧୁଛି। ସତରେ କ'ଣ ଦିନେ ଆମେ କେବଳ ଆବର୍ଜନାର ସହରରେ ରହିବା! ଆମ ଚାରିପାଖରେ ଖାଲି ଅଳିଆ ଓ ଆବର୍ଜନା ଶୋଭାବର୍ଦ୍ଧନ କରୁଥିବେ! ଏମିତି କେତେକ'ଣ ଚିନ୍ତା ବର୍ତ୍ତମାନର ଯୁବପିଢ଼ିଙ୍କୁ ଆଉ ସଚେତନ ସଭ୍ୟ ସମାଜକୁ ଶଙ୍କାଗ୍ରସ୍ତ କରୁଛି। ସରକାର ସ୍ୱଚ୍ଛ ଭାରତ ଅଭିଯାନରେ ଶହ ଶହ, କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ଏହାର ଫଳାଫଳ ସେଭଳି କିଛି ଆଖିଦୃଶିଆ ହେଉନି। ଏବେ ପ୍ରଶ୍ନ ଉଠୁଛି ଏଥିପାଇଁ ଦାୟୀ କିଏ? ସରକାର ନା ପୌରପାଳିକା ନା ଖୋଦ୍ ଜନସାଧାରଣ? ସମସ୍ତେ ସମସ୍ତଙ୍କ ଉପରେ କାଦୁଅ ଫୋପଡ଼ା ଫୋପଡ଼ିରେ ବ୍ୟସ୍ତ। ପରିବେଶକୁ ନିର୍ମଳ ରଖିବା ସରକାର ଓ ମ୍ୟୁନିସିପାଲିଟିର ଯେତିକି ଗୁରୁଦାୟିତ୍ୱ ଜନସାଧାରଣଙ୍କ ତାଠୁ ଅଧିକ ଦାୟିତ୍ୱ ରହିଛି। ଛୋଟବେଳୁ ପଢ଼ିଆସିଛୁ ଯେ, ସମସ୍ତେ ନିଜ ନିଜ ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିଲେ ଗାଁ ପରିଷ୍କାର ରହିବ, ଗାଁ ପରିଷ୍କାର ରହିଲେ ସହର ଓ ତା'ପରେ ପୁରା ଦେଶ। ଯଦି ଏବେଠୁ ସଚେତନ ନ ହେବା ତେବେ ଆଗାମୀ କୋଡ଼ିଏ ବର୍ଷ ମଧ୍ୟରେ ସାରା ରାଷ୍ଟ୍ର ଆବର୍ଜନାର ରାଜଧାନୀ ପାଲଟିଯିବ।

ଆମ ରାଜ୍ୟର କଟକ ଓ ଭୁବନେଶ୍ୱର ପରି ବଡ଼ ବଡ଼ ସହରରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବାରୁ ଅସରାଏ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ସହରରେ ରହିଥିବା ଆବର୍ଜନା ବର୍ଷାପାଣି ସହ ମିଶି ଚାରିଆଡ଼େ ପ୍ରଦୂଷଣ କରୁଛି ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଘଣ୍ଟା ଘଣ୍ଟା ରାସ୍ତା ଉପରେ ପାଣି ଜମି ରହୁଥିବାରୁ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଯାତାୟାତ ବାଧାପ୍ରାପ୍ତ ହେଉଛି। ଆଉ କିଛି ସ୍ଥାନରେ ବଡ଼ ବଡ଼ ଡ୍ରେନ୍ ଅରକ୍ଷିତ ଅବସ୍ଥାରେ ଖୋଲା ପଡ଼ିଥିବାରୁ ଅନେକଙ୍କ ପାଇଁ ମୃତ୍ୟୁର ଯନ୍ତା ସାଜୁଛି। ଗତ ବର୍ଷାଋତୁରେ ବିଏମ୍‌ସିର ଅବହେଳା ଓ ମନମୁଖୀ କାର୍ଯ୍ୟ ଯୋଗୁ ଭୁବନେଶ୍ୱର ୟୁନିଟ୍-୭ରେ ଡ୍ରେନ୍ ପାଣିରେ ଭାସିଯାଇ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କିଛି ବର୍ଷ ପୂର୍ବେ ନୟାପଲ୍ଲୀ ମମତାଜ ହାଇସ୍କୁଲ ନିକଟରେ ୯ ବର୍ଷର ଜଣେ ଛାତ୍ର ଟ୍ୟୁସନରୁ ଫେରୁଥିବା ସମୟରେ ଡ୍ରେନ୍ ପାଣିରେ ଭାସିଯାଇ ମୃତ୍ୟୁର ଶିକାର ହୋଇଥିଲା। ଆଉ କେତେ ଜୀବନ ଗଲେ ସରକାରଙ୍କ ଚେତା ଫେରିବ ତାହା ସାଧାରଣରେ ଚର୍ଚ୍ଚା ହେଉଛି।

ସ୍ୱାସ୍ଥ୍ୟକର ପରିବେଶ ଗଠନ ପାଇଁ ଆମେ ନିଜେ ସଚେତନ ହେଲେ ଏ ଜଟିଳ ସମସ୍ୟାର ସମାଧାନ ହୋଇପାରନ୍ତା। 'ସଫା ପରିବେଶ ରହିବା ପାଇଁ, ଗୋବର ଖାତକୁ ଦେବା ଦୂରେଇ' -ଏହି କଥାକୁ ମର୍ମେ ମର୍ମେ ଅନୁଭବ କରିବା ଉଚିତ। ସମାଜକୁ ଆବର୍ଜନାମୁକ୍ତ କରିବା ପାଇଁ ପ୍ରଥମେ ସରକାରୀ ଭାବେ ନିଷେଧ କରାଯାଇଥିବା ପ୍ଲାଷ୍ଟିକ୍‌ର ବ୍ୟବହାରକୁ ସମ୍ପୂର୍ଣ୍ଣ ତ୍ୟାଗ କରିବା। ପ୍ରତିଦିନ ନଷ୍ଟ ହେଉଥିବା ଖାଦ୍ୟର ପରିମାଣକୁ କମାଇବା ସହ ଜିନିଷ କିଣାବିକା ସମୟରେ ପ୍ୟାକିଂର ମାତ୍ରା କମ୍ କରିବା ଆବଶ୍ୟକ। ବ୍ୟବହୃତ ଡ୍ରେସ୍ ନ ଫୋପାଡ଼ି ତାକୁ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଦେବା, ପୁନଃ ବ୍ୟବହାର ହୋଇପାରୁଥିବା ସାମଗ୍ରୀର ବ୍ୟବହାର ପାଇଁ ଅଭ୍ୟାସ ବୃଦ୍ଧି, ଘରର ଅଳିଆ ଆବର୍ଜନାକୁ ରାସ୍ତାକଡ଼ରେ ନ ଫିଙ୍ଗି ଗୋଟିଏ ଜାଗାରେ ଜମା ରଖି ବିଏମ୍‌ସି କର୍ମଚାରୀଙ୍କୁ ଦେବା ଏବଂ ସବୁଠାରୁ ବଡ଼ ଓ ଭଲ କାମ ଗଛ ଲଗାଇବା ଉପରେ ଯଦି ଆମେ ଗୁରୁତ୍ୱ ଦେବା, ତେବେ ଅନେକ କିଛି ଅସମ୍ଭବ କାର୍ଯ୍ୟକୁ ଅନାୟାସରେ ସମ୍ଭବ କରିପାରିବା। ଏ ସବୁ ହୋଇପାରିଲେ ସ୍ୱଚ୍ଛ ଓ ସୁସ୍ଥ ସମାଜ ଗଠନର ଗୁରୁଦାୟିତ୍ୱ ଗୋଟିଏ ଅନୁଷ୍ଠାନ କିମ୍ବା ସଂସ୍ଥା ଉପରେ ନ ଛାଡ଼ି ଆମେ ନିଜେ ନେଇପାରିବା। ଆସନ୍ତୁ ସମସ୍ତେ ମିଶି ଏହି ସ୍ୱଚ୍ଛତାର ସ୍ୱପ୍ନକୁ ସାକାର କରିବା।

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ,
ମୋ-୮୪୫୮୮୨୭୯୬୭,
pragyanpatri777@gmail.com

## ଏଇ ଭାରତରେ

ଆଜିର ଖାଦ୍ୟ ପରବର୍ତ୍ତୀ ଦିନକୁ ବାସି ହୋଇଯାଏ। ଏହାକୁ ଟଟକା ରଖିବା ଲାଗି ଆଜିକାଲି ଫ୍ରିଜ୍ ବ୍ୟବହାର କରାଯାଉଛି। ଫ୍ରିଜ୍‌ରେ ରଖାଯାଉଥିବା ଖାଦ୍ୟଦ୍ରବ୍ୟ ବେଶିଦିନ ରହିଲେ ଏଥିରେ ଥିବା ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ। କିନ୍ତୁ ମୁମ୍ବାଇ ବିଶ୍ୱବିଦ୍ୟାଳୟର ପ୍ରଫେସର ବୈଶାଳୀ ବମ୍ବୋଲେ ଏ ସମ୍ପର୍କରେ ଏକ ଜ୍ଞାନକୌଶଳ ବିକାଶ କରିଛନ୍ତି। ଏହାଦ୍ୱାରା ଖାଦ୍ୟଦ୍ରବ୍ୟକୁ ୩ ବର୍ଷ ପର୍ଯ୍ୟନ୍ତ ସତେଜ ରଖାଯାଇପାରିବ। ଏଥିପାଇଁ କୌଣସି ରେଫ୍ରିଜରେଟର ଆବଶ୍ୟକ ପଡିବ ନାହିଁ। ଏହାର ପୋଷକତତ୍ତ୍ୱରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଏକ ରିପୋର୍ଟରେ ଦର୍ଶାଯାଇଛି। ଇଲେକ୍ଟ୍ରନ୍ ବିମ୍ ରେଡିଏଶନ୍ ଜ୍ଞାନକୌଶଳ ଦ୍ୱାରା ଏହା ସମ୍ଭବ ହୋଇପାରିବ। ଖାଦ୍ୟରେ ଥିବା ପରଜୀବୀ ଏହି ଜ୍ଞାନକୌଶଳ ଦ୍ୱାରା ନଷ୍ଟ ହୋଇଯିବେ। ଉକ୍ତ ଜ୍ଞାନକୌଶଳ ସୈନ୍ୟବାହିନୀ ଏବଂ ମହାକାଶଚାରୀଙ୍କ ନିମନ୍ତେ ବ୍ୟବହାର ପାଇଁ ଚେଷ୍ଟା କରାଯାଉଛି। ଗତ ୬ବର୍ଷ ଧରି ବୈଶାଳୀ ଏବଂ ତାଙ୍କ ଗବେଷକ ଦଳ ଏହା ଉପରେ ଗବେଷଣା ଜାରି ରଖିଥିଲେ। ଏହା ଜନକଲ୍ୟାଣ ଦିଗରେ ବିନିଯୋଗ ହେବାକୁ ଯାଉଛି।

## ଚିରନ୍ତନୀ

କିପାଇଁ ଆମ ଜନମ ଭଲା
ନ ହେଲା କାହିଁ ବୁଝି
କେତିଏ ଯୁଗ ଗଲାଣି ଏବେ ବିତି,
କେତିଏ ଯୁଗ ବଞ୍ଚିବାକୁ
ମରଣ-ରଣେ ଯୁଝି
ଜୀବନ ଜିଣେ ପାରିଲା କାହିଁ ଜିତି?
(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଫେବୃଆରୀ ୧୯୯୪

➲ ଓଡ଼ିଶାରେ ଚାରୋଟି ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ପଠାଯାଇଥିବା ପ୍ରସ୍ତାବ କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟର ଅନୁମୋଦନ ଲାଭ କରିଛି।

➲ ଆଙ୍ଗୋଲାର ସର୍ଦ୍ଦନ ପ୍ରୋଭିନ୍ସରେ ଏକ ମତ୍ସ୍ୟଧରା ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ୟୁରୋପ ସଂଗଠନର ଅର୍ଥ ବିନିଯୋଗ।

## ଆମ ସମସ୍ୟା

### ସ୍ମାର୍ଟ ସିଟିରେ ବିପର୍ଯ୍ୟସ୍ତ ପରିମଳ

ମହାଶୟ,

ସ୍ମାର୍ଟ ସିଟିର ସ୍ୱଚ୍ଛତା ପାଇଁ ବିଏମ୍‌ସି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନେଇଛି। ହେଲେ ସେପରି କିଛି ଆଖିଦୃଶିଆ କାମ ନଜରକୁ ଆସୁନାହିଁ। ବିଶେଷକରି ବିଏମ୍‌ସି ଅଧୀନ ସତ୍ୟନଗର ୱାର୍ଡ଼ର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ। ଅନେକ ବସ୍ତିବାସିନ୍ଦା ଖୋଲାସ୍ଥାନ କିମ୍ବା ଡ୍ରେନରେ ମଳମୂତ୍ର ତ୍ୟାଗ କରୁଛନ୍ତି। ସ୍ଥାୟୀ ବାସିନ୍ଦାଙ୍କ ସ୍ୱରେଜ ବ୍ୟବସ୍ଥା ସ୍ୱତନ୍ତ୍ର ଭାବରେ ନ ଥିବାରୁ ସେମାନେ ଡ୍ରେନ ମଧ୍ୟରେ ସବୁ ଛାଡ଼ୁଛନ୍ତି। ଡ୍ରେନ ମୁକ୍ତ ହୋଇ ନ ଥିବା ହେତୁ ଏହା ମଧ୍ୟରୁ ନିର୍ଗତ ଦୁର୍ଗନ୍ଧ ପରିବେଶକୁ ଦୂଷିତ କରୁଛି। କେତେକ ବସ୍ତିବାସିନ୍ଦା ସରକାରୀ ଜାଗାରେ ଖୋଲା ପାଇଖାନା ନିର୍ମାଣ କରି ମଳମୂତ୍ର ତ୍ୟାଗ କରୁଛନ୍ତି। ଏତଦ୍ ବ୍ୟତୀତ ସ୍ଥାୟୀ ବାସିନ୍ଦାଙ୍କ ଘର ନିକଟରେ ଅନେକ ଅବ୍ୟବହୃତ ସ୍ଥାନ ଖାଲି ପଡ଼ିଛି। ଲୋକେ ସେମାନଙ୍କ ବ୍ୟବହୃତ ଜଳକୁ ଡ୍ରେନ ମଧ୍ୟକୁ ନ ଛାଡ଼ି, ସେହି ଖୋଲା ସ୍ଥାନକୁ ଛାଡ଼ୁଛନ୍ତି। ଖୋଲା ସ୍ଥାନରେ ଜମି ରହୁଥିବା ଜଳରେ ପତ୍ର, ଜରି, କାଠିକୁଟା ଇତ୍ୟାଦି ପଡି ପଚା ଗନ୍ଧ ସୃଷ୍ଟି କରୁଛି। ପୋକ, ଜୋକ, ମଶା, ମାଛି ସେମାନଙ୍କ ବଂଶ ବୃଦ୍ଧି ଘଟାଉଛନ୍ତି। ଦୁର୍ଗନ୍ଧ ବାୟୁ ସେବନ ସହ ମଶାମାଛିଙ୍କ ଦାଉରେ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ଏପରି ବିପର୍ଯ୍ୟସ୍ତ ପରିମଳ ଅବସ୍ଥା ପ୍ରତି ବିଏମ୍‌ସି ଅଧିକାରୀଙ୍କ ଦୃଷ୍ଟି ପଡୁ।

ମହେଶ୍ୱର ନାୟକ, ଦୋବନ୍ଧ, ଗୋଗୁଆ, କେନ୍ଦ୍ରାପଡ଼ା

### କୁଷ୍ଠାଶ୍ରମ ହସ୍ପିଟାଲର ପୁନରୁଦ୍ଧାର ହେଉ

କଟକ ନୟାବଜାରସ୍ଥିତ କୁଷ୍ଠାଶ୍ରମ ହସ୍ପିଟାଲ ୧୯୧୯ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ରକ୍ଷଣାବେକ୍ଷଣ ନ ହେବାରୁ ଆଉଟ୍‌ହାଉସ୍ ଏବଂ ବେଡ୍ ଭଗ୍ନ ଅବସ୍ଥାରେ ରହିଛି। ରୋଗୀ ସଂଖ୍ୟା ବୃଦ୍ଧି ସତ୍ତ୍ୱେ ବେଡ୍ ବୃଦ୍ଧି କରାଯାଉନାହିଁ। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ଦୈନନ୍ଦିନ ଖାଦ୍ୟ ଖର୍ଚ୍ଚ ପଚାଶ ଟଙ୍କା ରହିଛି। ବଜାର ଦର ତୁଳନାରେ ତାହା ଯଥେଷ୍ଟ ନୁହେଁ। ଉନ୍ନତମାନର ସେବା ଓ ଖାଦ୍ୟ ଯୋଗାଇ ଦିଆଯିବା ଉଚିତ।

ରମେଶ ଚନ୍ଦ୍ର ବେହେରା, ଆୟରଭ୍ରଷ, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଫେବୃଆରୀ ୩- ମୁମ୍ବାଇ ଆକ୍ରମଣ ଘଟଣାରେ ପାକିସ୍ତାନର ଦୁଇ ସେନାଧିକାରୀ ମେଜର ଅବଦୁଲ ରେହମାନ ପାଶା ଏବଂ ମେଜର ଇକବାଲଙ୍କ ବିରୋଧରେ ମୁମ୍ବାଇର ଏକ ସେସନ୍ସ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି।

୫- ପୃଥିବୀର ଦୂରକାନ୍ତିୟ ଉତ୍ତରମେରୁରୁ ଦୁତଗତିରେ ସ୍ଥାନାନ୍ତର ହେଉଥିବା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।

୬- କଶ୍ମୀରରେ ସକ୍ରିୟ ଥିବା ଆତଙ୍କବାଦୀ ସଂଗଠନ ତେହରିକ୍ ଉଲ୍ ମୁଜାହିଦ୍ଦିନକୁ କେନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିଛନ୍ତି।

୭- କଂଗ୍ରେସ କ୍ଷମତାକୁ ଆସିଲେ ତିନି ତଲାକ ଆଇନକୁ ରଦ୍ଦ କରିବ ବୋଲି ଦଳର ମହିଳା ଶାଖା ସଭାନେତ୍ରୀ ସୁସ୍ମିତା ଦେବ କହିଛନ୍ତି।

୮- ବିଷାକ୍ତ ମଦ ପିଇ ଉତ୍ତରପ୍ରଦେଶରେ ୨୦ ଜଣ ଓ ଉତ୍ତରାଖଣ୍ଡରେ ୧୬ ଜଣଙ୍କ ମୃତ୍ୟୁ।

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | 4 | | | | D | 9 | | | | | A | | |
| | C | 5 | | | | 2 | | | 4 | | | 7 | | |
| | A | | | | | 8 | | | 1 | | 6 | 7 | | |
| 9 | | | 3 | | | 7 | | | | | | | E | |
| | 0 | | 7 | 8 | 1 | | | | | | | | 5 | |
| | | | | | 4 | | C | 1 | 3 | | | 8 | | |
| 9 | | | 5 | D | 3 | | | | | | | | | |
| C | | | B | | | | E | 4 | | | | 8 | | |
| 2 | | | | | 6 | | 3 | 5 | E | | | | 0 | |
| | 3 | | | | | | | | 5 | | 4 | B | 1 | 2 |
| | | | | B | | A | 1 | | | | | | | 9 |
| | 2 | | | 6 | | | | | | | A | | C | 3 |
| A | | | C | | | | | 6 | | | | 0 | 7 | |
| 4 | | | E | 1 | 8 | 2 | | | | | | | | |
| | | 9 | | 0 | 5 | | | 7 | | 1 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁରେ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | 9 | 8 | 2 | 7 | B | 6 | 0 | 5 | C | 4 | 3 | A | 1 |
| 8 | 2 | 7 | 4 | C | A | 1 | 9 | 3 | 0 | 6 | E | D | 5 | B |
| B | 4 | 5 | 9 | 0 | 1 | E | 7 | C | 3 | D | A | 2 | 6 | 8 |
| 0 | 1 | 3 | 5 | D | 6 | 8 | 4 | A | 2 | B | 9 | C | E | 7 |
| A | C | 6 | 3 | B | E | 2 | 5 | D | 7 | 1 | 8 | 0 | 9 | 4 |
| 3 | 0 | C | 6 | E | 8 | 9 | A | B | 4 | 7 | 5 | 1 | D | 2 |
| 2 | 8 | 4 | 0 | 1 | 3 | D | A | 6 | B | E | C | 5 | 7 | 9 |
| 9 | 6 | D | 7 | 5 | 4 | A | 0 | C | 8 | 1 | 3 | 2 | E | B |
| 1 | 5 | B | D | A | 2 | 3 | E | 7 | 9 | 4 | 6 | 8 | 0 | C |
| 5 | A | E | B | 9 | C | 5 | 2 | 1 | 8 | 0 | D | 4 | 3 | 6 |
| 4 | 7 | 1 | C | 0 | 6 | 9 | 3 | 5 | E | 8 | B | A | 2 | D |
| 6 | E | 2 | 1 | 3 | 5 | A | D | 4 | C | 9 | 7 | B | 8 | 0 |
| 3 | D | 0 | 4 | A | B | 7 | 8 | E | 6 | 2 | 1 | 9 | C | 5 |
| D | 3 | 4 | A | 7 | 8 | B | E | 6 | 2 | 1 | 9 | C | 5 | 0 |
| C | B | A | E | 8 | 9 | 6 | 2 | 1 | 0 | 5 | D | 7 | 4 | 3 |

ଶନିବାର ପ୍ରକାଶିତ ଉତ୍ତର


airasia.com
Take off with LOVE to Thailand, Malaysia and Beyond
Thailand FREE VISA-ON-ARRIVAL till 30 April 2019
For lowest fares book only on www.airasia.com or the AirAsia Mobile App
Fly from Bhubaneswar
Bangkok
Kuala Lumpur
ALL-IN FARE FROM ₹2,999
Fly thru
Bali • Ho Chi Minh City • Melbourne
Langkawi • Manila • Krabi • Phuket
Sydney • Singapore
and many more destinations
ALL-IN FARE FROM ₹4,799
airasia.com
Now Everyone Can Fly
Book now till 17 Feb 2019
Travel from 25 Feb till 31 Jul 2019
AirAsia
AirAsia
All India domestic flights are operated by AirAsia India Ltd. and all international flights are operated by either AirAsia Berhad, Thai AirAsia Co. Ltd., AirAsia X Berhad or PT. Indonesia Co. Ltd. Our seats are limited and may not be available on all flights during public holidays, school breaks and weekends. Discount is applicable only on the base fare. All-in fares include fares, fuel surcharges and airport taxes. Inclusive of one-way only. A payment processing fee is applicable to all payments made via credit, debit or charge cards. Our other terms and conditions of arriage apply. Skytrax has named AirAsia Group as World's Best Low-Cost Airline for the tenth year in a row. **AirAsia India being a joint-venture of AirAsia Berhad, is a part of AirAsia Group and is permitted by Skytrax to use this logo for Indian market.

# ମୃତ କଲରାପତରିଆର ବ୍ୟବଚ୍ଛେଦ

ବନ୍ତଲା, ୧୦।୨ (ଡି.ଏନ.ଏ.)


ବାଘର ବ୍ୟବଚ୍ଛେଦ କରାଯାଉଛି।

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ରେଞ୍ଜ କଣଲୋଇ ସଂରକ୍ଷିତ ଜଙ୍ଗଲରୁ ଶନିବାର ଉଦ୍ଧାର କଲରାପତରିଆ ବାଘର ମୃତଦେହକୁ ରବିବାର ବ୍ୟବଚ୍ଛେଦ ପରେ ପୋଡ଼ି ଦିଆଯାଇଛି। ସାତକୋଶିଆ ଅଭୟାରଣ୍ୟ ବନଖଣ୍ଡ କାର୍ଯ୍ୟାଳୟ ବଙ୍ଗଳା ପଛରେ ସକାଳ ୭ଟାରୁ ଆରମ୍ଭ ହୋଇଥିବା ବ୍ୟବଚ୍ଛେଦ କାର୍ଯ୍ୟ ଅପରାହ୍ଣ ୨ଟାରେ ଶେଷ ହୋଇଥିଲା। ଏନ୍‌ଟିସିଏ (ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଗାଇଡ୍ ଲାଇନ ଅନୁଯାୟୀ ଏକ ୩୦ ଜଣିଆ ଟିମ୍ ଏଥିପାଇଁ ଗଠନ କରାଯାଇଥିଲା। ଏଥିରେ ଅନୁଗୋଳ ଡିଏଫ୍‌ଓ ଭି.କାର୍ତ୍ତିକ, ଏସିଏଫ୍ ଏଚ୍.ଡି. ଧନ୍‌ରାଜ, ଶ୍ରୀକାନ୍ତ ବେହେରା, ୱାର୍କିଂ ପ୍ଲାନ ଡିଏଫ୍‌ଓ ପ୍ରଦୀପ୍ତ କୁମାର ମହାପାତ୍ର, ସବ୍‌ଡିଭିଜନାଲ ଭେଟେରିନାରି ଅଫିସ ଡେପୁଟି ଡାଇରେକ୍ଟର ଡା.ଗଡ଼ନାୟକ, ଅତିରିକ୍ତ ଭେଟେରିନାରି ଅଫିସର ଡା.ସୁଶାନ୍ତ ସେଠୀ, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ ପ୍ରମୁଖ ସାମିଲ ଥିଲେ। ମୃତ ଅଣ୍ଡିରା ବାଘର ବୟସ ୪ରୁ ୫ ବର୍ଷ ମଧ୍ୟରେ ହୋଇଥିବାବେଳେ କୌଣସି ସ୍ଥାନରେ କ୍ଷତ ଚିହ୍ନ ନ ଥିଲା। ସଂଗୃହୀତ ନମୁନାକୁ ସେଣ୍ଟ୍ରାଲ ୱାଇଲ୍ଡ ଲାଇଫ୍ ଓୟୁଏଟି ଭୁବନେଶ୍ୱରକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଅନୁଗୋଳ ଡିଏଫ୍‌ଓ ଭି.କାର୍ତ୍ତିକ ଓ ପ୍ରାଣୀ ଡାକ୍ତର ସାହୁ କହିଛନ୍ତି, ବାଘ ଶରୀରରେ କ୍ଷତ ଚିହ୍ନ ନ ଥିବାରୁ ରୋଗରେ ପଡ଼ି ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ।

## ଅନୁଗୋଳରେ ପ୍ରଥମ ଆଦର୍ଶ ସାମୂହିକ ବିବାହ

# ବେଦିରେ ବସିଲେ ୫୫ କନିଆଁ-ବର

ଅନୁଗୋଳ ଅଫିସ, ୧୦।୨


ଶିଶୁବିଦ୍ୟାମନ୍ଦିର ପରିସରରେ ସାମୂହିକ ବିବାହ କାର୍ଯ୍ୟ ଚାଲିଛି।

ବାଜା ନ ଥିଲା। ବାଣ ବି ଫୁଟି ନ ଥିଲା। କିନ୍ତୁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ୫୫ ଯୋଡ଼ା କନିଆଁ-ବର। ଏପରି ଏକ ନିଆରା ସାମୂହିକ ବିବାହ କାର୍ଯ୍ୟ ରବିବାର ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସମ୍ପନ୍ନ ହୋଇଯାଇଛି। ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ ଅନୁଗୋଳ ଶାଖା ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ଜିଲାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ଓ ବିଭିନ୍ନ ସାମାଜିକ, ସାଂସ୍କୃତିକ ତଥା ଧାର୍ମିକ ସଂସ୍ଥାର କର୍ମକର୍ତ୍ତାମାନେ ସହଯୋଗ କରିବା ସହ ଉପସ୍ଥିତ ରହି ନବଦମ୍ପତିମାନଙ୍କୁ ଆଶୀର୍ବାଦ କରିଥିଲେ।

ଶାନ୍ତିକୁଞ୍ଜ ହରିଦ୍ୱାର ଗାୟତ୍ରୀ ପରିବାର ପଣ୍ଡିତମାନଙ୍କ ଦ୍ୱାରା ବୈଦିକ ରୀତିରେ ଏକ ଭାବପୂର୍ଣ୍ଣ ପରିବେଶରେ ଏହି ସାମୂହିକ ଆଦର୍ଶ ବିବାହ ସମ୍ପନ୍ନ ହୋଇଥିଲା। ଉଭୟ ପକ୍ଷର ସ୍ୱୀକୃତି କ୍ରମେ ପୂର୍ବରୁ ଆଇନଗତ ଭାବେ ପଞ୍ଜୀକୃତ ବିବାହ ଯୋଗ୍ୟ ଝିଅ ଓ ପୁଅଙ୍କୁ ସଂସ୍ଥା ପକ୍ଷରୁ ସାମାଜିକ ସ୍ୱୀକୃତି ପ୍ରଦାନ କରାଯିବା ସହ ସୁଖୀ ଦାମ୍ପତ୍ୟ ଜୀବନ କାମନା କରାଯାଇଥିଲା। ଏପରି କି ସମସ୍ତ ନବଦମ୍ପତିଙ୍କୁ ବିଦାୟ ବେଳେ ଆୟୋଜକଙ୍କ ପକ୍ଷରୁ ନିତ୍ୟ ବ୍ୟବହାର ଉପକରଣ ପ୍ରଦାନ କରାଯାଇଥିଲା। ଝିଅ ଓ ପୁଅ ଘର ପକ୍ଷରୁ ୨୫ ଜଣ ଲେଖାଏ ବରଯାତ୍ରୀ ଏବଂ କନ୍ୟାଯାତ୍ରୀଙ୍କୁ ପ୍ରୀତି ଭୋଜନ ପ୍ରଦାନ କରାଯାଇଥିଲା। ବିବାହର ବର୍ଷକ ପର୍ଯ୍ୟନ୍ତ ସେମାନଙ୍କ ସଂସାର କିଭଳି ଚାଲିଛି, ସେ ନେଇ ନଜର ରଖାଯିବ। ଆର୍ଥିକ ସମସ୍ୟା ଭଳି ପରିସ୍ଥିତି ଉପୁଜିଲେ ସେମାନଙ୍କୁ କାର୍ଯ୍ୟରେ ଥଇଥାନ କରାଯିବ। ଏଥିସହ ନବଦମ୍ପତିଙ୍କୁ ଶ୍ରମ ବିଭାଗ ପକ୍ଷରୁ ମିଳୁଥିବା ସୁବିଧା ମଧ୍ୟ ପ୍ରଦାନ କରାଯିବ ବୋଲି ବୋଲି ଆୟୋଜକଙ୍କ ପକ୍ଷରୁ ଅବଗତ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାକୁଡ଼ି ଚୋର, ଲାଉ ଚୋର**
**ଚୋର ଚୋର ବଡ଼ା ଚୋର ।**

ଅଳ୍ପ ବୟସରୁ ଛୋଟ ମୋଟ ଚୋରି କରୁ କରୁ ତାହା ସମୟକ୍ରମେ ଅଭ୍ୟାସଗତ ହୋଇଯାଏ। ସେହି ସମୟରୁ ଆକଟ ନ କଲେ କାଳକ୍ରମେ ସେ ବଡ଼ ଚୋର ପାଲଟିଯିବାର ସମ୍ଭାବନା ରହିଥାଏ। ସାଧାରଣତଃ ଖରାପ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ, ତେବେ ତାହା ଜୀବନକୁ ନଷ୍ଟ କରି ଦେଇଥାଏ। ସାମାନ୍ୟ ଜିନିଷ ଚୋରି କରୁ କରୁ ବଡ଼ ଚୋର ପାଲଟିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଉ ବସାରେ କୋଇଲି**
**ଡିମ୍ବ ଥୋଇ ଦେଇ ଅଇଲି ।**

ସାଧାରଣତଃ ଅଳସୁଆ ବ୍ୟକ୍ତିମାନେ କଷ୍ଟ କରି କାର୍ଯ୍ୟ କରିବାକୁ କୁଣ୍ଠାବୋଧ କରିଥାନ୍ତି। କୌଣସି ଦାୟିତ୍ୱ ନିଜେ ବହନ ନ କରି ପରମୁଣ୍ଡରେ ଲଦିଦେବାକୁ ଉଚିତ ମଣିଥାନ୍ତି। କୋଇଲି କାଉର ଅଜାଣତରେ ତା' ବସାରେ ଡିମ୍ବ ଥୋଇଦେବା ଭଳି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପରକୁ ଦେଇ ଆଶ୍ୱସ୍ତି ଲାଭ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## ପୁରୁଣା ଖାଦାନରୁ...

ଆର୍ଥିକ ବର୍ଷରେ କ୍ରିଟିକାଲ ପାଣ୍ଠିରୁ ଯେଉଁ ୮ଲକ୍ଷ ଟଙ୍କା ଅନୁଦାନ ଆସିଥିଲା ତାହା ଖର୍ଚ୍ଚ ହୋଇଛି। ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ୨୦୧୫-୧୬ ଆର୍ଥିକ ବର୍ଷରେ ନନ୍‌ପ୍ଲାନ ବଜେଟରୁ କେନାଲ କଂକ୍ରିଟକରଣ ପାଇଁ ୨ଟି ପର୍ଯ୍ୟାୟରେ ଅନୁଦାନ ମିଳିଥିଲା। ଗୋଟିଏରେ ୨ଲକ୍ଷ ୯୧ହଜାର ୧୭୯ ଟଙ୍କା ଏବଂ ଅନ୍ୟଟିରେ ୨ଲକ୍ଷ ୭ହଜାର ୮୩୩ ଟଙ୍କା ଅନୁଦାନ ମିଳିଥିବାବେଳେ ସେସବୁ ଖର୍ଚ୍ଚ ହୋଇଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ନନ୍‌ପ୍ଲାନ ବଜେଟରୁ ୯ଲକ୍ଷ ୨୯ ହଜାର ଟଙ୍କା ଅନୁଦାନ ମିଳିଛି ; ଯାହାକି ଅଦ୍ୟାବଧି ଖର୍ଚ୍ଚ ହୋଇନାହିଁ। ଚାଷୀଙ୍କ ଉନ୍ନତି ପାଇଁ ସରକାର ଜଳସେଚନକୁ ପ୍ରାଧାନ୍ୟ ଦେଉଥିବା କୁହାଯାଉଥିବା ବେଳେ ଏଠାରେ ତାହାର ଓଲଟା ହୋଇଛି। କେତେଜଣ ପ୍ରଭାବଶାଳୀ ନେତାଙ୍କ ସ୍ୱାର୍ଥ ପାଇଁ ରାଣୀବନ୍ଧି ତା'ର ଅସ୍ତିତ୍ୱ ହରାଇବାକୁ ବସିଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଧର୍ମଶାଳାର ଭାରପ୍ରାପ୍ତ ତହସିଲଦାର ସରୋଜ କୁମାର ପଣ୍ଡା କୁହନ୍ତି, ଧର୍ମଶାଳା ତହସିଲ ଅଧୀନରେ ଥିବା ସମସ୍ତ ବେଆଇନ ଖାଦାନ ଉପରେ ଅନୁଧ୍ୟାନ ଚାଲିଛି। ପର୍ଯ୍ୟାୟକ୍ରମେ ଚଢାଉ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସ୍ୱାମୀଙ୍କ ମୃତଦେହ...

ମହାଦେବ ହାଇଦ୍ରାବାଦ ଯାଇଥିଲେ। ସେଠାରେ ଜଣେ ଠିକାଦାରଙ୍କର ପୋକ୍‌ଲିନ ଚାଳକ ଭାବେ କାମ କରୁଥିଲେ। ଯାହା ରୋଜଗାର ହୁଏ ସେଠାରେ ନିଜେ ଚଳିବା ସହ ପରିବାର ପାଇଁ ଟଙ୍କା ପଠାନ୍ତି। ହେଲେ ଗତ ୭ ତାରିଖ ଥିଲା ତାଙ୍କ ପାଇଁ କାଳର ଦିନ। ମହାଦେବ ବସା ଘରେ ବିଶ୍ରାମ ନେଇଥିଲେ। ଏହିସମୟରେ ଏକ ରଣା ସାପ ତାଙ୍କ ପେଟକୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫୋନ ଯୋଗେ ମହାଦେବଙ୍କ ମୃତ୍ୟୁ ଖବର ପରିବାର ସଦସ୍ୟ ପାଇଥିଲେ। ଫଳରେ ଘରେ ଚୁଲି ଜଳି ନ ଥିଲା। ମହାଦେବଙ୍କ ଭାଇ ମୃତଦେହ ଆଣିବା ପାଇଁ କେତେଜଣ ସହଯୋଗୀଙ୍କ ସହ ହାଇଦ୍ରାବାଦ ଯାଇଥିଲେ। ଶନିବାର ରାତିରେ ମହାଦେବଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ଆତ୍ମୀୟ ସ୍ୱଜନ, ଗାଁ ଲୋକ ମୃତଦେହକୁ ଶ୍ମଶାନ ନେବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ସ୍ୱାମୀଙ୍କ ଏଭଳି ଅକାଳ ମୃତ୍ୟୁକୁ ସହ୍ୟ କରିପାରି ନ ଥିଲେ ରେବତୀ। ଜୀବନ ହାରିବାକୁ ଚରମ ନିଷ୍ପତ୍ତି ନେଇ ବିଷ ପିଇଦେଇଥିଲେ। ଗୋଟିଏ ପଟେ ମହାଦେବଙ୍କ ମୃତ୍ୟୁଦେହ ସତ୍କାର ହେଉଥିବାବେଳେ ଅନ୍ୟପଟେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରେବତୀ ମୃତ୍ୟୁ ସହ ସଂଗ୍ରାମ ଚଳାଇଥିଲେ। କିନ୍ତୁ ରବିବାର ଅପରାହ୍ଣରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ୨୪ ଘଣ୍ଟା ମଧ୍ୟରେ ଗାଁ ଶ୍ମଶାନରେ ପୁଣି ଜଳିଥିଲା ଜୁଇ। ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଥାନା ପରିସରରେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ସୋହେଲା,୧୦।୨(ଡି.ଏନ.ଏ.)

**ଖାକିରେ କଳଙ୍କ**

ବରଗଡ ଜିଲା ମେଲଛାମୁଣ୍ଡା ଥାନା ଅଞ୍ଚଳରେ ଜଣେ ଦଶମଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଛି। ଏହି ଘଟଣାରେ ଜଣେ ଯୁବକଙ୍କ ସମେତ ସୋହେଲା ଥାନାର ଜଣେ ପୋଲିସ ଏଏସ୍‌ଆଇ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ରବିବାର ଏ ନେଇ ମେଲଛାମୁଣ୍ଡା ଥାନାରେ ଆଇପିସିର ଧାରା ୩୬୩, ୩୬୬, ୩୭୬ ଓ ପୋକ୍ସୋ ଆକ୍ଟର ଧାରା ୬ ଅନୁସାରେ ଏକ ମାମଲା (ନଂ.୧୫/୧୯) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିବା ସହ ପୀଡିତା ଛାତ୍ରୀଙ୍କୁ ଡାକ୍ତରୀ ମାଇନା ପାଇଁ ବରଗଡ ପଠାଇଛି। ଏହି ଘଟଣା ପରେ ବରଗଡ଼ ପୋଲିସ ପୋଷାକରେ କଳଙ୍କର ଛିଟା ଲାଗିଛି।

ଅଭିଯୋଗ ଅନୁସାରେ, ମେଲଛାମୁଣ୍ଡା ଥାନା ଅଞ୍ଚଳର ଏହି ନାବାଳିକା ତାଙ୍କ ମାମୁଘରେ ରହି ଦଶମ ଶ୍ରେଣୀରେ ପଢୁଥିଲେ। ସେ ଶୁକ୍ରବାର ସକାଳ ସାଢେ ୬ଟାରେ ଦୀପ୍ତିପୁର ଗାଁକୁ ଟିଉଶନ ହେବାକୁ ଯାଇ ଘରକୁ ଫେରି ନ ଥିଲେ। ମାମୁଘର ଲୋକେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ସନ୍ଧ୍ୟାରେ ମେଲଛାମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ଉକ୍ତ ଛାତ୍ରୀଙ୍କୁ ଖୋଜାଖୋଜି କରିଥିଲା। ମେଲଛାମୁଣ୍ଡା ପୋଲିସ ଶନିବାର ରାତି ୮ଟାରେ ଉକ୍ତ ନାବାଳିକା ଛାତ୍ରୀଙ୍କୁ ସୋହେଲାରୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦେଇଥିଲା। ପରିବାର ଲୋକେ ନାବାଳିକାଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଜଣେ ଯୁବକଙ୍କ ସମେତ ସୋହେଲା ଥାନାର ଜନୈକ ପୋଲିସ ଅଧିକାରୀ ତାଙ୍କୁ ବଳାତ୍କାର କରିଥିବା ଜଣାପଡିଥିଲା।

ନାବାଳିକାଙ୍କ କହିବା ମୁତାବକ, ଗତ ଶୁକ୍ରବାର ସକାଳେ ମେଲଛାମୁଣ୍ଡା ଗ୍ରାମର ଜଣେ ଯୁବକ ତାଙ୍କୁ ଏକ ବାଇକ୍‌ରେ ବସାଇ ସୋହେଲା ନେଇଥିଲେ। ସେ ସୋହେଲା ଥାନା ଆଗରେ ବାଇକ୍ ରଖି ଥାନାର ଜଣେ ଏଏସ୍‌ଆଇଙ୍କଠାରୁ ତାଙ୍କ ଭଡାଘର ଚାବି ଆଣି ତାଙ୍କୁ ସେଠାକୁ ନେଇଥିଲେ ଏବଂ ସେଠାରେ ବଳାତ୍କାର କରିବା ପରେ ଉକ୍ତ ଘରେ ରଖି ବାହାରୁ ତାଲା ପକାଇ ପଳାଇ ଯାଇଥିଲେ। ଏହାପରେ ଏଏସଆଇ ଜଣକ ସନ୍ଧ୍ୟାରେ ତାଙ୍କ ଭଡାଘରକୁ ଆସି ନାବାଳିକାଙ୍କ ମୁହଁରେ କପଡା ବାନ୍ଧି ଥାନା ପରିସରରେ ଥିବା ଏକ କୋଠରିକୁ ନେଇ ରାତିରେ ତାଙ୍କୁ ବଳାତ୍କାର କରିଥିଲେ। ଫଳରେ ନାବାଳିକା ଜଣକ ଚେତାଶୂନ୍ୟ ହୋଇ ପଡିଥିଲେ। ଚେତା ଫେରିବା ପରେ ପରଦିନ ଅର୍ଥାତ୍ ଶନିବାର ମଧ୍ୟାହ୍ନ ୧୨ଟାରେ ଏଏସ୍‌ଆଇ ଜଣକ ଏକ ବସ୍‌ରେ ଉକ୍ତ ନାବାଳିକାଙ୍କୁ ବରଗଡ ପଠାଇ ଦେଇଥିଲେ। ନାବାଳିକା ଜଣକ ବରଗଡରେ ଥିବାବେଳେ ସେ ସନ୍ଧ୍ୟାରେ ଉକ୍ତ ନାବାଳିକାଙ୍କୁ ଫୋନ୍ କରି ତୋର ମା'ବାପା ବହୁତ କାନ୍ଦୁଛନ୍ତି, ତୁ ଫେରିଆ ବୋଲି କହିଥିଲେ। ନାବାଳିକା ଜଣକ ଏକ ବସ୍‌ରେ ଆସି ସୋହେଲା ଥାନା ଛକରେ ପହଞ୍ଚିଥିଲେ। ଏହା ପୂର୍ବରୁ ସୋହେଲା ଥାନାକୁ ତଦନ୍ତ ପାଇଁ ଆସିଥିବା ମେଲଛାମୁଣ୍ଡା ଥାନା ପୋଲିସ ଉକ୍ତ ନାବାଳିକାଙ୍କୁ ଦେଖିଥିଲା ଏବଂ ତାଙ୍କୁ ମେଲଛାମୁଣ୍ଡା ନେଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ରବିବାର ନାବାଳିକାଙ୍କ ବାପା ମେଲଛାମୁଣ୍ଡା ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ମେଲଛାମୁଣ୍ଡାରେ ଥାନା ଅଧିକାରୀ ନ ଥିବାରୁ ସୋହେଲା ପୋଲିସ ଏହି ଘଟଣାର ତଦନ୍ତ କରୁଛି। ଏ ସମ୍ପର୍କରେ ସୋହେଲା ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ରଙ୍କୁ ପଚରାଯିବାରୁ ଏପରି ଏକ ସମ୍ବେଦନଶୀଳ ଘଟଣାର ଉଚିତ ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ମୁକୁଲଙ୍କ ବିରୋଧରେ...

ପ୍ରଥମ ପୃଷ୍ଠାରୁ...



ଖବରଦାତା ସମ୍ମିଳନୀରେ ମୁକୁଲ ରୟ।

ମମତା ବାନାର୍ଜୀଙ୍କ ସହ ମତଭେଦ ହେବାରୁ ସେ ଗତବର୍ଷ ଦଳ ଛାଡି ଭାଜପାରେ ଯୋଗ ଦେଇଥିଲେ। ଟିଏମ୍‌ସିର ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଅନ୍ୟ ପକ୍ଷରେ ବିଶ୍ୱାସଙ୍କ ହତ୍ୟାର କାରଣ ଟିଏମ୍‌ସିରେ ଅନ୍ତର୍ଦ୍ୱନ୍ଦ୍ୱ କାରଣରୁ ହୋଇଥିବା ସେ ଅଭିଯୋଗ କରିଛନ୍ତି। ମନ୍ତ୍ରୀ ଓ ବିଧାୟକ ଯୋଗ ଦେଇଥିବା ପୂଜା ପେଣ୍ଡାଲରେ ସୁରକ୍ଷାରେ ତ୍ରୁଟି ପାଇଁ ଥାନାର ଭାରପ୍ରାପ୍ତ ଅଧିକାରୀ ଏବଂ ଜଣେ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ବିଧାୟକ ବିଶ୍ୱାସଙ୍କୁ ପଛପଟୁ ଗୁଳି କରାଯାଇଥିଲା ଏବଂ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ : ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ।
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact
8658340105

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.:
9179208056
8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର
7827094474
7827246964
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra




**ସଂକ୍ଷେପରେ**

## ୧୪ରୁ ପ୍ରାଦେଶିକ ସନାତନ ଧର୍ମ ସମ୍ମିଳନୀ

ରାଜନଗର, ୧୦।୨(ଡିଏନଏ)- ଜଗତଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ଆନୁକୂଲ୍ୟରେ ରାଜନଗର ବ୍ଲକର ମଧୁପୁର ମଠଆଡିଆ ଠାରେ ପ୍ରାଦେଶିକ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତମିଳନ ଉତ୍ସବ ଅନୁଷ୍ଠିତ ହେବ। ଚଳିତମାସ ୧୪ ତାରିଖ ଠାରୁ ୧୭ ତାରିଖ ଯାଏଁ ୪ଦିନ ଧରି ଏହି ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଧର୍ମ ସମ୍ମିଳନୀରେ ଶାନ୍ତି ଆନନ୍ଦାଶ୍ରମ କରମଳାର ସନ୍ୟାସୀଙ୍କ ସହିତ ସାଧୁସନ୍ଥ, ପଣ୍ଡିତ ଓ ପ୍ରବଚକମାନେ ଯୋଗଦେଇ ସନାତନ ଧର୍ମର ମୌଳିକ ତତ୍ତ୍ୱ ଓ ଜଗତଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଧାତ୍ମିକ ଦର୍ଶନ ଉପରେ ଉଦ୍‌ବୋଧନ ଦେବେ। ଧର୍ମ ସମ୍ମିଳନୀରେ ବାବାଜୀ ଅନ୍ତର୍ଯ୍ୟାମୀ ଦାସ, ବାବାଜୀ ସଦାନନ୍ଦ ଦାସ, ହରେକୃଷ୍ଣ ଦାସ, ବ୍ରହ୍ମଚାରୀ ହରିହର ଦାସ, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବାବାଜୀ ଅରକ୍ଷିତ ଦାସ, ବାବାଜୀ ଦିବ୍ୟ ଚୈତନ୍ୟ ଦାସ, ବ୍ରହ୍ମଚାରୀ ହରିହର ଦାସଙ୍କ ସମେତ ଶତାଧିକ ସାଧୁସନ୍ଥ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୧୪ ତାରିଖ ଦିନ ରାଜନଗର ସେବାଶ୍ରମଠାରୁ ଠାକୁର ଅଭିରାମ ପରମହଂସ ଦେବଙ୍କୁ ସୁସଜ୍ଜିତ ରଥରେ ଦୀର୍ଘ ୨୦ କିଲୋମିଟର ଯାଏଁ ନାମ ସଂକୀର୍ତ୍ତନ ମାଧମରେ ଶୋଭାଯାତ୍ରାରେ ସମ୍ମିଳନୀ ମଣ୍ଡପକୁ ପାଛୋଟି ନେବାର କାର୍ଯ୍ୟକ୍ରମ ରହିଛି।

## ପାଟନାଳୀରୁ ଅବରୋଧ ହଟାଇବା ଦାବିରେ ଆନ୍ଦୋଳନ ଚେତାବନୀ

ପଟ୍ଟାମୁଣ୍ଡାଇ, ୧୦।୨ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତରେ ଥିବା ପାଟନାଳୀରୁ ଅବରୋଧ ହଟାଇବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହୋଇଆସୁଛି । ପାଟନାଳୀ ଅବରୋଧ ଯୋଗୁ ପ୍ରତିବର୍ଷ ହଜାର ହଜାର ଏକର ଧାନ ଫସଲ ପଚି ନଷ୍ଟ ହେଉଛି । ଏହାର କୌଣସି ପ୍ରତିକାର କରା ଯାଉ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଲାଗି ରହିଛି । ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଚାଷୀମାନେ ତହସିଲ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ପାଟନାଳୀ ଅବରୋଧ ଯୋଗୁ ଚନ୍ଦନନଗର ପଞ୍ଚାୟତର ବନ୍ତୋ, ହରନବାବୀ, ତେତଲଙ୍ଗା, ଅନ୍ଧାରୁଆ, ଠାକୁରପାଟଣା, ଗୋପ୍ତିରା, ବାଲିଆ, ଦରବାଡ, ଚନ୍ଦନନଗର, ଅଢାଯୋଡି ପ୍ରଭୃତି ଗ୍ରାମର ଚାଷ ଜମିରୁ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସିତ ହୋଇ ପାରୁନାହିଁ । ଏଥିସହିତ ଶାସନ ପଞ୍ଚାୟତ ଭେଡାରୁ ଉଦ୍‌ବୃତ୍ତ ବର୍ଷା ଜଳ ଏହି ପାଟନାଳୀ ଦେଇ ନିଷ୍କାସିତ ହେଉ ନ ଥିବାରୁ ତାହା ଚାଷୀମାନଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି । ଏବେ ଉକ୍ତ ପାଟନାଳୀ ଖନନ କରାଯାଉଥିବା ବେଳେ ଉକ୍ତ ସ୍ଥାନ ଜଣେ ବ୍ୟକ୍ତିଙ୍କ ଚାଷ ଜମି ହୋଇଥିବାରୁ ସେ ପାଟନାଳୀ ଖୋଳାଇ ଦେଉ ନାହାନ୍ତି । ଏଥିନେଇ ଚାଷୀମାନେ ଗତ ୨୮ତାରିଖରେ କେନ୍ଦ୍ରାପଡା ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦେଇଥିଲେ । ପୁନର୍ବାର ଏହି ଅଞ୍ଚଳର ଈଶ୍ୱର ମଲିକ, ସରୋଜ କର, ଅଜୟ ବେହେରା, ରବୀନ୍ଦ୍ର ଦାସ, ରାଜେନ୍ଦ୍ର ସାହୁ, ନିରାକର ଦାସ, ଅଜୟ ଦାସ, ଉଦୟନାଥ ମଲିକ, ବଳରାମ ନାଥ, କେଶବ ମଲିକ, ପୁରୁଷୋତ୍ତମ ଘଡାଇ, ପୂର୍ଣ୍ଣଚନ୍ଦ୍ର ସିଂହ, ତାପସ ମଲିକ, ଗୋପାଳ ସ୍ୱାଇଁ, ଅଜୟ ବାୟୀଙ୍କ ସମେତ ଶତାଧିକ ଚାଷୀ ଗତ ୨୯ ତାରିଖ ଦିନ ସ୍ଥାନୀୟ ତହସିଲଦାରଙ୍କୁ ଭେଟି ପାଟନାଳୀ ଖନନ ପାଇଁ ଦାବିପତ୍ର ଦେଇଥିଲେ । ଏ ଦିଗରେ ପଦକ୍ଷେପ ନେବା ପାଇଁ ଜିଲାପାଳ ମଧ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ତହସିଲଦାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ପାଟନାଳୀ ଖନନ ଲାଗି ପଦକ୍ଷେପ ଗ୍ରହଣ କରା ନ ଗଲେ ପୂର୍ବପରି ଫସଲହାନି ସମସ୍ୟା ଲାଗି ରହିବ ବୋଲି ଚାଷୀମାନେ କହିଛନ୍ତି ।


ପାଟନାଳୀକୁ ଅବରୋଧ କରାଯାଇଛି।

## ସାଇନାଥ କଳା ପରିଷଦର ସପ୍ତମ ବାର୍ଷିକୋତ୍ସବ

ମାର୍ଶାଘାଇ, ୧୦।୨(ଡିଏନ୍‌ଏ)

ମାର୍ଶାଘାଇ ବ୍ଲକର ସାଂସ୍କୃତିକ ସଂଗଠନ ସାଇନାଥ କଳା ପରିଷଦର ସପ୍ତମ ବାର୍ଷିକ ଉତ୍ସବ ଏବଂ ପ୍ରତିଭା ସମ୍ମାନ ଉତ୍ସବ ଶନିବାର ଅଙ୍ଗୁଳାଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାଇନାଥ କଳା ପରିଷଦର ସଂଯୋଜକ ସୁବ୍ରତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଦାଶରଥୀ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ,ଜିଲା ସଂସ୍କୃତି ଅଧିକାରୀ ଭରତ ଚନ୍ଦ୍ର ପରିଡା, କେନ୍ଦ୍ରାପଡା ସାଇମନ୍ଦିରର ସୁଧାଂଶୁ ବାଳା, ସଙ୍ଗୀତଜ୍ଞ ଶରତ ନାୟକ, ଯୁବ ସମାଜସେବୀ ଇ. ପ୍ରଦୀପ୍ତ ଶତପଥୀ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ ଜୟଶ୍ରୀ ପତି ଏବଂ ସାଇନାଥ କଳାପରିଷଦର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଅଙ୍ଗୁଳାଇ ସରପଞ୍ଚ ଦୁର୍ଗାବତୀ ପ୍ରଧାନଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫ ଜଣ ପ୍ରତିଭାଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ସାଇନାଥ କଳା ପରିଷଦର ଛାତ୍ରୀଛାତ୍ରମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।


ବାର୍ଷିକ ଉତ୍ସବରେ ଅତିଥି ଓ ଅନ୍ୟମାନେ।

## ସିଙ୍ଗାପୁରରେ ଚାକିରି ଦେବାକୁ କହି ୬ ଲକ୍ଷ ଠକେଇ ଅଭିଯୋଗ

### ରାଜନଗର ଅଞ୍ଚଳର ୧୨ ଯୁବକ ଦେଲେ ଥାନାରେ ଏତଲା

ରାଜନଗର,୧୦।୨(ଡିଏନଏ)

ସୁଦୂର ସିଙ୍ଗାପୁରରେ ଚାକିରି ଦେବାକୁ କହି କେନ୍ଦ୍ରାପଡା ଜିଲା ରାଜନଗର ଅଞ୍ଚଳର ୩୦ ଜଣ ଯୁବକଙ୍କ ଠାରୁ ଜଣେ ବ୍ୟକ୍ତି ୬ ଲକ୍ଷ ଟଙ୍କା ଠକି ନେବା ଘଟଣା ପଦାକୁ ଆସିଛି। ଠକାମିର ଶିକାର ହୋଇଥିବା ଯୁବକଙ୍କ ମଧ୍ୟରୁ ୧୨ ଜଣ ଏ ନେଇ ରବିବାର ରାଜନଗର ଥାନାରେ ଏତଲା ଦେଇଛନ୍ତି ।

ଅଭିଯୋଗ ଅନୁଯାୟୀ, ରାଜନଗର ଗାଁର ଜଣେ ଠିକାଦାର ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କୁ ପାଣିପାଇପ ଶ୍ରମିକ ଭାବେ ବିଭିନ୍ନ ଦେଶକୁ କାମ କରିବାକୁ ପଠାଇଥାନ୍ତି। ବର୍ଷକ ତଳେ ସେ ରାଜନଗର ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗାଁର ଗଙ୍ଗାଧର ରାଉତଙ୍କୁ ସିଙ୍ଗାପୁରରେ ଚାକିରି ଦେବା ସହିତ ସେଠାକୁ ଯିବା ନିମନ୍ତେ ଭିଜା କରାଇ ଦେବାକୁ କହି ୨୦ ହଜାର ଟଙ୍କା ନେଇଥିଲେ। ୨୦୧୭ ଡିସେମ୍ବର ୪ ତାରିଖରେ ସେ ଏହି ଟଙ୍କା ନେଇଥିଲେ। ୨୦୧୮ ଜାନୁୟାରୀରେ ଗଙ୍ଗାଧରଙ୍କୁ କଲିକତା ନେଇ ସିଙ୍ଗାପୁର ପଠାଇବା ଲାଗି ମେଡିକାଲ ଟେଷ୍ଟ କରାଇଥିଲେ। ଭିଜା ଆସିଲା ପରେ ସିଙ୍ଗାପୁର ଯିବ ବୋଲି ଗଙ୍ଗାଧରଙ୍କୁ ଠିକାଦାର ଜଣକ କହିଥିଲେ। ଗଙ୍ଗାଧରଙ୍କ ପରି ରାଜନଗର ଥାନା ଅଧୀନ ବାଘୁଆ, କହ୍ଣୁଆ, ମଙ୍ଗରାଜପୁର, ନୂଆଗାଁ, ରାଜନଗର ଗାଁର ଅନିଲ କୁମାର ପ୍ରଧାନ, ରଞ୍ଜନ କୁମାର ପ୍ରଧାନ, ସୁମନ ମଣ୍ଡଳ, ସର୍ବେଶ୍ୱର ମଲିକ, ଅଭୟ ରାଉତ, ଲମ୍ବୋଦର ପ୍ରଧାନ, ବିକାଶ ସେଠୀ, ନରେଶ କୁମାର ରାଉତ, ଚନ୍ଦ୍ରକାନ୍ତ ସ୍ୱାଇଁ, ରଞ୍ଜନ କୁମାର ରାଉତ, ଉପେନ୍ଦ୍ର ମଲିକଙ୍କ ସମେତ ୩୦ଜଣ ଯୁବକଙ୍କ ଠାରୁ ଠିକାଦାର ଜଣକ ୧୩ ମାସ ତଳୁ ସିଙ୍ଗାପୁରରେ ଚାକିରି ଦେବାକୁ କହି ୨୦ହଜାର ଟଙ୍କା ଲେଖାଏଁ ନେଇଥିଲେ। କିନ୍ତୁ ଚାକିରି ନ ମିଳିବାରୁ ଯୁବକମାନେ ଏ ବିଷୟରେ ତାଙ୍କୁ ପଚାରିବାରୁ ସେ ଆଜିକାଲି କହି ଭୁଆଁ ବୁଲାଉ ଥିଲେ। ଶନିବାର ସେ ତାଙ୍କର ଘର ପ୍ରତିଷ୍ଠା ପାଇଁ ଗାଁକୁ ଆସିଥିଲେ। ଗଙ୍ଗାଧରଙ୍କ ସମେତ ୧୨ଜଣ ଯୁବକ ସଂପୃକ୍ତ ଠିକାଦାରଙ୍କ ଘର ନିକଟରେ ପହଞ୍ଚି ଦେଇଥିବା ଟଙ୍କା ମାଗିଥିଲେ। ସେ ଟଙ୍କା ଫେରାଇବା ବଦଳରେ ଗାଳିଗୁଲଜ କରିଥିଲେ। ଫଳରେ ଯୁବକମାନେ ଠିକାଦାରଙ୍କୁ କାବୁ କରି ରାଜନଗର ଥାନାରେ ରାତି ପ୍ରାୟ ୯ ଟାରେ ପୋଲିସ ଜିମା ଦେଇଥିଲେ। ରବିବାର ଏ ନେଇ ଥାନାରେ ଏତଲା ଦିଆଯିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ମା' ଭଗବତୀ ପ୍ରବନ୍ଧ ପଦାବଳୀ ପୁସ୍ତକ ଉନ୍ମୋଚିତ

**ରାଜନଗର,୧୦।୨(ଡିଏନଏ)** ରାଜନଗର ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ରବିବାର ମା' ଭଗବତୀ ପ୍ରବନ୍ଧ ପଦାବଳୀ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ଉପଲକ୍ଷେ କବି ଅଭିରାମ ସାହୁଙ୍କ ପୌରୋହିତ୍ୟରେ ଏକ ଉତ୍ସବର ଆୟୋଜନ କରାଯାଇଥିଲ। କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ବ୍ୟାଙ୍କ ମୁଖ୍ୟ ପ୍ରମୋଦ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ରଚିତ ମା' ଭଗବତୀ ପ୍ରବନ୍ଧ ପଦାବଳୀ ପୁସ୍ତକ ପଥଭ୍ରଷ୍ଟ ସମାଜକୁ ଦିଗଦର୍ଶନ ଦେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଅଭୟ କୁମାର ବେହେରା ଯୋଗଦେଇ ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପକ ଅତୁଳ ବଳ, ପଣ୍ଡିତ ମୃତ୍ୟୁଞ୍ଜୟ ମିଶ୍ର, ବାସୁଦେବ ମିଶ୍ର ଯୋଗଦେଇ ସାହିତ୍ୟ, ସଂସ୍କୃତି ଓ ପୌରାଣିକ କଥାବସ୍ତୁ ଉପରେ ଏହି ପ୍ରବନ୍ଧ ଆଧାରିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ରଶିଳ୍ପୀ ବିଜୟ କୁମାର ପ୍ରଧାନ, ଗୋଲୋକ ବିହାରୀ ସାହୁ, ବିଜୟ କୁମାର ଜେନା, ଅକ୍ଷୟ ମିଶ୍ର, ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ର, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ସତ୍ୟବାଦୀ ଜେନା, ସୁଶ୍ରୀକାନ୍ତ ପରିଡା, କୃପାସିନ୍ଧୁ ସାମଲ, ଜଗନ୍ନାଥ ଦାସ ପ୍ରମୁଖ ମତ ରଖିଥିଲେ। ବନଫୁଲର ସଂପାଦକ ରତ୍ନାକର ନାୟକ ଅତିଥି ପରିଚୟ ଦେଇଥିଲେ । ପି.ବି. ନାୟକ ଧନ୍ୟବାଦ ଦେଇଥିଲେ।

**JEWELS INTERNATIONAL**
**Chetana College of Special Education**

**(Recognized by SSEPD Department, Govt. of Odisha, Approved by Rehabilitation Council of India) Affiliated to Utkal University**

**Contact : 9437126187, 9437265920, 9090207307**
**E-mail : chetanacollege@yahoo.co.in**
**Website: http://www.chetana-jewelsinternational.org**

Applications are invited for admission in to D.Ed.Special Education (MR) for the Academic Session 2019-2021. Last date for receiving on line application is 15.03.2019. The Prospectus and Application form is available at RCI Website **https://applyadmission.net/aioat2019/.** Application Forms of B.Ed, M.Ed. Special Education (MR) & M.A in Applied Psychology will be available after 15.03.2019.

**Principal**

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା: ଭଦ୍ରକ,
ମାଷ୍ଟର ବାବୁ କମ୍ପ୍ଲେକ୍ସ, ଛପୁଲିଆ, ବାଏପାସ୍ ରୋଡ୍, ଜିଲ୍ଲା: ଭଦ୍ରକ
ଶାଖା ଫୋନ୍ ନଂ.: [illegible], ଶାଖା ଇ-ମେଲ: sbi.18397@sbi.co.in

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

[illegible]

**ଇ-ନିଲାମ ତାରିଖ ଏବଂ ସମୟ: ତା୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

**ଅନୁମତିପ୍ରାପ୍ତ ଅଧିକାରୀ: ଜାମିନୀ ରଞ୍ଜନ ସାହୁ, ଇ-ମେଲ: jamini.sahu@sbi.co.in, ମୋ: [illegible]**

| କ୍ର. ନଂ. | ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଅଧାର ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅଗ୍ରୀମ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | [illegible] | [illegible] | [illegible] | [illegible] | [illegible] |
| ୨. | [illegible] | | [illegible] | [illegible] | [illegible] |

[illegible]

ସମ୍ପତ୍ତିଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ତା.୨୧.୦୨.୨୦୧୯ରିଖ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା


ଅଗ୍ରୀମ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ:
**ତା.୨୬.୦୨.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ**

ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୱେବସାଇଟ୍ www.sbi.co.in at link https://bank.sbi/portal/web/home/auction-notices ଦେଖନ୍ତୁ

ତାରିଖ : ୦୮.୦୨.୨୦୧୯, ସ୍ଥାନ: ଭଦ୍ରକ — ସ୍ୱା/-ଅନୁମତିପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଭାରତ ସରକାର

**ସାରା ଓଡ଼ିଶାରେ ଏକ ସାଥିରେ ପାଳନ ହେଉଛି**



**ଉଜ୍ଜ୍ୱଳା "ସ୍ୱାଭିମାନ ଉତ୍ସବ"**

**ଶ୍ରୀମତୀ ଉମା ଭାରତୀ**
ପାନୀୟ ଜଳ ଏବଂ ପରିମଳ ମନ୍ତ୍ରୀ
ଭାରତ ସରକାର

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେବେ

**ଉତ୍ସବ ସ୍ଥଳ**

| ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ | ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ |
|---|---|---|---|
| ମୟୂରଭଞ୍ଜ | ମେଳଣ ପଡ଼ିଆ, କରଞ୍ଜିଆ | ଗଞ୍ଜାମ | [illegible] |
| ମୟୂରଭଞ୍ଜ | [illegible] | ଗଞ୍ଜାମ | [illegible] |
| ବାଲେଶ୍ୱର | [illegible] | ଗଞ୍ଜାମ | [illegible] |
| ଭଦ୍ରକ | ବ୍ଲକ୍ ଅଫିସ୍ ସାମ୍ନା ପଡ଼ିଆ, [illegible] | ରାୟଗଡ଼ା | [illegible] |
| କେନ୍ଦ୍ରାପଡ଼ା | ରାଜନଗର ହାଇସ୍କୁଲ ପଡ଼ିଆ, ରାଜନଗର | କୋରାପୁଟ | ବ୍ଲକ୍ ଅଫିସ୍ ପାଖ ପଡ଼ିଆ, [illegible] |
| ଯାଜପୁର | [illegible] | ମାଲକାନଗିରି | [illegible] |
| କେନ୍ଦୁଝର | [illegible] | ନବରଙ୍ଗପୁର | [illegible] |
| ଅନୁଗୋଳ | [illegible] | କଳାହାଣ୍ଡି | [illegible] |
| ଢେଙ୍କାନାଳ | [illegible] | ନୂଆପଡ଼ା | [illegible] |
| କଟକ | [illegible] | ବଲାଙ୍ଗୀର | [illegible] |
| କଟକ | [illegible] | ବରଗଡ଼ | [illegible] |
| ଜଗତସିଂହପୁର | [illegible] | ଝାରସୁଗୁଡ଼ା | [illegible] |
| ପୁରୀ | [illegible] | ସମ୍ବଲପୁର | [illegible] |
| ଖୋର୍ଦ୍ଧା | [illegible] | ସୁନ୍ଦରଗଡ଼ | [illegible] |
| ନୟାଗଡ଼ | [illegible] | ସୁନ୍ଦରଗଡ଼ | [illegible] |

**୧୧ ଫେବୃୟାରୀ ୨୦୧୯**

## ସଂକ୍ଷେପରେ

### ବାଗ୍‌ଦେବୀଙ୍କୁ ଆରାଧନା



**ବିରିଡ଼ି,୧୦।୨(ଡି.ଏନ.ଏ.):** ବିଦ୍ୟାଦାତ୍ରୀ ମା'ସରସ୍ୱତୀଙ୍କୁ ରବିବାର ଆରାଧନା କରାଯାଇଛି। ଏହି ଅବସରରେ ବିରିଡ଼ି ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ, ପାଠାଗାରାରେ ମା'ଙ୍କ ପୂଜା ପାଳିତ ହୋଇଛି। ବିଶେଷକରି ସେଣ୍ଟ ଜାଭିୟର ହାଇସ୍କୁଲ, କମଲପୁର-ମଇଁଦିପୁର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅଣଖିଆ, କୁଲକଇଜଙ୍ଗା, ବଟିମୀରା, ମଙ୍ଗୁଳି, ଚାଷୀଖଣ୍ଡଠାରେ ମା'ଙ୍କ ପୂଜା ବେଶ ଆକର୍ଷଣ ହୋଇଥିଲା।

**ତିର୍ତ୍ତୋଲ,(ଡି.ଏନ.ଏ.):** ତିର୍ତ୍ତୋଲର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କ୍ଲବରେ ମା'ଙ୍କ ପୂଜା ପାଳିତ ହୋଇଯାଇଛି। ଆଦିକବି ସାରଳା ଦାସ କଲେଜ, ରଘୁପତି ଆଇଡିଆଲ ସ୍କୁଲ, ତିର୍ତ୍ତୋଲ ବାଳିକା ହାଇସ୍କୁଲ, ମଣିଚରଣ ସାରଳା ଏକାଡେମୀ ସମେତ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ମା'ଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଥିଲା। ସେହିପରି ସିଳନ୍ଦୀ-ଖନ୍ଦୋଳ ଗ୍ରାମର ଗଡେଶ୍ୱର ଯୁବ ପରିଷଦ, ବିବଚ୍ଛପୁରର ବଜ୍ରମହାକାଳି ପାଠାଗାର, ନାଳିଆପାଳର ବୁଢ଼ି କେନ୍ଦୁଳାଇ ଯୁବକ ସଂଘ, ଠାକୁରାଣୀ ଖର୍ଦ୍ଦାର ଚୁଆଁମା ପାଠାଗାର ଆଦିରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ପାରାଦୀପ,(ସ୍ୱ.ପ୍ର.):** ପାରାଦୀପର ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ନୂଆଗଡ଼ ଶିକ୍ଷାନୁଷ୍ଠାନରେ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଥିଲା। ବିଜୟଚନ୍ଦ୍ରପୁରଠାରେ ବିବେକାନନ୍ଦ ଯୁଥ କ୍ଲବର ବାର୍ଷିକ ଉତ୍ସବ ସହ ସରସ୍ୱତୀ ପୂଜା ହୋଇଥିଲା। ଏଥିରେ ନିପାଣିଆ ଡଙ୍ଗାବୁଡ଼ିବେଳେ ଉଦ୍ଧାର କରିଥିବା ୩ଜଣ ନାବାଳିକାଙ୍କୁ ସମ୍ମାନିତ କରାଯାଇଥିଲା।

### ତାଳଦଣ୍ଡା ବଜାରରୁ ଚୋରି

**କୁଜଙ୍ଗ,୧୦।୨(ସ୍ୱ.ପ୍ର.):** ଶନିବାର ରାତିରେ ତାଳଦଣ୍ଡା ବଜାରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ବିଭିନ୍ନ ଦୋକାନର ତାଲା ଭାଙ୍ଗି ବହୁ ସମାଗ୍ରୀ ଲୁଟି ନେଇଛନ୍ତି। ବଜାରର ରମେଶ ମହାନ୍ତିଙ୍କ ପାନ ଦୋକାନ, ମିଲୁ ବେହେରା ଅଣ୍ଡା ଦେକାନ, ବିଭୂତି ଦାସଙ୍କ ପାନ ଦୋକାନର ତାଲା ଭାଙ୍ଗି ଚୋରି କରିଛନ୍ତି। ସେହିପରି ପଙ୍କପାଳ ବଜାରରୁ ଘନ ଘନ ଚୋରି ହେବାଯୋଗୁ ଲୋକେ ପୋଲିସ ଉପରେ ଭରସା ତୁଟାଇ ଦେଇ ଏବେ ରାତିପାଳି କରି ଦୋକନା ଜଗୁଛନ୍ତି।

■ ଧନୁଷ କମାଣ ଯନ୍ତ୍ରାଂଶ ହେରଫେର ମାମଲା

# ସାରଦାଙ୍କ ମୃତ୍ୟୁପରେ ଅସହାୟ ପରିବାର

**ଜଗତ୍‌ସିଂହପୁର ଅଫିସ, ୧୦।୨**



ସାରଦା, ତାଙ୍କ ସ୍ତ୍ରୀ ଓ ଦୁଇ ସନ୍ତାନଙ୍କ ଫାଇଲ ଫଟୋ।

- ■ ତଥ୍ୟ ପ୍ରମାଣ ନଷ୍ଟ ପାଇଁ ସାରଦାଙ୍କୁ ହତ୍ୟା ଅଭିଯୋଗ
- ■ ସୁରକ୍ଷା ପାଇଁ ନିବେଦନ
- ■ ଅଭିଯୁକ୍ତଙ୍କୁ ଫାଶୀ ଦାବି

୨୦୧୪ ଧନୁଷ କମାଣ ଯନ୍ତ୍ରାଂଶ ହେରଫେର ମାମଲା ଭିନ୍ନ ମୋଡ ନେଇଛି। ମାମଲାର ତଦନ୍ତ ଦାୟିତ୍ୱ ସିବିଆଇ ନେଇଥିବାବେଳେ ସାକ୍ଷ୍ୟପ୍ରମାଣ ନଷ୍ଟ ପାଇଁ ଜବଲପୁର ଗନ୍ କ୍ୟାରେଜ ଫ୍ୟାକ୍ଟ୍ରିର ଜୁନିୟର ୱାର୍କସ୍ ମ୍ୟାନେଜର ସାରଦା ଚରଣ ଖଟୁଆଙ୍କୁ ହତ୍ୟା କରାଯାଇଛି। ଏଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି, ଖଟୁଆଙ୍କ ସ୍ତ୍ରୀ ମୌସୁମୀ। କେବଳ ଏତିକି ନୁହେଁ, ଅଭିଯୁକ୍ତମାନେ ଆଉ କିଛି ଅଘଟଣ ଘଟାଇବା ଭୟରେ ମୌସୁମୀ ଅସହାୟ ହୋଇ ପଡିଛନ୍ତି। ଏ ପରିସ୍ଥିତିରେ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବା ସହ ଅଭିଯୁକ୍ତଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଇ ଫାଶୀ ଦିଆଯାଉ ବୋଲି ମୌସୁମୀ ଓ ତାଙ୍କ ପରିବାର ସଦସ୍ୟ ଦାବି କରିଛନ୍ତି।

ସାରଦାଙ୍କ ଘର ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ପିଟେଇପୁର ପଞ୍ଚାୟତର କୋକିଳପୁର ଗ୍ରାମରେ। ସେ କଟକର ଭୁବନାନନ୍ଦ ଇଞ୍ଜିନିୟରିଂ କଲେଜରେ ଶିକ୍ଷାଲାଭ ପରେ ପ୍ରଥମେ ସଇଁତଳା ଗୋଳା ବାରୁଦ କାରଖାନାରେ ନିଯୁକ୍ତି ପାଇଥିଲେ। ପରେ ଜବଲପୁର ଗନ୍ କ୍ୟାରେଜ ଫ୍ୟାକ୍ଟ୍ରିରେ ଯୋଗ ଦେଇଥିଲେ। ୧୦/୧୨ ବର୍ଷ ହେବ ସେ ଏହି ଫ୍ୟାକ୍ଟ୍ରିରେ ଜୁନିୟର ୱାର୍କସ୍ ମ୍ୟାନେଜର ଭାବେ କାର୍ଯ୍ୟରତ ଥିଲେ। ୨୦୧୪ରେ ଧନୁଷ କମାଣ (ବନ୍ଧୁକ) ତିଆରି ପାଇଁ ଟେଣ୍ଡର ହୋଇଥିଲା। ସେତେବେଳେ ଦିଲ୍ଲୀର ଏକ କମ୍ପାନୀ ଏହି ଟେଣ୍ଡର ପାଇଥିଲା। ସର୍ତ୍ତ ଥିଲା କମାଣ ତିଆରି ପାଇଁ ଜର୍ମାନୀ ଯନ୍ତ୍ରାଂଶ ବ୍ୟବହାର ହେବ। କିନ୍ତୁ ପରବର୍ତ୍ତୀ ସମୟରେ ଅଭିଯୋଗ ହୋଇଥିଲା ଏଥିରେ ଅନେକ ଅନିୟମିତତା ହୋଇଛି। ଅଭିଯୋଗକୁ ଭିତ୍ତି କରି ତଦନ୍ତ କରାଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ତଦନ୍ତ ରିପୋର୍ଟ ଶୀତଳ ଭଣ୍ଡାରରେ ରହିଯାଇଥିଲା। ୨୦୧୮ରେ ଏହି ଫାଇଲ ପୁଣିଥରେ ଖୋଲା ଯାଇଥିଲା। ସିବିଆଇକୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ସିବିଆଇ ଏହା ପରେ ୨୬ ଅଧିକାରୀଙ୍କୁ ପଚରାଉଚୁରା କରିଥିଲା। ଏହି ୨୬ଜଣଙ୍କ ମଧ୍ୟରେ ସାରଦା ଅନ୍ୟତମ। ଗତ ଜାନୁୟାରୀ ୧୦ରେ ସାରଦାଙ୍କ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ସିବିଆଇ ଯାଞ୍ଚ କରିଥିଲା। କିନ୍ତୁ କିଛି ତଥ୍ୟପ୍ରମାଣ ପାଇ ନ ଥିବା ସାରଦାଙ୍କ ପରିବାର ପକ୍ଷରୁ କୁହାଯାଇଛି। ସିବିଆଇ ଅଧିକାରୀମାନେ କିନ୍ତୁ ଏତିକିରେ ସନ୍ତୁଷ୍ଟ ହୋଇ ନ ଥିଲେ। ଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ହାଜର ପାଇଁ ପରେ ନୋଟିସ୍ କରିଥିଲେ।

ସିବିଆଇରେ ହାଜର ପୂର୍ବରୁ ଆଇନଗତ ପରାମର୍ଶ ପାଇଁ ସାରଦା ଚିନ୍ତା କରିଥିଲେ। ଏନେଇ ସେ ଗତମାସ ୧୭ ତାରିଖରେ ଓକିଲ ପରାମର୍ଶ କରିବା ପାଇଁ ଘରୁ ବାହାରି ଯାଇଥିଲେ। କିନ୍ତୁ ଦୁଃଖର କଥା ହେଲା ସେ ଆଉ ଫେରି ନ ଥିଲେ। ପରିବାର ପକ୍ଷରୁ ବହୁ ଖୋଜାଖୋଜି ସହ ଘମାପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସାରଦାଙ୍କ ସ୍ତ୍ରୀ ମୌସୁମୀଙ୍କ ଅଭିଯୋଗ ଉପରେ ପୋଲିସ ଏକ ମିସିଂ ମାମଲା ରୁଜୁ କରିଥିଲା। ପରେ ଅର୍ଥାତ୍ ଫେବ୍ରୁୟାରୀ ୫ରେ ସାରଦାଙ୍କ ଗଳିତ ମୃତଦେହ ଜବଲପୁରର ଏକ ନିଛାଟିଆ ପାହାଡ଼ ନିକଟରେ ପଡିଥିବା ଜଣାପଡିଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରିଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ ସାରଦାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଅର୍ଥାତ୍ କେହି ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ରିପୋର୍ଟକୁ ଆଧାର କରି ପୋଲିସ ନିଖୋଜ ମାମଲାରୁ ହତ୍ୟା ମାମଲାକୁ ରୂପାନ୍ତରିତ କରିଥିଲା। ସାରଦାଙ୍କ ମୃତଦେହ ଜବଲପୁରରେ ଦାହ କରାଯାଇଥିଲା। ୮ ତାରିଖରେ ସ୍ତ୍ରୀ ମୌସୁମୀ ଅସ୍ଥି ଧରି କୋକିଳପୁରରେ ପହଞ୍ଚିଛନ୍ତି। ଗାଁରେ ଛୋଟ ଝିଅଟିକୁ ଧରି ମୌସୁମୀ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏହି ମାମଲାକୁ ସରକାର ଓ ପୋଲିସ ଗମ୍ଭୀରତାର ସହ ନେଇଛନ୍ତି। ହତ୍ୟାକାଣ୍ଡର ରହସ୍ୟ ଜାଣିବା ପାଇଁ ୧୦ଟି ତଦନ୍ତକାରୀ ଦଳ ଗଠନ କରାଯାଇଛି। ଏ ସମ୍ପର୍କରେ ମୌସୁମୀ କୋହଭରା କଣ୍ଠରେ କହିଛନ୍ତି, ତାଙ୍କ ପରିବାର ଭାସିଗଲା। ୨ଟି ଝିଅ ଓ ସେ ସାରଦାଙ୍କ ଉପରେ ନିର୍ଭରଶୀଳ ଥିଲେ। ବଡ ଝିଅ କଲେଜରେ ପଢୁଥିବାବେଳେ ସାନ ହାଇସ୍କୁଲରେ ଶିକ୍ଷାଲାଭ କରୁଛନ୍ତି। ସ୍ୱାମୀଙ୍କୁ ଯେଉଁଭଳି ଭାବେ ହତ୍ୟା କରାଗଲା ତାହା ତାଙ୍କ ଜୀବନ ଆକାଶରେ ବାଦଲ ଘୋଟାଇ ଦେଇଛି। ପିଲା ଦୁହିଁଙ୍କୁ ନେଇ ସେ ଆଗକୁ କିପରି ବଞ୍ଚିବେ ତାହା କହିବା ମୁସକିଲ ହୋଇପଡିଛି। ଜବଲପୁରରେ ତାଙ୍କ ଜୀବନ ପ୍ରତି ବିପଦ ରହିଛି। କିନ୍ତୁ ସାନ ଝିଅର ଶିକ୍ଷାବର୍ଷ ସରି ନ ଥିବାରୁ ସେ ଜଗତ୍‌ସିଂହପୁର ଫେରିବା କଷ୍ଟକର। ସାରଦା କମାଣ ଦୁର୍ନୀତି ସମ୍ପର୍କରେ ଅନେକ କିଛି ଜାଣିଥିବାରୁ ସେ କାଳେ ସିବିଆଇକୁ କହିଦେବେ ଏ ଭୟରେ ଅଭିଯୁକ୍ତମାନେ ଏଭଳି ନିଷ୍ଠୁର କାମ କଲେ ବୋଲି କୁହାଯାଉଛି। ପୋଲିସ ତଦନ୍ତ ସରିଲେ କାରଣ ସ୍ପଷ୍ଟ ହେବ।

### ସ୍କୁଲରେ ପାଣି ପାଇପ ବସାଇଲେ ପୁରାତନ ଛାତ୍ରୀଛାତ୍ର

**ସାଲେପୁର,୧୦।୨(ଡି.ଏନ୍.ଏ.):** ସାଲେପୁର ହାଇସ୍କୁଲରେ ପାନୀୟ ଜଳ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ରମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପିଲାମାନେ ନଳକୂପ ପାଖରେ ହାତମୁହଁ ଧୋଉଥିବା ବେଳେ ସେହି ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିଲେ। ଏନେଇ ବିଦ୍ୟାଳୟର ୧୯୯୧ମସିହାର ଛାତ୍ରୀଛାତ୍ରମାନେ ସ୍କୁଲ ଭିତରେ ପାଣି ପାଇପ୍ ବ୍ୟବସ୍ଥା କରିବା ପାଇଁ ଅଣ୍ଟା ଭିଡିଥିଲେ। ସେମାନେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ସାଲେପୁର ହାଇସ୍କୁଲ ପଛପଟ ପୋଖରୀ ପାଖରେ ଏକ ପାନୀୟଜଳ ପ୍ରକଳ୍ପ ତିଆରି କରି ସ୍କୁଲରେ ପାଣି ପାଇପ୍ ବସାଇଛନ୍ତି। ରବିବାର ଏହାକୁ ଉଦ୍‌ଘାଟନ କରାଯାଇଛି। ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶ ଏହି ପ୍ରକଳ୍ପକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରଜନୀକାନ୍ତ ଦାଶ, ସାଲେପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ଶ୍ରୀକାନ୍ତ ପଣ୍ଡା, ପୂର୍ବତନ ସାଲେପୁର ହାଇସ୍କୁଲର ଶିକ୍ଷକ ହାଡ଼ିବନ୍ଧୁ ନନ୍ଦ ଓ ଗୌତମ ମହାରଣା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୁରାତନ ଛାତ୍ରୀଛାତ୍ର ମିଲନ୍ କୁମାର ବିଶ୍ୱାଳ, ମନ୍ମଥ ଦାସ, ମମତା କର ଓ ଅକ୍ଷୟ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ତିହୁଡ଼ା ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ



ମାତୃ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି।

**ନାଉଗାଁ, ୧୦।୨ (ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଯୁବକ ସଂଘ ପକ୍ଷରୁ ରବିବାର ମା'ସରସ୍ୱତୀଙ୍କ ପୂଜା ପାଳିତ ହୋଇଛି। ତିହୁଡା ସରସ୍ୱତୀ ଶିଶୁ ମନ୍ଦିରରେ ମା'ଙ୍କ ପୂଜା କରାଯିବା ସହ ମାତୃ ସମ୍ମିଳନୀ ଆୟୋଜନ କରାଯାଇଥିଲା। ସମ୍ମିଳନୀରେ ମୁଖ୍ୟଅତିଥିଭାବେ ପଟ୍ଟାମୁଣ୍ଡାଇ କଲେଜର ଅବସରପ୍ରାପ୍ତ ଅଧ୍ୟାପିକା ଚନ୍ଦ୍ରାବତି ପଣ୍ଡା, ସମ୍ମାନିତଅତିଥି ଶିକ୍ଷକ ଅରୁଣ ମହାନ୍ତି, ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି କୁହୁକିନୀ ରାଉତରାୟ, ସମ୍ପାଦକ ନିରଞ୍ଜନ ମହାନ୍ତି, ସହସମ୍ପାଦକ ବିନୋଦ ସାହୁ ଯୋଗଦେଇ ପିଲାଙ୍କୁ ଗଢ଼ି ତୋଳିବାରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଡା. ତ୍ରିଲୋଚନ ଜେନା ସ୍ମୃତି କମିଟି ପକ୍ଷରୁ ବିଦ୍ୟାଳୟର ମେଧାବୀ ଛାତ୍ର ଆଦିତ୍ୟ ମଲିକ ଓ ସନ୍ତୋସିନୀ ମୁଦୁଲିଙ୍କୁ ଅର୍ଥ ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଶାନ୍ତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାବାଜୀ ଚରଣ ଦାସ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ। ସେହିପରି ନାଉଗାଁସ୍ଥିତ ଉତ୍କଳମଣୀ ଶିଶୁ ଶିକ୍ଷା ମନ୍ଦିରରେ ଏହି ପୂଜା ପାଳିତ ହୋଇଥିଲା।

### ମୁଖ୍ୟମନ୍ତ୍ରୀଙ୍କ ସମାବେଶ ପାଇଁ ପ୍ରସ୍ତୁତି ବୈଠକ

**ତିର୍ତ୍ତୋଲ,୧୦।୨(ଡି.ଏନ.ଏ.):** କେନ୍ଦ୍ରାପଡା ଜିଲାର ବରୁଆଠାରେ ଆସନ୍ତା ୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ସମାବେଶ ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ପାଇଁ ତିର୍ତ୍ତୋଲରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ଡା.ରାଜଶ୍ରୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମାବେଶର ପ୍ରସ୍ତୁତି ଏବଂ ସଫଳତା ପାଇଁ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଜିଲାପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ଜିଲାପରିଷଦ ସଭ୍ୟ ପ୍ରବୀର ରାୟ, ସନାତନ ଦଳାଇ, ଲିପାଲି ରାଉଳ, ଆତ୍ମାର ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ପ୍ରକାଶ ସ୍ୱାଇଁ, ବିଜେଡି କୃଷକ ସେଲର ନିର୍ବାଚନ ମଣ୍ଡଳୀ ସମ୍ପାଦକ ଦେବବ୍ରତ ମହାନ୍ତି, ସରପଞ୍ଚ ଚିତ୍ତରଞ୍ଜନ ରଥ ଓ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଗଲ୍ଫ ପଡ଼ିଆରେ ଆଦିବାସୀ ମହୋତ୍ସବ



ମହୋତ୍ସବରେ ଆଦିବାସୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ପାରାଦୀପ,୧୦।୨(ସ୍ୱ.ପ୍ର.):** ପାରାଦୀପ ଗଲ୍ଫ ପଡ଼ିଆରେ ରବିବାର ଦିନକିଆ ଆଦିବାସୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ବନ୍ଦର ସାକ୍ଷରତା ସମିତି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଆଦିବାସୀମାନେ ଯୋଗଦେଇ ସେମାନଙ୍କ ପାରମ୍ପରିକ ବାଦ୍ୟ, ନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଓ ଶୁଭଲକ୍ଷ୍ମୀ ରାୟ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମହୋତ୍ସବରେ ଅନ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ନିଜ ଉତ୍ପାଦ ବିକ୍ରି କରିଥିଲେ। ମହିଳାଙ୍କ ଅନ୍ଧପୁଟୁଳି ମାଟିହାଣ୍ଡି ଭାଙ୍ଗିବା, ଧନୁତୀର ମାରିବା କାର୍ଯ୍ୟକ୍ରମ ଅନ୍ୟତମ ଆକର୍ଷଣ ଥିଲା। ମହୋତ୍ସବରେ ଟିଭି କଳାକାର ଶରଣାରବିନ୍ଦ ଓଝା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବନ୍ଦର ଟ୍ରଷ୍ଟି ପରେଶ ମର୍ମୁଙ୍କ ସମେତ ଅନ୍ୟ ଅତିଥି ଯୋଗ ଦେଇଥିଲେ। ସମିତି ସମ୍ପାଦକ ପିକେ. ଦାସ, ଶୁଶିଲ ଚନ୍ଦ୍ର ନାହାକ, ବନ୍ଦର ସଚିବ ୟୁଆର୍ ମୋହନରାଜୁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା

**ପାରାଦୀପ,୧୦।୨(ସ୍ୱ.ପ୍ର.)**




ଜଣେ ସ୍କୁଟି ଚାଳକଙ୍କୁ ଫୁଲ ଦେଇ ସଚେତନ କରାଉଛନ୍ତି ସ୍ୱେଚ୍ଛାସେବୀ।

ପାରାଦୀପରେ ରବିବାର ଦୁଇ ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ କମ୍ୟାଇନ୍ସ ଓ ବାବାବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବଡ଼ପଡ଼ିଆ କୁମ୍ଭୀର ପାର୍କ ଛକରେ ଅହ୍ୱାନ କମ୍ୟାଇନ୍ସର ସଦସ୍ୟାସଦସ୍ୟମାନେ ଗାଡ଼ି ଚାଳକମାନଙ୍କୁ ଅଟକାଇ ଫୁଲ ଦେବାସହ ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ ପିନ୍ଧିବାକୁ ପରାମର୍ଶ ଦେଇଥିଲେ। ଏଥିରେ ପାରାଦୀପ ପୋଲିସ ସହଯୋଗ କରିଥିଲା। ସଙ୍ଗଠନର ସଞ୍ଜୟ ପ୍ରଧାନ, ପ୍ରଜ୍ଞାସିନୀ ଜେନା, ତ୍ରିଭୁବନ ଦାସ, ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ୫ନଂ(କ) ଜାତୀୟ ରାଜପଥର ବିଶ୍ୱାଳୀ ଛକଠାରେ ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ ଗାଡ଼ି ଚାଳକମାନଙ୍କୁ ସଚେତନ କରାଯାଇଥିଲା। ବିଶେଷକରି ଭାରୀଯାନ ଚାଳକଙ୍କୁ ନିଶାସକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବାକୁ କୁହାଯାଇଥିଲା। ପରିଷଦର ଅମରେଶ ନରେଶ ସାମନ୍ତ, ପ୍ରଦୀପ ପରିଡ଼ାଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ।

### ପାଣିରେ ବୁଡ଼ି ଶିଶୁ କନ୍ୟା ମୃତ

**ମାହାଙ୍ଗା, ୧୦।୨ (ସ୍ୱ.ପ୍ର.):** ପାଣିରେ ବୁଡିଯିବାରୁ ମାହାଙ୍ଗା ଥାନା ଲଳିତଗିରି ପଞ୍ଚାୟତ ଅନ୍ତର୍ଗତ ଲଳିତଗିରି (ପଟଣା) ଗ୍ରାମରେ ରବିବାର ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ବଟକୃଷ୍ଣ ପାତ୍ରଙ୍କ କନ୍ୟା ଅର୍ଚ୍ଚନା(୭)। ପୂର୍ବାହ୍ନରେ ସେ ଘର ନିକଟରେ ଖେଳୁଥିବା ବେଳେ ଅସାବଧାନତାବଶତଃ ଘର ପଛରେ ଥିବା ଏକ ପୋଖରୀରେ ବୁଡି ଯାଇଥିଲେ। କିଛି ସମୟ ପରେ ତାଙ୍କ ମୃତ ଦେହ ପୋଖରୀ ପାଣିରେ ଭାସୁଥିବା ଦେଖି ଗ୍ରାମର ଜଣେ ପିଲା ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ଲୋକଙ୍କଠୁ ଖବରପାଇ ମାହାଙ୍ଗା ପୋଲିସ ଘଟଣା ସ୍ଥଳରେ ପହଁଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## କ୍ରିକେଟ ଟୁର୍ନାମେଣ୍ଟ: ତାଳଦଣ୍ଡା ବିଜୟୀ

**କୁଜଙ୍ଗ,୧୦।୨(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅଧୀନ ମହ୍ଲାସାହି ଖେଳପଡିଆରେ ତୃତୀୟ ବାର୍ଷିକ ମା' ବୁଢିକେନ୍ଦୁଳାଇ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବକୁ ବିଜେଡି ରାଜ୍ୟ ସମ୍ପାଦକ ସମ୍ବିତ ରାଉତରାୟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ତାଳଦଣ୍ଡା ଓ ମହ୍ଲାସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହ୍ଲାସାହି ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ତାଳଦଣ୍ଡା ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୨୧ ରନ୍ କରିଥିଲା। ମହ୍ଲାସାହି ୧୧୬ ରନ୍ କରି ପରାଜୟ ବରଣ କରିଥିଲା। ମାନସ ପାଣି ଓ ସୁଧୀର ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ରାଜେନ୍ଦ୍ର ସାହୁ ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ମା' ବୁଢିକେନ୍ଦୁଳାଇ ଯୁବକ ସଂଘ ସଭାପତି ସୁଧାଂଶୁ ପାଣି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମହ୍ଲାସାହି ସମିତିସଭ୍ୟ ପ୍ରଭାତୀ ଦାଶ, ଚିତ୍ତରଞ୍ଜନ ମିଶ୍ର, ବିଷ୍ଣୁ ପ୍ରସାଦ କର ପ୍ରମୁଖ ଉପସ୍ଥିତ ଥିଲେ।



କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

# ମା' ମାଟିର ଆତ୍ମୀୟତାରେ ରହିଛି ସାହିତ୍ୟର ମହକ

**ରଘୁନାଥପୁର, ୧୦।୨( ଡି.ଏନ.ଏ.)**




ଉତ୍ସବରେ ଉପସ୍ଥିତ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ।

**ବୀଣାପାଣି ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ**

ମା' ମାଟିକୁ ଛାଡି ସମାଜରେ କୌଣସି କଥା ଚିନ୍ତା କରାଯାଇ ନ ପାରେ। ଏଥିରେ ଭରି ରହିଛି ସାହିତ୍ୟର ମହକ। ନିଶ୍ଚିନ୍ତକୋଇଲି ବ୍ଲକ ଦ୍ୱୀପାଞ୍ଚଳରେ ଥିବା ଉତ୍ତରକୂଳ ବୀଣାପାଣି ସାହିତ୍ୟ ସଂସଦ ତୃତୀୟ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବରେ ପ୍ରବାସୀ ଓଡ଼ିଆ ତଥା ସ୍ତମ୍ଭକାର ଡା. ରାଜେନ୍ଦ୍ର ନାରାୟଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ରଖିଥିଲେ। ଉତ୍ସବକୁ ଉଦ୍‌ଘାଟନ କରି ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ସମାଜରେ ବିବର୍ତ୍ତନକୁ ସାହିତ୍ୟର କାନଭାସରେ ବାନ୍ଧି ରଖିବା ଉଚିତ ଯାହା ଆଗାମୀ ପିଢିଙ୍କ ପାଇଁ ଉପାଦେୟ ହୋଇ ରହିବ। ସଂସଦର ପ୍ରତିଷ୍ଠାତା ସଭ୍ୟ ଦୀଲିପ କୁମାର ବେଉରାଙ୍କ ମଞ୍ଚ ସଞ୍ଚାଳନରେ ବିଶିଷ୍ଟ ଗବେଷକ ଡା. ବାବାଜୀ ଚରଣ ପଟ୍ଟନାୟକ, କଥାକାର ତରୁଣ କୁମାର ସାହୁ, ରେଭେନଶା ବିଶ୍ୱବିଦ୍ୟାଳୟ କୁଳ ସଚିବ ଅଶୋକ କୁମାର ଦାଶ, ଗବେଷକ ଓ ଗୀତକାର ବିରଞ୍ଚି ନାରାୟଣ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଶୈଶବରୁ ମାତାପିତା ନିଜ ପିଲାମାନଙ୍କୁ ସାହିତ୍ୟାନୁରାଗୀ କରିବାକୁ ମତ ରଖିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନଗେନ୍ଦ୍ରନାଥ ଦାଶଙ୍କ ସଭାପତିତ୍ୱରେ ଏମପି ମହତାବ ସଂସଦର ମୁଖପତ୍ର ବାଗଦେବୀ ବିଭାସକୁ ଲୋକାର୍ପିତ କରିଥିଲେ। ଗାଁ ମାଟିର ସନ୍ତାନ ଭାବେ ନାଟ୍ୟକାର କୃଷ୍ଣଚନ୍ଦ୍ର ବେଉରାଙ୍କୁ ନାଟ୍ୟଜ୍ୟୋତି ସମ୍ମାନ ଓ ସେବା କ୍ଷେତ୍ରରେ ଡା. ରବୀନ୍ଦ୍ରନାଥ ବେଉରାଙ୍କୁ ସ୍ୱାସ୍ଥ୍ୟସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଅକ୍ଷୟ କୁମାର ସାହୁ ଅତିଥି ପରିଚୟ ଓ ସଭ୍ୟ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସାହିତ୍ୟ ସଂସଦର ମୁଖ୍ୟ ସମ୍ପାଦକ କେଦାରନାଥ ସ୍ୱାଇଁ ଓ ସମ୍ପାଦକ ରାଜକିଶୋର ମହାନ୍ତି ନିଜର ବକ୍ତବ୍ୟ ରଖିଥିଲେ। ଏଥିସହ ଆନନ୍ଦମାର୍ଗ ସଙ୍ଗୀତ ବିଦ୍ୟାଳୟର ମଧ୍ୟ ବାର୍ଷିକୋତ୍ସବ ପାଳନ ହୋଇଥିଲା। ସଙ୍ଗୀତ ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ଉଦ୍‌ଯାପନୀ ସଙ୍ଗୀତ ଗାନ ପରେ ସଭା ସାଙ୍ଗ ହୋଇଥିଲା।

## ଗାଦିବ୍ରହ୍ମ ବିଦ୍ୟାପୀଠ ବାର୍ଷିକ ଉତ୍ସବ

**ବାଲିକୁଦା,୧୦।୨ (ସ୍ୱପ୍ର):** ସମାଜ ସଂସ୍କାର କ୍ଷେତ୍ରରେ ବିଦ୍ୟାଳୟ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରବିବାର ବାଲିକୁଦା ବ୍ଲକ ମରିଚିପୁରସ୍ଥିତ ଗାଦୀବ୍ରହ୍ମ ବିଦ୍ୟାପୀଠ ବାର୍ଷିକ ଉତ୍ସବ ପାଳନରେ ଯୋଗ ଦେଇଥିବା ଅତିଥି ଏକଥା କହିଛନ୍ତି। ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ ସଭାରେ ଅରୁଣ ପଲାଉରୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବାଲିକୁଦା ପୂର୍ବତନ ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁ, ବିଶିଷ୍ଟ ଅତିଥି ସୁଶାନ୍ତ ଦାସ, ମୁଖ୍ୟବକ୍ତା ନାରାୟଣ ମୁଦୁଲି, ସମ୍ମାନିତ ଅତିଥି ମୀରା କୁମାରୀ ବେହୁରା, ଉତ୍କଳ ଗ୍ରାମ ସ୍ୱରାଜ ସଭାପତି ବ୍ରହ୍ମାନନ୍ଦ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ମନୋଜ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବିଜୟ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଗ୍ରାମ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ପୁରସ୍କୃତ କରିଥିଲେ। ଉତ୍ସବକୁ ସମ୍ପଦ ବେହେରା, ସମୀର ଗୁରୁ ସଂଯୋଜନା କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ପୁରୁଷୋତ୍ତମ ମହାନ୍ତି, ଓ ବାବାଜୀ ସ୍ୱାଇଁଙ୍କ ସମେତ ପ୍ରଧାନଶିକ୍ଷକ ବିଜୟ ସ୍ୱାଇଁ, ସହକାରୀ ଶିକ୍ଷକ ସ୍ୱେତ ସ୍ୱାଇଁ, ହୃଷୀକେଶ ମହାନ୍ତି ଓ କିରାଣି ପରେଶ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ସଂସଦ ସମ୍ପାଦକ ସନ୍ତୋଷ ବେହେରା, ପ୍ରବୀର ସ୍ୱାଇଁ, ଭିକାରି ପରିଡା, ପ୍ରଶାନ୍ତ ମାହାଳି ଓ ଶଙ୍କର ବେହେରାଙ୍କ ସମେତ ସମସ୍ତ ପୁରାତନ ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ।

uti UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

# ସିଷ୍ଟମାଟିକ୍ ୱିଥ୍‌ଡ୍ରୟାଲ୍ ପ୍ଲାନ୍ - ଆପଣଙ୍କ ବାର୍ଦ୍ଧକ୍ୟକାଳର ସାଥୀ



ଅଧିକାଂଶ ଅବସରପ୍ରାପ୍ତ ବ୍ୟକ୍ତିଙ୍କ ଆୟର ମୁଖ୍ୟ ସ୍ରୋତ ହେଉଛି ପେନ୍‌ସନ। ଯେଉଁମାନଙ୍କର ସମ୍ପତ୍ତି ମାଲିକାନା ରହିଛି ସେମାନେ ଅବସର ପରେ ମାସିକ ଭଡ଼ା ଜରିଆରେ ଅତିରିକ୍ତ ଆୟ କରିବାରେ ସକ୍ଷମ ହୋଇପାରିଥାନ୍ତି। ଯୁବାବସ୍ଥାରେ ଠିକ୍ ଭାବେ ନିବେଶ କରିଥିଲେ ସିଷ୍ଟମାଟିକ୍ ୱିଥ୍‌ଡ୍ରୟାଲ୍ ପ୍ଲାନ୍ (ଏସ୍‌ଡବ୍ଲ୍ୟୁପି) ମଧ୍ୟ ଆପଣଙ୍କ ବାର୍ଦ୍ଧକ୍ୟକାଳୀନ ସାଥୀ ହୋଇପାରିବ। ଏସ୍‌ଡବ୍ଲ୍ୟୁପି ହେଉଛି ଏସ୍‌ଆଇପି (ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍)ର ବିପରୀତ। ଏହା ଆପଣଙ୍କୁ ଅବସରକାଳୀନ ଆୟ ଉଠାଣରେ ସହାୟକ ହୋଇପାରିବ, ଠିକ୍ ମାସିକ ଆୟ ଯୋଜନା ଭଳି। ଏକମାତ୍ର ପାର୍ଥକ୍ୟ ହେଉଛି ମାସିକ ଅର୍ଥରାଶିର ପରିମାଣକୁ ଆପଣ ସ୍ଥିର କରିପାରିବେ। ଏସ୍‌ଡବ୍ଲ୍ୟୁପି ମାଧ୍ୟମରେ ଆପଣ ପ୍ରତ୍ୟେକ ମାସରେ କେତେ ପରିମାଣର ଅର୍ଥରାଶି ଉଠାଇବେ ତାହାର ଦାୟିତ୍ୱ ଆପଣଙ୍କ ଉପରେ ରହିଥାଏ।

## ଏସ୍‌ଡବ୍ଲ୍ୟୁପି ଆପଣଙ୍କ ଅବସର ପରବର୍ତ୍ତୀ ମିତ୍ର କାହିଁକି ହୋଇପାରିବ ତାହାର ୪ଟି କାରଣ:

### ସ୍ଥିର ଅବସର ପରବର୍ତ୍ତୀ ଆୟ

ଏକ ଡିଭିଡେଣ୍ଡ ପ୍ଲାନ୍‌ରେ, ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ଗୁଡ଼ିକ ଦ୍ୱାରା ଡିଭିଡେଣ୍ଡର ଘୋଷଣା କରାଯାଇଥାଏ। ହେଲେ, ପରିଶୋଧଗୁଡ଼ିକ ନା ସ୍ଥିର ହୋଇଥାଏ, ନା ଗ୍ୟାରେଣ୍ଟିଯୁକ୍ତ ହୋଇଥାଏ। ଯଦି କୌଣସି ଲାଭ ପ୍ରାପ୍ତ ନ ହୁଏ, ମାସ ଶେଷରେ କୌଣସି ଡିଭିଡେଣ୍ଡ ମିଳିବ ନାହିଁ। ଆପଣ ପୂର୍ବ-ନିର୍ଦ୍ଧାରିତ କରିଥିବା ସମୟ ଅବଧିରେ ଏସ୍‌ଡବ୍ଲ୍ୟୁପି ଆପଣଙ୍କୁ ନିଶ୍ଚିତ ନଗଦ ପ୍ରବାହ ଯୋଗାଇଥାଏ। ତେଣୁ, ଏହା ଅବସର ପରେ ବି ଯେପରି ଆପଣ ସ୍ୱାଭାବିକ ଜୀବନ ଜିଅନ୍ତି ତାହା ସୁନିଶ୍ଚିତ କରିପାରିବ। ଧରନ୍ତୁ, କର୍ମଜୀବନରେ ଆପଣ ପ୍ରତିବର୍ଷ ନିଜ ପରିବାରକୁ ବାହାରକୁ ବୁଲାଇବାକୁ ନେଉଥିଲେ। ଆପଣ ତାହା ଏବେ ବି କରିପାରିବେ – ରେଗୁଲାର୍ ଥିଲା, ରେଗୁଲାର୍ ରହିବ!





### ଆନୁଇଟି ଅପେକ୍ଷା ଭଲ

ଆନୁଇଟି ଏବଂ ମ୍ୟୁଚୁଆଲ ଫଣ୍ଡ (ଏସ୍‌ଡବ୍ଲ୍ୟୁପି ଜରିଆରେ) ସ୍ଥିର ଆୟର ସମାନ ନୀତିରେ ପର୍ଯ୍ୟବସିତ। ହେଲେ, ଆନୁଇଟିଗୁଡ଼ିକ ଟିକସଯୋଗ୍ୟ। ସେଗୁଡ଼ିକ ଆପଣଙ୍କୁ ମୁଦ୍ରାସ୍ଫୀତି ସମଯୋଜିତ ରିଟର୍ନ ଦେଇପାରିବ ନାହିଁ। ଏହାଛଡ଼ା, ଆନୁଇଟିରେ ଆପଣ ନିଜର ଉଠାଣ ପରିମାଣକୁ ବଦଳାଇପାରିବେ ନାହିଁ । ଯଦି ଆପଣ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରନ୍ତି, ଆପଣ ନିଜ ପାଇଁ ଉପଯୁକ୍ତ ଏସ୍‌ଡବ୍ଲ୍ୟୁପି ଚୟନ କରିପାରିବେ। ଆପଣ ଏପରି ଆସେଟ୍‌ଗୁଡ଼ିକୁ ଚୟନ କରିପାରିବେ ଯାହା ମୁଦ୍ରାସ୍ଫୀତିରୁ ଉପରେ ଓ ଅତିରିକ୍ତ ରିଟର୍ନ ଦେଇପାରିବ। ଅଧିକନ୍ତୁ, ଯଦି ଆପଣଙ୍କ ଦୀର୍ଘମିଆଦୀ ପୁଞ୍ଜି ଲାଭ (ଏଲ୍‌ଟିସିଜି) ₹୧ ଲକ୍ଷରୁ କମ୍ ହୋଇଥାଏ ତେବେ ଆପଣଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ ।

### ଟିକସ ଲାଭ

୨୦୧୮–୧୯ ବଜେଟ୍‌ରେ ଇକ୍ୱିଟି ଫଣ୍ଡଗୁଡ଼ିକ ଦ୍ୱାରା ବିତରିତ ଡିଭିଡେଣ୍ଡ ଉପରେ ୧୦% ଡିଭିଡେଣ୍ଡ ବିତରଣ ଟିକସ (ଡିଡିଟି) ପ୍ରଚଳନ କରାଯାଇଛି। ତେଣୁ, ଯେଉଁମାନେ ଇକ୍ୱିଟି-ଭିତ୍ତିକ ଫଣ୍ଡରେ ନିୟମିତ ଡିଭିଡେଣ୍ଡର ବିକଳ୍ପ ବାଛିଥିଲେ ସେମାନଙ୍କୁ ଅଧିକ ଟିକସ ଦେବାକୁ ହେବ। ନିଜ ଅବସରକାଳୀନ ଆୟ ଉପରେ ଡିଡିଟିକୁ ଏଡ଼ାଇବା ପାଇଁ ଏସ୍‌ଡବ୍ଲ୍ୟୁପିକୁ ଉପଯୋଗ କରାଯାଇପାରିବ। ଏଠାରେ, ଯଦି ଆପଣଙ୍କ ଏସ୍‌ଡବ୍ଲ୍ୟୁପି ଉପରେ ଏଲ୍‌ଟିସିଜିର ପରିମାଣ ₹୧ ଲକ୍ଷରୁ କମ୍ ହୋଇଥାଏ ତେବେ ଆପଣ ଟିକସକୁ ଏଡ଼ାଇପାରିବେ। ତେଣୁ, ଡିଭିଡେଣ୍ଡ ମାର୍ଗ ତୁଳନାରେ ଏସ୍‌ଡବ୍ଲ୍ୟୁପି ମାର୍ଗଟି ଅଧିକ ଟିକସ ଦକ୍ଷ।




### ଆପଣଙ୍କ ଏସ୍‌ଆଇପି ଭଳି ସରଳ ଓ ପ୍ରଭାବୀ

ଏସ୍‌ଡବ୍ଲ୍ୟୁପି ହେଉଛି ଏସ୍‌ଆଇପିର ଠିକ୍ ଓଲଟା। ଆପଣଙ୍କ ପାଇଁ ନିମ୍ନ ସାରଣୀରେ ତାହାକୁ ଭଲ ଭାବେ ବ୍ୟାଖ୍ୟା କରାଯାଇଛି:

| ଏସ୍‌ଆଇପି | | ଏସ୍‌ଡବ୍ଲ୍ୟୁପି |
|---|---|---|
| ନିବେଶ | ବିବରଣୀ | ଉଠାଣ |
| ଆପଣ ଦୈନିକ, ସାପ୍ତାହିକ, ମାସିକ, ତ୍ରୈମାସିକ କିମ୍ବା ବାର୍ଷିକ ଭିତ୍ତିରେ ଏକ ପ୍ରାକ୍-ନିର୍ଦ୍ଧାରିତ ଅର୍ଥରାଶି ନିବେଶ କରିପାରିବେ। | ବାରମ୍ବାରତା ଆପଣ ଚୟନ କରିପାରିବେ | ଆପଣ ମାସିକ, ତ୍ରୈମାସିକ, ଅର୍ଦ୍ଧବାର୍ଷିକ କିମ୍ବା ବାର୍ଷିକ ଭିତ୍ତିରେ ନିଜର ପ୍ରାକ୍-ନିର୍ଦ୍ଧାରିତ ଅର୍ଥରାଶିର ଉଠାଣ କରିପାରିବେ। |
| ଆପଣ ନିଜର ଏସ୍‌ଆଇପି ପରିମାଣ ଚୟନ କରିପାରିବେ | ପରିମାଣ ଚୟନ କରାଯାଇପାରିବ | ଆପଣ ନିଜର ଉଠାଣ ପରିମାଣ ଚୟନ କରିପାରିବେ |
| ହଁ | ପ୍ରାକ୍-ନିର୍ଦ୍ଧାରିତ ପରିମାଣକୁ ପରିବର୍ତ୍ତନ କରାଯାଇପାରିବ | ହଁ |
| ରିସ୍କ ଓ ରିଟର୍ନରେ ବିବିଧତା ପାଇଁ ଆପଣ ବିବିଧକୃତ ଆସେଟ୍‌ରେ ନିବେଶ କରିପାରିବେ | ବିବିଧକରଣ | ନିଜ ଏସ୍‌ଡବ୍ଲ୍ୟୁପି ପାଇଁ ଆପଣ ସନ୍ତୁଳିତ ଫଣ୍ଡ ଚୟନ କରିପାରିବେ। ସନ୍ତୁଳିତ ଫଣ୍ଡ ଆପଣଙ୍କ ରିସ୍କ ଓ ରିଟର୍ନର ବିବିଧକରଣରେ ଆପଣଙ୍କୁ ସହାୟତା କରିପାରିବ। |
| ଲକ୍ଷ୍ୟ-ଭିତ୍ତିକ ଯୋଜନା ପାଇଁ ଆପଣ ଆର୍ଥିକ ପରାମର୍ଶ ଲୋଡ଼ିପାରିବେ | ଆର୍ଥିକ ପରାମର୍ଶ | ଜଣେ ଆର୍ଥିକ ପରାମର୍ଶଦାତା ଆପଣଙ୍କ ଉଠାଣ ଉପରେ ଟିକସ ଲାଭ ଓ ରିସ୍କ/ରିଟର୍ନର ବିବିଧକରଣରେ ଆପଣଙ୍କୁ ସାହାଯ୍ୟ କରିପାରିବେ |

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ଏହାପରେ କ'ଣ ?** ନିଜର ସିଷ୍ଟମାଟିକ୍ ୱିଥ୍‌ଡ୍ରୟାଲ୍ ଆରମ୍ଭ କରିବାର ପଦ୍ଧତି ନିମ୍ନରେ ଆଲୋଚନା କରାଯାଇଛି !





**ଏସ୍‌ଡବ୍ଲ୍ୟୁପି ହେଉଛି ଏକ କଳ ଯାହା ଆପଣଙ୍କ ଅବସରକାଳୀନ ଟଙ୍କାର ଟାଙ୍କିକୁ ନିୟନ୍ତ୍ରଣ କରିଥାଏ ।**

ଆପଣଙ୍କ ଟାଙ୍କି ଯେପରି ଆପଣଙ୍କ ସମଗ୍ର ଅବସରକାଳୀନ ଜୀବନରେ ବଜାୟ ରହେ ଏହା ସୁନିଶ୍ଚିତ କରିବା ପାଇଁ ଏବେବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ!

# ଏକ ସିଷ୍ଟମାଟିକ୍ ୱିଥ୍‌ଡ୍ରୟାଲ୍ ପ୍ଲାନ୍ କିପରି ଆରମ୍ଭ କରିବେ

**ଭାରତରେ ଅବସର ଗ୍ରହଣ ପାଇଁ କେତେ ପରିମାଣର ଟଙ୍କା ଯଥେଷ୍ଟ ହେବ? ₹୧ କୋଟି, ₹୫ କୋଟି କିମ୍ବା ₹୧୦ କୋଟି?**
**ଆପଣଙ୍କ ଅବସରକାଳୀନ ଆୟର କାହାଣୀର ଏହା ଶୁଭାରମ୍ଭ ମାତ୍ର।**

**ନିମ୍ନଲିଖିତ ପ୍ରକ୍ରିୟାକୁ ଅନୁସରଣ କରି ଆପଣ ନିଜର ସିଷ୍ଟମାଟିକ୍ ୱିଥ୍‌ଡ୍ରୟାଲ୍ ଆରମ୍ଭ କରିପାରିବେ:**
ନିମ୍ନ କଥା ବିଚାରକୁ ନିଅନ୍ତୁ
ଆପଣ ଏକ ଅବସରକାଳୀନ ପାଣ୍ଠି ଗଠନ କରୁଛନ୍ତି ଯାହାର ମୂଲ୍ୟ ହେଉଛି ₹୧.୫ କୋଟି
ଅଭିନନ୍ଦନ! ଅବସର ନେବା ଏବେ ଆପଣଙ୍କ ପକ୍ଷେ ସମ୍ଭବ!
ଏବେ ଆପଣ ନିମ୍ନଲିଖିତ କଥାଗୁଡ଼ିକୁ ବିଚାରକୁ ନେଇପାରନ୍ତି:




**ପଦକ୍ଷେପ ୧** ନିଜକୁ ପଚାରନ୍ତୁ, ଆପଣ କେବେ ନିଜ ଉଠାଣ ଆରମ୍ଭ କରିବାକୁ ଚାହୁଁଛନ୍ତି। ଯଦି ଆପଣଙ୍କର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ରହିଛି, ତେବେ ଆପଣଙ୍କୁ ନିଜର ପେନ୍‌ସନ ସହ ସମନ୍ୱୟ ରକ୍ଷା କରି ନିଜର ସିଷ୍ଟମାଟିକ୍ ୱିଥ୍‌ଡ୍ରୟାଲ୍ ପ୍ଲାନ୍ (ଏସ୍‌ଡବ୍ଲ୍ୟୁପି)ର ଯୋଜନା କରିବାକୁ ହେବ।

**ପଦକ୍ଷେପ ୨** ଆର୍ଥିକ ପରାମର୍ଶ ଲୋଡ଼ନ୍ତୁ। ନିଜର ରିଟର୍ନର ପ୍ରତ୍ୟାଶା ତଥା ରିସ୍କ ନେବାର ଆପଣଙ୍କ କ୍ଷମତା ସନ୍ଦର୍ଭରେ ଆପଣ ଯେଉଁଥିରେ ନିଜର ଏସ୍‌ଡବ୍ଲ୍ୟୁପି ଆରମ୍ଭ କରିବାକୁ ଚାହୁଁଛନ୍ତି ସେହି ପାଣ୍ଠି ସମ୍ପର୍କରେ ଆଲୋଚନା କରନ୍ତୁ।

**ପଦକ୍ଷେପ ୩** ଆପଣ ₹୧୦,୦୦୦ର ମାସିକ ଏସ୍‌ଡବ୍ଲ୍ୟୁପି ନିର୍ଦ୍ଧାରଣ କରିପାରନ୍ତି। ଏହା ହେଉଛି ଆପଣଙ୍କ ପାଣ୍ଠିର ୦.୦୬%। ଏପରିକି, ଆପଣ ଏହାକୁ ପ୍ରତ୍ୟେକ ₹୫,୦୦୦ର ୨ଟି ପାଣ୍ଠିରେ ବିଭାଜିତ ମଧ୍ୟ କରିପାରନ୍ତି।

**ପଦକ୍ଷେପ ୪** ବିଭିନ୍ନ ଫଣ୍ଡ ଏବଂ ସେଗୁଡ଼ିକର ବାର୍ଷିକୀକୃତ ରିଟର୍ନକୁ ଦେଖନ୍ତୁ। ଆଦର୍ଶ ଭାବେ, ଆପଣ ୧୦%ରୁ ଅଧିକ ରିଟର୍ନ ଦେଉଥିବା ଫଣ୍ଡ ଚୟନ କରିବା ଉଚିତ। ନିଜର ଏସ୍‌ଡବ୍ଲ୍ୟୁପିକୁ ଭଲଭାବେ ବୁଝିବା ପାଇଁ ଏସ୍‌ଡବ୍ଲ୍ୟୁପି କାଲ୍‌କୁଲେଟର୍ ଭଳି ଡିଜିଟାଲ ସାଧନ ବ୍ୟବହାର କରନ୍ତୁ।

**ପଦକ୍ଷେପ ୫** ଏସ୍‌ଡବ୍ଲ୍ୟୁପି ଫର୍ମ ପୂରଣ କରନ୍ତୁ ଏବଂ ନିଜ ନିବେଶରୁ ଆପଣ ଯେଉଁ ଆୟ ପ୍ରାପ୍ତ କରିବାର ଆଶା କରୁଛନ୍ତି ସେ ସମ୍ପର୍କରେ ନିଜର ବ୍ରୋକର/ଆର୍ଥିକ ପରାମର୍ଶଦାତାଙ୍କୁ ସୂଚିତ କରନ୍ତୁ।

**ପଦକ୍ଷେପ ୬** ଆପଣ କେଉଁ ଫଣ୍ଡରୁ ଉଠାଣ କରିବାକୁ ଚାହୁଁଛନ୍ତି ତାହା ନିଜର ବ୍ରୋକ୍ ବା ଆର୍ଥିକ ପରାମର୍ଶଦାତାଙ୍କୁ କୁହନ୍ତୁ। ନିଜର ଟିକସ ଦେୟତାକୁ ମଧ୍ୟ ବିଚାରକୁ ନିଅନ୍ତୁ।

**ପଦକ୍ଷେପ ୭** ଆପଣ ନିଜର ଏସ୍‌ଡବ୍ଲ୍ୟୁପି ସ୍ଥିର କରିସାରିବା ପରେ, ଆସେଟ୍ ବିକ୍ରୟ ସ୍ୱୟଂଚାଳିତ ଭାବେ ଘଟିଚାଲିବ।

**ପଦକ୍ଷେପ ୮** ଆବଶ୍ୟକତାସ୍ଥଳେ ନିଜର ଉଠାଣକୁ ସଂଶୋଧନ କରନ୍ତୁ।

ଏହି ୮ଟି ପଦକ୍ଷେପକୁ ପୂରା କରିଦେଲେ? ଅଭିନନ୍ଦନ! ନିଜର ଆର୍ଥିକ ଜୀବନ ଏବେ ଆପଣଙ୍କ ନିୟନ୍ତ୍ରଣ ଅଧୀନରେ। ଏବେ ଆପଣ ଆଗକୁ ବଢ଼ିପାରିବେ ଓ ଏକ ଚାପମୁକ୍ତ ଅବସରକାଳ ବିତାଇପାରିବେ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:**
୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ ।
୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ଏସ୍‌ଡବ୍ଲ୍ୟୁପି ସମ୍ପର୍କରେ ସବୁକିଛି ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ କରନ୍ତୁ।

ନିଜର ଟିକସ ଦେୟତା ଏବଂ ଟିକସ ସଞ୍ଚୟ ପାଇଁ କେତେ ନିବେଶ ଆବଶ୍ୟକ ଏହା ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ନିବେଶ ଆରମ୍ଭ କରିବା ପୂର୍ବରୁ ଆର୍ଥିକ ଯୋଜନା ନିହାତି ଜରୁରୀ କାହିଁକି ଏହା ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantra2@swatantra.co.in ରେ
ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

# ସ୍ୱତନ୍ତ୍ର କୁମାରः ଭାବପ୍ରବଣ ନିବେଶ

**ଆପଣଙ୍କ ନିବେଶ ଭାବାବେଗ ପ୍ରଦର୍ଶନ କରି ନ ଥାଏ, ତେବେ ଆପଣ କାହିଁ କି କରିବେ? ନିବେଶ ସମୟରେ ଯଦି ଆପଣ ଭାବାବେଗର ମୁଖା ପିନ୍ଧନ୍ତି ତେବେ ତ୍ରୁଟିପୂର୍ଣ୍ଣ ନିବେଶ ନିଷ୍ପତ୍ତି ନେବା ସାର ହେବ।**

ଏହି ଭାବାବେଗଗୁଡ଼ିକ କ'ଣ ?




ବଜାରର ଆଚରଣ ପ୍ରତି ଆପଣଙ୍କର ଭାବପ୍ରବଣ ପ୍ରତିକ୍ରିୟା ଆପଣଙ୍କ ଦୀର୍ଘ-ମିଆଦୀ ଲକ୍ଷ୍ୟରେ ଧ୍ୟାନ କେନ୍ଦ୍ରିତ କରିବାରେ ସମସ୍ୟା ଉପୁଜାଇପାରେ। ଏପରିକି ଏହା ଲକ୍ଷ୍ୟରୁ ଆପଣଙ୍କୁ ଦୂରେଇ ମଧ୍ୟ ନେଇଯାଇପାରେ। ଭାବାବେଗ କାରଣରୁ ଆପଣ ଅଧିକରେ କିଣି କମ୍‌ରେ ବିକ୍ରି କରିବା ପାଇଁ ବାଧ୍ୟ ହୋଇପାରନ୍ତି।

**ଭାବପ୍ରବଣ ନିବେଶର ପ୍ରବୃତ୍ତି ଉପରେ ଜୟଲାଭ କରିବା ପାଇଁ ଟିପ୍‌ସ:**

- କଷ୍ଟ ଆକାଉଣ୍ଟିଂର ଲାଭ ପାଇବା ପାଇଁ ମ୍ୟୁଚୁଆଲ୍ ଫଣ୍ଡ ମାଧ୍ୟମରେ ଇକ୍ୱିଟିରେ ନିବେଶ କରନ୍ତୁ
- ଅସ୍ଥିରତା ସମୟରେ ଶାନ୍ତ ରୁହନ୍ତୁ। ଆତଙ୍କ ବିକ୍ରୟରେ ଲିପ୍ତ ହୁଅନ୍ତୁ ନାହିଁ
- ଭଲ ରିଟର୍ନ ପାଇବାର ଚାବିକାଠି ହେଉଛି ଦୀର୍ଘ ମିଆଦ ପାଇଁ ନିବେଶକୁ ବଜାୟ ରଖିବା
- ନିଜର ଲକ୍ଷ୍ୟ-ଭିତ୍ତିକ ନିବେଶ ସହିତ ଲକ୍ଷ୍ୟପଥରେ ଅଟଳ ରୁହନ୍ତୁ
- ନିଜ ନିବେଶଗୁଡ଼ିକ ପ୍ରତି ଆପଣଙ୍କର ରିସ୍କ-ରିଟର୍ନ ଭାବାବେଗରେ ବିବିଧତା ଆପଣାଇବା ପାଇଁ ନିଜ ପୋର୍ଟଫୋଲିଓକୁ ବିବିଧକୃତ କରନ୍ତୁ
- ସମୟ ସମୟରେ ଆର୍ଥିକ ପରାମର୍ଶ ଲୋଡ଼ନ୍ତୁ

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ବିଶେଷଜ୍ଞ କୁହନ୍ତି



ସୁବ୍ରତ ସରକାର
ଆର୍ଥିକ ପରାମର୍ଶଦାତା

**ଜଣେ ପାଠକ ଆମକୁ ପଚାରିଛନ୍ତି: ରିଟାୟରମେଣ୍ଟ କାଲ୍‌କୁଲେଟର କ'ଣ ?**
**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

ରିଟାୟରମେଣ୍ଟ କାଲ୍‌କୁଲେଟର୍ ହେଉଛି ନିଜର ଅବସରକାଳକୁ ପ୍ରଭାବୀ ଢଙ୍ଗରେ ଯୋଜନାବଦ୍ଧ କରିବାର ଏକ ମାଧ୍ୟମ। ଆପଣଙ୍କ ଅବସରକାଳୀନ ପାଣ୍ଠି ନିର୍ଦ୍ଧାରଣ କରିବା ସମୟରେ ଏହା ଅନେକ ମାନଦଣ୍ଡକୁ ବିଚାରକୁ ନେଇଥାଏ। ଆପଣଙ୍କୁ ଏହା ବୁଝିବା ଆବଶ୍ୟକ ଯେ କମ୍ ଅବସରକାଳୀନ ପାଣ୍ଠି ତାହାର ଉଦ୍ଦେଶ୍ୟ ସାଧନ କରିପାରି ନ ଥାଏ ଏବଂ ଅତ୍ୟଧିକ ଅବସରକାଳୀନ ପାଣ୍ଠି ବ୍ୟକ୍ତିଙ୍କୁ ତାଙ୍କ ରୋଜଗାରକ୍ଷମ ବୟସରେ ଅଧିକ ସଞ୍ଚୟ କରିବାର ଅତିରିକ୍ତ ବୋଝ ଲଦିଦେଇଥାଏ। ଏହା ଆପଣଙ୍କ ବର୍ତ୍ତମାନର ଆୟ, ବୟସ, ପରିସମ୍ପତ୍ତି, ଦେୟତା ଏବଂ ଖର୍ଚ୍ଚଗୁଡ଼ିକୁ ବିଚାରକୁ ନେଇଥାଏ। ଆପଣଙ୍କ ମୋଟ ପାରିବାରିକ ଆୟରେ, ଯଦି ଆପଣ ବିବାହିତ ହୋଇଥାନ୍ତି, ଏହା ଆପଣଙ୍କ ଜୀବନସାଥୀଙ୍କ ଆୟକୁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। ଶୁଭାରମ୍ଭ କରିବା ଏବଂ ନିବେଶକ କେଉଁ ଦିଗରେ ନିଜକୁ ଉନ୍ନତ କରିପାରିବେ ତାହାକୁ ସ୍ଥିର କରିବାରେ ଅବସରକାଳୀନ ଯୋଜନା ସାଧନଗୁଡ଼ିକ ସହାୟକ ହୋଇପାରିବ। ମୋର ସାମ୍ପ୍ରତିକ ସଞ୍ଚୟ ହାର ଅବସରକାଳରେ ମୋ ଖର୍ଚ୍ଚଗୁଡ଼ିକୁ ତୁଳାଇବା ପାଇଁ ଯଥେଷ୍ଟ କି ନୁହେଁ ତାହା ରିଟାୟରମେଣ୍ଟ କାଲ୍‌କୁଲେଟର୍ ନିର୍ଦ୍ଧାରଣ କରିଥାଏ।

## ଗୁରୁ କୁହନ୍ତି



ନୃସିଂହ ନାରାୟଣ ପାତ୍ର
ଆର୍ଥିକ ପରାମର୍ଶଦାତା


**ନିଜର ଅବସରକାଳୀନ ପାଣ୍ଠିକୁ ବ୍ୟବହାର କରିବା ସମୟରେ ଧ୍ୟାନରେ ରଖିବା ଯୋଗ୍ୟ କଥାଗୁଡ଼ିକ**

ଆପଣ ଯଥେଷ୍ଟ ସମୟ ପୂର୍ବରୁ ନିଜର ଅବସରକାଳର ଯୋଜନା କରିବା ଉଚିତ। ପ୍ରଥମ ବେତନବୃଦ୍ଧି ପାଇବା ପରେ ଆପଣ ଏକ ଲକ୍ଷ୍ୟ ସ୍ଥିର କରିବା ଏବଂ ନିଜର ସମସ୍ତ ଆର୍ଥିକ ଲକ୍ଷ୍ୟକୁ ହାସଲ କରିବା ପାଇଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଆରମ୍ଭ କରିଦେବା ଆବଶ୍ୟକ। ମ୍ୟୁଚୁଆଲ ଫଣ୍ଡରେ ଏକ ଏସ୍‌ଆଇପି ଆରମ୍ଭ କରନ୍ତୁ ଏବଂ ନିଜ ବ୍ୟାଙ୍କକୁ ଇସିଏସ୍/ଓଟିଏମ୍ ଆଦେଶ ଦେଇ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରନ୍ତୁ। ଏହାଦ୍ୱାରା, ଆପଣଙ୍କ ସମ୍ପୂର୍ଣ୍ଣ ଅବସରକାଳୀନ ଯୋଜନା ତାହାର ଧାର୍ଯ୍ୟପଥରେ ରହିପାରିବ। ମୁଦ୍ରାସ୍ଫୀତିକୁ ପରାଜିତ କରିବା ପାଇଁ ପ୍ରତିବର୍ଷ ଆବଣ୍ଟନ ରାଶିକୁ ୭% ବୃଦ୍ଧି କରନ୍ତୁ। ଆପଣ ଯେବେବି ବେତନବୃଦ୍ଧି କିମ୍ବା ବୋନସ୍ ପାଆନ୍ତି ତାହାର ଅଧା ପରିମାଣକୁ ମ୍ୟୁଚୁଆଲ ଫଣ୍ଡରେ ଲଗାନ୍ତୁ। ଯେହେତୁ ଅନ୍ୟ ଅର୍ଦ୍ଧାଂଶକୁ ଆପଣ ଉପଭୋଗ କରୁଥିବେ, ତେଣୁ ଆପଣଙ୍କୁ ବିଶେଷ କୌଣସି ଫରକ ଜଣାପଡ଼ିବ ନାହିଁ।

**ପରବର୍ତ୍ତୀ ସଂସ୍କରଣରେ: ଆର୍ଥିକ ବର୍ଷର ସମାପ୍ତି ଆଡ଼କୁ ଆମେ ଅଗ୍ରସର, ତେଣୁ ଆସନ୍ତୁ କେତେକ ସ୍ମାର୍ଟ ନିବେଶ ଟିପ୍‌ସ ଉପରେ ନଜର ପକାଇବା ଯାହା ଆମ ପାଇଁ ଟିକସ ସଞ୍ଚୟ ସହିତ ଆହୁରି ଅନେକ ଦିଗରେ ସହାୟକ ହୋଇପାରିବ।**

f LIVE ଟିକସ ଯୋଜନା ଉପରେ ଅଧିକ ଜାଣିବା ପାଇଁ, ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ୧୪ ଫେବୃଆରୀ, ୨୦୧୯ ଅପରାହ୍ନ ୫ ଘଟିକା ପରଠାରୁ ଟ୍ୟୁନ୍ କରନ୍ତୁ ଏବଂ 'ଟିକସ ଯୋଜନା: ମାର୍ଚ୍ଚର ସତର୍କତା' ଶୋ' ଦେଖନ୍ତୁ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ଫେବୃୟାରୀ, ୨୦୧୯



## ସଂକ୍ଷେପରେ

### ୧୨୫ ବୋତଲ ମଦ ଜବତ

**କେନ୍ଦ୍ରାପଡା ଅଫିସ, ୧୦।୨:** କେନ୍ଦ୍ରାପଡା ଅବକାରୀ ବିଭାଗ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବେଆଇନ ମଦ ବ୍ୟବସାୟୀଙ୍କୁ ଟାଉନ ପୋଲିସ ଶନିବାର ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡ଼ା ବ୍ଲକ ଗୁଲନଗରର ଗଙ୍ଗାଧର ସାହୁ। ତାଙ୍କ ନିକଟରୁ ୧୨୫ ବିଦେଶୀ ମଦ ବୋତଲ ଜବତ କରାଯାଇଛି। ଟାଉନ ଥାନାରେ ୧୬/୧୯ ନଂ.ରେ ଏକ ମାମଲା ରୁଜୁ କରାଯାଇ ଗଙ୍ଗାଧରଙ୍କୁ କୋର୍ଟ ଚାଲାଣ କରାଯାଇଛି। ଥାନା ଅଧିକାରୀ ତପନ କୁମାର ନାୟକ କୁହନ୍ତି, ଗଙ୍ଗାଧର ଓ ତାଙ୍କ ସାଥୀ ଏକ ସ୍କୁଟରରେ ମଦ ନେଇ କେଶପୁରରୁ ଗଣ୍ଡାକିଆ ରାସ୍ତାରେ ଯାଉଥିଲେ। ଅବକାରୀ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ସ୍କୁଟରକୁ ଅଟାଇବା ସମୟରେ ଅନ୍ୟଜଣେ ଖସି ପଳାଇ ଯାଇଥିଲେ।

### ଶିକ୍ଷକନେତାଙ୍କ ସ୍ମାରକୀ ବକ୍ତୃତାମାଳା

କେନ୍ଦ୍ରାପଡ଼ା ଅଫିସ୍, ୧୦।୨: କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଶିକ୍ଷକ ନେତା ସ୍ୱର୍ଗତ ଭଗବାନ ଜେନାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମାରକୀ ବକ୍ତୃତାମାଳା ଶନିବାର ଆୟୋଜିତ ହୋଇଥିଲା। ଡା.ବାସୁଦେବ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବକ୍ତୃତା ମାଳାରେ ଶିକ୍ଷାବିତ୍ ଡା. ନଟବର ଶତପଥୀ, ଡା. କିଶୋର ଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ବିଶ୍ୱାଳ, ପ୍ରଭାତ ଦାସ, ବିଜୟ ନାୟକ, ଗୋଲଖ ଚନ୍ଦ୍ର ମହାଭୋଇ, ପ୍ରଭାକର ସାମଲ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇଥିଲେ। ସେମାନେ ଏଠାରେ ପ୍ରକାଶ କରିଥିଲେ ଯେ, ସ୍ୱର୍ଗତ ଜେନା ଏକାଧାରରେ ଶିକ୍ଷକ, ପ୍ରାବନ୍ଧିକ ଓ ସାମାଜିକ କର୍ମୀ ଥିଲେ। ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ସମାଜର ସୁପରିଚାଳନା ପାଇଁ ଦିଗଦର୍ଶନ ଦେଇଛି। ପଣ୍ଡିତ ପ୍ରତାପ ପତି, ଆଦିକନ୍ଦ ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜନସେବା ସଂଗଠନ କାର୍ଯ୍ୟାଳୟ ଉଦ୍‌ଘାଟିତ

**କେନ୍ଦ୍ରାପଡା ଅଫିସ, ୧୦।୨:** ସହରର ଶ୍ୟାମସୁନ୍ଦରପୁର ଛକଠାରେ ଓଡ଼ିଶା ଜନସେବା ସଂଗଠନର ନୂତନ କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସଂଗଠନ ସଭାପତି ଶୋଭନ ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ସଂଗଠନ କେନ୍ଦ୍ରାପଡ଼ା ଜିଲାର ତୃଣମୂଳ ସମସ୍ୟାର ସମାଧାନ ଦିଗରେ ସହାୟକ ହେବ ବୋଲି କର୍ମକର୍ତ୍ତା ରଶ୍ମିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି। ସେ ପ୍ରକାଶ କରିଛନ୍ତି, ଜିଲାର ସାମାଜିକ ଓ ଅର୍ଥନୈତିକ ଦିଗରେ ଯୁବ ସମାଜକୁ ପ୍ରେରଣା ଯୋଗାଇବା ଏହି ସଂଗଠନର କାର୍ଯ୍ୟ। ଏହି କାର୍ଯ୍ୟାଳୟ ଉଦ୍‌ଘାଟନ ଦ୍ୱାରା ବହୁ ସାମାଜିକ କର୍ମୀ ଏଥିରେ ସାମିଲ ହେବେ ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାକେଶ ସ୍ୱାଇଁ, ନରହରି ଦାଶ, ଦୀପକ ଦାଶ, ବିକାଶ ସ୍ୱାଇଁ, କେଶବ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

### ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ରାଜକନିକା, ୧୦।୨ (ଡି.ଏନ.ଏ):** ରାଜକନିକା ବ୍ଲକ ଅଧୀନ ପାରିନୂଆପଡ଼ାସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କର ରବିବାର ପ୍ରତିମର୍ତ୍ତି ଉନ୍ମୋଚିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପାଠାଗାରର ପ୍ରତିଷ୍ଠାତା ସଭ୍ୟ ନିତ୍ୟାନନ୍ଦ ନାୟକ ପୌରୋହିତ୍ୟ କରିଥିଲେ। ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧାପକ ଅଜୟ କୁମାର ଓଝା ମୁଖ୍ୟବକ୍ତ ଓ ଓଳାଭର ମହାବିଦ୍ୟାଳୟ ଅଧାପକ ମୁରଲୀଧର କର ଏବଂ ବିଶିଷ୍ଟ ଶିକ୍ଷାବିତ୍ ଚକ୍ରଧର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଓ ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ବିକାଶରେ ଗୋପବନ୍ଧୁ ଦାସଙ୍କର ଅବଦାନ ଅତୁଳନୀୟ। ଏବେର ଯୁବଗୋଷ୍ଠୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ସେବା ପାଇଁ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପାଠାଗାରର ପ୍ରତିଷ୍ଠାତା ଡା. ଗୋପାଳ କୃଷ୍ଣ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ପରେଶ୍ୱର ବିଶ୍ୱାଳ ଅତିଥି ପରିଚୟ ଦେଇଥିବା ବେଳେ ପାଠାଗାରର ସମ୍ପାଦକ ରାହସ ବିହାରୀ ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମାଜିକ କର୍ମୀ ଦୁର୍ଯ୍ୟୋଧନ ଭୂୟାଁ, ଶିବରାମ ଦାସ, ସଞ୍ଜୟ କୁମାର ସାମଲ, ଖରସ୍ରୋତା ସାଂସ୍କୃତିକ ପରିଷଦ ସଭାପତି ଲକ୍ଷ୍ମୀଧର ରାଉତ, ଶିବରାମ ଦାସ ପ୍ରମୁଖ ଯୋଗଦେଇଥିଲେ। ଦିନେଶ ମଲ୍ଲିକ ଓ ଅରୂପା ନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

# ଉନ୍ନୟନ କାର୍ଯ୍ୟରେ ଖର୍ଚ୍ଚ ହେବ ୨.୫୫ କୋଟି

**କେନ୍ଦ୍ରାପଡ଼ା ଅଫିସ୍, ୧୦।୨**

**ମୋ ସ୍କୁଲ ଅଭିଯାନରେ କେନ୍ଦ୍ରାପଡ଼ା ସଫଳ**
- ଜିଲାର ୧୯୪ ସ୍କୁଲରୁ ୪୪୮ ପ୍ରସ୍ତାବ
- ୮୫,୦୦,୮୭୯ ସଂଗୃହୀତ, ୧,୭୦,୦୧,୭୫୮ ଦେବେ ରାଜ୍ୟ ସରକାର
- ପାଣ୍ଠି ସଂଗ୍ରହରେ ପଟ୍ଟାମୁଣ୍ଡାଇ ବ୍ଲକ ଆଗୁଆ
- ବଲୁରିଆ ହାଇସ୍କୁଲରୁ ସର୍ବାଧିକ ପାଣ୍ଠି ସଂଗ୍ରହ

ରାଜ୍ୟ ସରକାର ମୋ ସ୍କୁଲ ଅଭିଯାନ ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗ ଲୋଡିଛନ୍ତି। ଏହି ଯୋଜନା ଅନୁଯାୟୀ, ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ନିମନ୍ତେ ପୁରାତନ ଛାତ୍ରୀଛାତ୍ରଙ୍କଠାରୁ ସଂଗ୍ରହ କରାଯାଇଥିବା ପାଣ୍ଠିର ଦୁଇଗଣା ଅର୍ଥ ରାଜ୍ୟ ସରକାର ପ୍ରଦାନ କରିବେ। ଏହି ଯୋଜନା କେନ୍ଦ୍ରାପଡାରେ ସଫଳତା ଆଡକୁ ଗତି କରିବାରେ ଲାଗିଛି। ଜିଲାରେ ଅଭିଯାନରେ ସାମିଲ ହୋଇଥିବା ସ୍କୁଲଗୁଡିକରୁ ସମୁଦାୟ ୮୫,୦୦ ୮୭୯ ଟଙ୍କା ଆଦାୟ ହୋଇଥିବା ବେଳେ ରାଜ୍ୟ ସରକାର ଏହାର ୨ ଗୁଣ ଅର୍ଥାତ୍ ୧,୭୦,୦୧,୭୫୮ ଟଙ୍କା ପ୍ରଦାନ କରିଛନ୍ତି।

ଜିଲାର ମୋଟ ୩୩୭ ସରକାରୀ ବିଦ୍ୟାଳୟ ମଧ୍ୟରୁ ଜାନୁୟାରୀ ଶେଷ ସୁଦ୍ଧା ୧୯୪ ସ୍କୁଲ ଏହି ଯୋଜନାରେ ସାମିଲ ହୋଇଛନ୍ତି। ୧୯୪ ସ୍କୁଲର ଉନ୍ନୟନ କାର୍ଯ୍ୟପାଇଁ ୪୪୮ଟି ପ୍ରସ୍ତାବ ଆସିଥିବା ବେଳେ ୨,୫୫,୦୨,୬୩୭ ଖର୍ଚ୍ଚ କରାଯାଇ ଉନ୍ନୟନ କାର୍ଯ୍ୟ କରାଯିବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

ପାଣ୍ଠି ସଂଗ୍ରହରେ ପଟ୍ଟାମୁଣ୍ଡାଇ ବ୍ଲକ ସବୁଠୁ ଆଗରେ ରହିଛି। ବ୍ଲକର ୪୭ ସ୍କୁଲରୁ ୪୫ ସ୍କୁଲ ଏହି ଯୋଜାନରେ ସାମିଲ ହୋଇଛନ୍ତି। ଉକ୍ତ ୪୫ ସ୍କୁଲର ଉନ୍ନୟନ କାର୍ଯ୍ୟ ପାଇଁ ୧୨୮ ପ୍ରକଳ୍ପ ଚୟନ ହୋଇଛି। ଏଥିପାଇଁ ପୁରାତନ ଛାତ୍ରୀଛାତ୍ରମାନେ ୨୧,୩୩,୫୦୬ ଟଙ୍କା ପ୍ରଦାନ କରିଥିବା ବେଳେ ରାଜ୍ୟ ସରକାର ୪୨,୬୭,୦୧୨ ଟଙ୍କା ପ୍ରଦାନ କରିଛନ୍ତି। ଏହି ବ୍ଲକରେ ବଲୁରିଆ ହାଇସ୍କୁଲରୁ ସର୍ବାଧିକ ୪,୯୭,୨୦୪ ଟଙ୍କା ପାଣ୍ଠି ସଂଗ୍ରହ ହୋଇଛି। ଏ ସମ୍ପର୍କରେ ପୁରାତନ ଛାତ୍ର ବଳଭଦ୍ର ପଣ୍ଡା କୁହନ୍ତି, ଶିକ୍ଷା ମଣିଷକୁ ସୁସ୍ଥ ଜୀବନଯାପନ ପ୍ରଣାଳୀର ମାର୍ଗ ଦେଖାଏ। ଆଗାମୀ ପିଢ଼ିକୁ ଦୃଷ୍ଟିରେ ରଖି ପୁରାତନ ଛାତ୍ରୀଛାତ୍ରମାନେ ଏକତ୍ର ହୋଇ ଏକ ସଂସଦ ଗଠନ କରିଛୁ। ଏହା ଜରିଆରେ ସ୍କୁଲର ଉନ୍ନୟନ କାର୍ଯ୍ୟ ପ୍ରତି ଧ୍ୟାନ ଦିଆଯାଉଛି।

ଏ ସମ୍ପର୍କରେ ଡିଇଓ କଳ୍ପନା ବେହେରା କୁହନ୍ତି, ଅଭିଯାନ ଯୋଗେ ପୁରାତନ ଛାତ୍ରୀଛାତ୍ରଙ୍କୁ ନିଜ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରାଯାଉଛି। ବିଦ୍ୟାଳୟର ଅଭାବ ଅସୁବିଧା ସମାଧାନ ପାଇଁ ପରାମର୍ଶ ଲୋଡିବା ସହ ସେମାନଙ୍କଠାରୁ ଆର୍ଥିକ ସହଯୋଗ ଆଶା କରାଯାଉଛି। ଏଥିସହ ବିଦ୍ୟାଳୟର ବହୁ ସମସ୍ୟା ସମାଧାନ ହୋଇଯାଉଛି। ଜିଲାପାଳ ଦାଶରଥି ଶତପଥୀ କୁହନ୍ତି, ମୋ ସ୍କୁଲ ଅଭିଯାନ ରାଜ୍ୟ ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ। ଏଥିପାଇଁ ବିଭିନ୍ନ ସମୟରେ ଯୋଜନାର ସମୀକ୍ଷା କରାଯାଇଛି। ଏହି ଅଭିଯାନ ଯୋଗୁ ପୁରାତନ ଛାତ୍ରୀଛାତ୍ରଙ୍କର ଶିକ୍ଷାନୁଷ୍ଠାନ ପ୍ରତି ଆତ୍ମୀୟତା ବୃଦ୍ଧି ପାଉଛି।

## ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ




ମୋ ସ୍କୁଲ ଅଭିଯାନ ସଭାରେ ଅତିଥିମାନେ।

**କେନ୍ଦ୍ରାପଡା ଅଫିସ, ୧୦।୨**

କେନ୍ଦ୍ରାପଡା ଟାଉନ ହାଇସ୍କୁଲ ପରିସରରେ ମୋ ସ୍କୁଲ ଅଭିଯାନର ଜିଲାସ୍ତରୀୟ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ମିଳନୀ ସହ ବ୍ଲକସ୍ତରୀୟ ଫଟୋ ପ୍ରଦର୍ଶନୀ ହୋଇଛି। ଜିଲାପାଳ ଦାଶରଥି ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇ ଜିଲାର ମୋ ସ୍କୁଲ ଅଭିଯାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର. ଡିଇଓ କଳ୍ପନା ବେହେରା, ଡିଆଇଟିର ଡ. ମୀନାକ୍ଷୀ ମହାପାତ୍ର, ଏଡିଇଓ ଅଜୟ ସେଠୀ, ଡ. ବାସୁଦେବ ଦାସ, ଶିକ୍ଷାବିତ୍ ହେମନ୍ତ ଜେନା, ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଜେନା ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ନୋଡାଲ ଅଧିକାରୀ ଅଭୟ ପ୍ରତିହାରୀ, ପୀତାବାସ ପଣ୍ଡା, ସିଆରସିସି ବଳଦେବ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

## କାଞ୍ଚିକାବେରୀ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

**କେନ୍ଦ୍ରାପଡା ଅଫିସ, ୧୦।୨**

ତୁଳସୀକ୍ଷେତ୍ରର ଆରାଧ୍ୟଦେବ ଶ୍ରୀବଳଦେବ ଜୀଉଙ୍କ କାଞ୍ଚିକାବେରୀ ବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଅପରାହ୍ନଠାରୁ ରାତି ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଥିଲା। ପରମ୍ପରା ଅନୁଯାୟୀ ବସନ୍ତ ପଞ୍ଚମୀ ଦିନ ଏହି ଶ୍ରୀଜୀଉଙ୍କୁ କାଞ୍ଚି କାବେରୀ ବେଶରେ ସଜାଯାଏ। ଏହି ଦିନ ଶ୍ରୀଜୀଉମାନେ ଶୀତବସ୍ତ୍ର ପରିତ୍ୟାଗ କରି ଶୁକ୍ଳ ବସ୍ତ୍ର ପରିଧାନ କରିଥାନ୍ତି। ଏହି ଅବସରରେ ଶ୍ରୀଜୀଉଙ୍କ ବିଜେ ପ୍ରତିମାଙ୍କର ବସନ୍ତ ବଗିଚା ଯାତ୍ରା ଓ ରଥ କାଠ ଅନୁକୂଳ ଅନୁଷ୍ଠିତ ହୋଇଥାଏ। ରୀତିନିତୀ ଅନୁଯାୟୀ ସକାଳ ଧୂପ ବଢ଼ିଲା ପରେ ମନ୍ଦିର ଶୋଧ କରାଯାଇ ଭୋଗ ମଣ୍ଡପରେ ମହାପ୍ରଭୁଙ୍କ ବିଜେପ୍ରତିମା ଗୋବିନ୍ଦଜୀଉଙ୍କୁ ଖଟୁଲିରେ ବିଜେ କରାଯାଇଥିଲା। କଳସ ସ୍ଥାପନ ପରେ ମନ୍ଦିର ପୁରୋହିତ ବିଜେ ପ୍ରତିମାଙ୍କ ଅଭିଷେକ କରାଇଥିଲେ। ଏହି ସମୟରେ ବସନ୍ତ ଆଗମନ ଉପଲକ୍ଷେ ଶ୍ରୀଜୀଉମାନଙ୍କ ମସ୍ତକରେ ବକୁଳ ଲାଗି ଓ ବସନ୍ତ ଅବିର ଲାଗି ହୋଇଥିଲା। ଏହାପରେ ତିନି ବାଡ଼ର ପୂଜାପଣ୍ଡା ମଙ୍ଗଳାର୍ପଣ ନୀତି ସମ୍ପୂର୍ଣ୍ଣ କରିଥିଲେ।



ଶ୍ରୀବଳଦେବ ଜୀଉଙ୍କ କାଞ୍ଚିକାବେରୀ ବେଶ।

ପାରମ୍ପରିକ ରିତୀନିତୀ ଅନୁଯାୟୀ ଶ୍ରୀଜୀଉଙ୍କୁ ଚଣାଖଜା ଅର୍ପଣ କରାଯାଇଥିଲା। ସମସ୍ତ ଦେବନୀତି କର୍ମ ସରିବା ପରେ ଶ୍ରୀଜୀଉଙ୍କ ବିଜେପ୍ରତିମା ଶ୍ରୀଗୋବିନ୍ଦଜୀଉ ମନ୍ଦିର ପାର୍ଶ୍ୱରେ ଥିବା ବସନ୍ତ ବଗିଚାକୁ ଯାତ୍ରା କରିଥିଲେ। ପରେ ମନ୍ଦିର ଶୋଧ କରାଯାଇ ଦ୍ୱିପହର ନୀତି ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଶ୍ରୀଜୀଉଙ୍କ ପହଡ଼ ଫିଟାଯାଇ ଉଠାଣୀନୀତି ଆରମ୍ଭ ହୋଇଥିଲା। ପରେ ଶ୍ରୀବଳ ଦେବଜୀଉ ଧଳା ଘୋଡ଼ା ଓ ସାନୁଜ ଶ୍ରୀଜଗନ୍ନାଥ କଳା ଘୋଡ଼ାରେ ଉପବେସନ କରି କାଞ୍ଚି ଅଭିଯାନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏହି ବେଶରେ ଶ୍ରୀଜଗନ୍ନାଥଙ୍କ ବାମ ପାର୍ଶ୍ୱରେ ମୁଣ୍ଡରେ ଦହିହାଣ୍ଡି ସହିତ ମାଣିକ ଗଉଡୁଣୀର ପ୍ରତିମା ସାମିଲ ହୋଇଥିଲା ବୋଲି ବରିଷ୍ଠ ସେବାୟତ ଗଗନ ପତ୍ରୀ ସୂଚନା ଦେଇଛନ୍ତି। ତୁଳସୀକ୍ଷେତ୍ର ବ୍ୟତିତ ଅନ୍ୟ କୌଣସି ଜଗନ୍ନାଥ ମନ୍ଦିରରେ ଏହି ବେଶ ଅନୁଷ୍ଠିତ ହୁଏ ନାହିଁ।

## ବିଶ୍ୱରଞ୍ଜନଙ୍କ ଚିକିତ୍ସା ପାଇଁ ଜନସେବା ସଂଗଠନର ନିବେଦନ

**କେନ୍ଦ୍ରାପଡା ଅଫିସ, ୧୦।୨**

କେନ୍ଦ୍ରାପଡା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ବିଶ୍ୱରଞ୍ଜନ ସ୍ୱାଇଁ (୪୨) ମେରୁଦଣ୍ଡ ଜନିତ ରୋଗରେ ପୀଡିତ ଅଛନ୍ତି। ପରିବାରର ଆର୍ଥିକ ସ୍ୱଚ୍ଛଳତା ନଥିବା ହେତୁ ତାଙ୍କ ଚିକିତ୍ସା ଖର୍ଚ୍ଚ ତୁଲାଇବା ତାଙ୍କପକ୍ଷେ ସମ୍ଭବ ହେଉନାହିଁ। ସ୍ତ୍ରୀ, ଦୁଇ ଝିଅ ଓ ପୁଅକୁ ନେଇ ତାଙ୍କ ପରିବାର। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବିଛଣାରେ ପଡିଥିବାରୁ ପିଲାମାନେ ପାଠପଢ଼ା ଖର୍ଚ୍ଚ ସହ ମେଡିକାଲ ଖର୍ଚ୍ଚ ପାଇଁ ଟଙ୍କା ଯୋଗାଡ଼ କରିବାକୁ ସେ ଅସମର୍ଥ। ଏ ପରିସ୍ଥିତିରେ ପ୍ରଶାସନ, ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ ଏବଂ ସହୃଦୟ ବ୍ୟକ୍ତିମାନେ ତାଙ୍କ ଚିକିତ୍ସା ପାଇଁ ସହଯୋଗ ଦେବାକୁ ଓଡିଶା ଜନସେବା ସଂଗଠନ ସଭାପତି ଶୋଭନ ଆଚାର୍ଯ୍ୟ ନିବେଦନ କରିଛନ୍ତି। ସଂଗଠନ ସଦସ୍ୟ ରଶ୍ମିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଦେବାଶିଷ ବେହେରା, ଶ୍ରୀଚରଣ ସେନାପତି, ପ୍ରଦୀପ୍ତ ସାମଲ ପ୍ରମୁଖ ବିଶ୍ୱରଞ୍ଜନଙ୍କ ଘରେ ପହଞ୍ଚି ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

## ୧୩ତମ କାଳିଦାସ ମହୋତ୍ସବ




ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

**ମହାକାଳପଡ଼ା, ୧୦।୨ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ବବକରପୁରସ୍ଥିତ କାଳି ଦାସ ମନ୍ଦିର ପ୍ରାଙ୍ଗଣରେ ରବିବାର ୧୩ ତମ କାଳିଦାସ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାଳିଦାସ ଫାଉଣ୍ଡେଶନ, ବବକରପୁର ଓ ପୁଣ୍ୟ ଉତ୍କଳ ଫାଉଣ୍ଡେଶନ, ଭୁବନେଶ୍ୱର ଆନୁକୂଲ୍ୟରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କବି ମନୋରଞ୍ଜନ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାଳିଦାସଙ୍କ ଜୀବନୀ, ସାହିତ୍ୟ, ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏଥିସହ ବିଶିଷ୍ଟ ଗୀତିକାର ବୃନ୍ଦାବନ ଜେନା, ଚିନ୍ମୟ କୁମାର ଦାସ, ବିଶିଷ୍ଟ କବି ତଥା ଭାରତୀୟ ରେଳ ବିଭାଗ ବରିଷ୍ଠ ଅଧିକାରୀ ନିରାକାର ଦାସ, ଜିଲା ପରିଷଦ ସଭ୍ୟା ନଳିନୀପ୍ରଭା ଚୌଧୁରୀ, କବି ହେମନ୍ତ କୁମାର ରାଉତ, ଦୁଃଶାସନ ଦାସ, ସାମାଜିକ କର୍ମୀ ଅମୀୟ ନାୟକ, ଅଧାପକ ବୀରବର ଜେନା ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଗ୍ରନ୍ଥକାର ପ୍ରଫେସର ଦାଶ ବେନହୁରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ କାଳିଦାସ ସମ୍ମାନରେ ସମ୍ମାନିତ କରିଥିଲେ।

## ପେଗରପଡ଼ା ହାଇସ୍କୁଲରେ ଗୁରୁପୂଜନ



ଉତ୍ସବରେ ପୁରାତନ ଛାତ୍ରୀଛାତ୍ରମାନେ।

**ରାଜକାନିକା, ୧୦।୨ (ଡି.ଏନ.ଏ.)**

ରାଜକନିକା ବ୍ଲକ ଅଧୀନ ପେଗରପଡା ହାଇସ୍କୁଲର ୧୯୯୭ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପେଗରପଡ଼ା ସରପଞ୍ଚ ଅଭୟ କୁମାର ମଲିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ପେଗରପଡା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ସାହୁ ମୁଖ୍ୟଅତିଥି ଓ ପୁରାତନ ଛାତ୍ର ଅଜିତ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ବାଦଲ ପଟ୍ଟନାୟକ, ଅଜାମିଲ ମଲିକ, ସୁଶାନ୍ତ ମଲିକ, ବିଶ୍ୱନାଥ ସାହୁ, ଗାୟତ୍ରୀ ଶତପଥୀ, ଉତ୍ତମା ଦାସ, ଅଶ୍ୱିନୀ ଦାସ, ପ୍ରଦୀପ୍ତ ମଲିକ, ମନୋରଞ୍ଜନ ମଲିକ, ସସ୍ମିତା ମହାକୁଡ଼, ଦୀପାଞ୍ଜଳି ପଲାଇ, ଅଜୟ ନାୟକ, ମିନତି ପଣ୍ଡା ଓ ରବୀନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ସାହୁ, ବାସୁଦେବ ପାତ୍ର, ଉପେନ୍ଦ୍ର ସାହୁ, ରବୀନ୍ଦ୍ର ପଣ୍ଡା, ନିରଂଜନ ସୂତାର, ବିଳାସ ଚନ୍ଦ ବଳ ଓ ଶକୁନ୍ତଳା ଦାସଙ୍କୁ ଉପାୟନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପଦାର୍ଥ ବିଜ୍ଞାନ ବିଭାଗ କର୍ମଶାଳା

**କେନ୍ଦ୍ରାପଡା ଅଫିସ, ୧୦।୨**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ବାର୍ ଭୋଲ୍‌ଟ ପାୱାର ସପ୍ଲାଏ ଶୀର୍ଷକ କର୍ମଶାଳା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ରାମଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅଧ୍ୟକ୍ଷ ପ୍ରଫେସର ବିନ୍ଦୁମିତ୍ର ବଳ, ଶିକ୍ଷାବିତ୍ ଡା. ଶର୍ମିଷ୍ଠା ସାହୁ ମୁଖ୍ୟ ମାର୍ଗଦର୍ଶକ ଭାବେ ଯୋଗଦେଇଥିଲେ। ଏଥିରେ କଟକ ଓ କେନ୍ଦ୍ରାପଡା ଜିଲାର ୧୨ କଲେଜର ବିଭାଗୀୟ ଅଧ୍ୟାପିକାଅଧ୍ୟାପକ ଯୋଗଦେଇ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବଳ, ବିଭାଗୀୟ ଅଧ୍ୟାପକ ମନୋଜ କୁମାର ମିଶ୍ର, ଡା. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ବିଶ୍ୱରଞ୍ଜନ ପୁହାଣ, ସରିତ କୁମାର ଦାସ, କବିତା ରାଉତ, ପ୍ରକାଶ ମଲ୍ଲିକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ

## ସ୍ୱାଧୀନତା ସଂଗ୍ରାମୀ ଦେଶବନ୍ଧୁ ଦାସଙ୍କ ବିୟୋଗ

**କେନ୍ଦ୍ରାପଡା ଅଫିସ, ୧୦।୨**

ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ଦେଶବନ୍ଧୁ ଦାସ (୯୬)ଙ୍କର ରବିବାର ମୃତ୍ୟୁ ଘଟିଛି। ଖବର ପ୍ରଚାରିତ ପରେ ଜିଲା ପ୍ରଶାସନ, ସ୍ୱାଧୀନତା ସଂଗ୍ରାମ ସମିତି ସଦସ୍ୟ, ରାଜନେତା, ବୁଦ୍ଧିଜୀବୀ ପ୍ରମୁଖ କେନ୍ଦ୍ରାପଡ଼ା ବ୍ଲକ ସାନମାଣଟିଆ ପଞ୍ଚାୟତ ବଡମାଣଟିଆସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ବେଳେ ସେ ଜେଲ ଯାଇଥିଲେ। ଏଥିସହିତ ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗଦାନ ସହିତ ଗାନ୍ଧିଙ୍କ ବିଚାରଧାରାକୁ ପ୍ରଚାର ପ୍ରସାର କରୁଥିଲେ। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ଶବାଧାରରେ ଜିଲାପାଳ ଦାଶରଥି ଶତପଥୀ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜିଲା ସ୍ୱାଧୀନତା ସଂଗ୍ରାମୀ ସଂଘ ସଭାପତି ନକୁଳ ଚରଣ ଦାସ, କୁମାର ଚନ୍ଦ୍ର ମିଶ୍ର, ଡା. ବାସୁଦେବ ଦାସ, ରତ୍ନାକର ଦାସ, ଗୋପାଳ କୃଷ୍ଣ ଜେନା, ଜିଲା ପରିଷଦ ସଭାପତି ମାନସ କୁମାର ପରିଡ଼ା, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ସରପଞ୍ଚ କମଳା ଗିରି, ସମିତି ସଭ୍ୟା ଅଞ୍ଜଳି ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ୧୨ରେ ଭାଜପାର ଜନ ଅଦାଲତ

**କେନ୍ଦ୍ରାପଡା ଅଫିସ, ୧୦।୨**

ଭାଜପାର କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନୀ ମଣ୍ଡଳୀସ୍ତରୀୟ ଜନ ଅଦାଲତ କାର୍ଯ୍ୟକ୍ରମ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ। ସହରର ତିନିମୁହାଣି ଛକ ପରିସରରେ ଅପରାହ୍ନ ୫ଟାରେ ଆୟୋଜିତ ଏହି ଜନ ଅଦାଲତରେ ଜିଲାର ସମସ୍ତ ବିଧାୟକ ଓ ଜନସାଧାରଣଙ୍କୁ ଯୋଗଦେବାକୁ ଜିଲା ସଂଯୋଜକ ବିଷ୍ଣୁ ଦାସ ଏକ ଖବରଦାତା ସମ୍ମିଳନୀରେ ରବିବାର ସୂଚନା ଦେଇଛନ୍ତି। ସେ ପ୍ରକାଶ କରିଛନ୍ତି, କେନ୍ଦ୍ରାପଡ଼ା ଜିଲା ବିକାଶରେ ସେମାନଙ୍କ କାର୍ଯ୍ୟକୁ ସମୀକ୍ଷା କରାଯିବା ସହିତ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ଏକ ଚାର୍ଜଶିଟ ପ୍ରସ୍ତୁତ ହେବ। ସହରର ଗୋପସ୍ଥିତ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପାର ବହୁ ବରିଷ୍ଠ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଓକିଲପାଳ ଗ୍ରାମରେ ଅଚିହ୍ନା ମୃତଦେହ

**ରାଜନଗର, ୧୦।୨ (ଡିଏନଏ)**

ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର ଓକିଲପାଳ ଗ୍ରାମ ମୁଣ୍ଡରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ରବିବାର ସନ୍ଧ୍ୟାରେ ପଡିଥିବାର ଦେଖିବାକୁ ମିଳିଛି। ଗ୍ରାମବାସୀ ଏ ନେଇ ପୋଲିସକୁ ଖବର ଦେଇଛନ୍ତି । ସୋମବାର ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବ ବୋଲି ଆଇଆଇସି ସୁକାନ୍ତ କୁମାର ପାତ୍ର କହିଛନ୍ତି ।

## ସରସ୍ୱତୀ ପୂଜା, ମାତୃ ସମ୍ମିଳନୀ

**କେନ୍ଦ୍ରାପଡ଼ା ଅଫିସ୍, ୧୦।୨**

କେନ୍ଦ୍ରାପଡ଼ା ସହର ତଥା ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ରବିବାର ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମାତୃ ସମ୍ମିଳନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହରର ଖଡ଼ିଅଙ୍ଗସ୍ଥ ଅଙ୍କୁର ଶିକ୍ଷା ନିକେତନର ବାର୍ଷିକ ଶିଶୁମେଳା ଓ ମାତୃସମ୍ମିଳନୀ ପାଳନ କରାଯିବା ସହ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଅମର ପ୍ରସାଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସାମାଜିକ କର୍ମୀ ପ୍ରଭାବତୀ ସାମନ୍ତରାୟ, ସବିତା ବେହେରା, ଶିକ୍ଷୟିତ୍ରୀ ସୁଚରିତା ଜେନା ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଦ୍ୟାର୍ଥୀ ଓ ମାଆଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଝୋଟି, ଚିତ୍ରାଙ୍କନ ଏବଂ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶିକ୍ଷୟିତ୍ରୀ ରାଜଶ୍ରୀ ସାମଲ ସଭା ପରିଚଳନା କରିଥିବା ବେଳେ କିରଣମୟୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସୁମିତ୍ରା ସାହୁ, ମଧୁସ୍ମିତା ସାହୁ, ଆତିୟା ସୁଲତାନା, ଶିକ୍ଷକ ପ୍ରଭାକର ବେହେରା, ରାଜେନ୍ଦ୍ର ସାହୁ, ପ୍ରଭାତ ଜେନା, ଗଣେଶ୍ୱର ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ସେହିପରି କଜଳାସ୍ଥିତ ଭାରତୀ ବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା ସହ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରିଚାଳନା ପରିଷଦ ସଭାପତି ସରୋଜକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ବହୁ ଶିକ୍ଷାବିତ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ଦାସ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ମୁରଲୀଧର ଦାସ ଉତ୍ସବ ପରିଚାଳନା କରିଥିଲେ। କେନ୍ଦ୍ରାପଡ଼ା ଟାଉନ ହାଇସ୍କୁଲ ସମେତ ବିଭିନ୍ନ ସ୍କୁଲ ଓ କଲେଜରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଥିଲା।

# ଦୈତାରିପୁରରେ ଜଳିଗଲା ୧୦ରୁ ଊର୍ଦ୍ଧ୍ୱ ଘର

**ଆଳି ୧୦।୨ (ଡି.ଏନ୍.ଏ.)**

ଆଳି ବ୍ଲକ ପଦନିପାଳ ପଞ୍ଚାୟତ ଅଧୀନ ଦୈତାରିପୁର ଗ୍ରାମରେ ଗତ କିଛିଦିନ ହେବ ଭୌତିକ ଅଗ୍ନିକାଣ୍ଡ ଘଟି କେତେଜଣଙ୍କ ଘର ପୋଡ଼ି ଯାଉଛି। ଏ ନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଥିବା ବେଳେ ରବିବାର ଭୌତିକ ଅଗ୍ନିକାଣ୍ଡ ଘଟି ୧୦ରୁ ଊର୍ଦ୍ଧ୍ୱ ପରିବାରର ଘର ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଗ୍ରାମର ଉଦକର ମଳିକ, ବିଶ୍ୱନାଥ ମଳିକ, ମହେଶ୍ୱର ମଳିକ, ପ୍ରମୋଦ ମଳିକ, ପରିକ୍ଷିତ ମଳିକ, କାଳନ୍ଦୀ ମଳିକ, ସୁଶାନ୍ତ ମଳିକ, ଟିଙ୍କିଲା ମଳିକ, ଖଗେଶ୍ୱର ମଳିକ, ଘନଶ୍ୟାମ ମଳିକ ପ୍ରମୁଖଙ୍କ ଘର ସମ୍ପୂର୍ଣ୍ଣ ଜଳିଯାଇଛି।

ଉକ୍ତ ଗ୍ରାମର ଚତୁଃପାର୍ଶ୍ୱରେ ଖରସ୍ରୋତା ଓ କାଣୀ ନଦୀ ଘେରି ରହିଥିବାରୁ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ଅଗ୍ନିକାଣ୍ଡ ସ୍ଥଳରେ ପହଞ୍ଚି ପାରି ନଥିଲେ। ଫଳରେ ଗ୍ରାମବାସୀ ନଦୀରୁ ପାଣି ଆଣି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ସମସ୍ତ ପରିବାରର ଆସବାବ ପତ୍ର ସହ ବର୍ଷକର ଖାଦ୍ୟ ସାମଗ୍ରୀ ସବୁ ଜଳିଯାଇଛି। ଅଗ୍ନି ବିପନ୍ନ ପରିବାର ଖୋଲା ଆକାଶ ତଳେ ପଡ଼ିରହିଛନ୍ତି। ପଦନୀପାଳ ସରପଞ୍ଚ ରାକେଶ ରୋଶନ ରାଉତ କ୍ଷତିଗ୍ରସ୍ତ ପରିବାରକୁ ଜରିପାଲ ଓ ଖାଦ୍ୟ ପଦାର୍ଥ ଯୋଗାଇ ଦେଇଛନ୍ତି। ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ଭେଟିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଗତ କିଛିଦିନ ହେବ ଏଭଳି ଭୌତିକ ଅଗ୍ନିକାଣ୍ଡ ଘଟୁଥିବା ଗ୍ରାମବାସୀ କହିଛନ୍ତି। ବାରମ୍ବାର ଅଗ୍ନିକାଣ୍ଡ ଘଟୁଥିବାରୁ ଗ୍ରାମରେ କୋକୁଆ ଭୟ ସୃଷ୍ଟି ହୋଇଛି।




ଅଗ୍ନିକାଣ୍ଡରେ ଜଳିଯାଇଥିବା ଘର।

## ସଂକ୍ଷେପରେ

### ପୂଜା ହେଲା ମାଦଳା ପାଞ୍ଜି

**ପୁରୀ ଅଫିସ, ୧୦।୨:** ଶ୍ରୀମନ୍ଦିରରେ ରବିବାର ବସନ୍ତ ପଞ୍ଚମୀ ପର୍ବ ପାଳିତ ହୋଇଛି। ବେଢା ପରିସର ସରସ୍ୱତୀ ମନ୍ଦିରରେ ମା' ବିଦ୍ୟାଦାତ୍ରୀଙ୍କ ଦର୍ଶନ ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ମଧାହ୍ନ ଧୂପ ପରେ ଆଜ୍ଞାମାଳ ପ୍ରାପ୍ତ ହୋଇ ବେଣ୍ଟ ନିମନ୍ତେ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୁଦେବୀ ବିଜେ ହୋଇଥିଲେ। ଏହାପରେ ସନ୍ଧ୍ୟା ଆଳତି ବଢିଥିଲା। ସନ୍ଧ୍ୟା ଧୂପ ପରେ ସରସ୍ୱତୀଙ୍କ ମନ୍ଦିରରେ ମାଦଳା ପାଞ୍ଜି ପୂଜା ହୋଇଥିଲା। ମାଦଳା ପାଞ୍ଜି ରଖାଯାଇ ପତନି, ମାଳଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ସରିଥିଲା। ଏହାପରେ ସରସ୍ୱତୀଙ୍କ ମନ୍ଦିରରେ ୨୨ଟି ନଡ଼ିଆ ଭଙ୍ଗା ଯାଇଥିଲା।

ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗ

### ଭାଜପା-ବିଜେଡି ଦୋଷ ଲଦାଲଦି

**ଭୁବନେଶ୍ୱର, ୧୦।୨(ବ୍ୟୁରୋ):** ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି କରିବା କ୍ଷେତ୍ରରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଅନ୍ୟ ରାଜ୍ୟରେ ଅଙ୍ଗନୱାଡି କର୍ମୀ ଦରମା ବାବଦକୁ ଅଧିକ ଟଙ୍କା ପାଉଥିବା ବେଳେ ଓଡିଶା ସରକାର ଏଥିପାଇଁ ଗୁରୁତ୍ୱ ନ ଦେବା ଦୁର୍ଭାଗ୍ୟଜନକ ବୋଲି ଭାଜପା ଅଭିଯୋଗ କରୁଛି। ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଏକ ଚିଠି ଲେଖିବା ପରେ ଭାଜପା ଏଭଳି ଅଭିଯୋଗ ଆଣିଛି। ଅନ୍ୟପଟେ ଭାଜପା ଏକ ଭ୍ରଷ୍ଟାଚାରୀ ଦଳ ବୋଲି ବିଜେଡି କହିବାସହ ସେମାନେ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିଛି। ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗ ନେଇ ଗତ ୨୫ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ମନ୍ତ୍ରୀ ମାନେକା ଗାନ୍ଧୀଙ୍କୁ ଏକ ଚିଠି ଲେଖିଥିଲେ। ଧର୍ମେନ୍ଦ୍ର ଲେଖିଥିବା ଚିଠି ଉପରେ କେନ୍ଦ୍ରମନ୍ତ୍ରୀ ମାନେକା ନିଜର ଉତ୍ତର ରଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୮ ଅକ୍ଟୋବର ୧ତାରିଖରୁ ସବୁ ରାଜ୍ୟର ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯିବ ବୋଲି କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗତ ସେପ୍ଟେମ୍ବର ୨୦ରେ ଅବଗତ କରାଯାଇଥିଲା। ଚଳିତ ଆର୍ଥିକବର୍ଷ ପାଇଁ ବର୍ଦ୍ଧିତ ପାରିଶ୍ରମିକ ବାବଦକୁ ତୃତୀୟ ଏବଂ ଚତୁର୍ଥ କ୍ୱାର୍ଟର୍ସ ଲାଗି କେନ୍ଦ୍ର ସରକାରଙ୍କ ଅଂଶ ବାବଦରେ ଓଡିଶାକୁ ୧୬୨୯୪.୩୮ ଲକ୍ଷ ଟଙ୍କା ଦିଆଯାଇଛି। ଓଡିଶା ସମେତ ଦେଶର ଅନ୍ୟ ରାଜ୍ୟରେ ଖାଲି ପଡିଥିବା ଅଙ୍ଗନୱାଡି ପଦବୀଗୁଡିକୁ ପୂରଣ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ବାରମ୍ବାର ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ଅନୁରୋଧ କରିଛନ୍ତି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳମାନଙ୍କୁ ମଧ୍ୟ ଏ ସମ୍ପର୍କରେ କ୍ଷମତା ଦେବାକୁ ଅନୁରୋଧ କରାଯାଇଥିବା ମାନେକା ଚିଠିରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ପୂର୍ବରୁ ଅଙ୍ଗନୱାଡି କର୍ମୀମାନେ ୪ହଜାର ଟଙ୍କା ଲେଖା ପାଉଥିଲେ। କେନ୍ଦ୍ର ସରକାର ୩ମାସ ତଳୁ ସେମାନଙ୍କ ଦରମା ବାବଦ ଅର୍ଥକୁ ଅଧିକ ୩ହଜାର ଟଙ୍କା ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ସେହି ବର୍ଦ୍ଧିତ ଦରମା ପ୍ରଦାନ କରୁଛନ୍ତି। ଉକ୍ତ ଟଙ୍କାକୁ ଆମେ ଦେଉଛୁ ବୋଲି କହି ବିଜେଡି ରାଜନୀତି କରୁଛି। ରାଜ୍ୟ ସରକାର ତୁରନ୍ତ ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି କରନ୍ତୁ ବୋଲି ଗୋଲକ କହିଛନ୍ତି। ଭାଜପାର ଏଭଳି ଅଭିଯୋଗକୁ ନେଇ ବିଜେଡି ନେତା ସୁବାସ ସିଂ କହିଛନ୍ତି ଯେ, ଭାଜପା ହେଉଛି ଏକ ଭ୍ରଷ୍ଟାଚାରୀ ଦଳ, ଯାହା ବିଶ୍ୱରେ ବିରଳ। ଅଙ୍ଗନୱାଡି କର୍ମୀଙ୍କ ଦରମାର ୪ହଜାର ଟଙ୍କାରୁ ୬୦ପ୍ରତିଶତ କାଟିଦେଲେ ବାକି ସବୁ ରାଜ୍ୟ ଦେଉଛି। କେବଳ ଭୋଟ ପାଇଁ ଭାଜପା ନେତାମାନେ ଅଯଥା ରାଜନୀତି କରୁଛନ୍ତି ବୋଲି ସିଂ କହିଛନ୍ତି।

# ଶୃଙ୍ଖଳିତ ନିର୍ବାଚନ ବଡ଼ ଚ୍ୟାଲେଞ୍ଜ

ଭୁବନେଶ୍ୱର, ୧୦।୨
(ଜ୍ୟୋତି ରଞ୍ଜନ ମହାପାତ୍ର)

**ଚିନ୍ତା ବଢ଼ାଇଲା ଗୋଇନ୍ଦା ରିପୋର୍ଟ**
- ସୃଷ୍ଟି ହୋଇପାରେ ହିଂସା, ଦଙ୍ଗା
- ବ୍ୟବହାର ହୋଇପାରନ୍ତି ପୋଲିସ, ଅପରାଧୀ

ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଭାରତ ବହୁ ହିଂସା ଓ ସାମ୍ପ୍ରଦାୟିକ ଦଙ୍ଗାକୁ ସାମ୍ନା କରିବ। ନିର୍ବାଚନ ସମୟରେ ଜଟିଳ ପରିସ୍ଥିତି ଉପୁଜିବ। ଆମେରିକା ଗୋଇନ୍ଦା ସଂସ୍ଥାର ଏଭଳି ରିପୋର୍ଟ ଶୃଙ୍ଖଳିତ ତଥା ଅବାଧ ନିର୍ବାଚନ ନେଇ ଆଶଙ୍କା ସୃଷ୍ଟି କରିଛି। ଓଡ଼ିଶାରେ ଏକସଙ୍ଗେ ଲୋକ ସଭା ଓ ବିଧାନସଭା ନିର୍ବାଚନ ହେବ। ଏଥିପାଇଁ ଜାତୀୟ ସ୍ତରର ନେତାଙ୍କ ଘନଘନ ଓଡ଼ିଶା ଗସ୍ତ ଓ ସଭାରେ ପ୍ରତିପକ୍ଷଙ୍କୁ ଆକ୍ରମଣାତ୍ମକ ମନ୍ତବ୍ୟ ରାଜ୍ୟ ରାଜନୀତିକୁ ଉଷ୍ମ କରିବାରେ ଲାଗିଛି। ପ୍ରତିପକ୍ଷ ଶକ୍ତିକୁ ଦୁର୍ବଳ କରିବା ପାଇଁ ରାଜନୈତିକ ଦଳଗୁଡିକ ସିବିଆଇ ଓ ପୋଲିସକୁ ମଧ୍ୟ ବ୍ୟବହାର କରିବା ଆରମ୍ଭ କରିଦେଇଛନ୍ତି। ଅତୀତରେ ରାଜନୈତିକ ଦଳ ଓ ନେତାମାନେ ନିଜ ଫାଇଦା ପାଇଁ ଗ୍ୟାଙ୍ଗଷ୍ଟର୍‌ମାନଙ୍କୁ ଆଶ୍ରା ଦେଇଛନ୍ତି। ସେହିପରି ମାଓବାଦୀମାନେ ବିଭିନ୍ନ ଜିଲାରେ ସକ୍ରିୟ ରହିଥିବାବେଳେ ବିଗତ ଦିନରେ ଆତଙ୍କବାଦୀ କାର୍ଯ୍ୟକଳାପର ଅନେକ ନଜିର ରହିଛି। ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଓ ଗୋଇନ୍ଦା ରିପୋର୍ଟ ଉଦ୍‌ବେଗର ବିଷୟ ହୋଇଛି। ଏପରିସ୍ଥଳେ ଶୃଙ୍ଖଳିତ ନିର୍ବାଚନ ରାଜ୍ୟ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

ନିକଟ ଅତୀତରେ ଅନେକ ରାଜନୈତିକ ହତ୍ୟା ଓ ସାମ୍ପ୍ରଦାୟିକ ହିଂସା ଦେଖିବାକୁ ମିଳିଥିଲା। ଗତ ମାସରେ କେନ୍ଦ୍ରାପଡ଼ାରେ ନେତାଜୀଙ୍କ ଜୟନ୍ତୀ ଉତ୍ସବକୁ ନେଇ ଦୁଇ ସମ୍ପ୍ରଦାୟ ମୁହାଁମୁହିଁ ହୋଇଥିଲେ। ସାମ୍ପ୍ରଦାୟିକ ବିଶୃଙ୍ଖଳା ବଢୁଥିବାଦେଖି ପୋଲିସ ଓ ପ୍ରଶାସନ କର୍ଫ୍ୟୁ ଲାଗୁ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହା ପଛରେ ରାଜନୈତିକ ସମ୍ପୃକ୍ତି ରହିଥିବା ମଧ୍ୟ ଚର୍ଚ୍ଚା ହୋଇଥିଲା। ଏହାର ବହୁ ପୂର୍ବରୁ ଗ୍ୟାଙ୍ଗଷ୍ଟର୍ ଡି' ବ୍ରଦର୍ସ ଓ ଟିଟୋଙ୍କ ସହ ରାଜନେତାଙ୍କ ଲିଙ୍କ୍ ପଦାକୁ ଆସିଛି। ଗାଁ ଗାଁରେ ଘଟୁଥିବା ଛୋଟ ବଡ଼ ଅପରାଧରେ ରାଜନୈତିକ ସମ୍ପୃକ୍ତି ରହୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ କଲେଜ ନିର୍ବାଚନ ସମୟରେ ରାଜ୍ୟର ବହୁ କ୍ୟାମ୍ପସ ଅଶାନ୍ତ ହୋଇଉଠିଥିଲା। ୨୦୧୭ ସେପ୍ଟେମ୍ବର ୧୬ରେ କଲେଜ ନିର୍ବାଚନକୁ ନେଇ ଗଞ୍ଜାମ ଜିଲାର ଛତ୍ରପୁର କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ବିଜେପୁର ଉପନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଗତବର୍ଷ ଫେବୃୟାରୀ ୨୩ରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବଡ଼ଭାଇ ସୁବ୍ରତ ସିଂ ଏବଂ ତାଙ୍କର ତିନି ସହଯୋଗୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଡ୍ରାଇଭର ଦିଲେଶ୍ୱର ସିଂଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ନିର୍ବାଚନ ପାଖେଇ ଆସୁଥିବାବେଳେ ଏସବୁ ଘଟଣାକୁ ନେଇ ପୁଣିଥରେ ଚର୍ଚ୍ଚା ସୃଷ୍ଟି ହୋଇଛି। କାରଣ ଲକ୍ଷ୍ମୀଦତ୍ତ ହତ୍ୟା ଘଟଣାରେ ପୋଲିସ ପକ୍ଷରୁ ଦୁଇ ଭାଜପା ନେତା ଗୋଲକ ମହାପାତ୍ର ଓ ଭୃଗୁ ବକ୍ସିପାତ୍ରଙ୍କୁ ନୋଟିସ କରାଯାଇଥିବାବେଳେ ଚିଟ୍‌ଫଣ୍ଡ ଦୁର୍ନୀତିରେ ବିଜେଡିର ଦୁଇ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଅରୁଣ ସାହୁଙ୍କୁ ସିବିଆଇ ସମନ ଆଗକୁ ରାଜନୈତିକ ବିଶୃଙ୍ଖଳା ବଢ଼ାଇବ ବୋଲି ବିଶେଷଜ୍ଞମାନେ ମତଦେଲେଣି।

ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ମହେଶ ପ୍ରସାଦ କହିଛନ୍ତି, ଗତ କଲେଜ ନିର୍ବାଚନ ସମୟର ସ୍ଥିତିକୁ ଦେଖିଲେ ଆଗାମୀ ସାଧାରଣ ନିର୍ବାଚନ ଶାନ୍ତିପୂର୍ଣ୍ଣ ହେବ ବୋଲି ଆଶା କରାଯାଇ ନ ପାରେ। ଆଇନଜୀବୀ ବିସ୍ମୟ ଷ୍ଟାଲିନ କହିଛନ୍ତି, ବଡ଼ ବଡ଼ ଅପରାଧୀମାନେ ସହରର ବସ୍ତି ଓ ଗ୍ରାମାଞ୍ଚଳରେ ଆଡ୍ଡା ଜମାଇ ରହୁଛନ୍ତି। ପୋଲିସ ନିଜ ଆଡୁ ଖୋଳତାଡ କରୁନି। ଗତବର୍ଷ ମେ ୩୧ରେ ରାଜଧାନୀରେ ପଶ୍ଚିମବଙ୍ଗ ପୋଲିସର ମୋଷ୍ଟ ୱାଣ୍ଟେଡ୍ ଥିବା ମାଓବାଦୀ ନେତା ଆଲିକ ଚକ୍ରବର୍ତ୍ତୀଙ୍କୁ ରାଜଧାନୀରୁ ଗିରଫ କରାଯାଇଥିଲା। ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ ମଧ୍ୟ କମିଶନରେଟ ପୋଲିସ ବା ରାଜ୍ୟ ପୋଲିସ ନିକଟରେ ଖବର ନ ଥିଲା। ଏଥିରୁ ରାଜ୍ୟ ପୋଲିସ ଓ ଗୋଇନ୍ଦା ବିଭାଗ ଶୋଇପଡିଥିବା ଜଣାପଡୁଛି। ଫଳରେ ଆଗାମୀ ନିର୍ବାଚନରେ ହିଂସା ଓ ଅପରାଧ ବଢିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଚ୍ୟାଲେଞ୍ଜ ପାଇଁ ପୂରା ପ୍ରସ୍ତୁତ: ଡିଜିପି

ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ କରିବା ପାଇଁ ଗୋଇନ୍ଦା ରିପୋର୍ଟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। କୌଣସି ହିଂସା ବା ଅପରାଧ ଘଟିବା ପୂର୍ବରୁ କିପରି ଖବର ପହଞ୍ଚିପାରିବ ଓ ଅପରାଧକୁ ଦମନ କରାଯିବ ତାହାର ଆକ୍ସନ ପ୍ଲାନ ଆରମ୍ଭ କରିଛି ପୋଲିସ। ବିଭିନ୍ନ ଜିଲାରେ ଥିବା ହାର୍ଡକୋର ଅପରାଧୀଙ୍କୁ ଧରିବା ନେଇ ବଛା ବଛା ପୋଲିସ ଅଫିସରଙ୍କୁ ନେଇ ଟିମ୍ ଗଠନ କରାଯାଇଛି। ପ୍ରତିଟି ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ପୋଲିସ ପୂରା ପ୍ରସ୍ତୁତ ରହିଛି। ତେବେ କୌଣସି କ୍ଷେତ୍ରରେ ପୋଲିସ ପ୍ରଭାବିତ ନ ହେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡିଜିପି ଆର୍.ପି. ଶର୍ମା କହିଛନ୍ତି।

### ଭାଜପା ହିଂସା, ଦଙ୍ଗା ସୃଷ୍ଟି କରି ରାଜନୀତି କରେ: ବିଜେଡି

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କୁହନ୍ତି, ସାଢ଼େ ୪ବର୍ଷ ହେବ ରାଜ୍ୟରେ ଯେବେଠାରୁ ଭାଜପା ମୁଣ୍ଡ ଟେକିଲାଣି, ସେବେଠାରୁ ଏହାର ନେତାମାନେ ହିଂସାର ସାହାରା ନେଇ ନିର୍ବାଚନ ବୈତରଣୀ ପାର ହେବାକୁ ଅପଚେଷ୍ଟା କରୁଛନ୍ତି। ବିଜେପୁର ନିର୍ବାଚନ ସମୟରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଭାଇ ଉପରକୁ ଆକ୍ରମଣରେ ବିଜେଡି କର୍ମୀ ତଥା ଗାଡି ଡ୍ରାଇଭରଙ୍କ ମୃତ୍ୟୁ ଘଟିବା, ଛତ୍ରପୁର କାଉନ୍‌ସିଲର ଲକ୍ଷ୍ମୀଦତ୍ତ ହତ୍ୟାକାଣ୍ଡ ଘଟଣାରୁ ଭାଜପାର ରାଜନୈତିକ ହିଂସା ବାରି ହୋଇଯାଇଛି। କଟକରେ ଡି'ବ୍ରଦର୍ସଙ୍କୁ ବାଇମୁଣ୍ଡି ଆଖ୍ୟା ଦେଇ ସଭାସ୍ଥଳରେ ସମ୍ବୋଧନ କରିବାଠାରୁ ଟିଟୋକୁ ଦୁଇଟି ପେଟ୍ରୋଲ ପମ୍ପ ଲାଇସେନ୍ସ ପ୍ରଦାନରେ ଭାଜପାର ଅପରାଧ ପ୍ରୀତି ସ୍ପଷ୍ଟ ହୋଇଛି। ମାତ୍ର ବିଜେଡି ଶାସନରେ ରାଜନୈତିକ ହିଂସାକୁ କୌଣସି ମତେ ପ୍ରଶ୍ରୟ ଦିଆଯାଇ ନାହିଁ କି ଆଗାମୀ ନିର୍ବାଚନରେ ଦିଆଯିବ ନାହିଁ।

### ବିଜେଡି କ୍ଷମତାର ଦୁରୁପଯୋଗ କରିବ : ଭାଜପା

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କୁହନ୍ତି, ଗତ ପଞ୍ଚାୟତ ନିର୍ବାଚନରେ ଘଟିଥିବା ଅନେକ ହତ୍ୟାକାଣ୍ଡ ଓ ହିଂସାରେ ବିଜେଡିର ସମ୍ପୃକ୍ତି ପଦାକୁ ଆସିଥିଲା। ଏବେ ନିଜ ଚୌକିକୁ ନେଇ ଶାସକ ଦଳ ଭୟଭୀତ। ତେଣୁ କ୍ଷମତାର ଦୁରୁପଯୋଗ କରି ଆଗାମୀ ନିର୍ବାଚନରେ ହିଂସା ଘଟାଇ ଗାଦି ଦଖଲ ପାଇଁ ପ୍ରୟାସ କରିବ ବିଜେଡି। ଏଥିପାଇଁ ପୋଲିସ ଓ ପ୍ରଶାସନକୁ ବ୍ୟବହାର କରିବ। କିନ୍ତୁ ଭାଜପା ସବୁବେଳେ ହିଂସାଠାରୁ ଦୂରେଇ ରହି ଜନସାଧାରଣଙ୍କ ସ୍ୱାଧୀନ ମତଦାନକୁ ଅଧିକ ଗୁରୁତ୍ୱ ଦେଉଛି ବୋଲି ମହାପାତ୍ର କହିଛନ୍ତି।

### ବିଜେଡି ଶାସନରେ ମଦ, ଅପରାଧ ବଢ଼ିଛି: କଂଗ୍ରେସ

ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ପ୍ରମୁଖ ସତ୍ୟ ନାୟକ କୁହନ୍ତି, ବିଗତ ଦିନକୁ ଦେଖିଲେ ନେତା ଓ ଅପରାଧୀଙ୍କ ମଧୁର ସମ୍ପର୍କ ବିଜେଡି ଶାସନରେ ବଢ଼ିଛି। ସରକାର ମଦର ପ୍ରଚାର ପ୍ରସାର କରୁଥିବାରୁ ରାଜ୍ୟରେ ଅପରାଧ ବଢ଼ି ଚାଲିଛି। ଅପରାଧୀଙ୍କୁ ସୁରକ୍ଷା ଓ ତଦନ୍ତକୁ ପ୍ରଭାବିତ କରାଯାଉଛି। ବିରଞ୍ଚି ଦାସ ହତ୍ୟା ମାମଲାରେ ଶାସକ ଦଳର ଚାପରେ ତଦନ୍ତ କମିଶନ ଠିକ୍ ଭାବେ ତଦନ୍ତ କରିପାରି ନ ଥିଲେ। ଜାଣିଶୁଣି ସରକାର ଲୋକାୟୁକ୍ତ ନିଯୁକ୍ତି କରିବାରେ ପଛଘୁଞ୍ଚା ଦେଉଛନ୍ତି। କିଏ ସରକାରଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରିପାରିବ ? ଦ୍ୱୈତନଗରୀରେ ଅପରାଧ ବଢୁଥିବା ଖୋଦ୍ ପୋଲିସ କମିଶନର କହିଛନ୍ତି। ଅନେକ ହାର୍ଡକୋର ଅପରାଧୀ ନବୀନଙ୍କ ମଞ୍ଚରେ ବସୁଛନ୍ତି, ସଚିବାଳୟରେ ପଶୁଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ବିଜେଡି ହିଁ ହିଂସାକୁ ଆପଣାଇବା ଜଳଜଳ ଦିଶୁଛି। କିନ୍ତୁ କଂଗ୍ରେସ ହିଂସା ନୁହେଁ, ସାଧାରଣ ଜନତାଙ୍କ ସହ ଶାନ୍ତିପୂର୍ଣ୍ଣ ଭାବେ ରହିବ।

- ଭାଜପା ପ୍ରତିଶ୍ରୁତି ସମାବେଶକୁ ବିଜେଡିର ଟାର୍ଗେଟ

# ଫେଲ୍‌ମାରି ପ୍ରତିଶ୍ରୁତି ଦେବା ଦୁର୍ଭାଗ୍ୟଜନକ

ଭୁବନେଶ୍ୱର,୧୦।୨(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ରାଜ୍ୟ ଭାଜପା ପକ୍ଷରୁ ଶନିବାର କରାଯାଇଥିବା ପ୍ରତିଶ୍ରୁତି ସମାବେଶକୁ ୨୪ ଘଣ୍ଟା ପୂରିନାହିଁ। ହେଲେ ବିଜେଡି ପକ୍ଷରୁ ରବିବାର ଖବରଦାତା ସମ୍ମିଳନୀ କରି ଏହାର ଜବାବ ରଖାଯାଇଛି। ଦଳର ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସଞ୍ଜୟ କହିଛନ୍ତି ଯେ, ଭାଜପାକୁ ଭାରତୀୟ ଜନତା ପାର୍ଟି ବଦଳରେ ଭାରତୀୟ ଜୁମ୍‌ଲା ପାର୍ଟି କୁହାଯିବା ଉଚିତ। ପୂର୍ବ ପ୍ରତିଶ୍ରୁତି ପାଳନ ନ କରି ପୁନର୍ବାର କିପରି ପ୍ରତିଶ୍ରୁତିର ପାହାଡ଼ କରାଯାଏ, ତାହା ଏହି ଗୈରିକ ଦଳଠାରୁ ଶିଖିବାର ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୂମିହୀନଙ୍କୁ ପକ୍କାଘର, ସ୍ଥାୟୀ ଜମିପଟ୍ଟା ଏବଂ ବେକାରିଙ୍କୁ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ୫ ବର୍ଷ ପୂର୍ବରୁ କରାଯାଇଥିବା ପ୍ରତିଶ୍ରୁତିକୁ ଭୁଲି ଯାଇଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧.୫ଗୁଣା ବୃଦ୍ଧି କରାଯାଇନାହିଁ। ବିଧାନସଭା ଗୃହ କମିଟି ଦ୍ୱାରା ସୁପାରିସ ୨୯୩୦ ଟଙ୍କା ଏମ୍‌ଏସ୍‌ପିକୁ ଗ୍ରହଣ କରାଗଲା ନାହିଁ। ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ ଆଲୋଚନା ପାଇଁ ଗୋଟାଏ ମିନିଟ୍ ସମୟ ଦେଲେ ନାହିଁ। ତେଣୁ ବର୍ତ୍ତମାନ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଧୋକା ବ୍ୟତୀତ ଆଉ କିଛି ନୁହେଁ ବୋଲି ସଞ୍ଜୟ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କୋଇଲା ରୟାଲଟି ସଂଶୋଧନ ନ ହେବା ଦ୍ୱାରା ରାଜ୍ୟ ବହୁ କୋଟି ଟଙ୍କାର ରାଜସ୍ୱ ହରାଉଛି। ରେଳବିଭାଗ ଦେଉଥିବା ଟିକସ ଅନୁସାରେ ପ୍ରଦତ୍ତ ଅର୍ଥ ନଗଣ୍ୟ। କେନ୍ଦ୍ର ଦ୍ୱାରା ପ୍ରସ୍ତାବିତ ଶିଳ୍ପ କରିଡର(ମାଡ୍ରାସ-ଭାଇଜାକ୍ ଏବଂ ଗୁଜରାଟ-ପଶ୍ଚିମବଙ୍ଗ) ମଧ୍ୟରେ ଓଡ଼ିଶାକୁ ସାମିଲ ନ କରିବା ଦୁର୍ଭାଗ୍ୟଜନକ। ୩୩ଟି ଯୋଜନାରୁ କେନ୍ଦ୍ର ଅର୍ଥ କାଟ କରିବା ସହ ୮ଟି ଯୋଜନାକୁ ଅନୁଦାନ ବନ୍ଦ କରିଦେଇଛି। ମହାନଦୀ, ପୋଲାଭରମ, କୋଷ୍ଟାଲ ହାଇୱେ ଭଳି ପ୍ରସଙ୍ଗରେ କେନ୍ଦ୍ର ଓଡ଼ିଶାର ଯଥାର୍ଥ ଦାବିକୁ ଗ୍ରହଣ କରିନାହିଁ। ନବକଳେବର ସମୟରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ, ଦୀଘା-ଗୋପାଳପୁର କୋଷ୍ଟାଲ ହାଇୱେ, ଚନ୍ଦନପୁର-ରାମେଶ୍ୱର ରାସ୍ତା ନିର୍ମାଣ କଥା ଘୋଷଣା କରିଥିଲେ। ଆଶ୍ଚର୍ଯ୍ୟର କଥା କୌଣସି ଗୋଟିଏ ପ୍ରକଳ୍ପ ସମାପ୍ତ ହୋଇନାହିଁ। କୋଷ୍ଟାଲ ହାଇୱେରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଡିପିଆର ଅନୁପାଳନ ହେଉ ନ ଥିବା ସଞ୍ଜୟ ଅଭିଯୋଗ କରିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରାହ୍ମଣୀ ସେତୁ ଏବଂ ସୁପରସ୍ପେଶିଆଲିଟି ହସ୍ପିଟାଲ କାର୍ଯ୍ୟ ପୂର୍ଣ୍ଣାଙ୍ଗ କଲେ ନାହିଁ, ଏହା ଫଳରେ ଜଣେ ଭାଜପା ବିଧାୟକ ନିଜ ପଦ ଏବଂ ଦଳରୁ ଇସ୍ତଫା ଦେଲେ। ଏହା ପରେ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେବା ଲଜ୍ଜାହୀନ କଥା। ଉଜ୍ଜଳା ହିତାଧିକାରୀ ଦ୍ୱିତୀୟଥର ଗ୍ୟାସ ଭରୁ ନାହାନ୍ତି। ଏହା କେନ୍ଦ୍ରମନ୍ତ୍ରୀଙ୍କ ବିରାଟ ବିଫଳତା। ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା, ବାର୍ଷିକ ୨ କୋଟି ରୋଜଗାର, ପ୍ରତି ଆକାଉଣ୍ଟକୁ ୧୦ ଲକ୍ଷ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟ ସରକାର ବସୁନ୍ଧରା ଯୋଜନା, ଜାଗା ମିଶନ ଏବଂ ଜଙ୍ଗଲ ଅଧିକାର ଆଇନକୁ ଲାଗୁ କରିବାରେ ସଫଳ ହୋଇଛନ୍ତି। ସମସ୍ତଙ୍କୁ ପକ୍କାଘର ଏବଂ ପଟ୍ଟା ଦେବାରେ ବିଜେଡି ସରକାର ଆଗକୁ ବଢୁଛି। ତେଣୁ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେବା ନାଁରେ ନ ଠକନ୍ତୁ ବୋଲି ପ୍ରତାପ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ସସ୍ମିତ ପାତ୍ର, ରାଜ୍ୟ ସମ୍ପାଦକ ବିଜୟ ନାୟକ ଏବଂ ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର ଉପସ୍ଥିତ ରହିଥିଲେ। ଅପରପକ୍ଷରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ବିଜେଡି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ୍ ପ୍ରତିଶ୍ରୁତି କୁଆଡେ ଗଲା। କେନ୍ଦ୍ର ସରକାର ବର୍ତ୍ତମାନ ଦେଉଥିବା ଏମ୍‌ଏସ୍‌ପି ଠିକ୍ ଭାବେ ମିଳୁନାହିଁ। ୟୁପିଏ ଅପେକ୍ଷା ଏନ୍‌ଡିଏ ରାଜ୍ୟକୁ ଅଧିକ ଅର୍ଥ ପ୍ରଦାନ କରିଛି। ହେଲେ ଏହି ଅର୍ଥ କାର୍ଯ୍ୟକାରୀ ନ ହୋଇ ଫେରିଯାଉଛି।

# ପାରାଦୀପରେ ପୁଣି ଛୁରାମାଡ଼

ପାରାଦୀପ,୧୦।୨(ସ୍ୱ.ପ୍ର.)

ପାରାଦୀପ ଥାନା ଅଧୀନ ଲକ୍‌ପଡ଼ା କାଠପୋଲ ନିକଟରେ ରବିବାର ରାତି ୯ଟାରେ ପୁଣି ଛୁରାମାଡ଼ ହୋଇଛି। ଲକ୍‌ପଡ଼ା ବସ୍ତିର ପ୍ରକାଶ ମିଶ୍ର ନାମକ ଯୁବକଙ୍କୁ ଗୁରା ନାମକ ଯୁବକ ଛୁରାମାଡ଼ କରିଛନ୍ତି। ଏଥିରେ ପ୍ରକାଶ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବିଜୁ ମେମୋରିଆଲ୍ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶଙ୍କ ଅନ୍ତବୁଜୁଳା ବାହାରକୁ ବାହାରି ଆସିଛି। ଏଥିସହ ବେକ ଓ ହାତରେ ଗଭୀର ଆଘାତ ଲାଗିଛି। ଏହି ଆକ୍ରମଣ ପୂର୍ବ ଶତ୍ରୁତାଯୋଗୁ ଘଟିଥିବା କୁହାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବସ୍ତିରେ ବିଭିନ୍ନ ଚୋରି ଓ ଅନ୍ୟ କାରଣକୁ ନେଇ କେତେଜଣ ମୁଷ୍ଟିମେୟ ଲୋକ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ସେହି କାରଣରୁ ଏହି ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ସୂଚନାଯୋଗ୍ୟ, ୭ ତାରିଖରେ ବଡିଘର ନିକଟ ବେଳାଭୂମି ରାସ୍ତା ଉପରେ କମେଣ୍ଟ ମରାକୁ ନେଇ ଛୁରାମାଡ଼ ହୋଇଥିଲା। ଏହି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଏ ପର୍ଯ୍ୟନ୍ତ ଧରିନାହିଁ। ୩ ଦିନ ବ୍ୟବଧାନରେ ପୁଣି ଛୁରାମାଡ଼ ଘଟଣାକୁ ନେଇ ଆତଙ୍କ ସୃଷ୍ଟି ହୋଇଛି।

# ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

**ପୁରୀ ଅଫିସ, ୧୦।୨:** ମହାପ୍ରଭୁଙ୍କ ବେଣ୍ଟ ନୀତି ରବିବାର ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଠାକୁରଙ୍କ ଚାଟେରୀ ବେଶ ଓ ଭୋଗ ପରେ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ବେଣ୍ଟ (ଶିକାର) ନୀତିନିମନ୍ତେ ବିମାନରେ ବିଜେ ହୋଇଥିଲେ। ବିମାନବଡୁମାନେ ବିମାନରେ ଠାକୁରାଣୀ ଠାକୁରଙ୍କୁ ବିଜେ କରାଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ଯାଇଥିଲେ। ସେଠାରେ ମହାଜନ ସେବକ ଦେବୀଦେବଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦପନା ପରେ ଶ୍ରୀଦେବୀ, ଭୁଦେବୀ ଓ ଦୋଳଗୋବିନ୍ଦ ମହାଜନଙ୍କ ହସ୍ତରେ ବେଣ୍ଟ ନିମନ୍ତେ ବେଣ୍ଟ ପୋଖରୀ କୂଳକୁ ବିଜେ କରିଥିଲେ। ଭିତରଛୁ ତୀର କମାଣ ଶ୍ରୀଅଙ୍ଗରେ ଲାଗି ଦେବା ପରେ ଦଳବେହେରା (ଲେଙ୍କା) ସେବକ ପଇଡ଼ରେ ବେଣ୍ଟ ବିନ୍ଧିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ ମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ମହାପ୍ରଭୁଙ୍କର ଏହା ଏକ ରାଜକୀୟ ଲୀଳାର ପରିପ୍ରକାଶ।

# ବଡ଼ ମନା କରିବାରୁ ବେଦିରେ ବସିଥାନ୍ତେ ସାନଭଉଣୀ

କୁନ୍ଦୁରା,୧୦।୨(ଡି.ଏନ୍.ଏ.)

**ନାବାଳିକାଙ୍କୁ ଉଦ୍ଧାର କଲା ସିଡବ୍ଲ୍ୟୁସି**

ବିବାହ ସ୍ଥିର ହୋଇସାରିଥିଲା। କିନ୍ତୁ ବଡ଼ଝିଅ ମନା କରିଦେବାରୁ ମା' ବାପା ନାବାଳିକା ସାନଝିଅକୁ ରବିବାର ବେଦୀରେ ବସାଇଥାନ୍ତେ। କିନ୍ତୁ ଏହି ଉଦ୍ୟମକୁ ଶେଷ ମୁହୂର୍ତ୍ତରେ ପଣ୍ଡକରି ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରିଛି କୋରାପୁଟ ଜିଲା ଶିଶୁ ସୁରକ୍ଷା ସମିତି ଓ କୁନ୍ଦୁରା ଥାନା।

ସୂଚନା ଅନୁଯାୟୀ, ଜୟପୁର ବ୍ଲକ ଟାଙ୍କୁଆ ପଞ୍ଚାୟତ ଅନ୍ତର୍ଗତ ବାମୁଣୀଗାଁର ଜଣେ ଯୁବତୀଙ୍କ ସହ ତାଙ୍କ ଅନିଚ୍ଛା ସତ୍ତ୍ୱେ କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ଲିମ୍‌କିଆଗୁଡ଼ା ଗ୍ରାମର ଜଣେ ଯୁବକଙ୍କ ସହ ବିବାହ ସ୍ଥିର କରାଯାଇଥିଲା। ଯୁବତୀ ଜଣକ ମାଟ୍ରିକ ଶିକ୍ଷା ପରେ ଏକ ଘରୋଇ ଚିକିତ୍ସାଳୟରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ଏହି ବିବାହ ପାଇଁ ସେ ମନା କରିଦେବା ପରେ ବାପାମା'ଙ୍କ ମୁଣ୍ଡରେ ଚିନ୍ତା ପଶିଥିଲା। ସାମାଜିକ ସମ୍ମାନ ଭୟରେ ସେମାନେ ଦଶମ ଶ୍ରେଣୀରେ ପଢୁଥିବା ନିଜ ସାନଝିଅକୁ ବଡ଼ଝିଅ ସ୍ଥାନରେ ବାହା ଦେବାକୁ ବ୍ୟବସ୍ଥା କରିଥିଲେ। ଏପରିକି ଉକ୍ତ ନାବାଳିକାଙ୍କୁ ଶନିବାର ଜୟପୁର ସହର ଉପକଣ୍ଠ ଜୟନଗରରେ ରଖାଯାଇଥିଲା। ରବିବାର ଲିମକିଆଗୁଡ଼ାରେ ବିବାହ ହୋଇଥାନ୍ତା। ତେବେ ନାବାଳିକା କନ୍ୟା ଜଣକ ଉପସ୍ଥିତ ବୁଦ୍ଧି ଖଟାଇ କୌଣସି ମତେ ୧୦୯୮ (ଜିଲା ଶିଶୁ ସୁରକ୍ଷା ସମିତି)କୁ ଯୋଗାଯୋଗ କରିଥିଲେ। ଅନିଚ୍ଛା ସତ୍ତ୍ୱେ ମା'ବାପା ତାଙ୍କୁ ବିବାହ ଦେଉଥିବା ଜଣାଇଥିଲେ। ଏହାପରେ ଜିଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷା ଗାୟତ୍ରୀ ଦେବୀ, ଡିସିପିଓ ରାଜଶ୍ରୀ ଦାଶଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ଲିଡର ମିନତି ମହାଙ୍କୁଡ଼, ଅର୍ଜୁନ ଗୌଡ଼, ପିଣ୍ଟୁ ହରିଜନ, ପିତାମ୍ବର ପୂଜାରୀ, ଥାନା ଅଧିକାରୀ ଭବାନୀ ମୁଦୁଲି, ଏସ୍‌ଆଇ ଶୁଭ୍ରାନ୍ତ ପଣ୍ଡା ଲିମ୍‌କିଆଗୁଡ଼ାରେ ପହଞ୍ଚି ନାବାଳିକା ଜଣଙ୍କୁ ଉଦ୍ଧାର କରିଥିଲେ। ନାବାଳିକା ଜଣକ କହିଛନ୍ତି ଯେ ପାଠ ପଢ଼ିବା ପାଇଁ ତାଙ୍କର ପ୍ରବଳ ଇଚ୍ଛାଶକ୍ତି ରହିଛି। ଆଗାମୀ ଦିନରେ ଅନ୍ୟ କୌଣସି ସ୍ଥାନରେ ଏଭଳି କାର୍ଯ୍ୟ ହେଲେ ସେ ନିଜେ ଶିଶୁ ସୁରକ୍ଷା କାର୍ଯ୍ୟାଳୟକୁ ଯୋଗାଯୋଗ କରିବା ସହ ଅନ୍ୟମାନଙ୍କୁ ସଚେତନ କରାଇବେ।


**OFFICE OF THE CHILD DEVELOPMENT PROJECT OFFICER, BADAMBA**

**QUOTATION CALL NOTICE**

Sealed tenders are invited from valid registered vender for supply of Anganwadi items. Quotations must reach to the undersigned on or before 19.02.2019. For details visit Website **www.cuttack.nic.in.**

**Sd./- Child Dev. Project Officer, Badamba**

**TENDER CALL NOTICE**

**No.105** **Date.08.02.2019**

Regulated Market Committee, Digapahandi invites tender in online mode from the approved Contractors of appropriate Class for the Work "Development of Infrastructure & Allied Works in Different Market Yard under RMC, Digapahandi" Detailed Tender Notice along with conditions contract and notice inviting tender may be seen and downloaded from the website **www. tenderodisha.gov.in** from 17.00 hours of 09.02.2019 to 17.00 hours of 26.02.2019 and the opening of tender would be 11.00 hours on 27.02.2019.

**Sd./-**
**Sub- Collector, Berhampur-cum-Chairman, RMC, Digapahandi**

**idco ODISHA NEW OPPORTUNITIES** Your power to grow
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

**OFFICE OF THE DIVISIONAL HEAD, IDCO MSME-I BHUBANESWAR**
Tender Call Notice No. 168 Dated :- 07.02.2019

**SHORT TENDER CALL NOTICE**

| | |
|---|---|
| Name of the Work | : Repair, Maintenance and Improvement of Balance Drain at Industrial Estate, Rasulgarh, Bhubaneswar. |
| Estimated Cost of the Work | : Rs.829012.00 (inlcuding 12%GST) |
| Period of Completion | : One Month |
| EMD Amount | : Rs. 8,290.00 |
| Cost of Bid Document | : Rs.4000.00+GST@18% |
| Date of Availability of Tender Paper | : Dt: 12.02.2019 to Dt: 14.02.2019 |
| Last Date of Submission of Tender | : Dt: 16.02.2019 up 15.00 hours |
| Date of Opening of Tender | : Dt: 16.02.2019 at 16.00 hours |
| Procurement Officer | : Divisional Head, MSME-I, IDCO, Bhubaneswar |

Further details of tender call notice can be seen in the IDCO Website **www.idco.in** or Contact Dy. Manager(Civil), Sri Sachikanta Sahoo, Telephone No.: 7978693320(M).

Sd/-
Divisional Head, MSME-I, IDCO, Bhubaneswar

**OFFICE OF THE PANCHAYAT SAMITI, CHITRAKONDA**

**No. 492/ III-32/2019** **Dated 07.02.2019**

**TENDER CALL NOTICE**

The Block Development Officer, Chitrakonda invites sealed tenders on behalf of Governor, Odisha as per annexure from registered and eligible Firms/ Suppliers of Odisha State P.W.D. (R&B)/ C.P.W.D/ Water Resources/ Rural Works/ M.I. having authorized dealership in agreement in F-2 contract forms of Govt. of Odisha. The details of commodities given below. The tenderer has to submit the sealed tender paper in complete shape with details i.e. (1) EPM Regd. Certificate, (2) EM-II, (3) DIC PMT, (4) GSTIN Certificate, (5) VAT Clearance, (6) PAN Card, (7) GSTIN Certificate, (8) Drawing & Specification through Registered Post/Speed Post addressing to this official Postal address i.e. **Block Develpment Officer, Chitrakonda, At/PO: Chitrakonda, Dist: Malkangiri, Pin No: 764052.** The last date of receipt of tender paper is 22.02.2019 upto 1.00 PM. The undersigned will not be responsible for postal delay if any or non-receipt of the papers in time. The date of opening of the tender paper is 22.02.2019 at 3.00 PM.

| Sl. No. | Name of the Block | Name of the Com-modities | Tender value in Rs. | Cost of article | Size of article |
|---|---|---|---|---|---|
| 1 | Chitra-konda | Supply of 60 Nos. double decker bed | Rs. 5,66,000/- | 60 Nos. Rs. 9300/- each | Size 80" (Length) x 34" (width) x 60" (Height) Bed frame- 75" (Length) x 33" (Width) Bed- 19 mm thick plywood ISI Marked Size- 72" (Length) x 30" (Width) |

**NB:-** The details terms and condition of this tenders will be available in this Panchayat Samiti office during working hour.

**Sd./- Block Development Officer, Chitrakonda**

**idco ODISHA NEW OPPORTUNITIES** Your power to grow
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR.**
RFP Call Notice No. IDCO/H.O./P&C/EST/E-960/01/2018/2596 Dated :- 08.02.2019

**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work** : Procurement of PVC-O (Oriented PVC) pipes.
2. **Completion Period** : 09 (Nine) Calendar Months
3. **Other details** :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar -751022 | Bid ID. No. PC-EST-E- 78 / 2018-19 | 14.02.2019 at 16.00 hrs. | 01.03.2019 upto 17.00 hrs. |

**Further details can be seen from the e-Procurement Portal. www.tendersodisha.gov.in.** Corrigendum or addendum if any will not be published in news papers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in.**

Sd/-
Chief General Manager (P&C) I/C
IDCO, Bhubaneswar

ଧରିତ୍ରୀ
DHARITRI
ସୋମବାର, ୧୧ ଫେବୃୟାରୀ, ୨୦୧୯



୨୦୧୪ରେ ନୂଆ ସରକାର ଗଠନ ହେବା ପରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସମ୍ପର୍କ ଦୁର୍ବଳ ହେବାରେ ଲାଗିଛି।
-ମହିନ୍ଦ୍ରା ରାଜପାକ୍ସେ,
ଶ୍ରୀଲଙ୍କା ବିରୋଧୀ ଦଳ ନେତା



## ସଂକ୍ଷେପରେ

### ଆବୁ ଧାବିରେ ହିନ୍ଦୀ ତୃତୀୟ କୋର୍ଟ ଭାଷା

**ଦୁବାଇ,୧୦।୨(ପି.ଟି.):** ଆରବିକ୍ ଏବଂ ଇଂଲିଶ ପରେ ହିନ୍ଦୀକୁ ଆବୁଧାବୀରେ ତୃତୀୟ ସରକାରୀ ଭାଷା ଭାବେ କୋର୍ଟରେ ବ୍ୟବହାର ଲାଗି ଗ୍ରହଣ କରାଯାଇଛି। ଏହାକୁ ଶ୍ରମିକମାନଙ୍କ ମାମଲା କ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବାର ଉଦ୍ୟମ ସ୍ୱରୂପ ଆବୁ ଧାବି ନ୍ୟାୟିକ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଫଳରେ ହିନ୍ଦୀଭାଷୀଙ୍କୁ ସେଠାର ବିଚାର ପ୍ରକ୍ରିୟା, ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଜାଣିବା ସହଜ ହୋଇପାରିବ।

### 'ଡିଜିଟାଲ ଯୁଗରେ ବିଚାର ଚାପଗ୍ରସ୍ତ'



**ନୂଆଦିଲ୍ଲୀ,୧୦।୨(ପି.ଟି.):** ବର୍ତ୍ତମାନର ଡିଜିଟାଲ ଯୁଗରେ ବିଚାର କରିବା ଉପରେ ଚାପ ରହିଛି ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଏ.କେ. ସିକ୍ରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲ' ଆସୋସିଏଶନ୍ ଫର୍ ଏସିଆ ଆଣ୍ଡ ଦି ପାସିଫିକ୍ ପକ୍ଷରୁ ଆୟୋଜିତ ପ୍ରଥମ ସମ୍ମିଳନୀରେ ଯୋଗଦେଇ 'ଡିଜିଟାଲ୍ ଯୁଗରେ ପ୍ରେସ୍ ସ୍ୱାଧୀନତା' ଉପରେ ସେ ଆଲୋକପାତ କରିଥିଲେ। ଜଷ୍ଟିସ୍ ସିକ୍ରି କହିଥିଲେ, ପୂର୍ବରୁ ମଧ୍ୟ ମିଡିଆ ଟ୍ରାଏଲ୍ ହେଉଥିଲା। କିନ୍ତୁ ଆଜି ଯେତେବେଳେ ଗୋଟିଏ ପ୍ରସଙ୍ଗ ଉଠୁଛି, ସେତେବେଳେ ଗୋଟିଏ ପିଟିଶନ ଦାଏର ହେଉଛି। କୋର୍ଟ ଏହାର ବିଚାର କରିବା ପୂର୍ବରୁ ରାୟ କ'ଣ ଆସିବା ଉଚିତ ସେନେଇ ଲୋକେ ସୋସିଆଲ ମିଡିଆରେ ଆଲୋଚନା ଆରମ୍ଭ କରିଦେଉଛନ୍ତି। ଏଥିଯୋଗୁ ବିଚାରପତିଙ୍କ ନିଷ୍ପତ୍ତି ପ୍ରଭାବିତ ହେଉଥିବା ଅଭିଜ୍ଞତାରୁ ଜଣାପଡ଼ିଛି।

### ରାହୁଲଙ୍କ ଯୋଗୁ ଇସ୍ତଫା ଦେଇଥିଲେ କ୍ରିଷ୍ଣା



**ନୂଆଦିଲ୍ଲୀ,୧୦।୨:** କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅତ୍ୟଧିକ ହସ୍ତକ୍ଷେପ ଯୋଗୁ ନିଜ ପଦରୁ ଇସ୍ତଫା ଦେଇଥିବା ଉପା-୨ ଅମଳରେ ବହିର୍ବ୍ୟାପାର ମନ୍ତ୍ରୀ ଥିବା ଏସ୍.ଏମ୍. କ୍ରିଷ୍ଣା ରବିବାର ସ୍ପଷ୍ଟ କରିଛନ୍ତି। କ୍ରିଷ୍ଣା କହିଛନ୍ତି, ରାହୁଲ ସେତେବେଳେ ପାର୍ଲାମେଣ୍ଟ କିମ୍ବା ଶାସନ କାହା ପ୍ରତି ଉତ୍ତରଦାୟୀ ନ ଥିଲେ। ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥାଇ ସୁଦ୍ଧା ମନ୍ତ୍ରଣାଳୟକୁ ନେଇ ତାଙ୍କର କିଛି ଆପତ୍ତି ନ ଥିଲା। କିନ୍ତୁ ସେତେବେଳେ ରାହୁଲ କଂଗ୍ରେସର କୌଣସି ପଦବୀରେ ନ ଥାଇ ମଧ୍ୟ ସବୁ କଥାରେ ମୁଣ୍ଡ ପୂରାଉଥିଲେ, ଯାହାକି ଅସାମ୍ବିଧାନିକ। ଏଥିଯୋଗୁ ଇସ୍ତଫା ଦେଇ ବାଙ୍ଗାଲୋର ଚାଲିଯାଇଥିବା କ୍ରିଷ୍ଣା କହିଛନ୍ତି। କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ରିଷ୍ଣା ମନମୋହନ ସିଂ ସରକାରରେ ବହିର୍ବ୍ୟାପାର ମନ୍ତ୍ରୀ ଥିଲେ। ସେ ୨୦୧୨ ଅକ୍ଟୋବର ୨୬ରେ ରାଜ୍ୟ ରାଜନୀତିକୁ ଫେରିବା ପାଇଁ କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ସେତେବେଳେ କହିଥିଲେ। ୨୦୧୭ ଜାନୁୟାରୀ ୨୯ରେ କ୍ରିଷ୍ଣା କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ।

### [ଇତିହାସର ଆଇନାରେ]

### ଫେବୃୟାରୀ ୧୧ର ପ୍ରମୁଖ ଘଟଣା

୨୦୧୬ ଫେବୃୟାରୀ ୧୧ରେ ଜିଜାନ୍ ପ୍ରଦେଶର ଏକ ଶିକ୍ଷାକେନ୍ଦ୍ରରେ ଜଣେ ବ୍ୟକ୍ତି ଗୁଳିମାଡ କରିବା ଯୋଗୁ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଜିଜାନ୍ ହେଉଛି ସୌଦି ଆରବର ଏକ ଛୋଟ ସହର। ୟେମେନ୍‌ର ଉତ୍ତରକୁ ଦକ୍ଷିଣ ଲୋହିତ ସାଗର ଉପକୂଳରେ ଏହି ରାଜ୍ୟ ୩୦୦କିଲୋମିଟର ପର୍ଯ୍ୟନ୍ତ ବ୍ୟାପି ରହିଛି।

୧୯୬୪ ଫେବୃୟାରୀ ୧୧ରେ ସାଇପ୍ରସ୍‌ର ଲିମାସଲ୍‌ଠାରେ ଗ୍ରୀକ୍ ଏବଂ ତୁର୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଲିମାସଲ୍ ହେଉଛି ସାଇପ୍ରସ୍‌ର ଦକ୍ଷିଣ ଉପକୂଳସ୍ଥ ଏକ ସହର। ନିକୋସିଆ ପରେ ସାଇପ୍ରସ୍‌ର ଦ୍ୱିତୀୟ ବୃହତ୍ତମ ସହରାଞ୍ଚଳ ହେଉଛି ଲିମାସଲ୍। ଏହାର ଲୋକସଂଖ୍ୟା ୧,୮୩,୬୫୮।

# ହିଂସ୍ର ହେଲା ଗୁଜ୍ଜର ଆନ୍ଦୋଳନ



ଧୋଲପୁରଠାରେ ବିକ୍ଷୋଭକାରୀ ପୋଲିସ ଗାଡିରେ ନିଆଁ ଲଗାଇଦେଇଛନ୍ତି।



ଆନ୍ଦୋଳନକାରୀଙ୍କ ଆଗ୍ରା-ମୋରେନା ଜାତୀୟ ରାଜପଥ ଅବରୋଧ ।

■ବିକ୍ଷୋଭକାରୀଙ୍କ ଗୁଳିମାଡ଼
■ବ୍ୟାପକ ଭଙ୍ଗାରୁଜା, ପୋଡ଼ାଜଳା
■୪ ପୋଲିସ ଆହତ

**ଜୟପୁର,୧୦।୨(ପି.ଟି.)**

ସରକାରୀ ନିଯୁକ୍ତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବିରେ ଗୁଜ୍ଜର ସମ୍ପ୍ରଦାୟ ଶୁକ୍ରବାରଠାରୁ ଚଳାଇଥିବା ଆନ୍ଦୋଳନ ରବିବାର ହିଂସାର ରୂପ ନେଇଛି। ଧୋଲପୁର ଜିଲାରେ ଆନ୍ଦୋଳନକାରୀ ଗୁଳି ଚଳାଇବା ସହ ୩ଟି ପୋଲିସ ଗାଡ଼ି ପୋଡ଼ିଦେଇଛନ୍ତି। ସେମାନଙ୍କ ଆକ୍ରମଣରେ ୪ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଆନ୍ଦୋଳନକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଫାଙ୍କା ଗୁଳିଚାଳନା କରିଛି।

ଆନ୍ଦୋଳନକାରୀ ଆଗ୍ରା-ମୋରେନା ଜାତୀୟ ରାଜପଥ ଅବରୋଧ କରିଥିବାବେଳେ କେତେଜଣ ଅଜଣା ବ୍ୟକ୍ତି ୮-୧୦ ରାଉଣ୍ଡ ଗୁଳି ଚଳାଇଥିଲେ। ଏହା ପରେ ଆନ୍ଦୋଳନକାରୀ ୨ଟି ପୋଲିସ ଜିପ୍ ଓ ଗୋଟିଏ ବସ୍ ଜାଳିଦେଇଥିଲେ। ଆନ୍ଦୋଳନକାରୀଙ୍କ ଢେଲାମାଡ଼ରେ ୪ ପୋଲିସ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ଲାଗି ପ୍ରଥମେ ପୋଲିସ ଲାଠିଚାର୍ଜ କରିଥିଲା ଓ ପରେ ଗୁଳି ଚଳାଇଥିଲା। ସେହିପରି ସୱାଇ-ମାଧୋପୁର ଜିଲାର ମାଲାର୍ନା ଡୁଙ୍ଗରସ୍ଥିତ ରେଲଧାରଣାରେ ଗୁଜ୍ଜରମାନେ ବସି ରହିବା ଫଳରେ ୭ ଟ୍ରେନ୍ ଚଳାଚଳ ବାତିଲ ହୋଇଥିଲାବେଳେ ୨ଟି ଆଂଶିକ ବାତିଲ ଏବଂ ଅନ୍ୟ ୯ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଶନିବାର ସରକାରଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଗୁଜ୍ଜର ନେତା କିରୋରି ସିଂ ବୈଂସଲା ଓ ତାଙ୍କ ସମର୍ଥକଙ୍କୁ ଭେଟି ଆଲୋଚନା କରିଥିଲେ ମଧ୍ୟ କୌଣସି ରାଜିନାମାରେ ପହଞ୍ଚିପାରି ନାହାନ୍ତି। ଗୁଜ୍ଜର, ରାଇକା-ରେବାରୀ, ଗଡିଆ ଲୁହାର, ବଞ୍ଜାରା ଏବଂ ଗଡରିଆ ସମ୍ପ୍ରଦାୟ ଲାଗି ୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗୁଜ୍ଜର ନେତା କହିଛନ୍ତି। ଏହି ସମ୍ପ୍ରଦାୟଙ୍କୁ ୫ ପ୍ରତିଶତ କୋଟା ଦେବା ପାଇଁ ରାଜ୍ୟ ସରକାର ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲେ।

ରାଜସ୍ଥାନର ଗୁଜ୍ଜର ହେଉଛନ୍ତି ଚାଷୀ ଓ ବଣିକ ସମ୍ପ୍ରଦାୟର। ସରକାର ସେମାନଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗରେ ନେଇଛନ୍ତି। ତେବେ ଅନୁସୂଚିତ ଜାତି ମାନ୍ୟତା ଦାବିରେ ସେମାନେ ଦୀର୍ଘବର୍ଷ ହେଲା ଆନ୍ଦୋଳନ କରି ଆସୁଛନ୍ତି। ୨୦୦୭ରେ ସେମାନଙ୍କର ପୋଲିସ ଓ ମୀନା ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୦୮ ମେ'୨୩ରେ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ଆନ୍ଦୋଳନକାରୀ ଭରତପୁର ଜିଲାରେ ଜଣେ ପୋଲିସ କର୍ମଚାରୀଙ୍କୁ ପିଟି ମାରି ଦେଇଥିଲେ। ରେଳଲାଇନ ଏବଂ ସରକାରୀ ସମ୍ପତ୍ତିର କ୍ଷତି ଉଦ୍ୟମ କରୁଥିବା ଆନ୍ଦୋଳନକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଗୁଳି ଚଳାଇବାରୁ ୧୫ ଜଣଙ୍କର ମୃତ୍ୟୁ ଘଟିଥିଲା। ତା' ପରଦିନ ଉତ୍ତ୍ୟକ୍ତ ଲୋକେ ସିକନ୍ଦ୍ରା ଥାନା ପୋଡିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଗୁଳିରେ ଆଉ ୧୫ ଜଣ ନିହତ ହୋଇଥିଲେ। ଫଳରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ସେନାବାହିନୀକୁ ଡକାଯାଇଥିଲା। ବିକ୍ଷୋଭକାରୀ ରେଳପଥ ଓ ଜାତୀୟ ରାଜପଥ ଅବରୋଧ କରିବାରୁ ପରିବହନ ବାଧାପ୍ରାପ୍ତ ହୋଇଥିଲା। ଏହା ପରେ ୨୦୧୦ରେ ପୁଣିଥରେ ଗୁଜ୍ଜର ଆନ୍ଦୋଳନ ଆରମ୍ଭ ହୋଇଥିଲା। ୨୦୧୫ରେ ମଧ୍ୟ ଅନୁରୂପ ଆନ୍ଦୋଳନ ହୋଇଥିଲା। ଗୁଜ୍ଜରମାନେ ରେଳଲାଇନରେ ବସି ରହିବାରୁ ବହୁ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଥିଲା। କେନ୍ଦ୍ର ସରକାର ସାଧାରଣ ବର୍ଗର ଗରିବଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ ପାର୍ଲାମେଣ୍ଟରେ ବିଲ୍ ଗୃହୀତ କରାଇବାର ମାସକ ପରେ ଗୁଜ୍ଜର ସମ୍ପ୍ରଦାୟ ପୁଣି ଥରେ ୫ ପ୍ରତିଶତ ସଂରକ୍ଷଣ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି।

## ଆକ୍ରମଣରେ ୨୧ ନିହତ

**କାବୁଲ,୧୦।୨**

ଆଫଗାନିସ୍ତାନର ହେଲମଣ୍ଡ୍ ପ୍ରଦେଶରେ ଆକାଶମାର୍ଗରୁ ଆକ୍ରମଣ ଫଳରେ ମହିଳା ଓ ଶିଶୁଙ୍କ ସମେତ ୨୧ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସାଙ୍ଗିନ ଜିଲାର ଦୁଇଟି ସ୍ଥାନରେ ଏହି ଆକ୍ରମଣ ହୋଇଥିଲା। ଉକ୍ତ ଜିଲାରେ ତାଲିବାନ ସହ ନାଟୋ ଏବଂ ଆଫଗାନ ସେନାର ଜୋରଦାର ସଂଘର୍ଷ ଜାରି ରହିଛି। ଏହି ଆକ୍ରମଣରେ ଅନ୍ୟ ୫ ଜଣ ଆହତ ହୋଇଥିବା ସ୍ଥାନୀୟ ଜନପ୍ରତିନିଧି ମହମ୍ମଦ ହାଶିମ ଅଲକୋଜାଇ ରବିବାର ସୂଚନା ଦେଇଛନ୍ତି। ନିରୀହ ଲୋକଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## ଅଭିବ୍ୟକ୍ତି ସ୍ୱାଧୀନତା କ୍ଷୁଣ୍ଣ

### କେନ୍ଦ୍ରକୁ ସମାଲୋଚନା କରିବାରୁ ଅମୋଲ ପାଲେକରଙ୍କୁ କହିବାକୁ ଦିଆଗଲାନି



**ମୁମ୍ବାଇ,୧୦।୨(ପି.ଟି.)**

ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ଅମୋଲ ପାଲେକର କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବାରୁ ତାଙ୍କୁ କହିବାକୁ ଦିଆଗଲା ନାହିଁ। ମୁମ୍ବାଇସ୍ଥିତ ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟ (ଏନ୍‌ଜିଏମ୍‌ଏ)ରେ ଶୁକ୍ରବାର ଘଟିଥିବା ଏହି ଅଭାବନୀୟ ଘଟଣା ରବିବାର ସାମ୍ନାକୁ ଆସିଛି। ଅଭିବ୍ୟକ୍ତିର ସ୍ୱାଧୀନତା କ୍ଷୁଣ୍ଣ ହୋଇଥିବା ଦର୍ଶାଯାଇ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ପ୍ରଖ୍ୟାତ ଚିତ୍ରକର ପ୍ରଭାକର ବାରୱେଙ୍କ ସ୍ମୃତିରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ପ୍ରଦର୍ଶନୀ 'ଇନ୍‌ସାଇଡ୍ ଦି ଏମ୍ପ୍ଟି ବକ୍ସ'ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ପାଲେକର ଭାଷଣ ଦେଉଥିଲେ। ମୁମ୍ବାଇ ଓ ବେଙ୍ଗାଲୁରୁ କେନ୍ଦ୍ରର ଆଡ୍‌ଭାଇଜୋରି କମିଟିକୁ ସଂସ୍କୃତି ମନ୍ତ୍ରଣାଳୟ ଉଚ୍ଛେଦ କରିଥିବାରୁ ଉଦ୍‌ବୋଧନ ଦେବାବେଳେ ପାଲେକର ଏହାକୁ ସମାଲୋଚନା କରିଥିଲେ। ସେ କହିଥିଲେ, ଆପଣମାନଙ୍କ ମଧ୍ୟରୁ ଅନେକେ ଜାଣି ନ ଥିବେ ଯେ ଏହି ପ୍ରଦର୍ଶନୀ ହେଉଛି ସ୍ଥାନୀୟ ଉପଦେଷ୍ଟା କମିଟି ଦ୍ୱାରା ନିଷ୍ପତ୍ତି ନିଆଯାଇଥିବା ଶେଷ ଶୋ'। ଏନେଇ କୌଣସି ଅମଲାତନ୍ତ୍ରୀ ଅଥବା ସରକାରଙ୍କ ଏଜେଣ୍ଟ ନିଷ୍ପତ୍ତି ନେଇନାହାନ୍ତି ବୋଲି ପାଲେକର କହିଥିଲେ। ଏତିକିବେଳେ ମଞ୍ଚରେ ବସିଥିବା ଏନ୍‌ଜିଏମ୍‌ଏର ଜଣେ ସଦସ୍ୟା ତାଙ୍କୁ ଭାଷଣ ଦେବାରେ ବାରମ୍ବାର ବାଧାସୃଷ୍ଟି କରିଥିଲେ।

## ■ ଚନ୍ଦ୍ରାବାବୁଙ୍କ ଉପରେ ବର୍ଷିଲେ ମୋଦି

## କଂଗ୍ରେସ ସହ ମେଣ୍ଟକୁ ନେଇ ପ୍ରଶ୍ନ

**କୋଲକାତା,୧୦।୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ.ଟି. ରାମାରାଓ (ଏନ୍‌ଟିଆର) ଲିଗାସୀ କଥା ଉଠାଇ କଂଗ୍ରେସ ସହ ଟିଡିପି ଅଧ୍ୟକ୍ଷ ଚନ୍ଦ୍ରାବାବୁ ନାଇଡୁଙ୍କର ମେଣ୍ଟ ଉଦ୍ୟମ ଉପରେ ପ୍ରଶ୍ନ କରିଛନ୍ତି। ଆନ୍ଧ୍ରକୁ କଂଗ୍ରେସମୁକ୍ତ କରିବା ଲକ୍ଷ୍ୟରେ ଏନ୍‌ଟିଆର ଟିଡିପି ଗଢ଼ିଥିଲେ। ଏବେ ଚନ୍ଦ୍ରାବାବୁ ସେହି ଦଳ ସହ ମେଣ୍ଟ କରିବାକୁ ଯାଉଛନ୍ତି, ଯାହା ଏନ୍‌ଟିଆରଙ୍କ ଆତ୍ମାକୁ ଆଘାତ ଦେଉଥିବ। ବିକାଶର କଥା କହୁଥିବା ଚନ୍ଦ୍ରାବାବୁ କେନ୍ଦ୍ରୀୟ ଅନୁଦାନର ଉପଯୁକ୍ତ ବିନିଯୋଗ କରିପାରି ନାହାନ୍ତି। ପ୍ରତିଶ୍ରୁତି ପାଳନ ଏବଂ ରାଜ୍ୟର ବିକାଶରେ ସେ ବିଫଳ ହୋଇଛନ୍ତି। ସ୍ୱତନ୍ତ୍ର ରାଜ୍ୟପାହ୍ୟା ତୁଳନାରେ କେନ୍ଦ୍ର ସରକାର ଆନ୍ଧ୍ରକୁ ଅଧିକ ଅନୁଦାନ ଦେଇଛି। ଚନ୍ଦ୍ରାବାବୁ ରାଜ୍ୟର ବିକାଶ ଚିନ୍ତା ନ କରି ନିଜ ପୁଅଙ୍କ ବିକାଶ ଉପରେ ଅଧିକ ଧ୍ୟାନ ଦେଉଥିବା ମୋଦି ସମାଲୋଚନ କରିଛନ୍ତି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ଏହାର କଡା ଜବାବ ଦେଇଛନ୍ତି। ସ୍ୱାମୀ ପରିତ୍ୟକ୍ତା ମୁସଲମାନ ମହିଳାଙ୍କ ସହାୟତା ଲାଗି ମୋଦି ତିନି ତଲାକ ଆଇନ ଆଣିବା କଥା କହୁଥିବାବେଳେ ନିଜ ସ୍ତ୍ରୀ ଯଶୋଦା ବେନ୍‌ଙ୍କ ସମ୍ପର୍କରେ କେହି ପଚାରିଲେ କାହିଁକି ନୀରବ ବୋଲି ଚନ୍ଦ୍ରାବାବୁ ପ୍ରଶ୍ନ କରିଛନ୍ତି।

## କୋଲକାତା ପୋଲିସ ମୁଖ୍ୟ, ପୂର୍ବତନ ଏମ୍‌ପିଙ୍କୁ ଜେରା

**ଶିଲଂ,୧୦।୨(ପି.ଟି.)**

ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲା ତଥ୍ୟ ପ୍ରମାଣରେ ଜାଲିଆତି ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱିତୀୟ ଦିନ ପାଇଁ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଜେରା କରିଛି। ଏଥିସହିତ ତୃଣମୂଳ କଂଗ୍ରେସର ପୂର୍ବତନ ଏମ୍‌ପି କୁନାଲ ଘୋଷଙ୍କୁ ମଧ୍ୟ ଜେରା କରାଯାଇଛି। ଶନିବାର ରାଜୀବ କୁମାରଙ୍କୁ ସିବିଆଇ ପାଖାପାଖି ୯ ଘଣ୍ଟା ଜେରା କରିଥିଲା। ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ ପାଇଁ ପଶ୍ଚିମବଙ୍ଗ ସରକାର ଗଠନ କରିଥିବା ଏସ୍‌ଆଇଟିର ମୁଖ୍ୟ ଥିଲେ ରାଜୀବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ତେବେ ରାଜୀବ ମାମଲାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣରେ ଜାଲିଆତି କରିଥିବା ସିବିଆଇ ଅଭିଯୋଗ କରିଛି। ଏହି ମାମଲାରେ ପୂର୍ବତନ ଟିଏମ୍‌ସି ଏମ୍‌ପି କୁନାଲଙ୍କୁ ୨୦୧୩ରେ ଗିରଫ କରାଯାଇଥିଲା ଏବଂ ସେ ୨୦୧୬ରେ ଜାମିନ ପାଇଥିଲେ।

## ଫୁର୍‌ସତ

### ଦୁର୍ଘଟଣା ପରେ ଡ୍ରାଇଭିଂ ଲାଇସେନ୍ସ ଫେରାଇଲେ ପ୍ରିନ୍ସ ଫିଲିପ୍


**ଲଣ୍ଡନ:** ପରିଣତ ବୟସରେ କାର୍ ଚଳାଇ ଦୁର୍ଘଟଣା ଘଟାଇବା ପରେ ପ୍ରିନ୍ସ ଫିଲିପ୍ (୯୭) ତାଙ୍କର ଡ୍ରାଇଭିଂ ଲାଇସେନ୍ସ ପୋଲିସକୁ ହସ୍ତାନ୍ତର କରିଛନ୍ତି। ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ସ୍ୱାମୀ ଫିଲିପ୍ ଲ୍ୟାଣ୍ଡ ରୋଭର ଗାଡ଼ିକୁ ପାର୍ଶ୍ୱବର୍ତ୍ତୀ ରାସ୍ତାରୁ ମୁଖ୍ୟରାସ୍ତାକୁ ନେଉଥିବାବେଳେ ଏକ କାର୍‌କୁ ଧକ୍କା ଦେଇଥିଲେ। କାର୍‌ରେ ଯାତ୍ରା କରୁଥିବା ଟାଉନ୍‌ସେଣ୍ଡ୍ ନାମକ ଜଣେ ଶିକ୍ଷକ ଏବଂ ତାଙ୍କ ବନ୍ଧୁ ଏମା ଫେୟାରୱେଦର ଆହତ ହୋଇଥିଲେ। ଏହି ଦୁର୍ଘଟଣା ନେଇ ଜାନୁୟାରୀ ୧୭ରୁ ନର୍‌ଫକ୍ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ବୃଦ୍ଧ ବୟସରେ ବେପରୁଆ ଗାଡ଼ି ଚାଳନାଜନିତ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ପ୍ରିନ୍ସ ଫିଲିପ୍ ସ୍ୱତଃସ୍ଫୂର୍ତ୍ତ ଭାବେ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ଶନିବାର ପୋଲିସ ଅଧିକାରୀଙ୍କଠାରେ ସମର୍ପଣ କରିଥିବା ଜଣାଯାଇଛି। ଏହି ଦୁର୍ଘଟଣାର ତଦନ୍ତ ରିପୋର୍ଟ କ୍ରାଉନ ପ୍ରସିକ୍ୟୁଶନ ସର୍ଭିସ୍ ନିକଟକୁ ପଠାଇ ଦିଆଯାଇଥିବା ନର୍‌ଫକ୍ ପୋଲିସ ପ୍ରବକ୍ତା କହିଛନ୍ତି।



### କୁମ୍ଭମେଳାରେ ୯ ବିଦେଶୀଙ୍କୁ 'ମହାମଣ୍ଡଳେଶ୍ୱର'

**ପ୍ରୟାଗରାଜ:** ଜାନୁୟାରୀ ୧୫ ମକର ସଂକ୍ରାନ୍ତି ତିଥିରେ କୁମ୍ଭମେଳା ପ୍ରଥମସ୍ନାନ ସହିତ ଆରମ୍ଭ ହୋଇଥିଲା। ଏହା ମାର୍ଚ୍ଚ ୪ ମହା ଶିବରାତ୍ରିରେ ସମ୍ପନ୍ନ ହେବ। ଶନିବାର କୁମ୍ଭମେଳାରେ ନିର୍ମୋହୀ ଆଖଡା ଦ୍ୱାରା ୯ଜଣ ବିଦେଶୀ ନାଗରିକଙ୍କୁ ମହାମଣ୍ଡଳେଶ୍ୱର ଉପାଧି ପ୍ରଦାନ କରାଯାଇଛି। ସମଗ୍ର ବିଶ୍ୱରେ ସନାତନ ଧର୍ମର ପ୍ରଚାର ପ୍ରସାର କରିବା ଉକ୍ତ ଉପାଧି ପ୍ରଦାନର ଉଦ୍ଦେଶ୍ୟ। ଚଳିତବର୍ଷ ପ୍ରଥମଥର ପାଇଁ କୁମ୍ଭମେଳାରେ ୯ ବିଦେଶୀଙ୍କୁ ସନାତନ ଧର୍ମରେ ଦୀକ୍ଷିତ କରାଯାଇଛି। ରବିବାର ବସନ୍ତ ପଞ୍ଚମୀ ତିଥି ତଥା ଶେଷ 'ଶାହି ସ୍ନାନ'ରେ ପ୍ରାୟ ୨କୋଟି ଶ୍ରଦ୍ଧାଳୁ ତ୍ରିବେଣୀ ସଂଗମରେ ପବିତ୍ର ବୁଡ଼ ପକାଇଥିଲେ। ଏହି ତିଥିରେ ୩ଥର ବୁଡ ପକାଇଲେ ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ଆଶୀର୍ବାଦ ଲାଭ କରିହୁଏ ବୋଲି ବିଶ୍ୱାସ ରହିଛି। କୁମ୍ଭମେଳା ପାଇଁ ଉତ୍ତରପ୍ରଦେଶ ପୋଲିସ କଡା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିଛି। ସଙ୍ଗମ ସିଟିର ୩,୨୦୦ ହେକ୍ଟର ପରିମିତ ଅଞ୍ଚଳରେ ବ୍ୟାପକ ପୋଲିସ ମୁତୟନ ଅଛନ୍ତି।





ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।
**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୩.୭ |
| ଚାନ୍ଦବାଲି | ୨୬.୨ | ୧୭.୫ |
| କଟକ | ୨୮.୫ | ୧୫.୫ |
| ପାରାଦ୍ୱୀପ | ୨୬.୫ | ୧୯.୨ |
| ଭୁବନେଶ୍ୱର | ୨୯.୬ | ୧୮.୦ |
| ଗୋପାଳପୁର | ୨୮.୦ | ୧୯.୦ |
| ପୁରୀ | ୨୭.୮ | ୧୮.୬ |
| ଅନୁଗୋଳ | ୨୮.୭ | ୧୨.୦ |
| ବାରିପଦା | ୨୭.୦ | ୧୪.୫ |
| ଝାରସୁଗୁଡ଼ା | ୨୬.୮ | ୦୯.୭ |
| କେନ୍ଦୁଝର | ୨୬.୬ | ୧୨.୧ |
| ସମ୍ବଲପୁର | ୨୮.୨ | ୧୧.୩ |
| ସୁନ୍ଦରଗଡ଼ | ୨୮.୫ | ୧୨.୫ |
| ହୀରାକୁଦ | ୨୭.୭ | ୧୩.୬ |
| ତାଳଚେର | --- | ୧୪.୦ |
| ଭବାନୀପାଟଣା | ୨୮.୫ | ୧୧.୫ |
| ବଲାଙ୍ଗୀର | ୨୯.୦ | ୧୨.୦ |
| କୋରାପୁଟ | ୨୯.୦ | ୧୧.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୧.୦ |
| ମାଲକାନଗିରି | ୩୪.୫ | ୧୧.୦ |
| ସୋନପୁର | ୩୩.୨ | ୧୩.୪ |
| ଦାରିଙ୍ଗିବାଡ଼ି | ୨୬.୦ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ତନୁଶ୍ରୀଙ୍କୁ ହାର୍ଭାର୍ଡର ନିମନ୍ତ୍ରଣ



**ବୋଷ୍ଟନ:** ବଲିଉଡ୍ ଅଭିନେତ୍ରୀ ତଥା ପୂର୍ବତନ ବିଉଟି କୁଇନ୍ ତନୁଶ୍ରୀ ଦତ୍ତାଙ୍କୁ ବୋଷ୍ଟନସ୍ଥିତ ହାର୍ଭାର୍ଡ ବିଜନେସ୍ ସ୍କୁଲ୍ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ୧୬ରେ ଆୟୋଜିତ ହେଉଥିବା ଇଣ୍ଡିଆ କନ୍‌ଫରେନ୍ସ ୨୦୧୯ରେ ସେ ଉଦ୍‌ବୋଧନ ଦେବେ ବୋଲି ଇନ୍‌ଷ୍ଟାଗ୍ରାମ୍‌ରେ ଉଲ୍ଲେଖ କରିଛନ୍ତି। ଭାରତରେ '#ମି ଟୂ' ଅଭିଯାନ ଆରମ୍ଭ କରିଥିବା ଏହି ଅଭିନେତ୍ରୀ ତାଙ୍କ ଅନୁଭୂତି ବିଷୟରେ ବକ୍ତୃତା ଦେବେ। ହାର୍ଭାର୍ଡ ବିଜନେସ୍ ସ୍କୁଲ୍ ଏବଂ ହାର୍ଭାର୍ଡ କେନେଡି ସ୍କୁଲ୍‌ର ଗ୍ରାଜୁଏଟ୍ ଛାତ୍ରଙ୍କ ଦ୍ୱାରା ଏ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି। ୨୦୧୮ ଅକ୍ଟୋବରରେ ତନୁଶ୍ରୀ ଏକ ପୁରୁଣା ଘଟଣାକୁ ନେଇ ଅଭିନେତା ନାନା ପାଟେକରଙ୍କ ନାମରେ ଅଭିଯୋଗ ଆଣିଥିଲେ। ୨୦୦୮ର ଫିଲ୍ମ 'ହର୍ନ ଓକେ ପ୍ଲିଜ୍' ଶୁଟିଂ ସେଟ୍‌ରେ ନାନା ତାଙ୍କୁ ଯୌନ ଉତ୍ପୀଡନ ଦେଇଥିବା ତନୁଶ୍ରୀ ଅଭିଯୋଗ କରିଥିଲେ। ଏହା ଭାରତରେ #ମି ଟୂ ଆନ୍ଦୋଳନ ସୃଷ୍ଟିକରିବା ସହିତ ତାଙ୍କ ପରେ ଅନେକ ମହିଳା ସେମାନଙ୍କ ପ୍ରତି ପୂର୍ବରୁ ହୋଇଥିବା ଯୌନ ଉତ୍ପୀଡନ ଲୋକଲୋଚନକୁ ଆଣିଥିଲେ। ତନୁଶ୍ରୀ ଚଳିତବର୍ଷ ପ୍ରାରମ୍ଭରେ ଆମେରିକା ଫେରିଯାଇଛନ୍ତି। #ମି ଟୂ ଅଭିଯାନ ପୂର୍ବରୁ ଯେପରି ସ୍ୱାଭାବିକ ଜୀବନଯାପନ କରୁଥିଲେ ତାହା ସେ ସେଠାରେ ଜାରି ରଖିବେ ବୋଲି ସେ କହିଛନ୍ତି।



“ କେହି ଧାର୍ମିକ କି ଅଧାର୍ମିକ ପରୀକ୍ଷା କରିବାକୁ ହେଲେ ପ୍ରଥମେ ଦେଖିବାକୁ ହେବ ଯେ ସେହି ବ୍ୟକ୍ତି କେତେଦୂର ସ୍ୱାର୍ଥପର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଆନନ୍ଦ ମାର୍ଗ ଯୋଗ ଶିକ୍ଷା ଶିବିର ଉଦ୍‌ଯାପିତ

**ଯାଜପୁରରୋଡ଼,୧୦ା୨(ନି.ପ୍ର.):** ସ୍ଥାନୀୟ ନନ୍ଦରାମ ଧର୍ମଶାଳାଠାରେ ତିନିଦିନ ଧରି ଚାଲିଥିବା ଆନନ୍ଦ ମାର୍ଗ ଯୋଗ ଶିକ୍ଷା ଓ ସମାଜ କଲ୍ୟାଣ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏକ ଈଶ୍ୱର, ଏକ ଧର୍ମ, ଏକ ଜାତି, ଏକ ବିଶ୍ୱ, ଏକ ମାନବ ସମାଜ, ଏହି ଯୋଗ ଶିବିରର ପ୍ରଥମ ଲକ୍ଷ୍ୟ। ସମାଜର କଲ୍ୟାଣ ପାଇଁ ଆନନ୍ଦ ମାର୍ଗ ପ୍ରଚାର ସଂଘ ପକ୍ଷରୁ ଯୋଗ ଶିବିର ଅନୁଷ୍ଠିତ ହେଉଛି। ଏହି ଶିବିରରେ ୧୫୦ଜଣ ଯୋଗଶିକ୍ଷା ଲାଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯୋଗ ଶିକ୍ଷକ ଆଚାର୍ଯ୍ୟ ବିଶୁଦ୍ଧାମୃନନ୍ଦ ଅବଧୁତଙ୍କ ଅଧକ୍ଷତାରେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଶନିବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଚାର୍ଯ୍ୟ ମର୍ମଦେବାନନ୍ଦ ଅବଧୁତ, ଆଚାର୍ଯ୍ୟ ବାସୁଦେବାନନ୍ଦ ଅବଧୁତ, ଅନସୂୟା ପାତ୍ର, ବୀର କିଶୋର ବେହେରା ପ୍ରମୁଖ ବହୁ ସନ୍ନ୍ୟାସୀ ଯୋଗଦେଇ ଯୋଗ ସମ୍ପର୍କରେ କହିଛନ୍ତି। ଯୋଗ ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ। ଦୀର୍ଘାୟୁ ପ୍ରାପ୍ତି ହେବା ସହ ପାଚକ ଶକ୍ତି ବୃଦ୍ଧି ଓ ଅନେକ ରୋଗରୁ ମୁକ୍ତି ମିଳିଥାଏ ବୋଲି କହିଥିଲେ।

### ବ୍ୟବସାୟୀଙ୍କ ପରଲୋକ

**ଚଣ୍ଡିଖୋଲ,୧୦ା୨(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ବଜାରର ଜଣାଶୁଣା ତଥା ପୁରୁଣା ବ୍ୟବସାୟୀ ଏବଂ ପତରାଜପୁର ଗ୍ରାମର ଦୋଳଗୋବିନ୍ଦ ସିଂହ (୭୮)ଙ୍କର ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ସେ ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନତି ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଖବରପାଇ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ସରପଞ୍ଚ ଫଣୀନ୍ଦ୍ରନାଥ ପଣ୍ଡା, ଶରତ କୁମାର ସାମଲ, ସମିତି ସଭ୍ୟ ସୁରେଶ କୁମାର ନାୟକ, ଅମିୟ କୁମାର ବିଶ୍ୱାଳ, ବ୍ଲକ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ପହଞ୍ଚି ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନାମ ସଂକୀର୍ତ୍ତନ ସହ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି, ଅଜୟ କୁମାର ସାମଲ, କିରଣ କୁମାର ଶତପଥୀ, ଏମ୍‌ପି ପ୍ରତିନିଧି ପଞ୍ଚାନନ ଧଳ ପ୍ରମୁଖ ବହୁ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ବାଲିଚନ୍ଦ୍ରପୁର ଶ୍ୟାମସୁନ୍ଦର ବଜାର ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିଥିଲେ।

ନିଖିଳ ଓଡ଼ିଶା ଅର୍ଥନୀତି ସଂଗଠନର ବାର୍ଷିକ ସମ୍ମିଳନୀ

### ଶ୍ରମ ବଜାର, ଅର୍ଥନୀତି ଉପରେ ଆଲୋଚନା





**କେନ୍ଦ୍ରାପଡା ଅଫିସ, ୧୦ା୨:** ନିଖିଳ ଓଡିଶା ଅର୍ଥନୀତି ସଂଗଠନର ୫୧ତମ ବାର୍ଷିକ ସମ୍ମିଳନୀ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ସଂଗଠନ ସଭାପତି ପ୍ରାଧାପକ ଭାଗବତ ପାତ୍ରୋଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ୨ ଦିନିଆ ସମ୍ମିଳନୀକୁ ମୁଖ୍ୟଅତିଥି ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଉଦ୍‌ଘାଟନ କରିଥିଲେ । ଏଥିରେ ଅଧକ୍ଷ ପ୍ରଫେସର ବିନ୍ଦୁମିତ୍ର ବଳ, ପ୍ରାଧାପକ ସନ୍ତୋଷ ମେହୋତ୍ରୋ ଓ ଶିକ୍ଷାବିତ ଡ. ଉପେନ୍ଦ୍ର ଚୌଧୁରୀ ଆଲୋଚକ ଭାବେ ଯୋଗଦେଇଥିଲେ । ଅତିଥିମାନେ ଭାରତୀୟ ଅର୍ଥନୀତିରେ ପୁରାତନ ସଂସ୍କୃତି, ସାମ୍ପ୍ରତିକ ସମୟର ଶ୍ରମ ବଜାର ଓ ଅର୍ଥନୀତି ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ପାଦକ ଡ. ଅମରେନ୍ଦ୍ର ଦାସ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ପ୍ରାଧାପକ ଅନ୍ନପୂର୍ଣ୍ଣା ସୁଆର, ଡ. ଜ୍ଞାନୀନ୍ଦ୍ର ଦାଶ, ଦୀପ୍ତିରାୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅପରାହ୍ନରେ ଅର୍ଥନୀତିଜ୍ଞ ନିର୍ମଳ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଓଡିଶାରେ ଉଦ୍ୟୋଗ ଓ ଦକ୍ଷତା ବିକାଶ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅର୍ଥନିତିଜ୍ଞ ମୁକ୍ତିକାନ୍ତ ମିଶ୍ର ଓ ସୈକତ ସିହ୍ନା ରାୟ ଏଥିରେ ଆଲୋଚକ ଭାବେ ଯୋଗ ଦେଇଥିଲେ । ଏଠାରେ ରାଜ୍ୟ ଓ ବାହାର ରାଜ୍ୟର ବହୁ ସନ୍ଦର୍ଭ ପ୍ରସ୍ତୁତକାରୀ ନିଜର ମତ ଉପସ୍ଥାପନ କରିଥିଲେ ।

## ■ ଅବହେଳିତ ମୃଦଙ୍ଗ କାରିଗର

# କୌଳିକ ବୃତ୍ତିରୁ ଫେରାଉଛନ୍ତି ମୁହଁ

**ସୌମ୍ୟରଞ୍ଜନ ସାହୁ**
**ଛତିଆ,୧୦ା୨(ଡି.ଏନ.ଏ.)**

ଦିନଥିଲା, ଗାଁ ଗଣ୍ଡାରେ ବହୁଳ ଭାବେ ମୃଦଙ୍ଗ ଦେଖିବାକୁ ମିଳୁଥିଲା। ସାଧାରଣ ମଣିଷ ଦିନସାରା ପରିଶ୍ରମ କରି ସନ୍ଧ୍ୟା ହେଲେ ମଠ, ମନ୍ଦିର କିମ୍ବା ଭାଗବତ ଟୁଙ୍ଗିରେ ହେଉଥିବା ଭଜନ, ଜଣାଣ ଓ ସଂଗୀତ ଆସର ପାଖରେ ବସିପଡ଼ି କ୍ଲାନ୍ତିକୁ ପାସୋରି ଦେଉଥିଲା। ସଂଗୀତର ସୁମଧୁର ସ୍ୱର ସହିତ ମୃଦଙ୍ଗର ତାଳେ ତାଳେ ବିଭୋର ହୋଇଯାଉଥିଲା। ବର୍ତ୍ତମାନ ମୃଦଙ୍ଗ ବାଜୁଛି ହେଲେ ତା’ର ସ୍ୱର ଶୁଭୁନାହିଁ। ଜଗନ୍ନାଥ ସଂସ୍କୃତିରେ ମୃଦଙ୍ଗର ଏକ ନିଆରା ପରିଚୟ ରହିଛି। ଗାଁରେ ପାଳନ ହେଉଥିବା ବିଭିନ୍ନ ପର୍ବପର୍ବାଣିଠାରୁ ଆରମ୍ଭ କରି ମେଳା ମହୋତ୍ସବ ଓ ଯାନିଯାତ୍ରା ଆଦି କ୍ଷେତ୍ରରେ ଭାଗବତ ଟୁଙ୍ଗି ଓ ସଂକୀର୍ତ୍ତନ ମଣ୍ଡଳୀରେ ମୃଦଙ୍ଗର ସ୍ୱତନ୍ତ୍ର ସ୍ଥାନ ରହିଛି। ଏଥିପାଇଁ ବାଦ୍ୟକାର ସ୍ୱତନ୍ତ୍ର ପରିଚୟ ପାଇଛନ୍ତି। ହେଲେ ମୃଦଙ୍ଗ ତିଆରି କରୁଥିବା ଅନେକ କାରିଗରଙ୍କୁ ପ୍ରୋତ୍ସାହନ ନ ମିଳିବାରୁ ଅତ୍ୟନ୍ତ ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଅଞ୍ଚଳର ମୃଦଙ୍ଗ କାରିଗରଙ୍କ କ୍ଷେତ୍ରରେ। ଛତିଆ ବଜାର ନିକଟରେ ବସବାସ କରୁଥିବା ୧୫ରୁ ଊର୍ଦ୍ଧ୍ୱ ପରିବାର ବାଜା ତିଆରି କରିବାରେ ସିଦ୍ଧହସ୍ତ ହୋଇଥିବା ବେଳେ ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ପରିବାର ପ୍ରତିପୋଷଣ କରିବା ଏମାନଙ୍କ ପକ୍ଷରେ କଷ୍ଟକର ହୋଇପଡୁଛି। ପ୍ରୋତ୍ସାହନ ଅଭାବରୁ ବାପା ଜେଜେ ଅମଳର କୌଳିକ ବୃତ୍ତିକୁ ଛାଡି ଦେଇଛନ୍ତି। ହାତଗଣତି କିଛି ପରିବାର କୌଳିକ ବୃତ୍ତିକୁ ବଞ୍ଚାଇବା ପାଇଁ ପ୍ରତିଦିନ ସଂଘର୍ଷ କରୁଛନ୍ତି। ଏଭଳି ଏକ ପରିବାର ହେଉଛି ଉକ୍ତ ଅଞ୍ଚଳର ସଦାନନ୍ଦ ନାୟକଙ୍କ ପରିବାର। ପୂର୍ବରୁ ବାପା, ଜେଜେ ମୃଦଙ୍ଗ ନିର୍ମାଣରେ ଜଡିତ ଥିବାରୁ ଏହି ବୃତ୍ତିକୁ ବଞ୍ଚାଇ ରଖିଛନ୍ତି ସତ, କିନ୍ତୁ ପେଟ ପୂରୁନାହିଁ। ଲାଭ ବେଶି ନ ଥିଲେ ମଧ ଭଗବାନଙ୍କ କାମରେ ଲାଗୁଥିବା ଓ ଲୋକଙ୍କ ଭଲପାଇବା ନିଜର ବ୍ରତ ବୋଲି କୁହନ୍ତି ସଦାନନ୍ଦ। ମୃଦଙ୍ଗ, ନିଶାନ, ତାସା, ପଞ୍ଝଜ, ଢୋଲ, ଡୁବିତବଲା ଆଦି ବାଦ୍ୟ ଯନ୍ତ୍ର ତିଆରି କରିଥାନ୍ତି। ଭଲ ବାଦ୍ୟ ତିଆରି କରୁଥିବାରୁ ବିଭିନ୍ନ ସ୍ଥାନରୁ କଳାକାର ଓ ଗ୍ରାହକମାନେ ଆସି ତାଙ୍କ ପାଖରୁ ବାଜା ତିଆରି କରିବା ସହ ମରାମତି ମଧ କରାଇଥାନ୍ତି। ଗୋଟିଏ ମୃଦଙ୍ଗ ତିଆରି କରିବାକୁ ୮ ରୁ ୧୦ ଦିନ ସମୟ ଲାଗୁଥିବା ବେଳେ ମୃଦଙ୍ଗ ପିଛା ୩୦୦୦ ରୁ ୪୦୦୦ ଟଙ୍କାରେ ବିକ୍ରି କରିଥାନ୍ତି। ହେଲେ ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ମିଳୁ ନ ଥିବା କୁହନ୍ତି ସଦାନନ୍ଦ। ମୃଦଙ୍ଗଟିଏ ତିଆରି କରିବା ପାଇଁ କମାରଶାଳରୁ ମାଟିହାଣ୍ଡି କିଣିବାକୁ ପଡିଥାଏ ଓ ଚମଡା ଯୋଗାଡ କରି ସେସବୁକୁ ଖରାରେ ଶୁଖାଇ ତାଳ ସହ ଶବ୍ଦ ହେବା ପର୍ଯ୍ୟନ୍ତ ପ୍ରସ୍ତୁତିରେ ଲାଗିପଡନ୍ତି। ପାଗ ହୋଇଗଲା ପରେ ଭଲଭାବେ ସଫାକରି ରଙ୍ଗ ଦେଇ ମାପ ଅନୁଯାୟୀ ଫିତା କଟାଯାଇଥାଏ। ମାଟି ହାଣ୍ଡିରେ ଚମଡା ଫିତା ଭିଡି ସନ୍ଧା କରିବା ପରେ ଲୁହା ପଥର ଗୁଣ୍ଡ ବାଟି କିରଣ କରି ଗ୍ରାହକଙ୍କୁ ବିକ୍ରି କରିଥାନ୍ତି। ବଜାରରେ କଞ୍ଚାମାଲ ଅଭାବ ସାଙ୍ଗକୁ କମ୍ ପାରିଶ୍ରମିକ ମୃଦଙ୍ଗ କାରିଗରଙ୍କ ଚିନ୍ତା ବଢାଉଛି। ଫଳରେ ସେମାନେ କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି। ତେବେ କାରିଗରଙ୍କୁ ପ୍ରୋତ୍ସାହନ ଦେବା ସହ ସରକାରଙ୍କ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ କରାଗଲେ ଓଡ଼ିଶାର ଲୋକକଳା ଓ ସଂସ୍କୃତିକୁ ବଞ୍ଚାଯାଇପାରିବ।



■ଗାଁ ଗହଳିରେ ମୃଦଙ୍ଗର ସ୍ୱତନ୍ତ୍ର ସ୍ଥାନ ରହିଛି

■କାରିଗରଙ୍କୁ ପରିଶ୍ରମ ଅନୁଯାୟୀ ମିଳୁନି ପାରିଶ୍ରମିକ

### ୩୦ତମ ସଡ଼କ ସୁରକ୍ଷା ଦିବସ

**ବରୀ,୧୦ା୨(ସ୍ୱ.ପ୍ର.)**

ଯାଜପୁର ଜିଲା ବରୀ ବ୍ଲକ ଅଞ୍ଚଳରେ ଶନିବାର ୩୦ତମ ଜାତୀୟ ସଡ଼କ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ବରୀ–ବାଗଦାସ୍ଥିତ ଗୋପବନ୍ଧୁ ରମାଦେବୀ ଆଶ୍ରମ ପରିସରରୁ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏକ ସଚେତନତା ରଥକୁ ଅବସରପ୍ରାପ୍ତ ଶିକ୍ଷକ ପଦ୍ମନାଭ ଜେନା ଉଦ୍‌ଘାଟନ କରିଥିଲେ। ଏହି ରଥ ବରୀ–ମାଉଣ୍ଡ ବଜାର ଦେଇ ବାଲିଆପାଳ ସମେତ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲା। ଏଥିରେ ୮ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହେବା ସହ ସ୍ୱେଚ୍ଛାସେବୀ ସତ୍ୟରଞ୍ଜନ କରଙ୍କ ନେତୃତ୍ୱରେ ସଡକ ସୁରକ୍ଷା ସ୍ଲୋଗାନ ଦିଆଯାଇଥିଲା। ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ସଚିନ୍ଦ୍ର ପଣ୍ଡା, ଏମଭିଆଇ ଦୀପକ ସେଠୀ, କର୍ମଚାରୀ ସୁଦୀପ୍ତ ସାହୁ, ପ୍ରକାଶ ସାହୁ, ସମରଜିତ ସାହୁ, ପଦ୍ମନାଭ ନାୟକ, ବରୀ ପୋଲିସ ପକ୍ଷରୁ ପି.ଗଡନାୟକ, ବୀରେନ୍ଦ୍ର ମିଶ୍ର, ଲାଲମୋହନ ତିରିଆ ପ୍ରମୁଖ ପୋଲିସ କର୍ମଚାରୀ ଉପସ୍ଥିତ ରହି ବରୀ–ମାଉଣ୍ଡ ବଜାରରେ ବାଇକ ଆରୋହୀଙ୍କୁ ସଚେତନ କରାଇଥିଲେ। ବାଇକ ଆରୋହୀଙ୍କୁ ହେଲମେଟ୍ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଯେଉଁ ବାଇକ୍ ଚାଳକ ହେଲମେଟ୍ ବ୍ୟବହାର କରିଥିଲେ ସେମାନଙ୍କୁ ଚନ୍ଦନ ଟିପା ଓ ଫୁଲତୋଡା ପ୍ରଦାନ କରି ସ୍ୱାଗତ କରିଥିଲେ।

## ପୁରପଲ୍ଲୀରେ ଦେବୀ ସରସ୍ୱତୀଙ୍କ ପୂଜା

**ବିଞ୍ଝାରପୁର,୧୦ା୨(ଡି.ଏନ.ଏ)**



ବିଞ୍ଝାରପୁର ବ୍ଲକ ଗଳିକନ୍ଦିରେ ରବିବାର ଶ୍ରୀପଞ୍ଚମୀ ଅବସରରେ ବାଗ୍‌ଦେବୀ ସରସ୍ୱତୀଙ୍କ ପୂଜା ବେଶ୍ ଧୂମଧାମରେ ପାଳନ କରାଯାଇଛି। ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନରେ ବିଧି ଅନୁଯାୟୀ ଦେବୀଙ୍କ ପୂଜା ଆରାଧାନା କରାଯାଇଥିଲା। ବ୍ଲକର ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ, ଖରସ୍ରୋତା ମହାବିଦ୍ୟାଳୟ, ବରୁଣେଶ୍ୱର ମହାବିଦ୍ୟାଳୟ, ଯୁଣଭଦ୍ରା ମହାବିଦ୍ୟାଳୟ, ଲଛମନ ବାଲାଜି ଜୀଉ ମହାବିଦ୍ୟାଳୟ, ଆଞ୍ଚଳିକ ବଳଦେବ ଜୀଉ ମହାବିଦ୍ୟାଳୟ, ମା’ ତାରିଣୀ ଆଇଟିଆଇ, ବିଜୁ ପଟ୍ଟନାୟକ ସ୍କୁଲ ଫର ସ୍ପେସାଲ ଚ୍ୟାଲେଞ୍ଜ୍, ବରୁଣେଶ୍ୱର ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ବିଞ୍ଝାରପୁର, ଅଲାରପୁର ଓ ମାଁସଡା ଗୋକଳପୁରରେ ଧୂମଧାମରେ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୧୦ା୨ (ବ୍ୟୁରୋ)**

■ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ସନ୍ଦେହ

■ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ପୋଲିସ

ନୟାପଲ୍ଲୀ ଥାନା ଅନ୍ତର୍ଗତ ଦେବରାୟ କଲେଜ ନିକଟ ପ୍ଲଟ୍ ନଂ.୧୧୭୫ସ୍ଥିତ ଏକ ଘରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ରବିବାର ଉଦ୍ଧାର କରିଛି। ମୃତ ମହିଳା ଜଣକ ହେଲେ ପ୍ରୀତିଝରା ପରିଡ଼ା (୩୦)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣା ଆତ୍ମହତ୍ୟା ଭଳି ଲାଗୁଥିଲେ ମଧ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟା ବୋଲି ଲୋକେ ସନ୍ଦେହ କରୁଛନ୍ତି।

ପୋଲିସ ସୂଚନାନୁସାରେ, ପ୍ରୀତିଝରାଙ୍କ ବାପଘର ଯାଜପୁର ଜିଲା ବଡ଼ଚଣା ଥାନା ନରଶଡ଼ିପୁର ଓ ସେ ୨୦୧୧ରେ ପାଲଟପୁରର ସୁଶାନ୍ତ କୁମାର ପରିଡାଙ୍କୁ ବିବାହ କରିଥିଲେ। ସୁଶାନ୍ତ ଭୁବନେଶ୍ୱର ଆସି ସେସୁରେ କାର୍ଯ୍ୟ କରିବା ସହ ଦେବରାୟ କଲେଜ ନିକଟରେ ଏକ ଘର ଭଡ଼ା ନେଇ ସପରିବାର ରହୁଥିଲେ। କୌଣସି କାରଣକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡ଼ା ଲାଗୁଥିଲା। ତେବେ ପିଲାଙ୍କ ପାଠ ପଢ଼ାଠାରୁ ଆରମ୍ଭ କରି ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଆବଶ୍ୟକ ଅର୍ଥ ସୁଶାନ୍ତ ଦେଇପାରୁ ନ ଥିବାରୁ ପାରିବାରିକ ସମସ୍ୟା ସୃଷ୍ଟି ହେଉଥିଲା ବୋଲି ପଡୋଶୀମାନେ କହିଛନ୍ତି। ରବିବାର ସକାଳେ ଉଭୟଙ୍କ ମଧ୍ୟରେ ସାମାନ୍ୟ କଳହ ଲାଗିଥିଲା। ପରେ ସୁଶାନ୍ତ ୮ ବର୍ଷର ଝିଅକୁ ନେଇ ସରସ୍ୱତୀ ପୂଜା ପାଇଁ ସ୍କୁଲକୁ ଯାଇଥିଲେ। ଘରେ ୫ ବର୍ଷର ପୁଅ ଓ ସ୍ତ୍ରୀ ପ୍ରୀତିଝରା ଥିଲେ। ସରସ୍ୱତୀ ପୂଜା ସରିବା ପରେ ସୁଶାନ୍ତ ଝିଅକୁ ଧରି ଘରକୁ ଫେରି ଘରର ଏକ କୋଠରୀରେ ପ୍ରୀତିଝରାଙ୍କ ମୃତଦେହ ବେକରେ ଚୁନି ବନ୍ଧା ଅବସ୍ଥାରେ ସିଲିଂ ଫ୍ୟାନ୍‌ରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଅନ୍ୟ ଏକ କୋଠରୀରେ ପୁଅ ଶୋଇଥିଲେ। ତେବେ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖିଲେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପ୍ରୀତିଝରା ବେକରେ ଚୁନି ଲଗାଇ ଝୁଲୁଥିଲେ ମଧ ଗୋଡ଼ ଘରର ଚଟାଣରେ ଲାଗି ରହିଥିଲା। ଏପରିକି ବହୁ ଉଚ୍ଚରେ ଫ୍ୟାନ୍ ରହିଥିଲେ ମଧ ନିକଟରେ ପ୍ରୀତିଝରାଙ୍କ ହାତ ପାଇବା ଭଳି ଉଚ୍ଚ ସ୍ଥାନ ବା ଜିନିଷ କିଛି ନ ଥିଲା। ଏନେଇ ପ୍ରୀତିଝରାଙ୍କ ବାପଘର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ନୟାପଲୀ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି।

## ■ ଶ୍ରମିକ ଆଇନ ଦିଗହରା

# ସ୍ଥାୟୀ ସମାଧାନ ଦାବି

**ଯାଜପୁରରୋଡ଼,୧୦ା୦୨(ନି.ପ୍ର.)**

ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ନିମନ୍ତେ କୋଠାବାଡ଼ି କରିବା ଓ ଶ୍ରମିକଙ୍କ ହିତ ପାଇଁ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ଅର୍ଥ ପ୍ରଦାନ ତଥା ସାମାଜିକ ସୁରକ୍ଷା ଆଇନ ଦ୍ୱାରା ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ଯାଜପୁର ଜିଲା ଶ୍ରମ କାର୍ଯ୍ୟାଳୟରେ ପ୍ରହସନରେ ପରିଣତ ହୋଇଛି। ଏପରିକି ପ୍ରକୃତ ଶ୍ରମିକଙ୍କ କାର୍ଡକୁ ଅନ୍‌ଲାଇନରେ ଉପଲବ୍ଧ କରିବା ସହ ବହୁ ଶ୍ରମିକଙ୍କ ନାମ, ଠିକଣା, ଜନ୍ମ ତାରିଖ ଭୁଲ କରିଥିବାରୁ ସେମାନେ ନବୀକରଣ ଓ ବିଭିନ୍ନ ସହାୟତା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ସଂଶୋଧନ ପାଇଁ ଲିଖିତ ଅଭିଯୋଗ ଦେଲେ ମଧ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ ଏବଂ ୨ ବର୍ଷ ଧରି ଯନ୍ତ୍ରପାତି କ୍ରୟ କରି ଶ୍ରମିକମାନେ ବିଲ୍ ସହ ଦରଖାସ୍ତ କରିଥିଲେ ମଧ ଅର୍ଥ ପ୍ରଦାନ କରାଯାଉନାହିଁ। ଜିଲା ଶ୍ରମ କାର୍ଯ୍ୟାଳୟରେ ବାହାର ବ୍ୟକ୍ତିଙ୍କୁ ପ୍ରବେଶ କରାଇବା ଦ୍ୱାରା ବହୁ ମୂଲ୍ୟବାନ ଫାଇଲ ଚୋରି ହେଉଥିଲେ ମଧ ଏହା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ଏପରିକି ଶ୍ରମ କାର୍ଯ୍ୟାଳୟ କେନ୍ଦ୍ରୀୟ ଟ୍ରେଡ ୟୁନିୟନଗୁଡ଼ିକୁ ଅଣଦେଖା କରୁଛି। ଯାଜପୁର ଜିଲାରେ ୧ ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ପଞ୍ଜୀକୃତ ଏବଂ କଳିଙ୍ଗନଗର ଏକ ଶିଳ୍ପ ରାଜଧାନୀ ହୋଇଥିବାବେଳେ ସରକାର ବିଭିନ୍ନ ଜାଲିଆତିର ଆଳ ଦେଖାଇ ରାତିଅଧିଆ ଜିଲା ଶ୍ରମ ଅଧିକାରୀଙ୍କୁ ବଦଳି କରି ନୂତନ ଅଧିକାରୀଙ୍କୁ ନିଯୁକ୍ତି ଦେଉଛନ୍ତି। କେତେକ ଲେବର୍ ନେଟ୍ ସଂସ୍ଥା ଦ୍ୱାରା ଶ୍ରମିକଙ୍କୁ ଟ୍ରେନିଂ ଦେବା ଓ ନିମ୍ନମାନର କିଟ୍ ପ୍ରଦାନ ନାମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରୁଥିବାବେଳେ ଜିଲାର କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ଦିଗହରା ହୋଇଛି। ଏହାର ପ୍ରତିବାଦରେ ନିଖିଳ ଉତ୍କଳ ନିର୍ମାଣ ଶ୍ରମିକ ସଂଘ ଗତ ୭ ତାରିଖରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏହାର ସ୍ଥାୟୀ ସମାଧାନ କରା ନ ଗଲେ ରାଜ୍ୟ ସରକାରଙ୍କ କଲ୍ୟାଣମୂଳକ କାର୍ଯ୍ୟ ‘ପିଠା’ର ସଫଳ ଶିବିରରେ ବିରୋଧ କରିବା ସହ ଉକ୍ତ ଦିବସକୁ କଳାଦିବସ ରୂପେ ପାଳନ କରିବାକୁ ପ୍ରଦେଶ ଅଣସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତି ଚେତାବନୀ ଦେଇଛନ୍ତି। ଅନ୍ୟ ଜିଲାଗୁଡ଼ିକରେ ସାଇକେଲ, ଯନ୍ତ୍ରପାତି ଓ ସୁରକ୍ଷା ସାମଗ୍ରୀ ଦିଆଯାଉଥିବାବେଳେ ଯାଜପୁର ଜିଲାରେ ଏହାକୁ ଅଣଦେଖା କରାଯିବାକୁ ନେଇ ସଭାପତି ବିଦ୍ୟାଧର ମହାନ୍ତି ନିନ୍ଦା କରିଛନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ବିଭାଗର ଯୁଗ୍ମ ଆୟୁକ୍ତ ସୁନୀଲ ସାହୁଙ୍କୁ ପଚାରିବାରେ, ଜିଲା ଶ୍ରମ ଅଧିକାରୀଙ୍କ ବଦଳି ହୋଇଯାଇଛି। ଫାଇଲର ତର୍ଜମା କରାଯାଉଛି। ଜିଲାପାଳଙ୍କ ଦ୍ୱାରା ଏକ କମିଟି ଗଠନ କରାଯାଇ ଏହାର ସମାଧାନ କରାଯିବ ବୋଲି ସେ କହିଥିଲେ।

## ଶିକ୍ଷୟିତ୍ରୀଙ୍କ ବଦଳି ଦାବି କଲେ ପୁରାତନ ଛାତ୍ରୀଛାତ୍ର

**କଳିଙ୍ଗନଗର,୧୦ା୨(ଡି.ଏନ.ଏ.)**

ଦାନଗଦି ବ୍ଲକସ୍ଥିତ ବୁଦ୍ଧରାଜ ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦ ସଭ୍ୟାସଭ୍ୟ, ମୋ ସ୍କୁଲ ଅଭିଯାନ ସଭ୍ୟାସଭ୍ୟ ଓ ଅଭିଭାବକ ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଯୁଗପ୍ରଭା ସାବତଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି ତାଙ୍କ ବଦଳି ଦାବି କରିଛନ୍ତି। ଅଭିଯୋଗ ମୁତାବକ, ଶିକ୍ଷୟିତ୍ରୀ ସାବତ ଉକ୍ତ ବିଦ୍ୟାଳୟରେ ୧୫ବର୍ଷ ଧରି କାର୍ଯ୍ୟ କରୁଥିବାରୁ ବହୁ ଅରାଜକତା କରିବା ସହ ଅଭିଭାବକ ଓ ଶିକ୍ଷକଙ୍କୁ ଅଶାଳୀନ ବ୍ୟବହାର କରୁଛନ୍ତି। ଯଦି କେହି ତାଙ୍କ ବିରୋଧରେ ପ୍ରଧାନ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରୁଛନ୍ତି, ସେ ପିଲାଙ୍କୁ ଆକ୍ଷେପମୂଳକ ମନ୍ତବ୍ୟ ଦେବା ସହ ଆକ୍ରୋଶମୂଳକ ଦଣ୍ଡ ଦେଉଥିବା ଅଭିଯୋଗ ହେଉଛି। ଯଦି ତାଙ୍କୁ ୭ଦିନ ମଧ୍ୟରେ ବଦଳି କରା ନ ଯାଏ, ତେବେ ଆମରଣ ଅନଶନ କରାଯିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସହକାରୀ ଶିକ୍ଷୟିତ୍ରୀ ଯୁଗପ୍ରଭା ସାବତଙ୍କୁ ପଚାରିବାରୁ, ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷକ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ତାଙ୍କ ବିରୋଧରେ ମତାଉଛନ୍ତି ବୋଲି କହିଛନ୍ତି।

### ପୋଖରୀରୁ ମୃତଦେହ ଉଦ୍ଧାର

**ତିହିଡ଼ି, ୧୦ା୨ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତ ଗିଲପଦା ଗ୍ରାମର ହେମନ୍ତ ମଲିକ(୫୦)ଙ୍କ ମୃତଦେହ ସ୍ଥାନୀୟ ଏକ ପୋଖରୀରୁ ରବିବାର ସକାଳେ ଉଦ୍ଧାର କରାଯାଇଛି। ସକାଳେ ସେ ତାଙ୍କ ଘର ନିକଟରେ ଥିବା ପୋଖରୀରେ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡ଼ି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ଦୁଇ ବାଇକ୍ ମୁହାଁମୁହିଁ: ୨ ଗୁରୁତର

**ଯାଜପୁରରୋଡ,୧୦ା୨(ନି.ପ୍ର.)**

ଯାଜପୁରରୋଡ ଥାନା ଅନ୍ତର୍ଗତ ବାଲିପଶି ନିକଟରେ ରବିବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଯାଜପୁରରୋଡ ଥାନା ଅନ୍ତର୍ଗତ ମାରୁଟିକର ଗ୍ରାମର ମୁନା ଦଳେଇ (୨୦) ଏବଂ ରୁକୁଆ ଦଳେଇ (୨୫)। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି।

## କ୍ଷତାକ୍ତ ଅବସ୍ଥାରେ ନବଜାତ ଶିଶୁକନ୍ୟା ଉଦ୍ଧାର

**ଭୁବନେଶ୍ୱର,୧୦ା୨ (ବ୍ୟୁରୋ)/କଟକ ଅଫିସ**

କନ୍ୟା ସନ୍ତାନଙ୍କ ପ୍ରତି ଥିବା ହୀନମନ୍ୟତାକୁ କୌଣସି ସଚେତନତା ରୋକିପାରୁନି। ଏହାର ଆଉ ଏକ ଦୁଃଖଦ ପ୍ରମାଣ ରବିବାର ଦେଖିବାକୁ ମିଳିଛି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପ୍ରଶାନ୍ତି ବିହାର ରାସ୍ତା ପାର୍ଶ୍ୱ ଏକ ପରିତ୍ୟକ୍ତ ସ୍ଥାନରୁ ଜଣେ ନବଜାତ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଛି। ରବିବାର ସକାଳେ ଶିଶୁଟିର ଚିତ୍କାର ଶୁଣି ନିକଟରେ ଯାଉଥିବା କେତେଜଣ ପଥଚାରୀ ଅଟକି ଯାଇଥିଲେ। ଚିତ୍କାର ଶୁଭୁଥିବା ସ୍ଥାନରେ ପହଞ୍ଚି ଏକ କପଡ଼ାରେ ନବଜାତ ଶିଶୁକନ୍ୟା ଗୋଡାଇ ହୋଇଥିବା ଅବସ୍ଥାରେ ପଡି ରହିଥିବା ଦେଖିବାକୁ ପାଇଥିଲେ। ଶିଶୁଟିର ମୁଣ୍ଡ, ଆଖି ଓ ଗୋଡ଼ରେ ଗଭୀର କ୍ଷତ ହୋଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପ୍ରଚାରିତ ହୋଇଯିବା ପରେ ସ୍ଥାନୀୟ ଲୋକଙ୍କ ଭିଡ଼ ଲାଗିଥିଲା। ପୋଲିସ ପହଞ୍ଚି ଆହତ ଶିଶୁକନ୍ୟାକୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଛି। ରାତିରେ ଜନ୍ମ ପରେ କେହି ଶିଶୁଟିକୁ ଏପରି ବିପଜ୍ଜନକ ଅବସ୍ଥାରେ ଫିଙ୍ଗିଦେଇ ଚାଲିଯାଇଥିବା ଓ କୁକୁର କିମ୍ବା ଅନ୍ୟ କୌଣସି ପ୍ରାଣୀ ଆକ୍ରମଣ କରିଥିବା ଅନୁମାନ କରାଯାଉଛି। ଘଟଣାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଚାଇଲ୍ଡ ଲାଇନ ପକ୍ଷରୁ ଶିଶୁକନ୍ୟାଙ୍କ ଯତ୍ନ ଓ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି। ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳା ଶିଶୁଭବନରେ ପହଞ୍ଚି ଶିଶୁକନ୍ୟାଙ୍କ ଦେଖାଶୁଣା କରୁଛନ୍ତି।

## ■ କୃଷିକ୍ଷେତକୁ ସଂଯୋଗ ରାସ୍ତା ନିର୍ମାଣକୁ ବିରୋଧ

# କାର୍ଯ୍ୟସ୍ଥଳ ପରିଦର୍ଶନ କଲେ କୃଷକ ସଂଗଠନ ରାଷ୍ଟ୍ରୀୟ ସଂଯୋଜକ

**ରସୁଲପୁର,୧୦ା୨(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ଗ୍ରାମ୍ୟ ରାସ୍ତା ନିର୍ମାଣକୁ ଏକ ଗୋଷ୍ଠୀ ବିରୋଧ କରିବାରୁ ଚାଷୀ ଭାଇମାନେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କୁ ଅଭିଯୋଗ କରିଥିଲେ। ରାଷ୍ଟ୍ରୟ ସଂଯୋଜକ ଅକ୍ଷୟ କୁମାର ରବିବାର କାର୍ଯ୍ୟସ୍ଥଳ ପରିଦର୍ଶନ କରି ଫେରିଯାଇଛନ୍ତି। କୃଷକଙ୍କ ସ୍ୱାର୍ଥରେ ଲାଗୁଥିବା ରାସ୍ତା ନିର୍ମାଣକୁ ବିରୋଧ କରାଯିବା ଏକ ନିନ୍ଦନୀୟ କାର୍ଯ୍ୟ ବୋଲି ପ୍ରକାଶ କରିଛନ୍ତି। ଏଥିସହ ପଞ୍ଚାୟତ ପକ୍ଷରୁ ହେଉଥିବା ରାସ୍ତା ନିର୍ମାଣକୁ ପ୍ରଶାସନ ପକ୍ଷରୁ ସହଯୋଗ କରାଯିବା ଉଚିତ ବୋଲି ମତ ରଖିଥିଲେ। ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସହ ରାଜ୍ୟ ସହସଂଯୋଜକ ନିମାଇଁ ରାୟ, ବ୍ଲକ ସଂଯୋଜକ ମୁକୁନ୍ଦଦେବ ମହାନ୍ତି, ରମେଶ ସ୍ୱାଇଁ, ସୂର୍ଯ୍ୟମଣି ମହାନ୍ତି, ରଶ୍ମି ସ୍ୱାଇଁ, ପୁଷ୍ପଲତା ମହାନ୍ତି, ସଞ୍ଜୁ ମଲିକ, ଶାନ୍ତିଲତା ମହାନ୍ତି, ମଲ୍ଲି ବରାଳ, ସଂଯୁକ୍ତା ସାହୁ, ସନ୍ଧ୍ୟାରାଣୀ ଦୋବାଇ, ରେଖା ମହାନ୍ତିଙ୍କ ସମେତ ବହୁ ମହିଳା କାର୍ଯ୍ୟସ୍ଥଳ ପରିଦର୍ଶନ କରିଥିଲେ। ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ କରା ନ ଗଲେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସଂଗଠନର ନେତାଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, କୃଷ୍ଣ ସ୍ୱାଇଁଙ୍କ ଘରଠାରୁ ବ୍ରାହ୍ମଣଗଡା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହି ରାସ୍ତା ପାଟ ମଧ୍ୟଦେଇ ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଂଯୋଗ କରୁଛି। ଉକ୍ତ ରାସ୍ତା ଗୋରୁଗାଈଙ୍କ ଚଲାପଥ, କୃଷକମାନଙ୍କ ବହୁଳ ବ୍ୟବହାର୍ଯ୍ୟ ରାସ୍ତା ଭାବେ ଜଣାଶୁଣା। ଉକ୍ତ ରାସ୍ତାରୁ ଢଳେଇ ଉଠିଯିବା ସହ ରାସ୍ତା ଉପରେ ଥିବା ଏକ କଲଭର୍ଟ ଭାଙ୍ଗିଯାଇଛି। ତେଣୁ ରାସ୍ତା ମରାମତି ନିମନ୍ତେ ଗାଁ ଲୋକେ ସରପଞ୍ଚ ଚିନ୍ତାମଣି ସୁରଙ୍କୁ ଅଭିଯୋଗ କରିଥିଲେ। ଚାଷୀଙ୍କ ସ୍ୱାର୍ଥ ଓ ଅଭିଯୋଗକୁ ପଞ୍ଚାୟତ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ପଞ୍ଚାୟତ ବୈଠକ, ପଲ୍ଲିସଭା ଓ ଗ୍ରାମସଭା ଜରିଆରେ ରାସ୍ତା ନିର୍ମାଣକୁ ଅନୁମୋଦନ ମିଳିଥିଲା। ସେହି ମୁତାବକ ସରପଞ୍ଚ ନିଜସ୍ୱ ପାଣ୍ଠି ଓ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅନୁଦାନରୁ ୩ଲକ୍ଷ ଟଙ୍କା ବ୍ୟୟବରାଦ କରିଥିଲେ। ପ୍ରକଳ୍ପକୁ ଅନୁମୋଦନ ମିଳିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଞ୍ଚାୟତ ପକ୍ଷରୁ ଉଦ୍ୟମ କରାଯାଇଥିଲା। ହେଲେ ରାସ୍ତା ନିର୍ମାଣକୁ ବିରୋଧ କରି ଗତ ସପ୍ତାହରେ ପଞ୍ଚାୟତ ଓ ବିରୋଧୀ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ବେଆଇନ ଭାବେ ନିର୍ମାଣ କାର୍ଯ୍ୟ କରାଯାଉଛି ବୋଲି ବ୍ଲକରେ ଅଭିଯୋଗ ହୋଇଥିଲା। ଏହାକୁ ଆଳକରି ବ୍ଲକ ପ୍ରଶାସନ ପକ୍ଷରୁ ରାସ୍ତା କାର୍ଯ୍ୟକୁ ବନ୍ଦ କରିଦିଆଯାଇଛି। ଏ ନେଇ ପ୍ରଥମାଖଣ୍ଡ ପଞ୍ଚାୟତ ତଳସାହି ଗ୍ରାମର ଚାଷୀ, ପଶୁପାଳକ ଓ ଜନସାଧାରଣ ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକଙ୍କୁ ଭେଟି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଅନିତା ବେହୁରାଙ୍କୁ ପଚାରିବାରେ, ରାସ୍ତା ନିର୍ମାଣକୁ ନେଇ ଗାଁରେ ଉତ୍ତେଜନା ଲାଗିରହିଛି। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାଁରେ କାର୍ଯ୍ୟାଦେଶ ରହିଛି। ସେ କାମ ଆରମ୍ଭ କରିବାକୁ ସୁରକ୍ଷିତ ମଣୁ ନ ଥିବାରୁ କାର୍ଯ୍ୟ ହୋଇପାରୁନାହିଁ ବୋଲି ପ୍ରକାଶ କରିଛନ୍ତି।



ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କାର୍ଯ୍ୟସ୍ଥଳ ପରିଦର୍ଶନ କରୁଛନ୍ତି।



# ଏକ ସଫଳ ମହାକାଶ ଦୂରବୀକ୍ଷଣ ଯନ୍ତ୍ରର ପରିସମାପ୍ତି




ଇଂ. ମାୟାଧର ସ୍ୱାଇଁ

ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ସଂସ୍ଥା 'ନାସା' ୨୦୦୯ ମାର୍ଚ୍ଚ ୭ ତାରିଖରେ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ରକୁ ମହାକାଶରେ ଅବସ୍ଥାପିତ କରିଥିଲା। ଏହା ପୃଥିବୀ ପୃଷ୍ଠରୁ ୧୫୦ ନିୟୁତ କିମି ଉଚ୍ଚରେ ସୂର୍ଯ୍ୟକୁ ପ୍ରତି ୩୭୨.୫ ଦିନରେ ଥରେ ପରିକ୍ରମଣ କରୁଛି। ଯାନର ଲମ୍ବ ଓ ଓସାର ଯଥାକ୍ରମେ ହେଉଛି ୪.୭ ମିଟର ଓ ୨.୭ ମିଟର। ଏହି ଦୂରବୀକ୍ଷଣ ଯନ୍ତ୍ରର ମୁଖ୍ୟ ଦର୍ପଣର ବ୍ୟାସ ହେଉଛି ୧.୪ ମିଟର। ଏଥିରେ କେବଳ ଗୋଟିଏ ଯନ୍ତ୍ର ଖଞ୍ଜାଯାଇଛି। ଏହା ହେଉଛି ଗୋଟିଏ ଶକ୍ତିଶାଳୀ ଫଟୋମିଟର ବା କ୍ୟାମେରା। ଏହାର ନାମ ହେଉଛି 'କେପ୍‌ଲର ମହାକାଶ ଦୂରବୀକ୍ଷଣ ଯନ୍ତ୍ର'। ବିଶିଷ୍ଟ ଜର୍ମାନୀ ଜ୍ୟୋତିର୍ବିଦ୍ ଜୋହାନ୍ସ କେପ୍‌ଲରଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି।

ସୌରଜଗତ ବାହାରେ ଥିବା ଗ୍ରହଗୁଡିକୁ ଚିହ୍ନଟ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ପୁନଶ୍ଚ ବିଶ୍ୱର ଅନ୍ୟ କେଉଁ ନକ୍ଷତ୍ର ଚାରିପଟେ ପୃଥିବୀ ପରି ଗ୍ରହ ଅଛି। ତାହାର ଅନୁସନ୍ଧାନ କରିବା ଏହାର ଲକ୍ଷ୍ୟ ଥିଲା। ଆରମ୍ଭରୁ ଏହା ସାଢ଼େ ତିନି ବର୍ଷ ପାଇଁ କାର୍ଯ୍ୟ କରିବାକୁ ସ୍ଥିର କରାଯାଇଥିଲା। ଆକାଶରେ ସିଗନସ୍ ନକ୍ଷତ୍ରମଣ୍ଡଳ ନିକଟରେ ଥିବା ୧୫୦୦୦୦ଟି ନକ୍ଷତ୍ରକୁ ଅନବରତ ପର୍ଯ୍ୟବେକ୍ଷଣ କରି ସେଗୁଡ଼ିକର ଗ୍ରହକୁ ଅଧ୍ୟୟନ କରିବା ଏହାର ଲକ୍ଷ୍ୟ ଥିଲା।

କେପ୍‌ଲର ମହାକାଶରେ ସଫଳତାର ସହ କାର୍ଯ୍ୟ କରି ଏହାର ଇପ୍‌ସିତ ଲକ୍ଷ୍ୟକୁ ଅତିକ୍ରମ କରିଯାଇଛି। ଏହାର କାର୍ଯ୍ୟକାଳ ସାଢ଼େ ତିନି ବର୍ଷ ଠିକ୍ କରାଯାଇଥିଲେ ସୁଦ୍ଧା ଏହା ସାଢ଼େ ନଅ ବର୍ଷ କାର୍ଯ୍ୟ କରି ଅନେକ ନକ୍ଷତ୍ର, ଗ୍ରହ ସୁପରନୋଭା ଆଦି ଆବିଷ୍କାର କରିଛି। ଶେଷରେ ଏହାର ଇନ୍ଧନ ଶେଷ ହୋଇଯିବାରୁ ନାସା ଗତବର୍ଷ ଅକ୍ଟୋବର ୩୦ ତାରିଖରେ ଏହାର କାର୍ଯ୍ୟକାଳ ଶେଷ ହୋଇଛି ବୋଲି ଘୋଷଣା କଲା।

କେପ୍‌ଲର ତା'ର କାର୍ଯ୍ୟକାଳ ମଧ୍ୟରେ ୨୬୦୦ରୁ ଅଧିକ ସୌରେତର ଗ୍ରହ ଆବିଷ୍କାର କରିଛି। ଏଥିମଧ୍ୟରୁ କେତୋଟି ଗ୍ରହ ହେଉଛି ଆମ ପୃଥିବୀ ଆକାରର ଏବଂ ଏଗୁଡ଼ିକ ମଧ୍ୟ ପୃଥିବୀ ଭଳି ପଥୁରିଆ ଗ୍ରହ। ଏଥିମଧ୍ୟରୁ କେତେକ ଗ୍ରହ ସେମାନଙ୍କ ନକ୍ଷତ୍ରର 'ବାସଯୋଗ୍ୟ ଅଞ୍ଚଳ'ରେ ଥିବାରୁ ସେଗୁଡ଼ିକରେ ଜୀବଜବତ ଥିବାର ସମ୍ଭାବନା ଅଛି। ଗୋଟିଏ ନକ୍ଷତ୍ରର କୌଣସି ଗ୍ରହରେ ଜୀବଜଗତର ଉଦ୍ଭବ ନକ୍ଷତ୍ରଠାରୁ ଏହାର ନିର୍ଦ୍ଦିଷ୍ଟ ଦୂରତା ଉପରେ ନିର୍ଭର କରେ। ଏହାକୁ ବାସଯୋଗ୍ୟ ଅଞ୍ଚଳ କୁହାଯାଏ। ଏହି ଅଞ୍ଚଳର ତାପମାତ୍ରା ଅଧିକ କିମ୍ବା କମ୍ ହୋଇ ନ ଥାଏ। ଏବଂ ଏହାର ଜୀବଜଗତ ପାଇଁ ଉପଯୁକ୍ତ ହୋଇଥାଏ। ପୁନଶ୍ଚ ଏହି ତାପମାତ୍ରାରେ ସେଠାରେ ଜଳ ତରଳ ଅବସ୍ଥାରେ ଥାଏ। ସୌରଜଗତରେ କେବଳ ପୃଥିବୀ ବାସଯୋଗ୍ୟ ଅଞ୍ଚଳରେ ଅଛି ଏବଂ ଫଳରେ ଏଠାରେ ଏକ ଉନ୍ନତ ଜୀବଜଗତ ଗଢ଼ି ଉଠିଛି। କେପ୍‌ଲର ପଠାଇଥିବା ତଥ୍ୟରୁ ଏହିପରି ବାସଯୋଗ୍ୟ ଅଞ୍ଚଳରେ ଥିବା କେତେକ ଗ୍ରହକୁ ଠାବ କରାଯାଇଛି। ସେସବୁରେ ଜୀବଜଗତ ଅଛି ନା ନାହିଁ, ତାହା ଏବେ ଅଧ୍ୟୟନ କରାଯାଇଛି।



କେପ୍‌ଲର ସୌରଜଗତ ବାହାରେ ଗ୍ରହକୁ ଠାବ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଉଜ୍ଜ୍ୱଳତା, ଆକାର, ବସ୍ତୁତ୍ୱ, ସାନ୍ଦ୍ରତା ଓ କକ୍ଷ ମଧ୍ୟ ନିର୍ଦ୍ଧାରିତ କରିଛି। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ଜ୍ୟୋତିର୍ବିଦ୍‌ମାନେ ପ୍ରକାଶ କରିଛନ୍ତି ଯେ, ଆକାଶଗଙ୍ଗା ଗାଲାକ୍ସିରେ ଯେତିକି ନକ୍ଷତ୍ର ଅଛି, ତା'ଠାରୁ ଅଧିକ ଗ୍ରହ ଅଛି...

କେପ୍‌ଲର ସୌରଜଗତ ବାହାରେ ଗ୍ରହକୁ ଠାବ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଉଜ୍ଜ୍ୱଳତା, ଆକାର, ବସ୍ତୁତ୍ୱ, ସାନ୍ଦ୍ରତା ଓ କକ୍ଷ ମଧ୍ୟ ନିର୍ଦ୍ଧାରିତ କରିଛି। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ଜ୍ୟୋତିର୍ବିଦ୍‌ମାନେ ପ୍ରକାଶ କରିଛନ୍ତି ଯେ, ଆକାଶଗଙ୍ଗା ଗାଲାକ୍ସିରେ ଯେତିକି ନକ୍ଷତ୍ର ଅଛି, ତା'ଠାରୁ ଅଧିକ ଗ୍ରହ ଅଛି।

କେପ୍‌ଲର ଆବିଷ୍କାର କରିଥିବା ଗ୍ରହଗୁଡ଼ିକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ। ପ୍ରଥମଟି ହେଉଛି ଗ୍ୟାସୀୟ ଦାନବ ଗ୍ରହ, ଯାହା ଆମ ସୌରଗତର ବୃହସ୍ପତିରେ ଆକାର ସହ ସମାନ କିମ୍ବା ତା'ଠାରୁ ବଡ଼। ଦ୍ୱିତୀୟ ଶ୍ରେଣୀ ହେଉଛି କମ୍ ପରିକ୍ରମଣ ସମୟ ଥିବା ଉତ୍ତପ୍ତ ସୁପର ଆର୍ଥ, ଅର୍ଥାତ୍ ପୃଥିବୀଠାରୁ ବଡ଼ ଓ ନକ୍ଷତ୍ରର ନିକଟତର ଥିବା ଗ୍ରହ। ତୃତୀୟ ଶ୍ରେଣୀ ହେଉଛି ନକ୍ଷତ୍ରଠାରୁ ଦୂରରେ ଥିବା ବରଫୀୟ ଦାନବ ଗ୍ରହ। ଏହିପରି ଭାବେ କେପ୍‌ଲର ଆମକୁ ବିଭିନ୍ନ ପ୍ରକାର ଗ୍ରହର ସୂଚନା ଦେଇଛି। କିନ୍ତୁ ଆମର ଲକ୍ଷ୍ୟ ହେଉଛି ନକ୍ଷତ୍ରର ବାସଯୋଗ୍ୟ ଅଞ୍ଚଳରେ ଥିବା ପୃଥିବୀ ଆକାରର ଗ୍ରହ। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ନାସା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ଯେ, ରାତିରେ ଆକାଶରେ ଦେଖାଯାଉଥିବା ନକ୍ଷତ୍ରଗୁଡ଼ିକର ୨୦ ରୁ ୫୦ ପ୍ରତିଶତ ନକ୍ଷତ୍ରରେ ଆମ ପୃଥିବୀ ପରି ଛୋଟ ଓ ପଥୁରିଆ ଗ୍ରହ ଥାଇପାରେ ଏବଂ ଏଗୁଡ଼ିକ ନକ୍ଷତ୍ରର ବାସଯୋଗ୍ୟ ଅଞ୍ଚଳରେ ରହିଥାଇପାରନ୍ତି। କେବଳ ପାଞ୍ଚ ଲକ୍ଷରୁ ଅଧିକ ନକ୍ଷତ୍ରକୁ ପର୍ଯ୍ୟବେକ୍ଷଣ କରି ସେଗୁଡ଼ିକ ସମ୍ବନ୍ଧରେ ବିଶଦ ତଥ୍ୟା ପଠାଇଛି।

ମହାକାଶ ଅଧ୍ୟୟନ ଓ ଅଭିଯାନରେ କେପ୍‌ଲର ମହାକାଶ ଦୂରବୀକ୍ଷଣ ଯନ୍ତ୍ର ହେଉଛି ଗୋଟିଏ ମାଇଲଖୁଣ୍ଟ। ଏହାର କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ନାସା ଏହି ବର୍ଷ ଏପ୍ରିଲ ମାସରେ ଅନ୍ୟ ଏକ ଗ୍ରହଖୋଜାଳି ଦୂରବୀକ୍ଷଣ ଯନ୍ତ୍ରକୁ ମହାକାଶରେ ଅବସ୍ଥାପିତ କରିଛି। ଏହାର ନାମ ହେଉଛି ଟେସ୍।


୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର
ମୋ: ୯୯୩୮୬୯୩୭୨୯

## ଅଳ୍ପରେ...

**ଏକାଗ୍ରତା ବଢ଼ାଏ ଚା':** ଭାରାକ୍ରାନ୍ତ ମନକୁ ହାଲକା କରିବାର ଏକ ସହଜ ଉପାୟ ହେଲା ଚା' ପିଇବା। ଏହାର ଅନେକ ଉପକାରୀ ଗୁଣ ରହିଛି। ଚା' ପିଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ଏକାଗ୍ରତା ବଢ଼ିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ପ୍ରତିଦିନ ନିର୍ଦ୍ଦିଷ୍ଟ ପରିମାଣର ଚା' ପିଉଥିବା କିଛି ବ୍ୟକ୍ତିଙ୍କର ଜୀବନଶୈଳୀକୁ ଅନୁଧ୍ୟାନ କରି ସେମାନେ ଏକଥା ଜାଣିପାରିଛନ୍ତି। ହେଲେ ଅତ୍ୟଧିକ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।



**'ଟି' ସେଲ୍‌ରେ ପରିବର୍ତ୍ତନ ବ୍ୟବହାରକୁ ପ୍ରଭାବିତ କରେ :** ଶରୀରରେ ଭିତରେ ଥିବା 'ଟି' ସେଲରେ ଯଦି ପରିବର୍ତ୍ତନ ଲକ୍ଷ୍ୟ କରାଯାଏ ତେବେ ତାହା ସେହି ବ୍ୟକ୍ତିଙ୍କର ବ୍ୟବହାରକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ମତବକ୍ତ କରିଛନ୍ତି ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ବିଶେଷଭାବରେ ଆମର ଇମ୍ୟୁନ ସିଷ୍ଟମରେ ଏହି ସେଲ୍ ରହିଥାଏ। ଇମ୍ୟୁନ (ରୋଗ ପ୍ରତିରୋଧକ) ଶକ୍ତି ପ୍ରଭାବିତ ହେଲେ ଏହି ସେଲ୍‌ରେ ଅସନ୍ତୁଳନ ଲକ୍ଷ୍ୟ କରାଯାଇଥାଏ। ଖାସ୍ କଥା ହେଲା ଏହାର ପ୍ରଭାବ କେତେକାଂଶରେ ଜଣେ ବ୍ୟକ୍ତିଙ୍କର ବ୍ୟବହାର ଉପରେ ପଡିଥାଏ ବୋଲି ସେମାନେ ଗବେଷଣାରୁ ଜାଣିପାରିଛନ୍ତି।



**କୋଲେଷ୍ଟରଲକୁ ନିୟନ୍ତ୍ରଣ କରେ ଟମାଟୋ :** ଟମାଟୋରେ ଅନେକ ସ୍ୱାସ୍ଥ୍ୟପୋକାରୀ ଗୁଣ ଭରି ରହିଛି। ଆମ ଶରୀରେ ଏଲଡିଏଲ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଅନ୍ୟପକ୍ଷରେ ଜଣେ ହୃଦରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଟମାଟୋରେ ଲାଇକୋପେନ୍ ନାମକ ଏକ ଆଣ୍ଟିଅକ୍ସିଡାଣ୍ଟ ରହିଛି। ଏହି ତତ୍ତ୍ୱ କୋଲେଷ୍ଟରଲକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ।




## ଆଜ୍‌ମା : କିଛି କଥା



- ଆଜ୍‌ମା ବା ଶ୍ୱାସ ରୋଗ ହେଲେ ଶ୍ୱାସକ୍ରିୟାରେ କଷ୍ଟ ହୋଇଥାଏ। ଏହାର ଲକ୍ଷଣ ଜାଣିବା ମାତ୍ରେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ।
- ଧୂଳିକଣା, ଧୂଆଁ, ଅତର, ରଙ୍ଗ, ପୋଷାକରୁ ସୃଷ୍ଟି ଆଲର୍ଜି ଆଜମାର କାରଣ ସାଜିଥାଏ।
- ଆଜମା ରୋଗୀର ଶ୍ୱାସ ନଳୀ ସଙ୍କୁଚିତ ହୋଇଯିବା ଫଳରେ ଶ୍ୱାସକ୍ରିୟାରେ କଷ୍ଟ ହୋଇଥାଏ।
- ଶ୍ୱାସନଳୀ ସଂକ୍ରମଣ ହୋଇଯିବା ଦ୍ୱାରା ଏଥିରେ ଆକ୍ରାନ୍ତ ବ୍ୟକ୍ତିଙ୍କର ଅବସ୍ଥା ଜଟିଳ ଦିଗକୁ ଗତି କରେ। ସଠିକ ଭାବରେ ଶ୍ୱାସକ୍ରିୟା ନ ହେବା ଦ୍ୱାରା ରୋଗୀ ଧଇଁସଇଁ ହୋଇଯାଏ। ଫଳରେ ତାକୁ କୃତିମ ଶ୍ୱାସକ୍ରିୟାରେ ରଖି ଚିକିତ୍ସା କରାଯାଏ।
- ଆଜ୍‌ମା ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ସବୁବେଳେ ସଫାସୁତର ପରିବେଶରେ ରହିବା ଦରକାର। କାରଣ ଧୂଳି ସଂସ୍ପର୍ଶରେ ଆସିଲେ ଏହି ରୋଗର ପ୍ରକୋପ ବଢ଼ିଯାଏ।

## କ୍ୟାନସର ଚିହ୍ନଟର ନୂଆ ଉପାୟ



ସମଗ୍ର ବିଶ୍ୱରେ ଚିନ୍ତାର କାରଣ ପାଲଟିଥିବା ପ୍ରମୁଖ କେତୋଟି ରୋଗ ମଧ୍ୟରୁ କ୍ୟାନ୍‌ସର ଅନ୍ୟତମ। ପ୍ରାରମ୍ଭିକ ଅବସ୍ଥାରେ କେତେକ କ୍ୟାନ୍‌ସରକୁ ଚିହ୍ନଟ କରାଯାଇପାରିଲେ ଏଥିରୁ ଆରୋଗ୍ୟ ମିଳି ପାରୁଛି। ନଚେତ୍, ସମୟକ୍ରମେ ଏହା ଜଟିଳ ପରିସ୍ଥିତି ଧାରଣ କରି ଜୀବନନାଶକ ସାଜିଥାଏ। ନିକଟରେ ଅଷ୍ଟ୍ରେଲିଆସ୍ଥିତି ସିଡନୀ ବିଶ୍ୱବିଦ୍ୟାଳୟର କ୍ୟାନସର ବିଜ୍ଞାନୀ କ୍ୟାନ୍‌ସରକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ଖୋଜି ପାଇଛନ୍ତି। ସେମାନେ 'ଡି-୩' ନାମକ ଏକ ଉପକରଣ ପ୍ରସ୍ତୁତ କରିଛନ୍ତି। ଏହାକୁ ଏକ ସ୍ମାର୍ଟ ଫୋନ୍ ସହ ସଂଯୋଗ କଲେ ସ୍ମାର୍ଟଫୋନ୍‌ର କ୍ୟାମେରା ଏବଂ ଉକ୍ତ ଉପକରଣରେ ସଂଯୁକ୍ତ ଏଲଇଡି ଲାଇଟ୍ ସାହାଯ୍ୟରେ ଶରୀର ଭିତରେ ଥିବା ସେଲ୍ (କୋଷ)ର ଫଟୋ ଉଠାଇ ହେବ। ପରବର୍ତ୍ତୀ ସମୟରେ ଫଟୋରେ ଥିବା କୋଷଗୁଡିକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇ କେଉଁ କୋଷ କ୍ୟାନସର ଦ୍ୱାରା ଆକ୍ରାନ୍ତ ତାହା ଠାବ କରିହେବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ପରୀକ୍ଷାମୂଳକ ଭାବରେ ଏହି ଉପକରଣ ସଠିକ ଭାବରେ କାମ କରୁଥିବାର ସିଡନୀ ୟୁନିଭର୍ସିଟିର କ୍ୟାନସର ବିଜ୍ଞାନୀ ଜାଣିପାରିଛନ୍ତି।

# ଅପସ୍ମାର



ଡା. ନିତ୍ୟାନନ୍ଦ ସ୍ୱାଇଁ

**ଆଜି (ପ୍ରତିବର୍ଷ ଫେବୃୟାରୀ ଦ୍ୱିତୀୟ ସୋମବାର) ହେଉଛି ଅନ୍ତର୍ଜାତୀୟ ଅପସ୍ମାର ଦିବସ। ସେ ସମ୍ପର୍କରେ ଉପସ୍ଥାପନା...**

ଅପସ୍ମାର ଏକ ମସ୍ତିଷ୍କ ରୋଗ, ଯାହାକୁ ଡାକ୍ତରୀ ଭାଷାରେ 'ଏପିଲେପ୍‌ସି' କୁହାଯାଏ। 'ମୃଗୀ ରୋଗ' ନାମରେ ଏହା ମଧ୍ୟ ପରିଚିତ। ଅପସ୍ମାର ସମ୍ବନ୍ଧରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ପ୍ରତିବର୍ଷ ଫେବୃୟାରୀ ମାସ ଦ୍ୱିତୀୟ ସୋମବାର ପାଳିତ ହୋଇଥାଏ ଅନ୍ତର୍ଜାତୀୟ ଅପସ୍ମାର ଦିବସ ବା 'ଇଣ୍ଟରନ୍ୟାଶନାଲ ଏପିଲେପ୍‌ସି ଡେ'।

ଯେକୌଣସି ବୟସରେ ଏହି ରୋଗ ଆରମ୍ଭ ହୋଇପାରେ ଓ କାହା କାହାଠାରେ ସାରା ଜୀବନ ରହିଯାଏ। କେତେକଙ୍କ କ୍ଷେତ୍ରରେ ରୋଗଟିରେ କୌଣସି କାରଣ ନିର୍ଣ୍ଣୟ କରିହୁଏନି। ମାତ୍ର ଅନ୍ୟ କେତେକ ରୋଗୀଙ୍କଠାରେ ମସ୍ତିଷ୍କରେ ଆଘାତ ଲାଗିବା, ଜନ୍ମ ସମୟରେ ଶିଶୁଠାରେ ଅମ୍ଳଜାନର ଅଭାବ ଘଟିବା, ମସ୍ତିଷ୍କରେ ସଂକ୍ରମଣ କିମ୍ବା ଅର୍ବୁଦ ହୋଇଥିବା ଭଳି ସୂଚନା ମିଳିପାରେ। ଅପସ୍ମାରରେ ମସ୍ତିଷ୍କର କୌଣସି ନା କୌଣସି ସ୍ଥାନର ସ୍ନାୟୁକୋଷମାନ ଅସ୍ୱାଭାବିକ ଭାବରେ ସକ୍ରିୟ ତଥା ଉତ୍ତେଜିତ ହୋଇପଡ଼ନ୍ତି। ଏହାର ପ୍ରଭାବରେ କେତେକ ନିର୍ଦ୍ଦିଷ୍ଟ ମାଂସପେଶୀରେ ଅସ୍ୱାଭାବିକ ପ୍ରକାଶନ ବା ପେଶୀ ସଞ୍ଚାଳନ ଜାତ ହୋଇଥାଏ। ତେବେ ମାଂସପେଶୀରେ ସଂଘଟିତ ହେଉଥିବା ଏହି ପେଶୀ ସଞ୍ଚାଳନ ସମ୍ପୂର୍ଣ୍ଣ ଅନୈଚ୍ଛିକ। ଏହା ମସ୍ତିଷ୍କର ନିୟନ୍ତ୍ରଣାଧୀନ ସିନା, କିନ୍ତୁ ରୋଗୀର ଏହା ଉପରେ ଆଦୌ ପ୍ରଭାବ ନ ଥାଏ। ରୋଗୀ ନିଜ ଇଚ୍ଛାରେ ନିଜଠାରେ ବାତମାରିବା ଲକ୍ଷଣ ପ୍ରକାଶ କରିପାରେ ନାହିଁ। ମସ୍ତିଷ୍କସ୍ଥିତ ଅଲଗା ଅଲଗା ଅଞ୍ଚଳରୁ ବୈଦ୍ୟୁତିକ ପ୍ରବାହ ଉତ୍ସରିତ ହୋଇପାରୁଥିବାରୁ ଉକ୍ତ ଅଞ୍ଚଳକୁ ଚାହିଁ ହାତ, ଗୋଡ଼, ପାଦ କିମ୍ବା ଗଣ୍ଠି ଇତ୍ୟାଦି ଶରୀରର ଅଲଗା ଅଲଗା ଅଂଶର ମାଂସପେଶୀରେ ପରିଲକ୍ଷିତ ହୁଏ ପ୍ରକମ୍ପନ। ମସ୍ତିଷ୍କର ଅଧିକାଂଶ ଭାଗ ସମ୍ପୃକ୍ତ ହୋଇପଡ଼ିଲେ ବାତମାରିବା ଲକ୍ଷଣ ସମଗ୍ର ଶରୀରରେ ପ୍ରକାଶ ପାଏ। ଅପସ୍ମାର ଦ୍ୱାରା ଆକ୍ରାନ୍ତ ହେଲେ କାହା କାହାଠାରେ ହଠାତ୍ ବୋକାଙ୍କ ଭଳି ଚାହିଁ ରହିବା, ହଠାତ୍ ଚୁପ୍ ଓ ନିଶ୍ଚଳ ହୋଇଯିବା ଏବଂ ଆଖି ଓ ମୁଖମଣ୍ଡଳରେ ପେଶୀ ବାରମ୍ବାର କମ୍ପିତ ହେବା ଭଳି ସାମାନ୍ୟ ଲକ୍ଷଣ ପ୍ରକାଶ ପାଏ। ଏପରି ଲକ୍ଷଣ ଅଳ୍ପ କେଇ ସେକେଣ୍ଡ ରହି ଚାଲିଯାଏ। ରୋଗୀ ଅଚେତ ହୋଇଯାଏ। ତା'ର ମାଂସପେଶୀଗୁଡ଼ିକ କଠିନ ହୋଇପଡ଼ନ୍ତି। କେହି କେହି ଲୁଗାପଟାରେ ଝାଡ଼ା ପରିସ୍ରା ମଧ୍ୟ କରିପକାନ୍ତି। ଶ୍ୱାସକ୍ରିୟା ବନ୍ଦ ହୋଇଯାଇ ରୋଗୀର ମୁଖମଣ୍ଡଳ ନୀଳ ପଡିଯାଇପାରେ। ଏପରି ଲକ୍ଷଣମାନ ୨ରୁ ୫ ମିନିଟ୍ ପର୍ଯ୍ୟନ୍ତ ରହିବା ପରେ କଠିନ ମାଂସପେଶୀ ଶିଥିଳ ହୋଇ ତା'ର ସ୍ୱାଭାବିକ ଅବସ୍ଥାକୁ ଫେରିଆସେ। ତେବେ ଚେତା ଫେରି ପାଇବା ପରେ ରୋଗୀଠାରେ ମୁଣ୍ଡ ବଥାଇବା, ଖୁବ୍ ନିଦ ମାଡ଼ିବା ଓ ବାଉଳାଚାଉଳା ହେବାଭଳି ଲକ୍ଷଣ ପରିଲକ୍ଷିତ ହୋଇପାରେ। ବାତ ମାରିବା ଆରମ୍ଭର କିଛି ସମୟ ପୂର୍ବରୁ କେହି କେହି ରୋଗୀ କୌଣସି ଗନ୍ଧ ନ ଥାଇ ଗନ୍ଧ, କୌଣସି ଶବ୍ଦ ନ ଥାଇ ମଧ୍ୟ ଅସାଧାରଣ ଶବ୍ଦ, ଜିଭରେ ଏକ ଅସ୍ୱାଭାବିକ ସ୍ୱାଦ କିମ୍ବା ଆଖିରେ ଆଲୋକର ଝଲକ ଅନୁଭବ କରିପାରନ୍ତି, ଯାହାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହାଯାଏ। ଏହି ପ୍ରକାରର କିଛି ଅନୁଭବ କଲେ ରୋଗୀ ତୁରନ୍ତ ନିଜ ପାଇଁ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ଉଚିତ। କାହା କାହା କ୍ଷେତ୍ରରେ ଅପସ୍ମାର ଲକ୍ଷ୍ମଣ ଥରେ ମାତ୍ର ପ୍ରକାଶ ପାଇ ଜୀବନରେ ଆଉ ତା'ର ପୁନରାବୃତ୍ତି ଘଟେନାହିଁ। ଅନ୍ୟ କାହା କ୍ଷେତ୍ରରେ ରୋଗ କିମ୍ବା ରୋଗୀର ଅଚେତ୍ ଅବସ୍ଥାରେ ମଧ୍ୟ ବାରମ୍ବାର ବାତ ମାରିବା କିଛି ଅସମ୍ଭବ ନୁହେଁ।

ଅପସ୍ମାର ରୋଗର ନିର୍ଣ୍ଣୟ ପାଇଁ ଇଲେକ୍‌ଟ୍ରୋଏନ୍‌ସେଫାଲୋଗ୍ରାମ୍ ବା ଇ.ଇ.ଜି., ସିଟି ସ୍କାନ୍ ଓ ଏମ୍‌ଆର୍‌ଆଇ ଇତ୍ୟାଦି ପରୀକ୍ଷା କରିବାକୁ ପଡେ ଏବଂ ସ୍ନାୟୁରୋଗ ବିଶେଷଜ୍ଞଙ୍କ ଚିକିତ୍ସାରେ ରହିବାକୁ ହୁଏ। ନିୟମିତ ଚିକିତ୍ସାରେ ରହିଲେ ଅଧିକାଂଶ ଅପସ୍ମାର ରୋଗୀ ଅପେକ୍ଷାକୃତ ସୁସ୍ଥ ତଥା ସ୍ୱାଭାବିକ ଜୀବନଯାପନ କରିପାରନ୍ତି। ହେଲେ ଡାକ୍ତର ପରାମର୍ଶ ନ ଦେବା ପର୍ଯ୍ୟନ୍ତ ଗାଡ଼ି ଚଳାଇବା, ସନ୍ତରଣ କରିବା ଏବଂ ନିଆଁ କିମ୍ବା ମେଶିନ ଇତ୍ୟାଦି ନିକଟରେ କାମ କରିବା ଆଦୌ ନିରାପଦ ନୁହେଁ। ରୋଗୀକୁ ବାତ ମାରିବାର ଦେଖିଲେ ତା' ନିକଟରୁ ଚଉକି, ଟେବୁଲ ଇତ୍ୟାଦି କଠିନବସ୍ତୁ ହଟେଇ ଦେବା ଉଚିତ। ତା' ମୁଣ୍ଡତଳେ ଅତି ନରମ ପତଳା ତକିଆ ରଖାଯାଇପାରେ। ଏହି ସମୟରେ ରୋଗୀର ହାତଗୋଡ଼କୁ ଜୋର୍‌ରେ ଚାପି ରଖନ୍ତୁ ନାହିଁ। ତାକୁ କଡ଼ମାଡ଼ି ଶୁଆଇ ସେ ପିନ୍ଧିଥିବା ଧୋତି ଓ ପୋଷାକପତ୍ରକୁ ତୁରନ୍ତ ହୁଗୁଳା କରିଦିଅନ୍ତୁ। ବାତମାରିବା ବନ୍ଦ ନ ହେବା ପର୍ଯ୍ୟନ୍ତ ତାକୁ ଏକୁଟିଆ ଛାଡ଼ି ଚାଲିଯିବା ଆଦୌ ନିରାପଦ ନୁହେଁ।



-'ଅଭୀପ୍‌ସା', ସେକ୍ଟର-୬
ପ୍ଲଟ୍ ନଂ-୧୧୩୧, ସିଡିଏ, କଟକ
ମୋ: ୯୪୩୭୭୬୬୧୧୭

## ସ୍ୱାସ୍ଥ୍ୟ ସୂଚନା

- ଯଦି ଓଜନ ବୃଦ୍ଧି ପରି ସମସ୍ୟା ସହ ଜଡିତ ତେବେ ନିୟମିତ ସମୟ ଅନ୍ତରାଳରେ ଓଜନ ମାପି ନିଅନ୍ତୁ। ଏଥିପାଇଁ ଖାଦ୍ୟପେୟ ନିୟନ୍ତଣ ସହ କେତୋଟି ବ୍ୟାୟାମ କରିପାରନ୍ତି। ଏ ସମ୍ପର୍କରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।



- ପରିଶ୍ରମ ମୁତାବକ ବିଶ୍ରାମ ନ ନେଲେ ତାହାର ପ୍ରଭାବ ନିଦ୍ରା ଉପରେ ପଡିଥାଏ। ଏପରି କି ଇସମୋନିଆ ପରି ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ତେଣୁ ପ୍ରତିଦିନ ଶୋଇବାର ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ।
- ବେଳେବେଳେ ମନଲୋଭ ଖାଦ୍ୟ ଦେଖିଲେ ତାହାକୁ ଖାଇବାକୁ ମନ ହୋଇଥାଏ। ଏଭଳି ଲୋଭକୁ ନିୟନ୍ତ୍ରଣ କରନ୍ତୁ। କାରଣ ଏଣୁତେଣୁ ଖାଦ୍ୟ ଖାଇଲେ ତାହା ପେଟଜନିତ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।
- ଏକାଥରେ ଗୁଡାଏ ଖାଦ୍ୟ ନ ଖାଇ ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।
- ସବୁବେଳେ ନିଜକୁ ଟେନସନଠାରୁ ଦୂରେଇ ରଖନ୍ତୁ। କାରଣ ଏହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିଥାଏ।

ଧରିତ୍ରୀ
DHARITRI
Monday, 11 February 2019




ଆଇଏଲ୍ଆଣ୍ଡଏଫ୍ଏସ୍‌ରେ ଉପୁଜିଥିବା ସମସ୍ୟା ଏକ ଇନସଲଭେନ୍ସି ପ୍ରସଙ୍ଗ।
– ୱାଇ.ଭି ରେଡ୍ଡୀ, ପୂର୍ବତନ ଗଭର୍ନର, ଆର୍‌ବିଆଇ



ଭାରତ ଗ୍ରହଣ କରୁଥିବା ସ୍ଥିର ଏବଂ ସକାରାତ୍ମକ ନୀତି ଯୋଗୁ ଉଦ୍ୟୋଗୀଙ୍କ ପାଇଁ ଏକ ଉନ୍ନତ ବାତାବରଣ ସୃଷ୍ଟି ହୋଇଛି।
– ଗଏ ସରମନ, ଫ୍ରାନ୍ସ ଅର୍ଥନୀତିଜ୍ଞ

## ସଂକ୍ଷେପରେ

### ମାଲ୍ୟାଙ୍କ ନିକଟରେ ୭୫୦୦କୋଟିର ଶେୟାର ଥିଲା: ଇଡି

**ନୂଆଦିଲ୍ଲୀ,୧୦-୨:** ସଙ୍କଟରେ ଫସିଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା,ୟୁନାଇଟେଡ ବ୍ରିଓରିଜ ହୋଲ୍ଡିଙ୍ଗ୍‌ସ ଲିମିଟେଡ(ୟୁବିଏଚ୍ଏଲ୍) ଓ କିଙ୍ଗଫିଶର ଏୟାରଲାଇନ ଲିମିଟେଡ (କେଏଏଲ୍)ର ପ୍ରମୋଟରଙ୍କ ନିକଟରେ ବିଭିନ୍ନ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ୭୫୦୦ କୋଟି ଟଙ୍କାର ଶେୟାର ରୂପରେ ଅସ୍ଥାବର ସମ୍ପତ୍ତି ଥିଲା। ତେବେ ସେମାନେ ବ୍ୟାଙ୍କରୁ ନେଇଥିବା ଋଣ ଶୁଝିବାକୁ ଚାହିଁ ନ ଥିଲେ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ କୁହାଯାଇଛି।



ବିଭିନ୍ନ ଭାରତୀୟ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ଲଣ୍ଡନ ପଳାଇଥିବା ମାଲ୍ୟା ବାସ୍ତବରେ ଋଣ ପରିଶୋଧ କରିବାକୁ ଚାହୁଁ ନ ଥିଲେ ବୋଲି ଇଡି କହିଛି। ପିଏମ୍ଏଲ୍ଏ ଆଇନ ଅଧୀନରେ ଇଡି ପକ୍ଷରୁ ଯାଞ୍ଚ କରାଯିବା ପରେ ଜଣାପଡ଼ିଛି ଯେ, ମାଲ୍ୟା ଏବଂ ୟୁବିଏଚ୍ଏଲ୍ ନିକଟରେ ୩,୮୪୭.୪୫ କୋଟି ଟଙ୍କାର ଶେୟାର ରହିଥିଲା। ଅସଲରେ ୟୁବିଏଚ୍ଏଲ, ୟୁନାଇଟେଡ ସ୍ପିରିଟ୍, ୟୁନାଇଟେଡ ବ୍ରିଓରିଜ ଓ ମ୍ୟାକ୍‌ଡୋଏଲର ୧୭୭୩.୪୯ କୋଟି ଟଙ୍କା ଶେୟାର ମାଲ୍ୟାଙ୍କ ନିକଟରେ ରହିଥିଲା ଏବଂ ୟୁଟିଆଇ ଇନଭେଷ୍ଟର୍ସ ସର୍ଭିସେସ୍ ନିକଟରେ ୧,୬୫୩ କୋଟି ଟଙ୍କାର ଶେୟାର ଥିଲା। ଇଡି ଯାଞ୍ଚରୁ ଜଣାପଡିଥିଲା ଯେ, ମାଲ୍ୟା ନିଜର ଅର୍ଥକୁ ଲୁଚାଇବା ଲାଗି ବହୁ ଜାଲ୍ କମ୍ପାନୀ ଖୋଲି ଥିଲେ। ସେମାନଙ୍କ ମଧ୍ୟରେ ଦେବୀ ଇନଭେଷ୍ଟମେଣ୍ଟ, କିଙ୍ଗଫିଶର ଫିନଭେଷ୍ଟ, ମ୍ୟାକଡୋଏଲ ହୋଲ୍ଡିଙ୍ଗସ୍, ଫାର୍ମା ଟ୍ରେଡିଂ କମ୍ପାନୀ, ଜେମ୍ ଇନଭେଷ୍ଟମେଣ୍ଟ ଆଣ୍ଡ ଟ୍ରେଡିଂ, ୱାଟସନ ଲିମିଟେଡ, ବିଟ୍ଟଲ ଇନଭେଷ୍ଟମେଣ୍ଟ, କାମସ୍କୋ ଇଣ୍ଡଷ୍ଟ୍ରିଜ, ଫାର୍ଷ୍ଟଷ୍ଟାର୍ଟ ଇଙ୍କ ଓ ମାଲ୍ୟା ପ୍ରାଇଭେଟ ଲିମିଟେଡ ରହିଛି। ଏଗୁଡ଼ିକର ଶେୟାର ମୂଲ୍ୟ ମୋଟ ୩,୮୨୨ କୋଟି ଟଙ୍କା।

### ୫୭୪୦ କୋଟିର ଏନ୍‌ପିଏ ସମ୍ପତ୍ତି ବିକିବେ ଏସ୍‌ବିଆଇ, ଓରିଏଣ୍ଟାଲ ବ୍ୟାଙ୍କ

**ନୂଆଦିଲ୍ଲୀ,୧୦-୨:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ୫,୭୪୦ କୋଟି ଟଙ୍କାର ଏନ୍‌ପିଏ ସମ୍ପତ୍ତି ବିକିବାକୁ ଯାଉଛନ୍ତି। ଏସ୍‌ବିଆଇ ପକ୍ଷରୁ ୪,୯୭୫ କୋଟି ଟଙ୍କାର ଏନ୍‌ପିଏ ବିକ୍ରି ଲାଗି ଆର୍ଥିକ ସଂସ୍ଥାଗୁଡ଼ିକଠାରୁ ନିଲାମ ଆହ୍ୱାନ କରାଯାଇଛି। ବିକ୍ରି ପାଇଁ ରଖାଯାଇଥିବା ଏନ୍‌ପିଏ ଆକାଉଣ୍ଟ ମଧ୍ୟରେ ବଡ଼ ସଂଖ୍ୟାରେ ଏସ୍ଏମ୍‌ଇ ଆକାଉଣ୍ଟ ରହିଛି। ମୋଟ ୨୮୧ ଆକାଉଣ୍ଟ ଉପରେ ୪,୬୬୭ କୋଟି ଟଙ୍କା ବକେୟା ରହିଛି। ୱେବସାଇଟରେ ପକାଯାଇଥିବା ଟେଣ୍ଡର କାଗଜପତ୍ର ଅନୁଯାୟୀ, ମୋଟ ୭୬୪.୪୪ କୋଟି ଟଙ୍କା ବକେୟା ପଡ଼ିଥିବା ୧୩ଟି ଆକାଉଣ୍ଟକୁ ଓବିସି ବିକ୍ରି କରିବ। ଓବିସି ପକ୍ଷରୁ ଆସନ୍ତା ୨୫ରେ ଏବଂ ଏସ୍‌ବିଆଇର ୨୭ ତାରିଖରେ ନିଲାମୀ ହେବାକୁ ଯାଉଛି।

### ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥର ତେଲ ନଦୀ ଉପରେ ପୋଲ ନିର୍ମାଣ

**ଭୁବନେଶ୍ୱର,୧୦-୨:** ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥର ନିର୍ମାଣ କାର୍ଯ୍ୟର ଏକ ଅଂଶ ବିଶେଷ ତେଲ ନଦୀ ଉପରେ ଗୁରୁତ୍ୱପୂର୍ଣ୍ଣ ରେଳ ପୋଲ ନିର୍ମାଣ ହେବ। ଏଥି ଲାଗି ପୂର୍ବତଟ ରେଳପଥ ପକ୍ଷରୁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପୋଲ ନିର୍ମାଣ ଲାଗି ୨୩ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟର ସୋନପୁର ସହର ନିକଟସ୍ଥ ତେଲ ନଦୀ ଉପରେ ଏହି ପୋଲ ନିର୍ମାଣ ହେବ। ପୋଲଟି ମହାନଦୀ ଏବଂ ତେଲ ନଦୀର ସଙ୍ଗମ ସ୍ଥଳଠାରୁ ପ୍ରାୟ ଅଢେଇ କିମି ଦୂରରେ ରହିଛି। ଅଧିକ ବନ୍ୟା ସମୟରେ ମହାନଦୀର ମାତ୍ରାଧିକ ଜଳ ତେଲ ନଦୀକୁ ଆସୁଥିବାରୁ ଖୋର୍ଦ୍ଧାରୋଡ ବଲାଙ୍ଗୀର ରେଳପଥ ପାଇଁ ରେଳପୋଲ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# ସବୁ ପରିବାରକୁ ଉପଲବ୍ଧ ହେବ ସ୍ୱଚ୍ଛ ଇନ୍ଧନ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ, ୧୦-୨**

ଦେଶର ସବୁ ପରିବାରକୁ ଶୀଘ୍ର ସ୍ୱଚ୍ଛ ଇନ୍ଧନ ଯୋଗାଇ ଦିଆଯିବ। ୫୫ ମାସରେ ସରକାର ଏଲ୍‌ପିଜି କଭରେଜକୁ ୪୦% ବୃଦ୍ଧି କରିବାକୁ ସକ୍ଷମ ହୋଇଛନ୍ତି। ଏହାକୁ ଦେଶର ସବୁ ପରିବାରରେ ଉପଲବ୍ଧ କରାଇବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କହିଛନ୍ତି।

ଏଠାରେ ଅନୁଷ୍ଠିତ ପେଟ୍ରୋଟେକ-୨୦୧୯ ସମ୍ମିଳନୀରେ ଯୋଗ ଦେଇ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ଦେଶର ୯୦ପ୍ରତିଶତ ପର୍ଯ୍ୟନ୍ତ ସ୍ଥାନରେ ଏଲ୍‌ପିଜି ପହଞ୍ଚିଛି। ୨୦୧୪ରେ ଏହା ୫୫% ଥିବା ବେଳେ ଏହା ପରଠାରୁ ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ଆସିଛି। ସବୁ ଘରକୁ ସ୍ୱଚ୍ଛ ଇନ୍ଧନ ସୁବିଧା ଯୋଗାଇବାକୁ ସରକାର ସକ୍ଷମ ହେବେ। ଏଲ୍‌ପିଜି ସହ ବାୟୋମାସ ଏବଂ ବିକଳ୍ପ ସୂତ୍ରରୁ ଉକ୍ତ ଗ୍ୟାସ୍ ଯୋଗାଣ ହେବ।

ଉଜ୍ଜ୍ୱଳାର ସଫଳତାକୁ ପ୍ରଶଂସା କରିବା ସହ ଏଥିରେ ୬.୪ କୋଟି ପରିବାର ଉପକୃତ ହୋଇଥିବା ଧର୍ମେନ୍ଦ୍ର ପ୍ରକାଶ କରିଛନ୍ତି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଏହି ସଂଖ୍ୟା ୮ କୋଟି ଛୁଇଁବ।




**ପେଟ୍ରୋଟେକ୍ ୨୦୧୯ ସମ୍ମିଳନୀ**

- ୨୦୨୦ ମାର୍ଚ୍ଚ ସୁଦ୍ଧା ଉଜ୍ଜ୍ୱଳାରେ ୮ କୋଟି ସଂଯୋଗ
- ତୈଳ ପେଟ୍ରୋଲିୟମ ସାମଗ୍ରୀ ବ୍ୟବହାରରେ ଭାରତ ତୃତୀୟ
- ଶକ୍ତି ନିରାପତ୍ତା ସୁନିଶ୍ଚିତ କରାଇବା ଉପରେ ଫୋକସ୍

ପାରମ୍ପରିକ ଜାଳେଣିକୁ ବାଦ ଦେବା ସହ ପରିବେଶ ସୁରକ୍ଷା ଏବଂ ମହିଳାଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱଚ୍ଛ ଇନ୍ଧନ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ତୈଳ ଏବଂ ଗ୍ୟାସ କ୍ଷେତ୍ର ଦେଶର ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ସେ ପ୍ରକାଶ କରିଛନ୍ତି। ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ ବ୍ୟବହାରରେ ଭାରତ ତୃତୀୟ ବୃହତ ଦେଶ ହୋଇଥିବା ବେଳେ ବିଶ୍ୱର ମୋଟ ବ୍ୟବହାର କ୍ଷେତ୍ରରେ ଦେଶର ଅଂଶ ୪.୫% ରହିଛି। ଦେଶର ହାଇଡ୍ରୋକାର୍ବନ ନୀତିରେ ପରିବର୍ତ୍ତନ ଆଣିବା ସହ ଶକ୍ତି ନିରାପତ୍ତାକୁ ସୁନିଶ୍ଚିତ କରାଇବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ସେ ସ୍ପଷ୍ଟ କରିଛନ୍ତି।

ଦେଶର ଉତ୍ପାଦନ ଜୈବ ବିବିଧତାରେ ଉନ୍ନତି ଆଣିବା ବେଳେ ତୈଳ ଓ ଗ୍ୟାସ୍ ଉତ୍ତୋଳନକୁ ପ୍ରୋତ୍ସାହିତ କରିବାକୁ ସରକାର ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ନୂଆ ରାଜସ୍ୱ ବଣ୍ଟନ ମଡେଲ, ହାଇଡ୍ରୋକାର୍ବନ ଲାଗି ୟୁନିଫର୍ମ ଲାଇସେନ୍ସ, ତୈଳ ଏବଂ ବାଷ୍ପ କ୍ଷେତ୍ର ମାର୍କେଟିଂରେ ସ୍ୱାଧୀନତା ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏହାବାଦ, ଷ୍ଟେଟ ଅଫ୍ ଆର୍ଟ ଜାତୀୟ ଡାଟା ରିପୋଜିଟୋରୀ ଦ୍ୱାରା ଭାରତ ବିଶ୍ୱସ୍ତରୀୟ ବ୍ୟବସ୍ଥା ଗ୍ରହଣ କରିଛି। ଆରମକୋ, ଆଡନକ ଭଳି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କ ଉପସ୍ଥିତି ଜାହିର କରିଥିବା ସେ କହିଛନ୍ତି।

## ୯କୋଟି ଗ୍ରାହକ ଚୟନ କରିଛନ୍ତି ନୂଆ ଟାରିଫ: ଟ୍ରାଇ ମୁଖ୍ୟ

**ନୂଆଦିଲ୍ଲୀ,୧୦-୨**

ଟେଲିକମ ନିୟାମକ(ଟ୍ରାଇ)ର ନିର୍ଦ୍ଦେଶ ଅନୁଯାୟୀ ଦେଶର ୧୭ କୋଟି କେବୁଲ ଓ ଡିଟୁଏଚ୍ ଗ୍ରାହକଙ୍କ ମଧ୍ୟରୁ ୯ କୋଟି ନୂଆ ଟାରିଫ ବ୍ୟବସ୍ଥାରେ ନିଜର ମନପସନ୍ଦ ଚ୍ୟାନେଲ ଚୟନ କରିସାରିଛନ୍ତି ବୋଲି ଟ୍ରାଇ ଅଧ୍ୟକ୍ଷ ଆର.ଏସ୍. ଶର୍ମା ପ୍ରକାଶ କରିଛନ୍ତି। ଉପଭୋକ୍ତାଙ୍କ ଅସୁବିଧା ଉପରେ ଟ୍ରାଇ କ୍ରମାଗତ ନଜର ରଖିଛି ବୋଲି ସେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ନୂଆ ବ୍ୟବସ୍ଥାକୁ ଆପଣାଉଥିବା ଗ୍ରାହକଙ୍କ ସଂଖ୍ୟା କ୍ରମାଗତ ବଢ଼ିବାରେ ଲାଗିଛି। ୯ କୋଟି ଗ୍ରାହକଙ୍କ ମଧ୍ୟରେ ୬.୫ କୋଟି କେବୁଲ ଟିଭି ଏବଂ ୨.୫ କୋଟି ଡିଟିଏଚ୍‌ର ରହିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ନୂଆ ବ୍ୟବସ୍ଥା ଆପଣାଇବାରେ ହେଉଥିବା ଅସୁବିଧା ଦୂର କରିବା ଲାଗି ନିୟମିତ ସମୀକ୍ଷା କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ନୂଆ ସଂଯୋଗ ନେଉଥିବା ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଯୋଜନା ଆସୁଛି ବୋଲି ସେ ପ୍ରକାଶ କରିଛନ୍ତି।

# ବନ୍ଦେ ଭାରତ ଟ୍ରେନ ଯାତ୍ରୀ ଖାଦ୍ୟ ପାଇଁ ଦେବେ ୩୯୯ ଟଙ୍କା

**ନୂଆଦିଲ୍ଲୀ, ୧୦-୨**

ଦେଶର ପ୍ରଥମ ସେମି ହାଇସ୍ପିଡ ଟ୍ରେନ କୁହାଯାଉଥିବା ଟ୍ରେନ୧୮ ଅଥବା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଯାତ୍ରୀଙ୍କୁ ଆଇଆରସିଟିସି ଦ୍ୱାରା ପ୍ରସ୍ତୁତ କ୍ୟାଟରିଂ ଖାଦ୍ୟ ନେବା ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ସେମାନଙ୍କୁ ୩୯୯ ଟଙ୍କା ଦେବାକୁ ପଡ଼ିବ। ଦିଲ୍ଲୀରୁ ବାରାଣସୀ ଯାତ୍ରା କରୁଥିବା ଏହି ଟ୍ରେନର ଯାତ୍ରୀ ଶେଷ ପର୍ଯ୍ୟାୟ ଅର୍ଥାତ୍ ଆଲ୍ଲାହାବାଦରୁ ବାରାଣସୀକୁ ଯାତ୍ରା କରିବା ଲାଗି ଟିକେଟ ବୁକିଂ କରିବା ବେଳେ କ୍ୟାଟରିଂ ଖାଦ୍ୟ ନ ନେବାର ବିକଳ୍ପ ବାଛି ପାରିବେ। ସେମାନଙ୍କ ଟିକେଟରେ କ୍ୟାଟରିଂ ଚାର୍ଜ ଆଦାୟ କରାଯିବ ନାହିଁ ବୋଲି ଟ୍ରେନ୧୮ ସହ ଜଡ଼ିତ ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଟିକେଟ ବୁକିଂ ବେଳେ କ୍ୟାଟରିଂ ଖାଦ୍ୟ ନେବାକୁ ଚାହୁଁ ନ ଥିବା ଯାତ୍ରୀ ଯାତ୍ରା ବେଳେ ଏହା ଚାହୁଁଥିଲେ ତାଙ୍କୁ ଏଥିପାଇଁ ଖାଦ୍ୟ ମୂଲ୍ୟ ସହ ଅଧିକ ୫୦ ଟଙ୍କା ଦେବାକୁ ପଡ଼ିବ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ଆଇଆରସିଟିସି ପକ୍ଷରୁ ୨୦୧୭ରୁ ରାଜଧାନୀ, ଶତାବ୍ଦୀ ଓ ଦୁରନ୍ତୋ ଏକ୍ସପ୍ରେସରେ ପ୍ୟାଣ୍ଟ୍ରି ବ୍ୟବସ୍ଥାକୁ ଇଚ୍ଛାଧୀନ କରାଯାଇଛି। ଖାଦ୍ୟର ଅଧିକ ମୂଲ୍ୟ ଆଦାୟ କରିବା, କମ୍ ପରିମାଣ ତଥା ନିମ୍ନ ମାନର ଖାଦ୍ୟ ଦେବା ସମସ୍ୟାକୁ ନିୟନ୍ତ୍ରଣ କରିବା ଲାଗି ସେତେବେଳେ ଉକ୍ତ ପଦକ୍ଷେପ ନିଆଯାଇଥିଲା। ତେବେ ସେମାନଙ୍କୁ କ୍ୟାଟରିଂ ଖାଦ୍ୟ ନେବାର ଏକ ବିକଳ୍ପ ଦିଆଯାଉଥିଲା। କିନ୍ତୁ ବନ୍ଦେ ଭାରତ ଏକ୍ସପ୍ରେସ ଲାଗି ଟିକେଟ ସହ ଖାଦ୍ୟ ନେବା ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଟ୍ରେନ ୧୮ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ପ୍ରତ୍ୟେକ ଷ୍ଟେଶନ ମଧ୍ୟରେ ଖାଦ୍ୟ ମୂଲ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଯାତ୍ରୀଙ୍କ ଟିକେଟ ମୂଲ୍ୟ ସହ ଏହାକୁ ଯୋଡାଯିବ। ଟ୍ରେନରେ ଏକ୍‌ଜିକ୍ୟୁଟିଭ କ୍ଲାସ ଓ ଚେୟାର କାର୍ ପାଇଁ ଖାଦ୍ୟ ଲାଗି ଚାର୍ଜ ଅଲଗା ହେବ। ନୂଆଦିଲ୍ଲୀରୁ ବାରାଣସୀ ମଧ୍ୟରେ ଏକ୍‌ଜିକ୍ୟୁଟିଭ କ୍ଲାସ୍‌ର ଯାତ୍ରୀଙ୍କୁ ସକାଳେ ଚା',ଜଳଖିଆ ଓ ଦ୍ୱିପ୍ରହର ଖାଦ୍ୟ ପାଇଁ ୩୯୯ ଟଙ୍କା ବ୍ୟୟ କରିବାକୁ ହେବ। ସେହିଭଳି ଚେୟାର କାର୍ ଲାଗି ଏହା ୩୪୪ ଟଙ୍କା ହେବ। ନୂଆଦିଲ୍ଲୀରୁ କାନପୁର ଓ ପ୍ରୟାଗରାଜ ମଧ୍ୟରେ ଯାତ୍ରା କରୁଥିବା ଏକ୍‌ଜିକ୍ୟୁଟିଭ କ୍ଲାସ ଯାତ୍ରୀ ୧୫୫ ଓ ଚେୟାର କାର୍ ପାଇଁ ୧୨୨ ଟଙ୍କା ଦେବେ। ସେହିପରି ବାରାଣସୀରୁ ନୂଆଦିଲ୍ଲୀକୁ ଯାତ୍ରା ବେଳେ ଏକ୍‌ଜିକ୍ୟୁଟିଭ କ୍ଲାସ୍‌ରେ ୩୪୯ ଓ ଚେୟାର କାର୍ ପାଇଁ ୨୮୮ ଟଙ୍କା ବ୍ୟୟ କରିବାକୁ ହେବ। ସେମାନଙ୍କୁ ଯାତ୍ରା ବେଳେ ଚା', ସ୍ନାକ୍ସ ଓ ରାତିଭୋଜନ ଦିଆଯିବ। ସୂଚନାଥାଉ କି, ୭୫୫ କିମି ରାସ୍ତାକୁ ବନ୍ଦେ ଭାରତ ଏକ୍ସପ୍ରେସ ୮ ଘଣ୍ଟାରେ ପୂରଣ କରିବ। ଯାତ୍ରା କାଳରେ ଏହା କେବଳ କାନପୁର ଓ ପ୍ରୟାଗରାଜରେ ରହିବ। ଆସନ୍ତା ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ପତାକା ଦେଖାଇ ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ।




## ରେନୋ ଇଣ୍ଡିଆ ଲିଡରଶିପରେ ପରିବର୍ତ୍ତନ

**ନୂଆଦିଲ୍ଲୀ,୧୦-୨**

ରେନୋ ଏସ୍ଏଏସ୍ ଫ୍ରାନ୍ସ ଭାରତର ଲିଡରଶିପରେ ପରିବର୍ତ୍ତନ ସମ୍ପର୍କରେ ଘୋଷଣା କରିଛି। ରେନୋର ଭାରତ୍ ଅପରେଶନ ଲାଗି ଭେଙ୍କଟରାମ ମାମିଲାପଲ୍ଲେଙ୍କୁ ଏମ୍‌ଡ଼ି ଦାୟିତ୍ୱଭାର ପ୍ରଦାନ କରାଯାଇଛି। ଏହି ଦାୟିତ୍ୱରେ ଥିବା ସୁମିତ ସହନୀଙ୍କୁ ଗ୍ରୁପର ଅନ୍ୟ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ରେନୋକୁ ଭାରତରେ ଏକ ଦୃଢ ବ୍ରାଣ୍ଡ ଭାବେ ଗଢି ତୋଳିବାରେ ସୁମିତଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଆଫ୍ରିକା-ମିଡିଲ ଇଷ୍ଟ-ଇଣ୍ଡିଆ ରେଜିଅନର ବରିଷ୍ଠ ସଭାପତି ତଥା ଅଧ୍ୟକ୍ଷ ଫାବ୍ରିସ କାମ୍ବୋଲିଭ କହିଛନ୍ତି। ଏହି ରେଜିଅନର ସଦସ୍ୟ ଭାବେ ସୁମିତ କାର୍ଯ୍ୟ କରିବେ। ତାଙ୍କର ପରବର୍ତ୍ତୀ କାର୍ଯ୍ୟପନ୍ଥା କାର୍ଯ୍ୟ ନିର୍ବାହୀ କମିଟି ଘୋଷଣା କରିବ ବୋଲି କାମ୍ବୋଲିଭ କହିଛନ୍ତି। ଭେଙ୍କଟରାମ ମାମିଲାପଲ୍ଲେ ବର୍ତ୍ତମାନ ରୁଷିଆରେ ରେନୋ-ନିଶାନ ଅଭଟୋଭାଜର ପରଚେଜିଂ ଅର୍ଗାନାଇଜେଶନର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଅଟୋମୋଟିଭ କ୍ଷେତ୍ରରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି।

# ଚାପରେ ରହିଛି ୨.୫ ଲକ୍ଷ କୋଟିର ତାପଜ ବିଦ୍ୟୁତ୍ ପ୍ରକଳ୍ପ

**ନୂଆଦିଲ୍ଲୀ,୧୦-୨**

ଦେଶର ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଏବେ ଚାପଗ୍ରସ୍ତ ହୋଇଛନ୍ତି। ସେମାନେ ଏବେ ସଙ୍କଟ ଦେଇ ଗତିକରୁଛନ୍ତି। ଏଥିରୁ ସେମାନଙ୍କୁ ମୁକୁଳାଇବା ଲାଗି ତତ୍କାଳ ସମାଧାନସୂଚକ ପଦକ୍ଷେପ ନେବାକୁ ହେବ ବୋଲି ଆସୋଚାମ୍-ଗ୍ରାଣ୍ଟ ଥର୍ନଟନ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ କରାଯାଇଥିବା ରିପୋର୍ଟରେ କୁହାଯାଇଛି। ଘରୋଇ ଏବଂ ଆମଦାନୀ ହେଉଥିବା କୋଇଲା ଓ ଗ୍ୟାସ୍ ଉପରେ ନିର୍ଭରଶୀଳ ଏହି ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଏବେ ଅତ୍ୟନ୍ତ ସଙ୍କଟ ଦେଇ ଗତି କରୁଛନ୍ତି। ବିଜୁଳି କ୍ଷେତ୍ରକୁ ଦିଆଯାଇଥିବା ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଏବେ ଏନ୍‌ପିଏ(ଅନାଦାୟ ଋଣ) ହୋଇଗଲାଣି ଅଥବା ପୁନର୍ଗଠିତ ହେଲାଣି। ରିପୋର୍ଟରେ କୁହାଯାଇଛି ଯେ, ପ୍ରାୟ ୬୬ ହଜାର ମେଗାୱାଟ କ୍ଷମତାବିଶିଷ୍ଟ ପ୍ରକଳ୍ପଗୁଡ଼ିକ ଏବେ ବିଭିନ୍ନ ଚରଣରେ ଅଟକି ଯାଇଛି। ସେମାନେ ଏବେ ଘୋର ଆର୍ଥିକ ସଙ୍କଟର ସାମ୍ନା କରୁଛନ୍ତି। ଏଗୁଡ଼ିକ ମଧ୍ୟରୁ ୫୪,୮୦୦ ମେଗାୱାଟ୍ କୋଇଲା ଆଧାରିତ ପ୍ରକଳ୍ପ ହୋଇଥିବା ବେଳେ, ୬୮୯୦ ମେଗାୱାଟର ଗ୍ୟାସ ଆଧାରିତ ଏବଂ ୪୫୭୦ ମେଗାୱାଟ୍‌ର ଜଳବିଦ୍ୟୁତ୍ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ଋଣ ଏବେ ଫସିଯାଇଛି। ଏହା ବ୍ୟାଙ୍କିଙ୍ଗ ସେକ୍ଟର ଓ ଅର୍ଥନୀତି ପାଇଁ ବିପଦ ଘଣ୍ଟି ବୋଲି ମନେ କରାଯାଉଛି। ରିପୋର୍ଟରେ କୁହାଯାଇଛି ଯେ, ତାପଜ ବିଦ୍ୟୁତ ପ୍ରକଳ୍ପ ପାଇଁ ଇନ୍ଧନ ଯୋଗାଣ ସଂକ୍ରାନ୍ତରେ ଚୁକ୍ତି ସ୍ୱାକ୍ଷର ନ ହେବା,ବିଦ୍ୟୁତ କ୍ରୟ ଚୁକ୍ତିର ଅଭାବ ଆଦି ଯୋଗୁ ପ୍ରକଳ୍ପଗୁଡ଼ିକ ଆଗେଇବାରେ ବାଧା ସୃଷ୍ଟି କରିଛି। ସଙ୍କଟଗ୍ରସ୍ତ ଏହି ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ପାଇଁ ଗୋଟିଏ ପ୍ରକାର ସମାଧାନ ପନ୍ଥା ହୋଇପାରିବ ନାହିଁ ବୋଲି ରିପୋର୍ଟରେ ଜୋର୍ ଦିଆଯାଇଛି।

## ତୃତୀୟ ତ୍ରୈମାସରେ ୬୧୬ କୋଟି ଲାଭ କଲା ସେଲ୍

**ନୂଆଦିଲ୍ଲୀ,୧୦-୨**

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ(ସେଲ୍) ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ୬୧୬ କୋଟି ଟଙ୍କା ଲାଭ ଅର୍ଜନ କରିଛି। ଗତ ବର୍ଷ ସମାନ ସମୟରେ ଏହା ମାତ୍ର ୪୩ କୋଟି ଟଙ୍କା ରହିଥିଲା। ଦ୍ୱିତୀୟ ତ୍ରୈମାସରେ କମ୍ପାନୀର ନେଟ ଲାଭରେ ୧୧% ବୃଦ୍ଧି ଘଟି ୫୫୪ କୋଟି ଟଙ୍କା ରହିଛି। ତୃତୀୟ ତ୍ରୈମାସରେ କମ୍ପାନୀର କାରବାର ୩% ବଢି ୧୫,୬୬୦ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୫,୧୯୦ କୋଟି ଟଙ୍କା ରହିଥିଲା। କମ୍ପାନୀ ବର୍ତ୍ତମାନ ଉତ୍ପାଦନ ବୃଦ୍ଧି ତଥା ଆଧୁନିକୀକରଣକୁ ପ୍ରାଥମିକତା ଦେଉଛି। ସେହିଭଳି ଉତ୍ପାଦନ ଖର୍ଚ୍ଚ ହ୍ରାସ ଏବଂ କାର୍ଯ୍ୟଧାରାରେ ଉନ୍ନତି ନେଇ ପ୍ରୟାସ ଜାରି ରହିଥିବା ଏହା ପ୍ରକାଶ କରିଛି। ବଜାରର ଆବଶ୍ୟକତା ପୂରଣ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସେଲ ଅଧ୍ୟକ୍ଷ ଅନିଲ କୁମାର ଚୌଧରୀ ସୂଚନା ଦେଇଛନ୍ତି।




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଆର୍‌ପିଆର୍‌ସି ଶାଖା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପିଏନ୍‌ବି ଓଡ଼ିଶା ମଣ୍ଡଳ ମୁଖ୍ୟ ଗଣପତି ଲାଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ପ୍ରବନ୍ଧକ ପ୍ରତାପ କୁମାର ବଇରୀ ଗଞ୍ଜନ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡ. ମହେଶ ରଥ, ଡ. ସମ୍ବିତ ଦାସ ଏବଂ ଟିମ୍ ଏଥିରେ ଯୋଗ ଦେଇଥିଲେ।

# ଆରବିଆଇଠାରୁ ୨୭,୩୮୦ କୋଟି ମାଗିଲେ ସରକାର

**ନୂଆଦିଲ୍ଲୀ,୧୦-୨**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୨୭,୩୮୦ କୋଟି ଟଙ୍କା କେନ୍ଦ୍ର ସରକାରଙ୍କୁ ଦେଉ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆର୍‌ବିଆଇ ଏହି ଅର୍ଥକୁ ବିଗତ କିଛି ବର୍ଷ ହେବ ବିପଦ ପରିଚାଳନା ଏବଂ ସଂରକ୍ଷିତ ଭଣ୍ଡାର ଭାବେ ସଞ୍ଚୟ କରି ରଖିଥିଲା।

ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ରିଜର୍ଭ ବ୍ୟାଙ୍କ ୨୦୧୬-୧୭ ଆର୍ଥିକ ବର୍ଷର ବିପଦ ଏବଂ ସଂରକ୍ଷିତ ଭଣ୍ଡାର ରୂପରେ ୧୩,୧୯୦କୋଟି ଟଙ୍କା ନିଜ ପାଖରେ ରଖିଥିଲା। ସେହିପରି ୨୦୧୭-୧୮ରେ ଏହା ୧୪,୧୯୦ କୋଟି ଟଙ୍କା ପୁଞ୍ଜି ସଞ୍ଚୟ କରିଥିଲା। ଏଭଳି ଭାବେ ଏହା ନିକଟରେ ଏବେ ଉକ୍ତ ଟଙ୍କା ସଞ୍ଚିତ ହୋଇ ରହିଛି, ଯାହାକୁ ସରକାର ମାଗୁଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ସରକାର ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କକୁ ଅନ୍ତରୀଣ ଲାଭାଂଶ ଏବଂ ଗତ ଦୁଇ ବର୍ଷର ଅତିରିକ୍ତ ପାଣ୍ଠିରେ ରଖାଯାଇଥିବା ଅର୍ଥକୁ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଆର୍‌ବିଆଇ ଠାରୁ ସରକାର ଅନ୍ତରୀଣ ଲାଭାଂଶ ବାବଦରେ ୨୮ ହଜାର କୋଟି ଟଙ୍କା ପାଇପାରନ୍ତି ବୋଲି କେନ୍ଦ୍ର ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଥିଲେ। ଆର୍ଥିକ ବର୍ଷ ୨୦୧୮-୧୯ରେ ସରକାରଙ୍କୁ ଆର୍‌ବିଆଇ ୪୦ହଜାର କୋଟି ଟଙ୍କାର ଲାଭାଂଶ ଦେଇସାରିଥିଲା। ଯଦି ବୋର୍ଡର ମଞ୍ଜୁରୀ ପରେ ଏହା ୨୮ ହଜାର କୋଟି ଟଙ୍କା ପ୍ରଦାନ କରେ, ତେବେ ମୋଟ ଲାଭାଂଶ ପରିମାଣ ୬୮ ହଜାର କୋଟି ଟଙ୍କାରେ ପହଞ୍ଚିଯିବ। ଉକ୍ତ ସୂତ୍ରରୁ କୁହାଯାଇଛି ଯେ, କେନ୍ଦ୍ର ସରକାର ଆସନ୍ତା ଆର୍ଥିକ ବର୍ଷରେ ଲାଭାଂଶ ବାବଦରେ ରିଜର୍ଭ ବ୍ୟାଙ୍କରୁ ୬୯ହଜାର କୋଟି ଟଙ୍କା ପାଇବାକୁ ଆଶାବାନ୍ଧିଛନ୍ତି। ରାଷ୍ଟ୍ରୀୟ ବ୍ୟାଙ୍କ, ଆର୍ଥିକ ସଂସ୍ଥା ଓ ଆର୍‌ବିଆଇ ଲାଭାଂଶକୁ ହିସାବକୁ ନେଲେ ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରାୟ ୮୨,୯୧୧.୫୬ କୋଟି ଟଙ୍କା ପାଇବାକୁ ଯାଉଛନ୍ତି।




# ଆଇଡିବିଆଇ ବ୍ୟାଙ୍କର ଆର୍ଥିକ ଫଳାଫଳ ଘୋଷଣା

**ମୁମ୍ବାଇ,୧୦-୨**

ରାଷ୍ଟ୍ରାୟତ୍ତ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏଲ୍ଆଇସି ଆଇଡିବିଆଇ ବ୍ୟାଙ୍କର ୫୧% ଅଂଶଧନ ଅଧିଗ୍ରହଣ କାର୍ଯ୍ୟ ଚୂଡାନ୍ତ କରିବା ପରେ ବ୍ୟାଙ୍କରେ ଏହା ୨୧,୬୨୪ କୋଟି ଟଙ୍କା ପୁଞ୍ଜି ନିବେଶ କରିଛି। ଏହି ନିବେଶ ପରେ ଆଇଡିବିଆଇ ୨୦୧୮ ଡିସେମ୍ବର ସୁଦ୍ଧା ନିର୍ଦ୍ଧାରିତ ପୁଞ୍ଜି ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହୋଇଛି। ଡିସେମ୍ବର ୩୧ ସୁଦ୍ଧା ବ୍ୟାଙ୍କର ସିଇଟି-୧ ପୁଞ୍ଜି ୯.୩୨% ବୃଦ୍ଧି ଘଟିଛି। ୨୦୧୭ ସମାନ ସମୟରେ ଏହା ୬.୬୨% ଥିଲା। କାସା ୮୮,୨୦୬ କୋଟି, ସିଆର୍‌ଏଆର ୧୧.୯୩%ରୁ ୧୨.୫୧%, ମୋଟ ଜମାର ୩୮% କାସା ରହିଛି। ଜମାରେ ୧୦% ବୃଦ୍ଧି ଘଟି ୫୨,୨୨୫ କୋଟି ଟଙ୍କା ଛୁଇଁଛି। ମୋଟ ଏନ୍‌ପିଏ ଏବଂ ନେଟ୍ ଏନ୍‌ପିଏ ସଂଗ୍ରହରେ ଉନ୍ନତି ଘଟି ୨୯.୬୭% ଏବଂ ୧୪.୦୧% ରହିଛି, ଯାହା ପୂର୍ବେ ଚଳିତ ବର୍ଷ ସେପ୍ଟେମ୍ବରରେ ଯଥାକ୍ରମେ ୩୧.୭୮% ଏବଂ ୧୭.୩୦% ରହିଥିଲା। ଏନ୍‌ପିଏ ଆଦାୟ ଉନ୍ନତ ରହିବା ସହ ୩୪୪୦ କୋଟି ଟଙ୍କା ଛୁଇଁଛି। ବ୍ୟାଙ୍କ ୧୩୫୭ କୋଟି ଟଙ୍କା ନେଟ୍ ସୁଧ ଆୟ ଲାଭ କରିଛି। ସେହିଭଳି ପରିଚାଳନାଗତ ଲାଭ ୭୨୫ କୋଟି ଟଙ୍କା ରହିଛି। ଏହି ସମୟରେ ନେଟ୍ କ୍ଷତି ୪୧୮୫ କୋଟି ଟଙ୍କା ରହିଛି। ଅଧିଗ୍ରହଣ ପରେ ବ୍ୟାଙ୍କର ୧୮୦୦ ଶାଖାରେ ଏଲ୍ଆଇସି ପ୍ରଡକ୍ଟ ଉପଲବ୍ଧ ହେବ ବୋଲି ଆଇଡିବିଆଇ ପକ୍ଷରୁ ସୂଚନା ରହିଛି।



❝ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ପରାଜୟ ଦୁଃଖଦାୟକ ହୋଇଥିଲେ ମଧ୍ୟ ଆମକୁ ଅନେକ କିଛି ଶିଖିବାକୁ ମିଳିଛି।
**–ରୋହିତ ଶର୍ମା, ଭାରତୀୟ ଦଳର କାମଚଳା ଅଧିନାୟକ**



❝ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ଦୁଇଟି ମ୍ୟାଚ ଆମକୁ ଅଳ୍ପକେ ହାରିବାକୁ ପଡ଼ିଥିବାରୁ ଆମ ବ୍ୟାଟିଂରେ ସୁଧାର ଆବଶ୍ୟକ।
**–ସ୍ମୃତି ମନ୍ଧାନା, ଭାରତୀୟ ମହିଳା କ୍ରିକେଟ ଦଳ ଓପନର**

## ସଂକ୍ଷେପରେ

### କାଗଲିଆରି ଖେଳାଳିଙ୍କୁ ଷ୍ଟାଡିୟମ୍‌ରେ ବନ୍ଦ କଲେ କୃଷକ

ରୋମ୍,୧୦।୨(ଏଏଫ୍‌ପି): ଇଟାଲିଆନ କ୍ଲବ କାଗଲିଆରି ଦଳର ଖେଳାଳିମାନେ ମିଲନଠାରେ ଖେଳାଯିବାକୁ ଥିବା ମ୍ୟାଚ୍ ପାଇଁ ଧାର୍ଯ୍ୟ ସମୟ ସୁଦ୍ଧା ଗସ୍ତ କରିବାରେ ବିଫଳ ହୋଇଛନ୍ତି। କାଗଲିଆରି କ୍ଲବର ଖେଳାଳିମାନେ ଆସେମିନେଲୋ ଟ୍ରେନିଂ ଗ୍ରାଉଣ୍ଡରେ ଅଭ୍ୟାସ କରୁଥିବାବେଳେ ଷ୍ଟାଡିୟମ୍‌ର ପ୍ରସ୍ଥାନ ଦ୍ୱାରରେ ସ୍ଥାନୀୟ କୃଷକମାନେ ତାଲା ପକାଇ ଦେଇଥିଲେ। ସେମାନେ ଏହାଦ୍ୱାରା କ୍ଷୀର ଦର ବୃଦ୍ଧିକୁ ବିରୋଧ କରି ୧୦୦ କୃଷକ ପ୍ରତିବାଦ ଜଣାଇଥିଲେ। ଦଳୀୟ କୋଚ୍ ରୋଲାଣ୍ଡୋ ମରାନ ଓ କ୍ଲବ ନିର୍ଦ୍ଦେଶକ ମାରିଓ ପାସେଚ୍ଛି ପ୍ରତିବାଦ କରୁଥିବା କୃଷକଙ୍କ ସହ ଆଲୋଚନା କରିବା ପରେ ଖେଳାଳିଙ୍କ ବସ୍‌କୁ ବିମାନବନ୍ଦର ଯିବାକୁ ଅନୁମତି ମିଳିଥିଲା। ଏଥିନେଇ ସାଡିନଆନ ଜନ୍ମିତ ଖେଳାଳି ନିକୋଲ ବାରେଲ ଓ ବ୍ରାଜିଲ ଦଳର ସାଥୀ ଜାଓ ପେଡ୍ରୋଙ୍କୁ ପ୍ରତିବାଦରେ ସାମିଲ ହେବା ପରେ ଏହା ସମ୍ଭବ ହୋଇଥିଲା। ଉଲ୍ଲେଖଥାଉ କି, କାଗଲିଆରି ଦଳ ସିରି ଏ' ଲିଗ୍‌ର ପଏଣ୍ଟ ଟେବୁଲରେ ୧୫ତମ ସ୍ଥାନରେ ରହିଛି।

### ପ୍ୟାଭିଲିଅନରୁ ଫେରିଲେ ଷ୍ଟୋକ୍ସ

ସେଣ୍ଟ ଲୁସିଆ,୧୦।୨: ଏଠାରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚାଲିଥିବା ୩ୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଇଂଲଣ୍ଡ ଅଲରାଉଣ୍ଡର ବେନ ଷ୍ଟୋକ୍ସ ନୋ ବଲରେ ଆଉଟ୍ ହେବା ପରେ ପ୍ୟାଭିଲିଅନରୁ ଫେରି ପୁଣି ବ୍ୟାଟିଂ କରିଛନ୍ତି। ସେ ୫୨ ରନ୍ କରି ଖେଳୁଥିବାବେଳେ ଅଲଜାରି ଜୋଶେଫଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ସେ ପ୍ୟାଭିଲିଅନ ଫେରି ପ୍ୟାଡ୍ସ ଓହ୍ଲାଇବା ଆରମ୍ଭ କରି ଦେଇଥିଲେ। ମାତ୍ର ଗ୍ରାଉଣ୍ଡରେ ଲାଗିଥିବା ସ୍କ୍ରିନରେ ରିପ୍ଲେ ଦେଖିବା ପରେ ଜୋଶେଫ ନୋ ବଲ ପକାଇଥିବା ଜଣା ପଡ଼ିଥିଲା। ଏଥିଯୋଗୁ ଫିଲ୍ଡ ଅମ୍ପାୟର ଷ୍ଟୋକ୍ସଙ୍କୁ ନଟ୍ ଆଉଟ ଘୋଷିତ କରିବା ସହ କ୍ରିଜ୍‌କୁ ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳକୁ କ୍ରିଜ୍‌କୁ ଆସି ସାରିଥିବା ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋଙ୍କୁ ପ୍ୟାଭିଲିଅନ ଫେରିବାକୁ ପଡ଼ିଥିଲା। ଉଲ୍ଲେଖଥାଉ କି, ୨୦୧୭ ଏପ୍ରିଲ ମାସରେ ଆଇସିସିରେ ଆଗତ ହୋଇଥିବା ନିୟମ ୩୧.୭ ଅନୁଯାୟୀ ଷ୍ଟୋକ୍ସଙ୍କୁ ନଟଆଉଟ୍ ଘୋଷିତ କରାଯାଇଥିଲା। ଏହି ନିୟମ ଫିଲ୍ଡ ଅମ୍ପାୟରଙ୍କୁ ନିଜର ତ୍ରୁଟି ଜାଣିବା ପରେ ନିଷ୍ପତ୍ତିକୁ ଫେରାଇ ନେବାକୁ ଅଧିକାର ଦିଆଯାଇଛି।

### ୱାର୍ନ ରାଜସ୍ଥାନ ରୟାଲ୍ସର ବ୍ରାଣ୍ଡ୍ ଆମ୍ବାସାଡର

**ମୁମ୍ବାଇ, ୧୦।୨ (ପି.ଟି.):** ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ରେ ରାଜସ୍ଥାନ ରୟାଲ୍ସ ଅଷ୍ଟ୍ରେଲୀୟ ସ୍ପିନ କିମ୍ବଦନ୍ତୀ ଶେନ ୱାର୍ନଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର କରିଛି। ୱାର୍ନଙ୍କ ତତ୍ତ୍ୱାବଧାନରେ ରାଜସ୍ଥାନ ରୟାଲ ୨୦୦୮ରେ ପ୍ରଥମ ତଥା ଏକମାତ୍ର ଟାଇଟଲ ହାସଲ କରିଥିଲା। ଅଷ୍ଟ୍ରେଲୀୟ ସ୍ପିନ୍ କିମ୍ବଦନ୍ତୀ ଗତ ସିଜନରେ ଦଳର ମେଣ୍ଟର ଭାବେ ଦାୟିତ୍ୱ ତୁଲାଇଥିଲେ। କିନ୍ତୁ ଏଥର ତାଙ୍କୁ ଦଳ ପାଇଁ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ୱାର୍ନ ୨୦୧୧ ପର୍ଯ୍ୟନ୍ତ ୪ସିଜନ ଧରି ରାଜସ୍ଥାନ ରୟାଲ୍ସର ଅଧିନାୟକ ରହିଥିଲେ। ପରେ ସେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଥିଲେ।

## ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ

# ଫାଇନାଲ ଲକ୍ଷ୍ୟରେ ଭାରତ

### ନେପାଳ ବିପକ୍ଷ ମୁକାବିଲା ଆଜି

ଭୁବନେଶ୍ୱର,୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଭାରତ ସୋମବାର ନେପାଳକୁ ଭେଟିବ। ପ୍ରଥମ ମ୍ୟାଚ୍‌ରେ ଶନିବାର ଇରାନକୁ ୧–୦ ଗୋଲରେ ପରାସ୍ତ କରି ଭାରତ ଅଭିଯାନ ଆରମ୍ଭ କରିଥିଲା। ଅଞ୍ଜୁ ତମାଙ୍ଗ୍ ୪୮ତମ ମିନିଟରେ ଗୋଲ ଦେଇ ଭାରତକୁ ବିଜୟୀ କରାଇଥିଲେ। ସୋମବାର ନେପାଳକୁ ହରାଇପାରିଲେ ଭାରତ ଏହି ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟର ଫାଇନାଲକୁ ସିଧାସଳଖ ପ୍ରବେଶ କରିବ। ଇରାନକୁ ହରାଇବା ପରେ ଭାରତୀୟ ମହିଳା ଦଳ ଆନ୍ତର୍ଜାତିକ ଫୁଟବଲ୍‌ରେ କ୍ରମାଗତ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇ ଅସାଧାରଣ ସଫଳତା ହାସଲ କରିଛି। ଏହାପୂର୍ବରୁ ଭାରତ ଇଣ୍ଡୋନେସିଆ ଓ ହଂକଂକୁ ଦୁଇଟି ଲେଖାଏ ମ୍ୟାଚ୍‌ରେ ହରାଇଥିଲା। ପ୍ରତ୍ୟେକ ମ୍ୟାଚ୍‌କୁ ଆମେ ଜିତିବାକୁ ଚେଷ୍ଟା କରିଥାଉ। ଇରାନ୍ ବିପକ୍ଷରେ ମଧ୍ୟ ଏହା ହୋଇଥିଲା। ତେଣୁ ନେପାଳକୁ ମଧ୍ୟ ଆମେ ହରାଇବାକୁ ସବୁମତେ ଚେଷ୍ଟା କରିବା ସହ ଫାଇନାଲ ଟିକେଟ ହାସଲ କରିବୁ ବୋଲି ଭାରତୀୟ କୋଚ୍ ମେମୋଲ ରକି କହିଛନ୍ତି। ଇରାନକୁ ଅଧିକ ବ୍ୟବଧାନରେ ଭାରତ ହରାଇ ପାରିଥାନ୍ତା। ତେବେ ସଞ୍ଜୁ ଓ ଅଞ୍ଜୁ ଗୋଟିଏ ଲେଖାଏ ସୁବର୍ଣ୍ଣ ସୁଯୋଗ ହରାଇଥିଲେ। ଭାରତ ପ୍ରଥମ ମ୍ୟାଚ୍‌ରେ ଭଲ ଖେଳିଥିଲା ଓ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଏହି ଭଳି ଖେଳିବ। ଭାରତୀୟ ଖେଳାଳିଙ୍କ ନିକଟରେ ଦକ୍ଷତା ଓ ପ୍ରତିଭା ରହିଛି। ଏସିଆର ଅନ୍ୟତମ ଶକ୍ତିଶାଳୀ ଦଳକୁ ଭାରତ ହରାଇଛି। ଫଳରେ ଆମ ଖେଳାଳିଙ୍କ ଆତ୍ମବିଶ୍ୱାସରେ ବୃଦ୍ଧି ଘଟିଛି ବୋଲି ମେମୋଲ କହିଛନ୍ତି।

ଅପରପକ୍ଷରେ ନେପାଳ ତା'ର ପ୍ରଥମ ମ୍ୟାଚ୍‌ରେ ମ୍ୟାନମାରଠାରୁ ୦–୩ ଗୋଲରେ ଶୁକ୍ରବାର ପରାସ୍ତ ହୋଇଥିଲା। ନେପାଳ ମଧ୍ୟ ଏକ ଶକ୍ତିଶାଳୀ ଦଳ। ନେପାଳ ପାଖରେ ଫିନିଶିଂ ସ୍କିଲ ରହିଛି ଖେଳାଳିମାନେ ଦ୍ରୁତ ଖେଳ ପ୍ରଦର୍ଶନ କରିଥାନ୍ତି। ବିଜୟୀ ହେବାକୁ ହେଲେ ଆମକୁ ପୂରା ସାମର୍ଥ୍ୟ ସହ ନୂଆ ତଥା ଭିନ୍ନ ରଣନୀତି ନେଇ ପଡିଆକୁ ଓହ୍ଲାଇବାକୁ ହେବ।



ଭାରତୀୟ ମହିଳା ଫୁଟବଲ ଦଳର ଖେଳାଳି ।

## ଅରୁଣୋଦୟ କ୍ଲବ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଅରୁଣୋଦୟ କ୍ଲବ୍ ।

କଟକ ଅଫିସ,୧୦।୨

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆଦର୍ଶ ଫୁଟବଲ କ୍ଲବ ପକ୍ଷରୁ ଅନୁଷ୍ଠିତ ଦୁଇ ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଅରୁଣୋଦୟ କ୍ଲବ ଚାମ୍ପିୟନ ହୋଇଛି। ମଙ୍ଗଳା କ୍ଲବ ଓ ଅରୁଣୋଦୟ କ୍ଲବ ମଧ୍ୟରେ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲଶୂନ୍ୟ ରହିଥିଲା। ପରେ ପେନାଲ୍ଟି କିକ୍‌ର ସହାୟତା ନିଆଯାଇଥିଲେ ମଧ୍ୟ ଉଭୟ ଦଳ ସମାନ ସଂଖ୍ୟକ ଗୋଲସ୍କୋର କରିଥିଲେ। ଏହାପରେ ସଡନ୍‌ଡେଥ୍ ପଦ୍ଧତିରେ ଅରୁଣୋଦୟ କ୍ଲବ ବିଜୟ ହାସଲ କରିଛି। ପ୍ରଥମ ସେମିଫାଇନାଲରେ ଅରୁଣୋଦୟ କ୍ଲବ ୨–୧ ଗୋଲରେ ଗାଲାଣ୍ଟ କ୍ଲବକୁ ଓ ଦ୍ୱିତୀୟ ସେମିଫାଇନାଲରେ ମଙ୍ଗଳା କ୍ଲବ ୧–୦ ଗୋଲରେ ଚାନ୍ଦ୍ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଶିଳ୍ପପତି ସୁଶାନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ପ୍ରଫେସର ପଦନ କୁମାର ଜେନା, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ଓଲିଉଡ ତାରକା ଶ୍ରେୟାନ, ସୂର୍ଯ୍ୟମୟୀ, ନିର୍ଦ୍ଦେଶକ ବସନ୍ତ କୁମାର ସାହୁ, କଟକ ଚାମ୍ବର ଅଫ୍ କମର୍ସ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ୩୧ ହଜାର ଟଙ୍କା ସମେତ ଟ୍ରଫି ଓ ରନର୍ସଅପ୍ ଦଳକୁ ୨୧ ହଜାର ଟଙ୍କା ସମେତ ଟ୍ରଫି ପ୍ରଦାନ କରାଯାଇଥିଲା।

## ହୃଦ୍‌ଘାତରେ ଓଡ଼ିଆ ଖେଳାଳିଙ୍କ ମୃତ୍ୟୁ

କୋଲକାତା, ୧୦।୨ (ପି.ଟି.)

ଏଠାରେ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଖେଳିବାକୁ ଆସିଥିବା ଜଣେ ଓଡ଼ିଆ ଖେଳାଳି ରିତ୍ତିକ୍ ଦାସଙ୍କ ରବିବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ରିତ୍ତିକ ହେଉଛନ୍ତି କଟକସ୍ଥିତ ନ୍ୟାଶନାଲ ଲ' ୟୁନିଭର୍ସିଟି ଓଡ଼ିଶାର ଜଣେ ଛାତ୍ର। ସ୍ଥାନୀୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଇଷ୍ଟର୍ନ ସେଣ୍ଟରସ୍ଥିତ ପଡ଼ିଆରେ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ଅପରାହ୍ନରେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀରକୁ ଭୁବନେଶ୍ୱରସ୍ଥିତ ବାସସ୍ଥାନକୁ ପଠାଇ ଦିଆଯାଇଛି। ରିତ୍ତିକ ଜଣେ ଶ୍ୱାଶ ରୋଗୀ। ହୁଏତ ଏହା ତାଙ୍କର ମୃତ୍ୟୁର କାରଣ ହୋଇପାରେ ବୋଲି କୁହାଯାଉଛି। ରିତ୍ତିକଙ୍କ ପିତା ଜଣେ ଇଣ୍ଡିଆନ ରେଭିନ୍ୟୁ ଅଫିସର। ବର୍ତ୍ତମାନ ସେ ନୂଆଦିଲ୍ଲୀରେ କାର୍ଯ୍ୟରତ। ତାଙ୍କ ମା' ସୁମନା ମହାନ୍ତି ଜଣେ ରେଲୱେ କର୍ମଚାରୀ। ରିତ୍ତିକାଙ୍କ ଜଣେ ସାନ ଭଉଣୀ ଅଛନ୍ତି। ସୂଚନାଯୋଗ୍ୟ, ସାଇ ଇଷ୍ଟର୍ନ ସେଣ୍ଟରରେ ଦୁଇବର୍ଷ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ମୃତ୍ୟୁ ଘଟଣା। ୨୦୧୭ ସେପ୍ଟେମ୍ବରରେ ମଧ୍ୟମଗ୍ରାମରୁ ଆସି ତାଲିମ ନେଉଥିବା ୧୮ ବର୍ଷୀୟ ନିହାରେନ୍ଦୁ ମଲ୍ଲିକଙ୍କ ଟ୍ରେନିଂ ବେଳେ ମୃତ୍ୟୁ ଘଟିଥିଲା।





ଅଲ୍ ଓଡ଼ିଶା ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍: ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## କ୍ରିଷ୍ଟିକାଙ୍କୁ ଦ୍ୱୈତ ସଫଳତା

### ଅଲ୍ ଓଡ଼ିଶା ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଷ୍ଟେଟ୍ ସେକ୍ରେଟାରିଏଟ୍ ବ୍ୟାଡମିଣ୍ଟନ ଆସୋସିଏଶ୍ (ଓଏସ୍‌ଏସ୍‌ବିଏ) ଓ ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏଶନ (ଓଏସ୍‌ବିଏ) ଆନୁକୂଲ୍ୟରେ ସ୍ଥାନୀୟ ସହିଦ ନଗରସ୍ଥିତ ଓଡ଼ିଶା ସାଇ ରିଜିଓନାଲ ବ୍ୟାଡମିଣ୍ଟନ ଏକାଡେମୀରେ ଅଲ୍ ଓଡ଼ିଶା ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସୁନ୍ଦରଗଡ଼ର କ୍ରିଷ୍ଟିକା ବିରୋକ ଉଭୟ ମହିଳା ସିଙ୍ଗଲ୍ସ ଓ ମହିଳା ଡବଲ୍ସ ଟାଇଟଲ ଜିତି ଦ୍ୱୈତ ସଫଳତା ହାସଲ କରିଛନ୍ତି। ସିଙ୍ଗଲ୍ସ ଫାଇନାଲରେ କ୍ରିଷ୍ଟିକା ସମ୍ବଲପୁରର ପ୍ରଶଂସା ଦାସଙ୍କୁ ୨୧–୧୫,୨୧–୧୧ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସେହିପରି ଡବଲ୍ସରେ କ୍ରିଷ୍ଟିକା ଓ ସୁନ୍ଦରଗଡ଼ର ଆକାଂକ୍ଷା କୁରେ ୨୧–୧୬, ୨୧–୧୧ରେ ନନ୍ଦିନୀ କୁମାରୀ ଓ ଭୁବନେଶ୍ୱରର ଯଶଶ୍ରୀ ସାମଲଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ସମ୍ବଲପୁରର ନନ୍ଦୀଶ୍ ପୋଦ୍ଦାର ଅନୁଗୋଳ ଆୟୁଷ ଦାସଙ୍କୁ ୨୧–୧୬, ୧୨–୨୧, ୨୧–୧୨ରେ ହରାଇ ଟାଇଟଲ ଜିତିଛନ୍ତି। ସେହିପରି ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ମୟୂରଭଞ୍ଜର ଆୟୁଷ ପଟ୍ଟନାୟକ ନନ୍ଦୀଶ ପୋଦ୍ଦାରଙ୍କୁ ୧୫–୨୧,୨୧–୧୩, ୨୧–୯ରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୭ ବର୍ଷରୁ କମ୍ ବାଳକ ଡବଲ୍ସରେ ସମ୍ବଲପୁରର ଚାୟାଁ ସହରିଆ ଓ ମହମ୍ମଦ ସାହିଲ ଭୁବନେଶ୍ୱରର ଯଶରାଜ ବିଶ୍ୱାଳ ଓ ପ୍ରିୟାଂଶୁ ମହାନ୍ତିଙ୍କୁ ୨୧–୧୯, ୧୪–୨୧ ୨୧–୧୪ରେ ହରାଇ ଟାଇଟଲ ଜିତିଛନ୍ତି। ପୁରୁଷ ଡବଲ୍ସରେ ଭୁବନେଶ୍ୱରର ଜ୍ଞାନଚାନ୍ଦ ଓ ମାନସ ରଞ୍ଜନ ରାଉତରାୟ ୨୧–୧୩, ୨୬– ୨୪ କଟକର ଅଜିତ୍ କୁମାର ମହାନ୍ତି ଓ ପ୍ରମୋଦ କୁମାର ରଣାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସମ୍ବଲପୁରର ଅନିର୍ବାଣ ସାମନ୍ତ ଓ ହର୍ଷିତା ରାଉତଙ୍କୁ ଟୁର୍ନାମେଣ୍ଟର ଉଦୀୟମାନ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା। ମୋଟ ଉପରେ ୪୩ ହଜାର ଟଙ୍କା ପୁରସ୍କାର ଆକାରରେ ଖେଳାଳିମାନଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଏୟାର ମାର୍ଶାଲ ଜ୍ୟୋତି ନାରାୟଣ ବର୍ମା, ଆସୋସିଏଶନ କାର୍ଯ୍ୟକାରୀ ସଭାପତି ଉମା ଶଙ୍କର ମହାପାତ୍ର, ଓଏସଏସବିଏ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ରାଉତ, ଉପ–ସଭାପତି ବିଶ୍ୱଜିତ୍ ମହାନ୍ତି, ଆସୋସିଏଶନ ମୁଖ୍ୟ ଉପଦେଷ୍ଟା ତଥା ଆୟୋଜକ କମିଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ମହାପାତ୍ର, ଯୁଗ୍ମ ସମ୍ପାଦକ ତପନ କୁମାର ପଟ୍ଟନାୟକ, ଗେମ୍ ଡାଇରେକ୍ଟର ଶଶାଙ୍କ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ବରେଣ ନାଥ ପ୍ରଧାନ ଓ ମୁଖ୍ୟ ରେଫରି ମନୋଜ କୁମାର ସାବତ୍ ଉପସ୍ଥିତ ଥିଲେ।

## ଆଡଭାନୀଙ୍କୁ ୯ମ ଜାତୀୟ ସ୍ନୁକର ଟାଇଟଲ

ଇନ୍ଦୋର, ୧୦।୨ (ପି.ଟି.)

ଭାରତୀୟ କ୍ୟୁଇଷ୍ଟ ପଙ୍କଜ ଆଡ୍‌ଭାନୀ ରବିବାର ଏକ ଏକତରଫା ଫାଇନାଲରେ ଯୁବ ଖେଳାଳି ଲକ୍ଷ୍ମଣ ରାୱତଙ୍କ ବିପକ୍ଷରେ ବିଜୟ ସହ ଆଉ ଏକ ଜାତୀୟ ସ୍ନୁକର ଟାଇଟଲ ହାସଲ କରିଛନ୍ତି। ଏହା ହେଉଛି ତାଙ୍କର ୯ମ ଜାତୀୟ ସ୍ନୁକର ଟାଇଟଲ। ଏଥିସହିତ ଜାତୀୟ ଚାମ୍ପିୟନଶିପ୍‌ରେ ତାଙ୍କ ସ୍ୱର୍ଣ୍ଣ ସଂଖ୍ୟା ୩୨ରେ ପହଞ୍ଚିଛି। ଆଡଭାନୀ ଜୁନିୟର ଖେଳାଳି ହିସାବରେ ସେ ୧୧ ଭାରତୀୟ ଟାଇଟଲ ଏବଂ ସିନିୟର ଭାବେ ସେ ୯ ବିଲିୟାର୍ଡ୍ସ, ୩ ସିକ୍ସ–ରେଡ୍ ସ୍ନୁକର ଏବଂ ବର୍ତ୍ତମାନ ୯ମ ସ୍ନୁକର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପରିସଂଖ୍ୟାନ ଦୃଷ୍ଟିରୁ ଆଡଭାନୀ ବର୍ତ୍ତମାନ ଜଣେ ପୁରୁଷ ଖେଳାଳି ହିସାବରେ ଉଭୟ ସ୍ନୁକର ଓ ବିଲିୟାର୍ଡ୍ସରେ ୨୧ ବିଶ୍ୱ ଟାଇଟଲ ଏବଂ ୨୧ ଜାତୀୟ ଟାଇଟଲ ହାସଲ କରିସାରିଛନ୍ତି।

## ମୋଟେଟ୍ ଜିତିଲେ ଚେନ୍ନାଇ ଓପନ୍ ଏଟିପି ଚ୍ୟାଲେଞ୍ଜର

ଚେନ୍ନାଇ, ୧୦।୨ (ପି.ଟି.)

ଫ୍ରାନ୍ସର ତଥା ଦ୍ୱିତୀୟ ସିଡ୍ କୋରେଣ୍ଟିନ୍ ମୋଟେଟ୍ ଏଠାରେ ଚେନ୍ନାଇ ଓପନ୍ ଏଟିପି ଚ୍ୟାଲେଞ୍ଜର ଟେନିସ୍ ଟୁର୍ନାମେଣ୍ଟ ଜିତିଛନ୍ତି। ରବିବାର ଅନୁଷ୍ଠିତ ସିଙ୍ଗଲ୍ସ ଫାଇନାଲରେ ସେ ଅଷ୍ଟ୍ରେଲିଆର ଆଣ୍ଡ୍ର୍ୟୁ ହାରିସ୍‌ଙ୍କୁ ୬–୩, ୬–୩ ସେଟ୍‌ରେ ହରାଇ ଦେଇଛନ୍ତି। ମୋଟେଟ୍‌ଙ୍କର ଏହା ହେଉଛି ଦ୍ୱିତୀୟ ଚ୍ୟାଲେଞ୍ଜର ଟାଇଟଲ। ଏଠାରେ ଟାଇଟଲ ବିଜୟୀ ହେବାଦ୍ୱାରା ସେ ୭,୨୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ଏବଂ ୮୦ ଏଟିପି ପଏଣ୍ଟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଆଣ୍ଡ୍ର୍ୟୁ ୪,୨୪୦ ଆମେରିକୀୟ ଡଲାର ଏବଂ ୪୮ ଏଟିପି ପଏଣ୍ଟ ଅର୍ଜନ କରିଛନ୍ତି।

## ପାକିସ୍ତାନରେ ଖେଳିବାକୁ ରାଜିହେଲାନି ଅଷ୍ଟ୍ରେଲିଆ

କରାଚୀ, ୧୦।୨ (ଏଏଫ୍‌ପି)

ସୁରକ୍ଷା କାରଣରୁ ଅଷ୍ଟ୍ରେଲିଆ କ୍ରିକେଟ ଦଳ ପାକିସ୍ତାନ ଗସ୍ତରେ ଯିବା ଲାଗି ରାଜି ହେଲା ନାହିଁ। ଫଳରେ ପାକିସ୍ତାନ କ୍ରିକେଟ କର୍ତ୍ତୃପକ୍ଷ ଅଷ୍ଟ୍ରେଲିଆ ବିପକ୍ଷ ସମସ୍ତ ୫ଟି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ଲାଗି ବାଧ୍ୟ ହୋଇଛି। ୨୦୦୯ରେ ଶ୍ରୀଲଙ୍କା ଟିମ୍ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ପରଠାରୁ ଅଷ୍ଟ୍ରେଲିଆ ଏହି ଦେଶରେ ଖେଳିବାକୁ ରାଜି ହେଉ ନାହିଁ। ଅଷ୍ଟ୍ରେଲିଆ ସିନିୟର କ୍ରିକେଟ ଦଳ ଶେଷ ଥର ପାଇଁ ୧୯୯୮ରେ ପାକିସ୍ତାନ ଗସ୍ତ କରିଥିଲା। ପାକିସ୍ତାନ ଗତ ଦୁଇ ବର୍ଷ ହେଲା ପାକିସ୍ତାନ ସୁପର ଲିଗ୍ ଫାଇନାଲ ଆୟୋଜନ କରିଆସୁଛି। ଏହାଛଡ଼ା ବିଶ୍ୱ ଏକାଦଶ, ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ମ୍ୟାଚ ଖେଳି ସାରିଛି। ଚଳିତବର୍ଷ ଜାନୁୟାରୀ ୩୧ରୁ ଫେବୃୟାରୀ ୩ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ ମହିଳା ଦଳ କରାଚୀଠାରେ ତିନୋଟି ଅନ୍ତର୍ଜାତୀୟ ଟି୨୦ ଖେଳିଛି। କିନ୍ତୁ ସୁରକ୍ଷା କାରଣରୁ ପାକିସ୍ତାନକୁ ଦଳ ନ ପଠାଇବା ଲାଗି ଅଷ୍ଟ୍ରେଲିଆ ସରକାର ଦେଶର କ୍ରିକେଟ ବୋର୍ଡକୁ ନିର୍ଦ୍ଦେଶ ଦେଇଛି। ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ୫ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ମଧ୍ୟରୁ ପ୍ରଥମ ଦୁଇଟି ମ୍ୟାଚ ମାର୍ଚ୍ଚ ୨୨ ଓ ୨୪ରେ ଶାରଜାଠାରେ ଖେଳାଯିବ।

## ଓଡ଼ିଶା ଭଲିବଲ୍ ରେଫରି ସଂଘର ନୂତନ କର୍ମକର୍ତ୍ତା





ଓଡ଼ିଶା ଭଲିବଲ୍ ରେଫରି ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ଓ ସଦସ୍ୟ ।

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଭଲିବଲ୍ ରେଫରି ସଂଘର ବାର୍ଷିକ ସାଧାରଣ ବୈଠକ ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ସ୍ଥାନୀୟ ସତ୍‌ସଙ୍ଗ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସମସ୍ତ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୨୦୨୨ ପର୍ଯ୍ୟନ୍ତ ରହିବ। ଏହି ବୈଠକରେ ଭଲିବଲ୍ ଖେଳର ଲୋକପ୍ରିୟତା, ପ୍ରଚାର ଓ ପ୍ରସାର ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ୫୩ଜଣ ରେଫରି ସଂଘର ସଦସ୍ୟ ଏହି ବୈଠକରେ ଉପସ୍ଥିତ ରହିଥିଲେ ବୋଲି ଓଡ଼ିଶା ଭଲିବଲ୍ ରେଫରି ସଂଘର ସମ୍ପାଦକ ରାମଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି। ନୂତନ କର୍ମକର୍ତ୍ତା ହେଲେ ଜୟପ୍ରକାଶ ମହାନ୍ତି (ସଭାପତି), ଅଶୋକ କୁମାର ପ୍ରଧାନ (କାର୍ଯ୍ୟକାରୀ ସଭାପତି), ଲକ୍ଷ୍ମୀନାରାୟଣ ମହାନ୍ତି (ଉପସଭାପତି), ରାମଚନ୍ଦ୍ର ସେଠୀ (ସାଧାରଣ ସମ୍ପାଦକ), ନିରଞ୍ଜନ ନାୟକ, କଳାକାର ସାମଲ (ଉଭୟ ସହସମ୍ପାଦକ), ପ୍ରକାଶ ଚନ୍ଦ୍ର ବେହେରା (କୋଷାଧ୍ୟକ୍ଷ), ସୁଜନ କୁମାର ନାୟକ, ବିଶ୍ୱଜିତ୍ ଦାସ, ରଜନୀକାନ୍ତ ମିଶ୍ର, ରମାକାନ୍ତ ପଟ୍ଟନାୟକ ଓ ଆନ୍ନା କେର୍କେଟା (ସମସ୍ତେ କାର୍ଯ୍ୟକାରୀ ପରିଷଦ ସଭ୍ୟ)।

## ପାରାମାଉଣ୍ଟ ଜିତିଲା ମହାବୀର କପ୍

ଭଣ୍ଡାରିପୋଖରୀ, ୧୦।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଯଶୋଟିକିରିଠାରେ ଅନୁଷ୍ଠିତ ଆନ୍ତଃ ଜିଲା ମହାବୀର କପ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଭଦ୍ରକ ସାଳନ୍ଦୀ କ୍ଲବକୁ ହରାଇ ଭୁବନେଶ୍ୱର ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ସାଳନ୍ଦୀ କ୍ଲବ ଟସ୍ ଜିତି ୨୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୧ ରନ୍ କରିଥିଲା। ସଞ୍ଜୟ ଜେନା ୩୬ ରନ୍ (୪ ଚୌକା), ଅମିର ଖାଁ ୩୬ ରନ୍ (ଗୋଟିଏ ଛକା ଓ ୪ଟି ଚୌକା) କରିଥିଲେ। ପ୍ରତିପକ୍ଷର ମିଳନ ପରିଡା ୫ ଓଭରରେ ୧୩ ରନ୍ ଦେଇ ୬ ଉଇକେଟ ନେଇଥିଲେ। ୧୨୨ ରନ୍ ପିଛା କରି ପାରାମାଉଣ୍ଟ ୧୭ ଓଭରରେ ୩ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଆୟୁଷ ରାଜ ଚୌଧୁରୀ ୩୪ ବଲ୍‌ରେ ୧୦୦ ରନ୍ (୩ ଛକା, ୧୬ ଚୌକା) କରି ଅପରାଜିତ ରହିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍, ମ୍ୟାନ ଅଫ୍ ଦି ସିରିଜ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଆୟୁଷରାଜ ଚୌଧୁରୀ, ବେଷ୍ଟ ବୋଲର ମିଳନ ପରିଡା, ଅମିର ଖାଁଙ୍କୁ ବେଷ୍ଟ ଫିଲ୍ଡର ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜଗନ୍ନାଥ ସ୍ୱାଇଁ, ଗୋଲକ ଚନ୍ଦ୍ର ବେହେରା, ସ୍ଥାନୀୟ ସରପଞ୍ଚ ବଦ୍ରିନାରାୟଣ ରାଉତ, ତପସ୍ୱିନୀ ଜେନା, ଜିଲା କ୍ରୀଡ଼ା ଅଧିକାରୀ ମନୋଜ ଦାସ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ଓ କପ୍ ପ୍ରଦାନ କରିବା ସହ ଅନ୍ୟମାନଙ୍କୁ ପୁରସ୍କୃତ କରିଥିଲେ। କାଳନ୍ଦୀ ପଣ୍ଡା, ଦୁର୍ଗା ପଟ୍ଟନାୟକ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ମାନସ ପଣ୍ଡା, ସିମନ୍ତ ରଥ ସ୍କୋରର, କୈଳାସ ଦ୍ୱିବେଦୀ ରେଫରି ଥିବାବେଳେ ପ୍ରତ୍ୟୁଷ ସାହୁ, ଦିଲୀପ ପୃଷ୍ଟି ଧାରା ବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ବିଜୟୀ ଦଳ।

### ଆୟୁଷରାଜଙ୍କ ଶତକ



ବର୍ତ୍ତମାନର ଫର୍ମକୁ ଅନୁଧ୍ୟାନ କଲେ ଏଥର ଭାରତ ଓ ଇଂଲଣ୍ଡକୁ ବିଶ୍ୱକପ୍ ଟାଇଟଲ ଫେଭରାଇଟ୍ କୁହାଯାଇପାରେ, କିନ୍ତୁ ଆମ ଦେଶର ମଧ୍ୟ ସମ୍ଭାବନା ରହିଛି।
-ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



ଭାରତ ବିପକ୍ଷ ଟି୨୦ ସଫଳତା ଦ୍ୱାରା ଆମ ଖେଳାଳିଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି, ବାଂଲାଦେଶ ବିପକ୍ଷ ଆଗାମୀ ଘରୋଇ ସିରିଜରେ ଭଲ କରିବୁ ବୋଲି ଆଶା।
-କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ

## ସଂକ୍ଷେପରେ

### ପ୍ରଥମ ଅନ୍ଅଫିସିଆଲ ଟେଷ୍ଟ ଡ୍ର'ରେ ଶେଷ

**ୱାୟାନାଡା (କେରଳ), ୧୦।୨ (ପି.ଟି.):** ସ୍ଥାନୀୟ କ୍ରିଷ୍ଣାଗିରି ଷ୍ଟାଡିୟମରେ ଭ୍ରମଣକାରୀ ଇଂଲଣ୍ଡ ଲାୟନ୍ସ ଓ ଭାରତ-ଏ ମଧ୍ୟରେ ଅନୁଷ୍ଠିତ ୪ ଦିନିଆ ପ୍ରଥମ ଅନ୍ଅଫିସିଆଲ ଟେଷ୍ଟ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଇଂଲଣ୍ଡ ଲାୟନ୍ସ ଏହାର ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋର ୨୦/୦ ରନ୍‌ରୁ ଅନ୍ତିମ ଦିବସ ତଥା ରବିବାର ଖେଳ ଆରମ୍ଭ କରି ୮୩ ଓଭରରେ ୫ ଉଇକେଟ୍ ବିନିମୟରେ ୨୧୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାମ୍ ହେଇନ୍ ୫୭ (୭ ଚୌକା) ଓ ୨୧ ବର୍ଷୀୟ ଯୁବ ବ୍ୟାଟ୍ସମ୍ୟାନ ଓଲି ପୋପ୍ ୬୩ (୧୦ ଚୌକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ତଥା ଉଇକେଟ୍‌କିପର ସାମ୍ ବିଲିଙ୍ଗ ୫, ମାକ୍ସ ହୋଲ୍ଡେନ ୨୯, ବେନ୍ ଡକେଟ୍ ୩୦, ଷ୍ଟିଭେନ୍ ମୁଲାନୀ ୩* ଓ ୱିଲି ଜ୍ୟାକ୍ସ ୧୩* ରନ୍ କରିଥିଲେ। ଘରୋଇ ଭାରତ-ଏ ପକ୍ଷରୁ ଦୁଇ ସ୍ପିନର ଜଲାଜ ସାକ୍ସେନା ଓ ଶାହାବାଜ୍ ନଦୀମ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ପୂର୍ବରୁ ଇଂଲଣ୍ଡ-ଏ ଏହାର ପ୍ରଥମ ଇନିଂସରେ ୩୪୦ ରନ କରି ଅଲ୍ଆଉଟ୍ ହୋଇଥିଲା। ଏହାର ଜବାବରେ ଭାରତ-ଏ ୬ ଉଇକେଟ୍‌ରେ ୫୪୦ ରନର ବିଶାଳ ସ୍କୋର କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଭାରତ ପକ୍ଷରୁ ପ୍ରିୟଙ୍କ ପଞ୍ଚାଲଙ୍କ (୨୦୬) ଦ୍ୱିଶତକ ଓ ଉଇକେଟ୍‌କିପର ଶ୍ରୀକର ଭରତଙ୍କ (୧୪୨) ଦମ୍‌ଦାର ଶତକୀୟ ଇନିଂସ ମ୍ୟାଚ୍‌ର ଉଲ୍ଲେଖନୀୟ ଘଟଣା ରହିଥିଲା। ଦ୍ୱିଶତକୀୟ ଇନିଂସ ପାଇଁ ପଞ୍ଚାଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଦୁଇ ଦଳ ମଧ୍ୟରେ ଅନ୍ତିମ ତଥା ୨ୟ ଅନ୍ଅଫିସିଆଲ ଟେଷ୍ଟ ମ୍ୟାଚ୍ ବୁଧବାରଠାରୁ ମହୀଶୂରରେ ଆରମ୍ଭ ହେବ।

### ମହିଳା ହକି: ଭାରତ ଏ' ଦଳ ବିଜୟୀ

**ଗୋରଖପୁର (ଉତ୍ତର ପ୍ରଦେଶ), ୧୦।୨ (ପି.ଟି.):** ଭ୍ରମଣକାରୀ ଫ୍ରାନ୍ସ 'ଏ' ମହିଳା ହକି ଦଳ ବିପକ୍ଷ ଦ୍ୱିତୀୟ ମ୍ୟାଚକୁ ଭାରତ 'ଏ' ୩-୨ ଗୋଲରେ ଜିତି ନେଇଛି। ସ୍ଥାନୀୟ ବୀର ବାହାଦୁର ସିଂ ସ୍ପୋର୍ଟ୍ସ କଲେଜ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ମିକାଏଲା ଲାଲା ୧୪ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଫ୍ରାନ୍ସ 'ଏ'କୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ମାତ୍ର ପରେ ମାରିଆନା କୁଜୁର (୧୯ତମ), ଲାଲ୍‌ରେମସିଆମି (୩୦ତମ) ଓ ମମ୍‌ତାଜ ଖାଁ (୩୪ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ମ୍ୟାଚକୁ ଘରୋଇ ଦଳ ସପକ୍ଷକୁ ନେଇ ଆସିଥିଲେ। ଭ୍ରମଣକାରୀଦଳ ପକ୍ଷରୁ ଗୁସ୍‌ଜେ ଭାନ୍ ବୋଲ୍‌ହୁଇସ୍ (୫୮ତମ) ଶେଷକ୍ୱାର୍ଟରରେ ଏକ ଗୋଲ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ପ୍ରଥମ ମ୍ୟାଚରେ ପରାଜିତ ହୋଇଥିବା ଭାରତ ଏ' ସିରିଜକୁ ୧-୧ ସ୍ତରକୁ ନେଇ ଆସିଛି।

### ଆର୍ଏସ୍‌ପିବି ଚାମ୍ପିୟନ

**ଗ୍ୱାଲିୟର, ୧୦।୨ (ପି.ଟି.):** ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍ଏସ୍‌ପିବି) ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ଦଳ ରବିବାର ଅନୁଷ୍ଠିତ ଫାଇନାଲରେ ୩-୨ ଗୋଲରେ ଗତଥରର ଚାମ୍ପିୟନ ପଞ୍ଜାବକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ହରସାହିବ ସିଂ (୩୫ ତମ, ୪୫ ତମ ମିନିଟ) ବ୍ୟକ୍ତିଗତ ଦୁଇଟି ଗୋଲ ସ୍କୋର କରିଥିବାବେଳେ ଦିଲପ୍ରୀତ ସିଂ (୫୭ତମ) ଅନ୍ୟ ଗୋଲଟିକୁ ସ୍କୋର କରିଥିଲେ। ପରାଜିତ ପଞ୍ଜାବ ତରଫରୁ ରୁପିନ୍ଦର ପାଲ୍‌ସିଂ (୨୩ତମ) ଓ ରମଣଦୀପ ସିଂ (୬୦ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ୪-୧ ଗୋଲରେ ପଞ୍ଜାବ ଆଣ୍ଡ୍ ସିନ୍ଦ୍ ବ୍ୟାଙ୍କ୍‌କୁ ହରାଇ ବ୍ରୋଞ୍ଜ ପଦକ ଲାଭ କରିଛି।

### ଏକାମ୍ର କପ୍ ଜିତିଲା ବଡ଼ଗଡ଼ ସ୍ପୋର୍ଟିଂ

**ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କେଶୁରା ଖେଳପଡ଼ିଆରେ ୩ଦିନ ଧରି ଚାଲିଥିବା ଏକାମ୍ର କପ୍ ଟେନ୍-୧୦ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମେଣ୍ଢାଶାଳକୁ ପରାସ୍ତ କରି ବଡ଼ଗଡ଼ ସ୍ପୋର୍ଟିଂ ଚଳିତ ବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି। ଏହି ୧୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ବଡ଼ଗଡ଼ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ୍ ହରାଇ ୬୩ ରନ କରିଥିଲା। ଜବାବରେ ମେଣ୍ଢାଶାଳ ୬ ଉଇକେଟ୍ ବିନିମୟରେ ୫୫ ରନ୍ ସଂଗ୍ରହ କରି ଟାର୍ଗେଟ୍‌ଠାରୁ ୯ ରନ୍ ଦୂରରେ ରହିଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ବଡ଼ଗଡ଼ ସ୍ପୋର୍ଟିଂକୁ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ରନର୍ସଅପ୍ ମେଣ୍ଢାଶାଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ■ ୪ ରନ୍‌ରେ ହାରିଲା ଭାରତ

# ନ୍ୟୁଜିଲାଣ୍ଡ ୨-୧ରେ ବିଜୟୀ

ହାମିଲଟନ,୧୦।୨(ପି.ଟି.)

ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ଟି୨୦ରେ ନେଇଛି ନ୍ୟୁଜିଲାଣ୍ଡ। ଭାରତଠାରୁ ଦିନିକିଆ ସିରିଜରେ ୪-୧ରେ ହାରିବା ପରେ ନ୍ୟୁଜିଲାଣ୍ଡ ଟି୨୦ ସିରିଜକୁ ୨-୧ରେ ହାତେଇ ନେଇଛି। ଫଳରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତ ଅତ୍ୟନ୍ତ ସଫଳ ହୋଇଥିଲେ ମଧ୍ୟ ଶେଷରେ ପରାଜୟ ସହ ଭାରତକୁ ସ୍ୱଦେଶ ଫେରିବାକୁ ପଡିଛି। ରବିବାର ସ୍ଥାନୀୟ ସେଡନ ପାର୍କରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଭାରତ ମାତ୍ର ୪ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ଓପନର କଲିନ୍ ମୁନରୋଙ୍କ ଧୂଆଁଧାର ୭୨ ରନର ଅର୍ଦ୍ଧଶତକୀୟ ପାଳି (୪୦ ବଲ, ୫ ଚୌକା, ୫ ଛକା) ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲା। ଭାରତୀୟ ବୋଲର ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ନିୟନ୍ତ୍ରଣରେ ରଖିବାରେ ସଫଳ ହୋଇ ନ ଥିଲେ। ଫଳରେ ନ୍ୟୁଜିଲାଣ୍ଡ ବଡ଼ ସ୍କୋର ହାସଲ କରିଥିଲା। ଜବାବରେ ଭାରତ ଜବଦରଦସ୍ତ ଲଢେଇ କରିଥିଲେ ମଧ୍ୟ ୪ ଉଇକେଟ ହରାଇ ୨୦୮ ରନରେ ସୀମିତ ରହି ବିଜୟଠାରୁ ୫ ରନ ଦୂରରେ ରହିଯାଇଥିଲା। ବିଜୟୀ ହୋଇଥିଲେ ନ୍ୟୁଜିଲାଣ୍ଡ ମାଟିରେ ପ୍ରଥମ ଟି୨୦ ସିରିଜ ଜିତି ଭାରତ ଇତିହାସ ସୃଷ୍ଟି କରିଥାନ୍ତା। ଧୂଆଁଧାର ମ୍ୟାଚ୍ ବିଜୟୀ ଇନିଂସ ପାଇଁ ମୁନରୋଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଛି। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଅନ୍ୟତମ ନ୍ୟୁଜିଲାଣ୍ଡ ଓପନର ଟିମ୍ ସେଇଫର୍ଟ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।



ଟ୍ରଫି ସହ ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳର ଖେଳାଳିମାନେ ।

୨୧୩ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଭାରତ ପାଇଁ ଅନ୍ତିମ ଓଭରରେ ଅଭିଜ୍ଞ ସାଉଦିଙ୍କ ୬ ବଲରୁ ବିଜୟ ପାଇଁ ୧୬ ରନ ଆବଶ୍ୟକ ହେଉଥିବା ବେଳେ ଦୀନେଶ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ଯୋଡ଼ି ୧୨ ରନ ସଂଗ୍ରହ କରିଥିଲେ। ଅନ୍ତିମ ବଲ୍‌ରେ ଛକା ମାରିଥିଲେ ମଧ୍ୟ ଦ୍ୱିତୀୟ ଓ ତୃତୀୟ ବଲ୍‌ରେ କାର୍ତ୍ତିକ ରନ ନେଇ ପାରି ନ ଥିଲେ ଓ ଶେଷରେ ଏହା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଭାରତ ପ୍ରଥମେ ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ହରାଇଥିଲା। ୪ ରନ କରିଥିବା ବେଳେ ଧାୱନ ମିଚେଲ ସାଣ୍ଟନରଙ୍କ ଫୁଲ୍ ଲେନ୍ଥ ବଲ୍‌କୁ ସୁଇପ୍ କରିବାକୁ ଯାଇ ମିଡ୍ ଉଇକେଟରେ ଡାରେଲ ମିଚେଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦ୍ୱିତୀୟ ଉଇକେଟ ଯୋଡିରେ ଅଧିନାୟକ ରୋହିତ ଶର୍ମା ଓ ଅଲରାଉଣ୍ଡର ବିଜୟ ଶଙ୍କର ୪୬ ବଲରୁ ୭୫ ରନ କରି ସ୍ଥିତି ସମ୍ଭାଳିଥିଲେ। ତେବେ ଶଙ୍କର ୨୮ ବଲରୁ ୫ ଚୌକା ଓ ୨ ଛକା ସହ ୪୩ ରନ କରିଥିବା ବେଳେ ସାଣ୍ଟନରଙ୍କ ଅଫ୍ ସାଇଡ ବଲକୁ ସୁଇପ୍ କରିଥିଲେ ଓ ଡିପ୍ ସ୍କୋୟାରରେ କଲିନ୍ ଡି ଗ୍ରାଣ୍ଡହୋମଙ୍କ ହାତରେ ଧରା ପଡି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୨ ବଲରୁ ୧ ଚୌକା ଓ ୩ ଛକା ସହ ୨୮ ରନ କରି ଜମିଆସୁଥିବା ବେଳେ ବ୍ଲେୟାର ଟିକନରଙ୍କ ଫୁଲଟସ୍ ବଲକୁ ମାରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବଲ ବ୍ୟାଟର ଏଜ୍ ନେଇଥିଲା। ଫଳରେ ସେ ମିଡଉଇକେଟ୍‌ରେ ୱିଲିୟମସନଙ୍କ ହାତରେ ଧରାପଡିଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୧୧ ବଲରୁ ୧ ଚୌକା ଓ ୨ ଛକା ସହ ୨୧ ରନ କରି ସ୍କଟ କୁଗେଲେଜିନ୍‌ଙ୍କ ବଲ୍‌ରେ ମିଡ୍ ଅଫ୍‌ରେ କେନ୍ ୱିଲିୟମସନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୨ ରନ କରି ଡାରେଲ ମିଚେଲଙ୍କ ବଲ୍‌ରେ ଟିମ୍ ସାଉଦିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସପ୍ତମ ଉଇକେଟ ଯୋଡିରେ ଦିନେଶ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ୨୮ଟି ବଲରୁ ଅପରାଜିତ ୬୩ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ସାଣ୍ଟନର ଓ ମିଚେଲ ୨ଟି ଲେଖାଏ, କୁଗେଲେଜିନ୍ ଓ ଟିକନର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ତରଫରୁ ମୁନରୋଙ୍କ ଦ୍ରୁତ ୭୨ ରନକୁ ବାଦ୍ ଦେଲେ ଅନ୍ୟତମ ଓପନର ସେଇଫର୍ଟ ୨୫ ବଲରୁ ୩ ଚୌକା ଓ ୩ ଛକା ସହ ୪୩ ରନ କରିଥିଲେ। ଓପନିଂ ଯୋଡିରେ ଦୁଇ ଓପନର ୮୦ ରନ କରିଥିଲେ। ୱିଲିୟମସନ ୨୧ ବଲରୁ ୨୭, ଗ୍ରାଣ୍ଡହୋମ ୧୬ ବଲରୁ ୩ ଚୌକା ଓ ୧ ଛକା ସହ ୩୦ ରନ କରି ଆଉଟ ହୋଇଥିଲେ। ଡାରେଲ ମିଚେଲ ୧୧ ବଲରୁ ୧୯, ଟେଲର ୭ ବଲରୁ ୧୪ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ କୁଲଦୀପ ଯାଦବ ୨, ଭୁବନେଶ୍ୱର କୁମାର ଓ ଖଲିଲ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୧୨/୪

(ମୁନରୋ- ୭୨, ସେଇଫର୍ଟ- ୪୩, ଗ୍ରାଣ୍ଡହୋମ- ୩୦, ୱିଲିୟମସନ- ୨୭, କୁଲଦୀପ- ୨/୨୬)।


ଭାରତ ୨୦ ଓଭରରେ ୨୦୮/୬

(ଶଙ୍କର- ୪୩, ରୋହିତ- ୩୮, ପନ୍ତ- ୨୮, ହାର୍ଦ୍ଦିକ- ୨୧, କାର୍ତ୍ତିକ- ୩୩*, କ୍ରୁନାଲ- ୨୬*, ସାଣ୍ଟନର- ୨/୩୨, ମିଚେଲ- ୨/୨୭)।

### ଧୋନୀ ପ୍ରଥମ ଭାରତୀୟ କ୍ରିକେଟର

ନୂଆଦିଲ୍ଲୀ,୧୦।୨

ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରବିବାର ନିଜ କ୍ୟାରିୟରରେ ଆଉ ଏକ ସଫଳତା ପାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଟି୨୦ ମ୍ୟାଚ୍ ଖେଳି ସେ ଦେଶର ପ୍ରଥମ କ୍ରିକେଟର ଭାବେ ୩୦୦ ଟି୨୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ମୋଟ ଉପରେ ୩୦୦ରୁ ଊର୍ଦ୍ଧ୍ୱ ଟି୨୦ ମ୍ୟାଚ୍ ଖେଳିଥିବା କ୍ରିକେଟରଙ୍କ ତାଲିକାରେ ଧୋନୀ ଦ୍ୱାଦଶ ସ୍ଥାନରେ ରହିଛନ୍ତି।



ଭେଟେରାନ ଉଇକେଟକିପର ଧୋନୀଙ୍କ ସହ ଇଂଲଣ୍ଡର ଅଲ୍‌ରାଉଣ୍ଡର ଲ୍ୟୁକ ରାଇଟ୍ ମିଳିତ ଭାବେ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଧୋନୀ ଟି୨୦ କ୍ୟାରିୟରରେ ଏପର୍ଯ୍ୟନ୍ତ ୩୮.୩୫ ହାରରେ ୬୧୩୬ ରନ୍ କରିଛନ୍ତି। ଏଥିରେ ୨୪ଟି ଅର୍ଦ୍ଧଶତକ ରହିଛି। ଭାରତୀୟ କ୍ରିକେଟରଙ୍କ ମଧ୍ୟରେ ଧୋନୀଙ୍କ ପଛକୁ ରୋହିତ ଶର୍ମା (୨୯୮) ଓ ସୁରେଶ ରାଇନା (୨୯୬) ରହିଛନ୍ତି। ସୂଚନାଯୋଗ୍ୟ, ସର୍ବାଧିକ ୪୪୬ ଟି୨୦ ମ୍ୟାଚ୍ ଖେଳି ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର କିରନ ପୋଲାର୍ଡ ଶୀର୍ଷରେ ରହିଛନ୍ତି।

## ୩ ବର୍ଷ ପରେ ଜାତୀୟ ଦଳକୁ ଫେରିଲେ କଳ୍ପନା

ନୂଆଦିଲ୍ଲୀ,୧୦।୨

ଆଗାମୀ ଇଂଲଣ୍ଡ ଗସ୍ତ ଲାଗି ରବିବାର ଭାରତୀୟ ମହିଳା କ୍ରିକେଟ ଦଳ ଘୋଷିତ ହୋଇଯାଇଛି। ଏହି ଦଳରେ ରବି କଳ୍ପନା ସ୍ଥାନ ପାଇଛନ୍ତି। ଦୀର୍ଘ ୩ ବର୍ଷର ବ୍ୟବଧାନ ପରେ ସେ ଜାତୀୟ ଦଳରେ ସାମିଲ ହୋଇଛନ୍ତି। ୨୦୧୫ରେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିବା ଉଇକେଟକିପର ବ୍ୟାଟ୍ସ୍‌ମ୍ୟାନ କଳ୍ପନା ଅନ୍ତିମଥର ଲାଗି ୨୦୧୬ ଫେବୃୟାରୀରେ ଖେଳିଥିଲେ। ତାଙ୍କୁ ଦାୟାଲାନ ହେମଲତାଙ୍କ ବଦଳ ଖେଳାଳି ଭାବେ ଦଳରେ ସ୍ଥାନ ମିଳିଛି। ହେମଲତା ନ୍ୟୁଜିଲାଣ୍ଡ ବିପକ୍ଷ ୨ୟ ଟି୨୦ ମ୍ୟାଚ୍‌ରେ ଆହତ ହୋଇଥିଲେ। ତାଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡଠାରେ ଖେଳୁଥିବା ଦଳରେ କୌଣସି ପରିବର୍ତ୍ତନ ହୋଇନାହିଁ। ଇଂଲଣ୍ଡ ଦଳ ଭାରତ ଗସ୍ତରେ ଆସି ୩ ଦିନିକିଆ ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ ୱାଙ୍ଖେଡେ ଷ୍ଟାଡିୟମ୍‌ଠାରେ ଚଳିତ ମାସ ୨୨, ୨୩ ଓ ୨୮ ତାରିଖରେ ଖେଳାଯିବ। ଏହି ସିରିଜ ଆଇସିସି ମହିଳା ଚାମ୍ପିୟନଶିପ୍‌ର ଅଂଶବିଶେଷ। ଦିନିକିଆ ସିରିଜ୍ ଭଳି ଗୁଆହାଟୀଠାରେ ଉଭୟ ଦଳ ମଧ୍ୟରେ ୩ଟି ଟି୨୦ ମ୍ୟାଚ୍ ଅନୁଷ୍ଠିତ ହେବ।

ଭାରତୀୟ ମହିଳା ଦଳ: ମିଥାଲି ରାଜ(ଅଧିନାୟିକା), ଝୁଲଣ ଗୋସ୍ୱାମୀ, ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗୁଏଜ, ହରମନପ୍ରୀତ୍ କୌର, ଦୀପ୍ତି ଶର୍ମା, ତାନିୟା ଭାଟିଆ ଓ ଆର. କଳ୍ପନା(ଉଇକେଟକିପର), ମୋନା ମେଶ୍ରମ, ଏକ୍ତା ବିସ୍ତ, ରାଜେଶ୍ୱରୀ ଗାଏକ୍ୱାଡ୍, ପୁନମ ଯାଦବ, ଶିଖା ପଣ୍ଡେ, ମାନସୀ ଯୋଶୀ ଓ ପୁନମ୍ ରାଉତ।

## ମହିଳା ଟି୨୦ରେ ନ୍ୟୁଜିଲାଣ୍ଡର କ୍ଲିନ ସୁଇପ୍

ହାମିଲଟନ,୧୦।୨

ସ୍ଥାନୀୟ ସେଡନ ପାର୍କଠାରେ ଖେଳାଯାଇଥିବା ଭାରତୀୟ ଦଳ ବିପକ୍ଷ ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ଦଳ ୨ ରନ୍‌ରେ ଜିତି ନେଇଛି। ଏହି ବିଜୟ ସହ ଘରୋଇ ନ୍ୟୁଜିଲାଣ୍ଡ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ କ୍ଲିନ ସୁଇପ ହାସଲ କରିଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୬୨ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ଭାରତୀୟ ଦଳ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୧୫୯ ରନ୍ କରିବାକୁ ସକ୍ଷମ ହୋଇଥିଲା।



ଭାରତକୁ ୩-୦ରେ ପରାସ୍ତ କରିଥିବା ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍ ଟିମ୍ ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଘରୋଇ ଦଳ ସୋଫି ଡେଭିନଙ୍କ ୭୨ ରନ୍‌ର ଇନିଂସ ବଳରେ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୧୬୧ ରନ୍ କରିଥିଲା। ଦଳ ପାଇଁ ଅଧିନାୟିକା ଆମି ସାଟ୍ଟରଥୱେଟ ୩୧ ଓ ସୁଜି ବାଟେ ୨୪ ରନ୍ କରିଥିଲେ। ଭ୍ରମଣକାରୀ ବୋଲରଙ୍କ ମଧ୍ୟରେ ଦୀପ୍ତି ଶର୍ମା ୨ ଉଇକେଟ ନେଇଥିଲେ। ଜବାବରେ ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ୮୬ ରନ୍ ଇନିଂସ ସତ୍ତ୍ୱେ ଭାରତ ବିଜୟ ଲକ୍ଷ୍ୟଠାରୁ ୩ ରନ୍ ପଛରେ ରହିଯାଇଥିଲା। ମନ୍ଧାନା ୬୨ ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୧ ଛକା ଲଗାଇଥିଲେ। ଜେମିମା ରୋଡ୍ରିଗୁଏଜ ୨୧, ମିଥାଲି ରାଜ ୨୪ ଓ ଦୀପ୍ତି ଶର୍ମା ୨୧ ରନ କରିଥିଲେ। ବିଜୟୀ ଦଳର ଡେଭିନ ୨ ଉଇକେଟ ନେଇଥିଲେ।

## ଦୃଷ୍ଟିହୀନ ନାଗେଶ ଟ୍ରଫି କ୍ରିକେଟ: ଓଡ଼ିଶା ଚାମ୍ପିୟନ



ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଟିମ୍‌ର ଖେଳାଳି ଟ୍ରଫି ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର,୯।୨(ସ୍ପୋର୍ଟ୍ସ ବ୍ୟୁରୋ)

କୋଲକାତାରେ ଚାଲିଥିବା ଦୃଷ୍ଟିହୀନ ନାଗେଶ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଟାଇଟଲ ହାସଲ କରିଛି। ରବିବାର ସ୍ଥାନୀୟ ଇଡେନ ଗାର୍ଡେନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୧୪ ରନରେ ଆନ୍ଧ୍ରପ୍ରଦେଶକୁ ହରାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଜବାବରେ ଆନ୍ଧ୍ରପ୍ରଦେଶ ୫ ଉଇକେଟ ହରାଇ ୧୯୧ ରନ କରି ପରାସ୍ତ ହେବା ସହ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ବି ୩ ଓ ବି୧ କାଟାଗୋରୀରେ ଓଡ଼ିଶାର ପଙ୍କଜ ଭୁଏ ଓ ଜାଫର ଇକ୍‌ବାଲ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ସେହିପରି ଆନ୍ଧ୍ରର ଅଜୟ ରେଡ୍ଡୀ ବି୨ କାଟାଗୋରୀରେ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ପଙ୍କଜ ସେମିଫାଇନାଲ ଓ ଫାଇନାଲ ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚାମ୍ପିୟନ ଓଡ଼ିଶା ଟ୍ରଫି ସହ ଆସୋସିଏଶନ ଅଫ୍ ବ୍ଲାଇଣ୍ଡ୍ ଇନ୍ ଇଣ୍ଡିଆଠାରୁ ଏକ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିଛି। ଶନିବାର ଭାରତ ସେମିଫାଇନାଲରେ ଝାଡଖଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଓଡ଼ିଶା ଏହି ଟୁର୍ନାମେଣ୍ଟରେ ଗ୍ରୁପ୍ ଡି'ରେ ସାମିଲ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ମୋଟ ଉପରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଗୋଆ, ରାଜସ୍ଥାନ, ପଣ୍ଡିଚେରୀ ଓ ପଞ୍ଜାବକୁ ହରାଇଥିଲା। ତେବେ ଓଡ଼ିଶା ଏକମାତ୍ର ମ୍ୟାଚ୍ କର୍ଣାଟକଠାରୁ ପରାସ୍ତ ହୋଇଥିଲା। ଫଳରେ ଗ୍ରୁପ୍ ଡି'ର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଗତ୨୫ ତାରିଖରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ହରିୟାଣାକୁ ପରାସ୍ତ କରି ତୃତୀୟ ଦଳ ଭାବେ ସେମିରେ ପ୍ରବେଶ କରିଥିଲା। ଚତୁର୍ଥଥର ପାଇଁ ଓଡ଼ିଶା ଏହି ଜାତୀୟସ୍ତର ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା। ୨୦୧୬ରେ ଓଡ଼ିଶା ଗୁଜରାଟକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା।

ଦଳର ମୁଖ୍ୟ ଉପଦେଷ୍ଟା ପ୍ରକାଶ ରଥ, ସମ୍ପାଦକ ସନ୍ନ୍ୟାସ ବେହେରା, ମହିଳା ଟିମ୍ କୋଚ୍ ଅର୍ପିତା ମହାପାତ୍ର, ଉପ- ସଭାପତି ଅଶୋକ କୁମାର ସାହୁ ଓ ବି.ଆର.ଏମ.ଏ.ଏସ.ଏଚ୍.ଏ. ଉପ- ସଭାପତି ପ୍ରଦୀପ୍ତ ରଥ ଚାମ୍ପିୟନ ଓଡ଼ିଶା ଦଳକୁ ଅଭିନନ୍ଦନ ତଥା ଶୁଭେଚ୍ଛା ଜଣାଇଛନ୍ତି।

## ଅଜିତ୍ ୱାଡେକର ଟ୍ରଫି ଜିତିଲା ଓଡ଼ିଶା

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଅଜିତ୍ ୱାଡେକର ମେମୋରିଆଲ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ୍ ଟୁର୍ନାମେଣ୍ଟରେ ଓଡ଼ିଶା ଟିମ୍ ଚାମ୍ପିୟନ ହୋଇଛି। ରବିବାର ସ୍ଥାନୀୟ ପାରାମାଉଣ୍ଟ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଖେଳାଯାଇଥିବା ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୨୧ ରନରେ ପ୍ରତିପକ୍ଷ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ୍ ହରାଇ ୧୪୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବଳରାମ ବସ୍ତିଆ ୨୯ ବଲରୁ ୧୦ ଚୌକା ଓ ୨ ଛକା ସହାୟତାରେ ୬୨ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ସାହୁ ୩୨, ଲଳିତ ସେନାପତି ୧୯ ରନ କରିଥିଲେ। ଝାଡ଼ଖଣ୍ଡ ପକ୍ଷରୁ ବବନ ସିଂ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଝାଡ଼ଖଣ୍ଡ ବବୁଲ ଗୋପେ (୩୨), ଅମିତ୍ କୁମାର (୨୧) ଓ ବବନଙ୍କ (୨୧) ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍‌ରେ ୧୨୦ ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ପକ୍ଷରୁ ମହମ୍ମଦ ସୋହେଲ ଖାଁ ୨ଟି ଏବଂ ଉଦିତ୍ ଅକ୍ଷୟ, ବଳରାମ ପଣ୍ଡା ଓ ସୁରେନ୍ଦ୍ର ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଡେପୁଟି କମିଶନର ଅନୁପ କୁମାର ସାହୁ, ପ୍ରତାପ ଜେନା ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।



ଅଜିତ୍ ୱାଡେକର ଟ୍ରଫି ଚାମ୍ପିୟନ ଓଡ଼ିଶା ଦଳ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/4 2/18-20. ଭୁବନେଶ୍ୱର, ସୋମବାର, ୧୧ ଫେବୃୟାରୀ, ୨୦୧୯ Bhubaneswar, Monday, 11 February, 2019

## ୨ ଯୁବକଙ୍କୁ ଆକ୍ରମଣ କରି ନିର୍ଘୂମ ମାଡ଼ ଖାଇଲେ ସମିତିସଭ୍ୟାଙ୍କ ପୁଅ

**ଜଳେଶ୍ୱର, ୧୦।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ସହର ଉପକଣ୍ଠସ୍ଥ ଆମ୍ବିଳିଅଠା ଛକଠାରେ ଶନିବାର ବିଳମ୍ବିତ ରାତିରେ ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ବାଲିମ ପଞ୍ଚାୟତର ସମିତିସଭ୍ୟ ଗୌରାଙ୍ଗ ଦାସଙ୍କ ପୁଅ ରତନ ଆମ୍ବିଳିଅଠା ଗ୍ରାମର ୨ଜଣ ଯୁବକଙ୍କୁ ଆକ୍ରମଣ କରି ଗ୍ରାମବାସୀଙ୍କ ଦ୍ୱାରା ନିର୍ଘୂମ ମାଡ ଖାଇଛନ୍ତି। ପୋଲିସ ପହଞ୍ଚି ରତନଙ୍କ ସମେତ ଆହତ ଦୁଇଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ଜିକେ ଭଟ୍ଟର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଛି। ରବିବାର ଆହତଙ୍କ ପରିବାର ତରଫରୁ ରତନଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା(ନଂ.୨୯/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହିତ ପୋଲିସ ରତନଙ୍କଠାରୁ ଏକ ଦେଶୀ ମାଉଜର, ପୋଲିସ ଲେଖାଥିବା ନମ୍ବର ପ୍ଲେଟ୍, ୬୦୩ ଟଙ୍କା ଓ ବାଇକ ଜବତ କରିଛି।

କୁରୁଣ୍ଡିଆ ଗ୍ରାମର ରତନ ନାଛିନ୍ଦା ଗ୍ରାମର ଅମର ଦେଙ୍କୁ ନେଇ ଏକ ବାଇକ୍ ଯୋଗେ ଜଳେଶ୍ୱରରୁ ନିଜ ଘରକୁ ଫେରୁଥିଲେ। ସେହି ସମୟରେ ଆମ୍ବିଳିଅଠା ଗ୍ରାମର ସୁଶାନ୍ତ କର ଓ ସଞ୍ଜୀବ କରଙ୍କ ସହିତ ରତନଙ୍କର କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ରତନ ଉତ୍ତେଜିତ ହୋଇ ଏକ ଧାରୁଆ ଅସ୍ତ୍ରରେ ଉଭୟ ସୁଶାନ୍ତ ଓ ସଞ୍ଜୀବଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏମାନଙ୍କ ଚିତ୍କାର ଶୁଣି ଆଖପାଖ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ରତନ ଓ ଅମରଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ରତନ ନିଜ ପାଖରେ ଥିବା ଏକ ଦେଶୀ ମାଉଜର ଦେଖାଇ ସମସ୍ତଙ୍କୁ ଭୟଭୀତ କରିଥିଲେ। ଫଳରେ ଗ୍ରାମବାସୀ ଉତ୍ୟକ୍ତ ହୋଇ ରତନଙ୍କୁ ଏକ ଖୁଣ୍ଟରେ ବାନ୍ଧି ନିର୍ଘୂମ ଛେଚିଥିଲେ। ପୋଲିସ ରତନ, ଆହତ ସୁଶାନ୍ତ ଓ ସଞ୍ଜୀବଙ୍କୁ ଉଦ୍ଧାର କରିଥିଲା।




| Models | Hexa | Nexon | Tiago | Tigor |
|---|---|---|---|---|
| Ex-Showroom Price | ₹12.99Lakh* | ₹6.50Lakh* | ₹4.37Lakh* | ₹5.63Lakh* |
| Exchange Offer | ₹20,000* | ₹20,000* | ₹15,000* | ₹25,000* |
| Maximum Benefit | ₹1,07,000* | ₹76,000* | ₹56,000* | ₹90,000* |

Special offers for Government / Corporate Employees, Police Dept. , LIC Employee & Agents , Government Hospital - Doctors & Staff, Hardware & Paint Shop Owners*

TRUST OF INDIA
EXCHANGE THROUGH TATA MOTORS ASSURED

Authorised TATA Motors Dealerships:

BHUBANESWAR- Shree Bharat Motors- 7574808799, Trupti Enterprises- 8527232272 PURI /KENDRAPADA - Trupti Enterprises- 8527232272 NAYAGARH-Trupti Enterprises- 8527232272. PARADIP- Trupti Enterprises- 8527232272, CUTTACK/KEONJHAR/JAJPUR - Gugnani Autocars: 9667952020. ANGUL- Monalisha Motors: 8884498968. DHENKANAL- Monalisha Motors: 8884498968. BALASORE: Gugnani Autocars: 9667952020. KEONJHAR/JAJPUR- Gugnani Autocars: 9667952020. BERHAMPUR - Shree Bharat Motors: 8448994721. JEYPORE- Laxmi Sales & Service- 8448994722.

*Offer valid on select model/colour and on available stocks at Tata Motors authorized dealerships. February benefits include exchange bonus, savings due to expected price hike, corporate offers and cash discounts if any. Images and illustrations are indicative and for information purposes only. All features/specifications are not available in all variants and may vary for different variants. Accessories may or may not be a part of standard fitment. Finance is at the sole discretion of the Financier. Price is Ex-Showroom Bhubaneswar. Terms & Conditions apply.




ଯେକୌଣସି ସୁଜୁକି ଟୁ-ହ୍ୱିଲର୍ କିଣନ୍ତୁ ଏବଂ ₹12,000/-* ପର୍ଯ୍ୟନ୍ତର ଲାଭ ହାସଲ କରନ୍ତୁ

₹5,000/-* ପର୍ଯ୍ୟନ୍ତର ନିଶ୍ଚିତ ବୀମା ଲାଭ

100%* ପର୍ଯ୍ୟନ୍ତର ଫାଇନାନ୍ସ ଉପଲବ୍ଧ - ଅନ୍-ଦ-ସ୍ପଟ୍ ଆପ୍ରୁଭାଲ୍

Scan and Book
Paytm mall ଜରିଆରେ ବୁକ୍ କରନ୍ତୁ ଆଉ ₹7,000/-* ପର୍ଯ୍ୟନ୍ତର ଲାଭ ପାଆନ୍ତୁ

ସରକାରୀ କର୍ମଚାରୀ/ କର୍ପୋରେଟ୍ ସ୍କିମ୍ - ₹2,000/-* ପର୍ଯ୍ୟନ୍ତର ଲାଭ

Disclaimer: • Images used are for illustration purposes only. • Accessories shown in the pictures are not a part of the standard product and may vary from variant to variant. • Fuel efficiency as certified by iCAT under rule 115 of CMVR, 1989. • Finance at sole discretion of the finance company. • Paytm Benefits as per Paytm offer(s). • Offers are from Suzuki Motorcycle Authorized dealer(s). • Gold Coin is of 22 carat.

Ride safe. Wear a helmet.

For further information call Suzuki Motorcycle India Private Limited (toll-free): 1800 - 121 - 7996 or write to us at: customer.queries@suzukimotorcycle.in

Orissa: Bhubaneswar: Jyote Suzuki Patia, Ph: 8338033885, Super Sales Bapuji Nagar, Ph: 7873978600, 0674-2597491, 2597823, Cuttack: Shree Mahaveer Suzuki, Ph: 0671-2367441, 7440036300, 7440036303, Jajpur Road: Om Sai Suzuki, Ph: 8598899002, 8598899001, Berhampur: Berhampur Suzuki, Ph: 9437558282, 9040023499, 0680-2226633, 7873942227, Bhawanipatna: Aditya Suzuki, Ph: 9437092325, 06670-234475, Rourkela: Sinha Suzuki, Panposh Road, Rourkela, Ph: 7077704214, 9090246046, Jeypore: Surya Suzuki, beside IDBI BANK, Ph: 7873656466, 8763811186, Baripada: Seba Motors, Chhamch (Near Income Tax Office) Baripada, Ph: 8249440465, Keonjhar: Sai Kritika Suzuki, Madhupur Square, NH 49, Keonjhar, Ph: 9437056114, 8249660711, Bhadrak: Toshali Suzuki, Bonch Chowk, Near Bus Stand, Bhadrak, Ph: 7008217628, 9437084997, Sambalpur: Trinity Suzuki, NH -6, Panchgachia, Baraipali, Sambalpur, Ph: 7205950221, 8093450221.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




# ଆଜି ସୁକିନ୍ଦା କଂଗ୍ରେସ ପକ୍ଷରୁ ମିଲିଟାରୀ ଛକ ବନ୍ଦ

**କଳିଙ୍ଗନଗର,୧୦।୨(ଡି.ଏନ.ଏ.):** ୪ ଦଫା ଦାବିରେ ସୁକିନ୍ଦା କଂଗ୍ରେସ ପକ୍ଷରୁ ସୋମବାର କଳିଙ୍ଗନଗର ଏବଂ ଯାଜପୁରରୋଡର ମୁଖ୍ୟ ରାସ୍ତା ମିଲିଟାରୀ ଛକ ବନ୍ଦ କରିବା ପାଇଁ ଡାକରା ଦିଆଯାଇଛି। ମାନପୁର ଓଭର ବ୍ରିଜର ସମ୍ପୂର୍ଣ୍ଣ ମରାମତି, ବନ୍ଦ ଥିବା ରେଳ ଫାଟକ ଖୋଲିବା, ମାନପୁରଠାରେ ଦ୍ୱିତୀୟ ଓଭର ବ୍ରିଜ ନିର୍ମାଣ, ମାନପୁର ଓଭର ବ୍ରିଜର ନିମ୍ନମାନର କାମ କରିଥିବା ଠିକାଦାରଙ୍କ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଇତ୍ୟାଦି ୪ଦଫା ଦାବି ନେଇ ଆନ୍ଦୋଳନ କରାଯିବ। ଏହି ଦାବି ସମ୍ପର୍କରେ ପୂର୍ବରୁ ଜିଲାପାଳ, ରେଳ ବିଭାଗ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଦାନଗଦି ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ୧୧ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସୁକିନ୍ଦା କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଜିଲା ସାଧାରଣ ସମ୍ପାଦକ ରାଇଚରଣ ମହାନ୍ତି, ଦାନଗଦି ବ୍ଲକ ସାଧାରଣ ସମ୍ପାଦକ ଦୟାନିଧି ପଲାଇ, ଓବିସି ସେଲ ଜିଲା ସଭାପତି ମଧୁସୂଦନ ସାହୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ କହିଥିଲେ। ଅପରପକ୍ଷରେ ଦାନଗଦି ବ୍ଲକ ବିଜେଡିର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ରାୟ ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ସୁକିନ୍ଦା କଂଗ୍ରେସର ଏହି ଆନ୍ଦୋଳନକୁ ଅପ୍ରାସଙ୍ଗିକ ବୋଲି କହିଛନ୍ତି। ଗତ ୨୪।୪।୨୦୧୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମାନପୁର ଓଭର ବ୍ରିଜ ଉଦ୍‌ଘାଟନ କରିବା ସମୟରେ ଏଠାରେ ୨ୟ ସେତୁ ନିର୍ମାଣ ପାଇଁ ଅର୍ଥ ରାଶି ଘୋଷଣା କରିଥିଲେ। ସୁକିନ୍ଦା ବିଧାୟକଙ୍କ ଉଦ୍ୟମରେ ଜିଲା ଖଣିଜ ପାଣ୍ଠିରୁ ୨୯ କୋଟି ୧୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ୨ୟ ବ୍ରିଜ ନିର୍ମାଣ ପାଇଁ ନକ୍ସା ଓ ଡିଜାଇନ ରେଳବାଇ ନିକଟରେ ଅନୁମୋଦନ ଅପେକ୍ଷାରେ ଅଛି, ଯାହାଫଳରେ ବ୍ରିଜ କାମର ଟେଣ୍ଡର ନିମନ୍ତେ ବିଳମ୍ବ ହେଉଛି।

■ ଉଦ୍‌ଘାଟନକୁ ବର୍ଷେ ବିତିଲା

# କାମରେ ଲାଗୁନି ପାଣିଟାଙ୍କି

ଯାଜପୁରରୋଡ୍,୧୦।୨(ନି.ପ୍ର.)

ବ୍ୟାସନଗର ପୌର ପରିଷଦର ଚୋରଦା, କହ୍ନେଇପୁର, ହୁଡ଼ିସାହି ଆଦି ଅଞ୍ଚଳକୁ ପାନୀୟ ଜଳ ଯୋଗାଇଦେବା ପାଇଁ ଚୋରଦା ହାଇସ୍କୁଲ ନିକଟରେ ଏକ ବୋରିଂ ଓ ୨ ଶହ ଲିଟର ବିଶିଷ୍ଟ ଏକ ପାଣିଟାଙ୍କି ନିର୍ମାଣ କରାଯାଇଥିଲା। ୨୦୦୫ରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଏହି ବୋରିଂର ଶିଳାନ୍ୟାସ କରିଥିଲେ। ୨୦୧୭ରେ ବିଧାୟକ ଆକାଶ ଦାସ ନାୟକ, ପୌରାଧ୍ୟକ୍ଷା ସବିତା ରାଉତ ପୁନର୍ବାର ବୋରିଂ ଓ ପାଣିଟାଙ୍କି ଉଦ୍‌ଘାଟନ କରିଥିଲେ। କିନ୍ତୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁନାହିଁ। ଏବେ ବୋରିଂ ଅଚଳ ହେବା ସହ ପାଣିଟାଙ୍କି ମଧ୍ୟ କାର୍ଯ୍ୟରେ ଲାଗୁନି। ଫଳରେ ଜଳର ସଂକଟ ଦେଖାଦେଇଛି। ବୋରିଂ ଓ ଟାଙ୍କି ଚତୁଃପାର୍ଶ୍ୱରେ ଗଛଲତା ଉଠିବା ସହ ବୋରିଂ ଘର ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ପୌର ପରିଷଦରେ ଏହିପରି ଭାବେ ଅନେକ ବୋରିଂ ବନ୍ଦ ହେବାକୁ ବସିଲାଣି। ୫୦ବର୍ଷ ଦୃଷ୍ଟିରେ ରଖି ଯୋକଡ଼ିଆଠାରେ ପାଣି ପ୍ରକଳ୍ପ ଶୁଭାରମ୍ଭ ହୋଇଥିଲା। ହେଲେ ୧୦ବର୍ଷ ବିତିଯାଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇନାହିଁ। ଏହି ପ୍ରକଳ୍ପ ସେପ୍ଟେମ୍ବରରେ ଉଦ୍‌ଘାଟନ ହେବାର ଥିଲା। ଏ ସମ୍ପର୍କରେ ଧବଳଗିରି ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ, ଚୋରଦାଠାରେ ହୋଇଥିବା ପମ୍ପ ହାଉସ୍ ଓ ଟାଙ୍କି ତାଙ୍କ ପୂର୍ବରୁ ନିର୍ମାଣ ହୋଇଥିଲା। କୌଣସି ତ୍ରୁଟି ଯୋଗୁ ଟାଙ୍କିକୁ ପାଣି ନ ଯିବାରୁ ଅଚଳ ହୋଇପଡ଼ିଛି। ଯୋକଡ଼ିଆ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଏହି ଟାଙ୍କିଟି କାର୍ଯ୍ୟକାରୀ ହେବ ବୋଲି ସେ କହିଥିଲେ।



■ ୨୦୧୭ରେ ଉଦ୍‌ଘାଟନ ହୋଇଥିଲା

■ ଟାଙ୍କିରେ ୨ ଶହ ଲିଟର ପାଣି ରହିବାର କ୍ଷମତା ରହିଛି

■ କୋରେଇ ବ୍ଲକରେ ସମିତିସଭ୍ୟଙ୍କୁ ଅଣଦେଖା

# ଧାରଣାରେ ବସିବେ ସଭ୍ୟାସଭ୍ୟ

କୋରେଇ, ୧୦।୨(ସ୍ୱ.ପ୍ର.)

କୋରେଇ ବ୍ଲକରେ ସମିତିସଭ୍ୟଙ୍କୁ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ ହୋଇଛି। ନିୟମିତ ସମିତି ବୈଠକ ନ ହେବା ଓ ମନଇଚ୍ଛା ପ୍ରକଳ୍ପ ବିବରଣୀରେ ସ୍ଥାନ ପାଇବା, ପଞ୍ଚାୟତରେ ମନମୁଖିଭାବେ ଉନ୍ନୟନ କାର୍ଯ୍ୟ ହେବା, ସମିତିସଭ୍ୟଙ୍କ ଅଗୋଚରରେ ବିନା ଅନୁମୋଦନରେ ଏଫଡିଆର ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏ ନେଇ ଶୁକ୍ରବାର ସମିତିସଭ୍ୟ ପ୍ରତିନିଧି ସନ୍ତୋଷ କୁମାର ବେହେରାଙ୍କ ସଭାପତିତ୍ୱରେ ଓ ବ୍ଲକ ଉପାଧ୍ୟକ୍ଷ ଅନିଲ ମହାପାତ୍ରଙ୍କ ସଞ୍ଚାଳନାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୭ ଦିନ ମଧ୍ୟରେ ଏଥିରେ ସୁଧାର ନ ହେଲେ ସଭ୍ୟାସଭ୍ୟ ବ୍ଲକ କାର୍ଯ୍ୟାଳୟରେ ଧାରଣାରେ ବସିବେ ବୋଲି ନିଷ୍ପତ୍ତି ନିଆଯାଇଛି। କୁଳମଣି ଦାସ, ସୁଶାନ୍ତ ସାହୁ, ଅଶୋକ ବାରିକ, ସେକ ଜହର ଅଲ୍ଲୀ, ନିତ୍ୟାନନ୍ଦ ସାହୁ, ଉମାକାନ୍ତ ମଳିକ, ସୁଷମା ଦାଶ, ବଳରାମ ସେଠୀ, ଲକ୍ଷ୍ମୀଧର କରଣ, ପଦ୍ମଲୋଚନ ଦାସ, ରାଧାରାଣୀ ପାତ୍ର, ଗୁଣ୍ଡିଚା ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସଡ଼କ ସୁରକ୍ଷା ସପ୍ତାହ ପାଳିତ

ରସୁଲପୁର,୧୦।୨(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ୧୬ନଂ ଜାତୀୟ ରାଜପଥ ବିଜୁ ପରିବା ପରିବହନ କେନ୍ଦ୍ରଠାରେ ରବିବାର ଧର୍ମଶାଳା ପୋଲିସ ଓ ଆଞ୍ଚଳିକ କୃଷକ ସେବା ସମିତିର ମିଳିତ ପ୍ରୟାସରେ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ସେବା ସମିତି ସଭାପତି ଅନନ୍ତ କିଶୋର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ପରିବା ହାଟ ସ୍ଥଳରେ ସଚେତନତା ସୃଷ୍ଟି କରିଥିଲା। ଗାଡି ଚଳାଇବା ସମୟରେ ଟ୍ରାଫିକ୍ ନିୟମ ମାନିବା, ଡ୍ରାଇଭିଂ ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବା, ନିଶାଦ୍ରବ୍ୟ ସେବନ ନ କରିବା, ଦ୍ରୁତଗତିରେ ଗାଡି ନ ଚଳାଇବା ଭଳି ନାନା ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ସଡ଼କ ନିୟମ ପାଳନ କରି ଯାତାୟାତ କରୁଥିବା ଗାଡି ଓ ବାଇକ ଚାଳକଙ୍କୁ ପୋଲିସ ଏସଆଇ ଜହର ଆବିଦିନ, ଏଏସଆଇ ରାଜକିଶୋର ନାୟକ, ଶୁଭସ୍ମିତା ପୃଷ୍ଟି, ସମିତି ପକ୍ଷରୁ ଜଗବଂଧୁ ମଲିକ, ଶିବସୁନ୍ଦର ମଲିକ, ଶ୍ୟାମସୁନ୍ଦର ଦାସ, ଆକୁଳାନନ୍ଦ ଜେନାମଣି ପ୍ରମୁଖ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ।

# ମୋ ବୁଥ୍ ମୋ ଗୌରବ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ କର୍ମୀ।

**କୋରେଇ,୧୦।୨(ସ୍ୱ.ପ୍ର.):** କୋରେଇ କଂଗ୍ରେସ ପକ୍ଷରୁ ଶନିବାର ବଡବିରୁହାଁ ପଞ୍ଚାୟତ ଖେଳପଡିଆଠାରେ ୩ନଂ. ଜୋନସ୍ତରୀୟ ମୋ ବୁଥ ମୋ ଗୌରବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୩ ନଂ. ଜୋନ ସଭାପତି ଯୋଗେନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ତଥା ପ୍ରଚାର କମିଟି ସଦସ୍ୟା ବନ୍ଦିତା ପରିଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ, ଜିଲା ଦଳିତ ସେଲ ସଭାପତି ବାବୁଲାଲ ଗୁରୁ, ବ୍ୟାସନଗର ପୌରାଞ୍ଚଳର ତପନ କୁମାର ନାୟକ, ଜିଲା ପରିଷଦ ପ୍ରାର୍ଥୀ ଅକ୍ଷୟ ଜେନା, ଜିଲା ଉପସଭାପତି ଦିଲୀପ ମଲ୍ଲିକ, ବ୍ଲକ ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ମହେନ୍ଦ୍ର ନାୟକ, ଅରୁପାନନ୍ଦ ମଲ୍ଲିକ, ନିଳମଣି ମହାପାତ୍ର, ସୁଶାନ୍ତ ସେନାପତି, ରାମଚନ୍ଦ୍ର ସାହୁ, ପ୍ରଭାତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ୩ ନଂ. ଜୋନ ଅଧୀନରେ ଥିବା ୯ ପଞ୍ଚାୟତର ୪୮ ବୁଥ୍‌ରୁ କମିଟି ସଦସ୍ୟମାନେ ଯୋଗ ଦେଇଥିଲେ। କେନ୍ଦ୍ରରେ ଭାଜପା ସରକାର ଓ ରାଜ୍ୟରେ ବିଜେଡି ସରକାର ଦୁର୍ନୀତିର ଗୋଟିଏ ଡଙ୍ଗାରେ ବସି ବିଭିନ୍ନ ଯୋଜନାରେ ନିଜ ଦଳୀୟ କର୍ମୀଙ୍କୁ ଥଇଥାନ କରୁଥିବା କହିଥିଲେ। ଆଗାମୀ ନିର୍ବାଚନ ପାଇଁ ସମସ୍ତେ ଏକାଠି ହୋଇ କଂଗ୍ରେସକୁ ବିଜୟ କରିବା ପାଇଁ ପ୍ରସ୍ତୁତ ରହିବାକୁ ଉପସ୍ଥିତ ନେତାମାନେ ଆହ୍ୱାନ ଦେଇଥିଲେ। ବ୍ୟାସନଗର ପୌରାଞ୍ଚଳର ପୂର୍ବତନ ଉପନଗରପାଳ କଂଗ୍ରେସ ନେତା ପ୍ରମୋଦ ପରିଡା, ଶତାଧିକ କଂଗ୍ରେସ ଯୁବତୀ ଯୁବକ ଉପସ୍ଥିତ କର୍ମୀଙ୍କୁ 'ଶକ୍ତି' ଆପ୍ ସମ୍ପର୍କରେ ବୁଝାଇଥିଲେ।

### ସରିଲା ନବକୁଣ୍ଡୀୟ, ଦୀପଦାନ ଯଜ୍ଞ

# ୩୦୦୮ ଦୀପଦାନ କଲେ ମହିଳା

**ରସୁଲପୁର,୧୦।୨(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତର ଐତିହାସିକ ନାରାୟଣ ଗୋସାଇଁଙ୍କ ପୀଠରେ ଆୟୋଜିତ ଦ୍ୱାଦଶ ବାର୍ଷିକ ନବକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଓ ଦୀପଦାନ ମହାଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଠରେ ଆୟୋଜିତ ଯଜ୍ଞକୁ ନେଇ ୪ଟି ପଞ୍ଚାୟତ ଚଳଚଞ୍ଚଳ ହୋଇଉଠିଥିଲା। ଭକ୍ତଗଣ ଯଜ୍ଞ କୁଣ୍ଡରେ ପୂର୍ଣ୍ଣାହୂତି ପୂର୍ବକ ଘୃତ, ନାରିକେଳ, ସାକଲ୍ୟ ଓ ଅନ୍ୟାନ୍ୟ ଭୋଗ ନୈବେଦ୍ୟ ସାମଗ୍ରୀ ଦାନ କରିଥିଲେ। ସନ୍ଧ୍ୟାରେ ସମୟର ଆରତୀ ଉତ୍ସବ ଅତ୍ୟନ୍ତ ଆକର୍ଷଣୀୟ ଥିଲା। ମହିଳାମାନେ ଯଜ୍ଞ ମଣ୍ଡପରେ ୩୦୦୮ ଦୀପ ଦାନ କରିଥିଲେ। ଦୀପର ଆଲୋକରେ ଯଜ୍ଞସ୍ଥଳ ଆଲୋକିତ ହୋଇଉଠିଥିଲା। ଏହାଛଡା ସନ୍ଧ୍ୟାରେ ପ୍ରବଚକ ସନ୍ତୋଷ କୁମାର ପ୍ରବଚନ ପ୍ରଦାନ କରିଥିଲେ। ଯଜ୍ଞ ଅବସରରେ ଗରିବ ଓ ଦରିଦ୍ର ନାରାୟନ ସେବା କରାଯାଇଥିଲା। ଛୋଟ ପିଲାଙ୍କର ବିଦ୍ୟା ଆରମ୍ଭ, ଅନ୍ନପ୍ରାଶ୍ନ, ମୁଣ୍ଡନ, ଦୀକ୍ଷା, ନାମକରଣ ଆଦି ବିନା ଶୁଳ୍କରେ କରାଯାଇଥିଲା। ଏହି ଅବସରରେ ଶହ ଶହ ଭକ୍ତ ଯୋଗଦେଇ ଆଶିଷ ଲାଭ କରିଥିଲେ।

**JEWELS INTERNATIONAL**
**Chetana College of Special Education**
(Recognized by SSEPD Department, Govt. of Odisha, Approved by Rehabilitation Council of India) Affiliated to Utkal University
Contact : 9437126187, 9437265920, 9090207307
E-mail : chetanacollege@yahoo.co.in
Website: http://www.chetana-jewelsinternational.org
Applications are invited for admission in to D.Ed.Special Education (MR) for the Academic Session 2019-2021. Last date for receiving on line application is 15.03.2019. The Prospectus and Application form is available at RCI Website **https://applyadmission.net/aioat2019/.** Application Forms of B.Ed, M.Ed. Special Education (MR) & M.A in Applied Psychology will be available after 15.03.2019.
**Principal**

SBI
**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା: ଭଦ୍ରକ, ମାଷ୍ଟର ବାବୁ କମ୍ପ୍ଲେକ୍ସ, ଛପୁଲିଆ, ବାଏପାସ୍ ରୋଡ୍, ଜିଲ୍ଲା: ଭଦ୍ରକ
ଶାଖା ଫୋନ୍ ନଂ.: ୦୬୭୮୪-୨୫୦୩୫୩, ଶାଖା ଇ-ମେଲ: sbi.18397@sbi.co.in
**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ
ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ, ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

**କ୍ଷମତାପ୍ରାପ୍ତ ଅଧିକାରୀ: ଜାମିନୀ ରଞ୍ଜନ ସାହୁ, ଇ-ମେଲ: jamini.sahu@sbi.co.in, ମୋ: ୯୪୩୭୪୯୭୦୫୩**

| କ୍ର. ନଂ. | ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | **ତାଳଚେର ଫର୍ଟିଲାଇଜର ଟାଉନସିପ୍ ଶାଖା /** ୧. **ଋଣଗ୍ରହୀତା: ସୁମନ୍ତ ସାହୁ,** ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୨୩୪୦୧୦୮୮୨, ୩୨୫୫୮୩୯୬୧୯୨, ୩୧୭୩୪୨୩୩୦୫୫** | | ସୁମନ୍ତ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତୁରଙ୍ଗ, ଜିଲ୍ଲା: ଅନୁଗୁଳ, ଖାତା ନଂ.: ୯୨୯/୨୫୬୦, ପ୍ଲଟ୍ ନଂ.: ୧୯୩୦/୯୭୧୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ଖାତା ନଂ.: ୯୨୯/୨୬୧୪, ପ୍ଲଟ୍ ନଂ.: ୧୯୨୫, କ୍ଷେତ୍ର: ଏକର୦.୦୬ଡିସିମିଲି ଓ ପ୍ଲଟ୍ ନଂ.: ୧୯୩୧, କ୍ଷେତ୍ର: ଏକର୦.୦୫ଡିସିମିଲି ଏବଂ ଖାତା ନଂ.: ୯୨୯/୨୭୪୫, ପ୍ଲଟ୍ ନଂ.: ୧୯୩୦, କ୍ଷେତ୍ର: ଏକର୦.୦୪ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୩ଡିସିମିଲି,** କିସମ: ଘରବାରୀ | ୩୧.୦୭.୨୦୧୪ ସୁଦ୍ଧା ଟ.୭୧,୨୧,୧୩୪/- + ୦୧.୦୮.୨୦୧୪ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / **୧୧.୦୯.୨୦୧୪** | ଟ.୧,୪୭,୬୦,୦୦୦/- / ଟ.୧୪,୭୬,୦୦୦/- / ଟ.୧,୦୦,୦୦୦/- |
| | ୨. **ଋଣଗ୍ରହୀତା: ରଘୁନାଥ ନାଏକ,** ପିତା: ହରିହର ନାଏକ, ସା/ପୋ: ସାକସିଂହା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୦୮୫୯୫୩୧୨୧** | **ଜାମିନ୍‌ଦାର/ବନ୍ଧକଦାତା: ସୁମନ୍ତ ସାହୁ,** ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ | | **୨୧.୦୯.୨୦୧୬ ସୁଦ୍ଧା ଟ.୧୯,୧୬,୧୨୦.୮୧** + ୨୨.୦୯.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / **୨୨.୦୯.୨୦୧୬** | |
| ୨. | **ଏସ୍ଏଲ୍ ମାଇନିଂ ଶାଖା, ଜୁରୁଡି /** **ଋଣଗ୍ରହୀତାମାନେ: ୧) ରୋଜ୍ ମହମ୍ମଦ,** ପିତା: ଅବଦୁଲ ସତାର, **୨) ଶେହନାଜ୍ ବାନୋ,** ସ୍ୱାମୀ: ରୋଜ୍ ମହମ୍ମଦ, ଉଭୟଙ୍କ ଠିକଣା: ସା: ଜୁରୁଡି, ପୋ: ଜଜାଙ୍ଗ, ଭାୟା: ଯୋଡା, ଜିଲ୍ଲା: କେନ୍ଦୁଝର-୭୫୮୦୩୪ / **ଆକାଉଣ୍ଟ ନଂ.: ୩୦୯୬୧୮୩୩୮୬୬** | | ରୋଜ୍ ମହମ୍ମଦ ଏବଂ ଶେହନାଜ୍ ବାନୋଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜାରୋଲି, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରୀ | ୩୦.୦୪.୨୦୧୬ ସୁଦ୍ଧା ଟ.୬୩,୮୭,୯୦୬/- + ୦୧.୦୫.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / **୦୨.୦୫.୨୦୧୬** | ଟ.୧,୧୪,୫୮,୦୦୦/- / ଟ.୧୧,୪୫,୮୦୦/- / ଟ.୧,୦୦,୦୦୦/- |

* ମାନ୍ୟବର ଡେବ୍ଟ୍ସ ରିକଭରି ଆପିଲେଟ୍ ଟ୍ରିବୁନାଲ୍, କୋଲକାତାଙ୍କ ଠାରେ ବିଚାରାଧିନ ଟେଣ୍ଡର ନଂ. ୧୩୧/୨୦୧୭ ର ନିର୍ଣ୍ଣୟ ଅନୁଯାୟୀ କ୍ର. ନଂ. ୧ରେ ଦର୍ଶିତ ସମ୍ପତ୍ତିର ବିକ୍ରୟ ଚୂଡାନ୍ତ ହେବ।

ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: **ତା.୨୧.୦୨.୨୦୧୯ରିଖ** ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା

ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ:
**ତା.୨୬.୦୨.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୱେବସାଇଟ୍ www.sbi.co.in at link https://bank.sbi/portal/web/home/auction-notices ଦେଖନ୍ତୁ

ତାରିଖ : ୦୮.୦୨.୨୦୧୯, ସ୍ଥାନ: ଭଦ୍ରକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଭାରତ ସରକାର



ସାରା ଓଡ଼ିଶାରେ
ଏକ ସାଥିରେ ପାଳନ ହେଉଛି

**ଉଜ୍ଜ୍ୱଳା "ସ୍ୱାଭିମାନ ଉତ୍ସବ"**

**ଶୁଶ୍ରୀ ଉମା ଭାରତୀ**
ପାନୀୟ ଜଳ ଏବଂ ପରିମଳ ମନ୍ତ୍ରୀ
ଭାରତ ସରକାର

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍,
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେବେ

ଉତ୍ସବ ସ୍ଥଳ

| ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ | ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ |
|---|---|---|---|
| ମୟୂରଭଞ୍ଜ | ମେଳଣ ପଡ଼ିଆ, କରଞ୍ଜିଆ | କନ୍ଧମାଳ | ଶିବ ମନ୍ଦିର ପଡ଼ିଆ, କେ ନୂଆଗାଁ |
| ମୟୂରଭଞ୍ଜ | ଗାନ୍ଧି ପଡ଼ିଆ, ନଛିପୁରିଆ, ବେତନଟୀ | ଗଞ୍ଜାମ | ରଥଦାଣ୍ଡ, ଜରଡ଼ା, ପାତ୍ରପୁର |
| ବାଲେଶ୍ୱର | ଚଣ୍ଡିମନ୍ଦିର ସାମ୍ନା ପଡ଼ିଆ, ସଜନାଗଡ଼, ନୀଳଗିରି | ଗଞ୍ଜାମ | ସମଲେଇ ମନ୍ଦିର ପାଖ ପଡ଼ିଆ, ବୁରୁପଦା, ହିଞ୍ଜିଳି |
| ଭଦ୍ରକ | ବ୍ଲକ୍ ଅଫିସ୍ ସାମ୍ନା ପଡ଼ିଆ, ବନ୍ତ | ରାୟଗଡ଼ା | ବସ୍‌ଷ୍ଟାଣ୍ଡ ପାଖ ପଡ଼ିଆ, ଶିକରପଇ, କଲ୍ୟାଣସିଂହପୁର |
| କେନ୍ଦ୍ରାପଡ଼ା | ରାଜନଗର ହାଇସ୍କୁଲ ପଡ଼ିଆ, ରାଜନଗର | କୋରାପୁଟ | ବ୍ଲକ୍ ଅଫିସ୍ ପାଖ ପଡ଼ିଆ, ଲକ୍ଷ୍ମୀପୁର |
| ଯାଜପୁର | ବାସନ୍ତୀ ପଡ଼ିଆ, ଦାଣ୍ଡିସାହି, ଦଶରଥପୁର | ମାଲ୍‌କାନଗିରି | ମାଥିଲି ଖେଳ ପଡ଼ିଆ, ମାଥିଲି |
| କେନ୍ଦୁଝର | ଗାଁ ପଡ଼ିଆ, ବାଲିପାଳ, ଘସିପୁରା | ନବରଙ୍ଗପୁର | ରତାଖଣ୍ଡିଗୁଡ଼ା ଷ୍ଟାଡିୟମ, ରତାଖଣ୍ଡିଗୁଡ଼ା, ଝରିଗାଁ |
| ଅନୁଗୋଳ | ମକର ମେଳଣ ପଡ଼ିଆ, ବାଲିସାହି | କଳାହାଣ୍ଡି | ପଞ୍ଚାୟତ ହାଇସ୍କୁଲ ପଡ଼ିଆ, ଦୁଆରସୁଣି, ଭବାନୀପାଟଣା |
| ଢେଙ୍କାନାଳ | ବିଶ୍ୱକର୍ମା ପଡ଼ିଆ, ଖଜୁରିଆକଟା, ହିନ୍ଦୋଳ | ନୂଆପଡ଼ା | ସାପ୍ତାହିକ ବଜାର ପଡ଼ିଆ, ବୋଡ଼େନ, ଖରିଆର |
| କଟକ | ବନିପଦା ଫୁଟବଲ ପଡ଼ିଆ, ଟାଙ୍ଗୀ | ବଲାଙ୍ଗୀର | କରମତଳା ହାଇସ୍କୁଲ ପଡ଼ିଆ, ସଇଁତଳା |
| କଟକ | ଗୋବରୀ ବ୍ରିଜ୍ ପାଖ ପଡ଼ିଆ, ଅଳିକୋଡ଼ା, ମାହାଙ୍ଗା | ବରଗଡ଼ | ଗାଁ ପଡ଼ିଆ, କଣ୍ଟାପାଲି |
| ଜଗତସିଂହପୁର | ବିବେକାନନ୍ଦ ହାଇସ୍କୁଲ ପଡ଼ିଆ, ଜୋତ | ଝାରସୁଗୁଡ଼ା | ସତସଙ୍ଗ ଭବନ ପଡ଼ିଆ, ମନମୋହନ ଏମ୍‌ଇ ସ୍କୁଲ ପାଖ |
| ପୁରୀ | ଶୁଭପ୍ରଭା ମଣ୍ଡପ ପଡ଼ିଆ, କୁସୁପୁର, ଗୋପ | ସମ୍ବଲପୁର | ମିନି ଷ୍ଟାଡିୟମ, ନାକଟିଦେଉଳ |
| ଖୋର୍ଦ୍ଧା | ନୂଆ ବସ୍‌ଷ୍ଟାଣ୍ଡ ପଡ଼ିଆ, ଜଟଣୀ | ସୁନ୍ଦରଗଡ଼ | ରାଜାବଙ୍ଗଳା ପଡ଼ିଆ, ବାଲିଶଙ୍କରା |
| ନୟାଗଡ଼ | ବାଲୁଙ୍କେଶ୍ୱର ପଡ଼ିଆ, କଞ୍ଚନବିଲି | ସୁନ୍ଦରଗଡ଼ | ରାହାସ ପଡ଼ିଆ, ଜଗନ୍ନାଥ ମନ୍ଦିର ପାଖ, କୁଆଁରମୁଣ୍ଡା |

୧୧ ଫେବୃୟାରୀ ୨୦୧୯



ଏତିକି ପ୍ରାର୍ଥନା କରୁଥାଏ ଯେ ମୃତ୍ୟୁ ପୂର୍ବରୁ ତୁମର ଦୁର୍ଗୁଣଗୁଡିକ ଯେପରି ମୃତ୍ୟୁ ହୋଇଯାଇଥିବ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ

**ଯାଜପୁରରୋଡ,୧୦।୨(ନି.ପ୍ର.):** ବ୍ୟାସନଗର ପୌର ପରିଷଦ ୨ ନଂ. ୱାର୍ଡ ପନାସିଆ ଗ୍ରାମର ସନ୍‌ରାଇଜ ଗ୍ରୀନ କ୍ଲବ ପକ୍ଷରୁ ରବିବାର ସକାଳ ୧୦ଟାରେ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଡ. ମଦନମୋହନ ମଲିକ ଶିବିର ଉଦ୍‌ଘାଟନ କରିଥିଲେ। ସଭାପତି ବି. ମୋହନ, ସମ୍ପାଦକ ଅକ୍ଷୟ କୁମାର ସେନାପତି, ସହସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଜଗନ୍ନାଥ ବୋଇତାଇ ପ୍ରମୁଖଙ୍କ ସହାୟତାରେ ୧୧୦ ଜଣ ରୋଗୀଙ୍କୁ ମାଗଣାରେ ଚିକିତ୍ସା କରାଯାଇଥିଲା।

### ସରକାରୀ ଯୋଜନାରୁ ବଞ୍ଚିତ ଦଳିତ ବସ୍ତି

**ରତ୍ନଗିରି,୧୦।୨(ଡି.ଏନ୍.ଏ.):** ବରୀ ବ୍ଲକ ଅଧୀନ ରତ୍ନଗିରି ପଞ୍ଚାୟତରେ ରହିଛି ଡିମିରିଆପାଳ ଗ୍ରାମ। ଏହି ଗ୍ରାମରେ ୩୨ଗୋଟି ଦଳିତ ପରିବାର ବସବାସ କରୁଥିବା ବେଳେ ଏଠାକୁ ସରକାରୀ ଯୋଜନା ଅପହଞ୍ଚ ବୋଲି କୁହାଯାଉଛି। ଏହି ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ରହିଛି। ୫ ଶ୍ରେଣୀରେ ୧୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଦୁଇ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଗ୍ରାମକୁ ଯାତାୟାତ ପାଇଁ ଭଲ ରାସ୍ତା ନ ଥିବାବେଳେ ପାନୀୟ ଜଳ ସାତ ସପନ ପାଲଟିଛି। ଏହି ଅଞ୍ଚଳରେ ସରକାରଙ୍କ ତରଫରୁ ୭ ନଳକୂପ ବସାଯାଇଥିଲେ ମଧ ପାନୀୟ ଜଳ ଉପଯୋଗୀ ହୋଇ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁ ଲୋକଙ୍କୁ ଭତ୍ତା ପାଇଁ ୪ କି.ମି. ଦୂର ଯିବାକୁ ପଡୁଛି। ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ କୁନି କୁନି ପିଲାମାନେ ରତ୍ନଗିରି ପଞ୍ଚାୟତର ଅଲିଆପାଦ କେନ୍ଦ୍ରକୁ ଯାଉଛନ୍ତି। ସରକାର ମହିଳା, ଦଳିତ ବର୍ଗ ଓ ଶିଶୁଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ବୌଦ୍ଧପୀଠ ରତ୍ନଗିରିଠାରୁ ମାତ୍ର ୨ କି.ମି. ଦୂରରେ ଥିବା ଗ୍ରାମର ଏଭଳି ଅବସ୍ଥା ନେଇ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏ ସମ୍ପର୍କରେ ସରପଞ୍ଚ ଅଶୋକ ଜେନାଙ୍କୁ ପଚାରିବାରେ ସେ ନିର୍ବାଚିତ ହେବା ପରଠାରୁ ଗ୍ରାମର ଉନ୍ନତି ପାଇଁ ଯଥେଷ୍ଟ ଚେଷ୍ଟା କରିଥିବା କହିଛନ୍ତି। ଏ ସମ୍ପର୍କରେ ବରୀ ବିଡିଓ ପ୍ରଭାସ ବେଉରାଙ୍କୁ ପଚାରିବାରେ, ନୂତନ ଭାବେ ଯୋଗ ଦେଇଛନ୍ତି। ଦଳିତ ବସ୍ତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୁବ୍‌ଶୀଘ୍ର ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

### ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା

**କୋରେଇ,୧୦।୨(ସ୍ୱ.ପ୍ର.):** ୩୦ ତମ ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ଆଦିତ୍ୟ ମୋଟର୍ସ ତରଫରୁ ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସହଯୋଗରେ ଶୁକ୍ରବାର ପାଣିକୋଇଲିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୬୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧରୁ ଆଶିଷ କୁମାର ଦାସ ପ୍ରଥମ, ଶିବାନୀ ଦାସ ଦ୍ୱିତୀୟ ଓ ଲୋରୀ ଲୋହରୀ ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆଦିତ୍ୟ ମୋଟର୍ସର ଏଜିଏମ ପ୍ରମୋଦ ପରିଡ଼ା ଓ ସର୍ଭିସ ମ୍ୟାନେଜର ଦୁଷ୍ମନ୍ତ ପ୍ରଧାନ, କର୍ମଚାରୀ ସତ୍ୟବ୍ରତ ଦାସ, ସ୍ମୃତିରେଖା ପଣ୍ଡା, ଜୟଲକ୍ଷ୍ମୀ ବେହେରା, ରଶ୍ମିତା ରାୟ ଏବଂ ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏସ୍‌ଆଇ ସୁମନ୍ତ ପାତ୍ର, ସାଗରିକା ମିଶ୍ର ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ଶ୍ରୀରାମ ଲାଇଫ୍ ଇନସ୍ୟୁରାନ୍ସର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବିରଜାକ୍ଷେତ୍ର,୧୦।୨(ଡି.ଏନ୍.ଏ):** ଯାଜପୁର ସହରର ଭବାନୀଗଞ୍ଜଠାରେ ଶ୍ରୀରାମ ଲାଇଫ୍ ଇନସ୍ୟୁରାନ୍ସର ନୂତନ କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଯାଜପୁରର ପୂର୍ବତନ ପୌରପାଳ ଭବପ୍ରସାଦ ଦାସ ଏହି ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ୨୦୧୭-୧୮ରେ ଯାଜପୁର ଜିଲାରେ ଏହି ଇନସ୍ୟୁରାନ୍ସ କମ୍ପାନୀ ୨କୋଟି ୭୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରିମିୟମ ଗ୍ରାହକଙ୍କଠାରୁ ସଂଗ୍ରହ କରିଛି। ୨୦୧୫ରେ ଯଦିଓ ଯାଜପୁର ସହରରେ ଏହି ଇନସ୍ୟୁରାନ୍ସ କମ୍ପାନୀ ନିଜ ବ୍ୟବସାୟ ଆରମ୍ଭ କରିଥିଲା ମାତ୍ର ଶ୍ରୀପଞ୍ଚମୀ ଦିନ ଏହାର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଜିଲାର ପ୍ରତି ପଞ୍ଚାୟତରେ ପ୍ରିମିୟମ କଲେକସନ୍ ସେଣ୍ଟର ଖୋଲିବା ଓ ପ୍ରତି ଗ୍ରାମରେ ୨ଜଣ ସେଲସ ଅଫିସର ନିଯୁକ୍ତି କରିବା ରାଧାକୃଷ୍ଣ ନାୟକଙ୍କ ଯୋଜନା ରହିଛି। ଏହି ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ସମୟରେ ଏସଡ଼ିଏମ୍ ଶିବ ସନ୍ତୋଷ ଖୁଣ୍ଟିଆ, ଶାଖା ପରିଚାଳକ ପ୍ରଶାନ୍ତ କୁମାର ସାହୁ ଓ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ବାଙ୍କସାହି ନଦୀବନ୍ଧରୁ ଖସୁଛି ପଥର

**ବରୀ,୧୦।୨(ସ୍ୱ.ପ୍ର.)**

- ଚଳିତବର୍ଷ ପଥର ପ୍ୟାକିଂ ପାଇଁ ଆସିଛି ୨ କୋଟି ଟଙ୍କା
- ବନ୍ଧର ସୁରକ୍ଷା ପାଇଁ ୫ ବର୍ଷ ମଧରେ ୫ କୋଟି ଟଙ୍କା ଆସିଛି
- ନିମ୍ନମାନର କାମ ହେଉଥିବା ଅଭିଯୋଗ
- ଠିକାଦାର ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସଲାସୁତୁରା

ବରୀ ଜଳ ସମ୍ପଦ ବିଭାଗର ରୁଦ୍ରପୁର ସେକ୍ସନ ଅଧୀନରେ ରହିଛି ବାଙ୍କସାହି ନଦୀବନ୍ଧ। ଏହି ନଦୀବନ୍ଧ ବ୍ରାହ୍ମଣୀ ନଦୀକୁ ସୁରକ୍ଷା ଦେବା ସହ ବରୀ ଓ ଯାଜପୁର ବ୍ଲକର ୧୫ ପଞ୍ଚାୟତକୁ ବନ୍ୟା ସମୟରେ ସୁରକ୍ଷା ଯୋଗାଇଥାଏ। ଏହି ନଦୀବନ୍ଧ ସମ୍ପ୍ରସାରଣ ଓ ମରାମତି ପାଇଁ ଚଳିତବର୍ଷ ୨ କୋଟି ଟଙ୍କାର ପଥର ପ୍ୟାକିଂ ପ୍ରୋଜେକ୍ଟ ଆସିଛି। ଠିକାଦାରଙ୍କ ଜରିଆରେ ବାଙ୍କସାହିରୁ ରୁଦ୍ରପୁର ପର୍ଯ୍ୟନ୍ତ ନଦୀବନ୍ଧ କଡରେ ପଥର ପ୍ୟାକିଂ କାର୍ଯ୍ୟ ଚାଲିଛି। ଦିନରେ ପଥର ପ୍ୟାକିଂ କରାଯାଉଥିଲା ବେଳେ ସନ୍ଧ୍ୟାରେ ବନ୍ଧରୁ ପଥର ଖସି ନଦୀଗର୍ଭକୁ ଚାଲିଯାଉଛି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ଲୋକେ ଶୌଚ ହେବାକୁ ଯାଇଥିବା ବେଳେ ବନ୍ଧରୁ ପଥର ଖସୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ଲୋକଙ୍କ ମଧରେ ଆତଙ୍କ ଖେଳିଯାଇଛି। ସୂଚନାଯୋଗ୍ୟ, ରୁଦ୍ରପୁର ଗ୍ରାମରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ସେକ୍ସନ କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟରେ ସବୁବେଳେ ତାଲା ଝୁଲୁଥିଲାବେଳେ ଲୋକେ ଅଭିଯୋଗ କରିବାକୁ ଯାଇ ନିରାଶ ହୋଇ ଫେରିଛନ୍ତି। ଏହି ବନ୍ଧର ସୁରକ୍ଷା ପାଇଁ ୫ ବର୍ଷ ମଧରେ ୫



କୋଟି ଟଙ୍କା ଆସିସାରିଲାଣି। ହେଲେ ଠିକାଦାର ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସଲାସୁତୁରାରେ କାମ ହେଉଥିବାରୁ ବନ୍ଧର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲଞ୍ଚିଂ ଓ ଡମ୍ପିଂ ଠିକ୍‌ଭାବେ ହେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ନଦୀବନ୍ଧ ଦୁର୍ବଳ ହୋଇପଡୁଛି। ଥରେ ବନ୍ଧ ଭାଙ୍ଗିଗଲେ ବାଙ୍କସାହି ନିକଟରେ ନଦୀ ବାଙ୍କିଯିବା ଦ୍ୱାରା ବ୍ରାହ୍ମଣୀ ତା'ର ଗତିପଥ ବଦଳାଇ ଆଉ ଏକ ନୂତନ ନଦୀ ସୃଷ୍ଟି କରିବାର ଆଶଙ୍କା ଦେଖାଦେଇଛି। ଗତିପଥ ବଦଳିବା ଦ୍ୱାରା ରୁଦ୍ରପୁର, ବାଙ୍କସାହି, ଧଳସାହି, କିମ୍ବୀରିଆପାଳ, ଭଅଁରା, ଯାଜପୁର ବ୍ଲକର ଏରବାଙ୍କ, ସାହାସପୁର, ଡଅଁରକୁଳ ଗାଁର ଧନଜୀବନ କ୍ଷତି ହେବାର ଆଶଙ୍କା ରହିଛି। ପଥର ପ୍ୟାକିଂ ନାଁରେ ଠିକାଦାର ଜଳ ସମ୍ପଦ ବିଭାଗ ଅର୍ଥକୁ ଲୁଟି ଚାଲିଛି ବୋଲି ଅଭିଯୋଗ ହେଉଛି। ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଆନ୍ଦୋଳନ ଦାନା ବାନ୍ଧୁଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ରୁଦ୍ରପୁର ସେକ୍ସନ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପ୍ରମୋଦ ତରେଇଙ୍କୁ ପଚାରିବାରୁ, ଠିକାଦାର ନିୟମାନୁସାରେ କାର୍ଯ୍ୟ କରୁଛନ୍ତି। ପଥର ଖସୁଥିବା ଖବର ମିଳିଛି। ଘଟଣାସ୍ଥଳକୁ ପରିଦର୍ଶନରେ ଗଲେ ପ୍ୟାକିଂ କାମ ଉପରେ କ'ଣ ତ୍ରୁଟି ରହିଛି ଜଣାପଡ଼ିବ ବୋଲି ସେ କହିଥିଲେ।

## ମୋବାଇଲ ଚୋର ଅଟକ

**ଛତିଆ,୧୦।୨(ଡି.ଏନ୍.ଏ.)**

ମୋବାଇଲ ଚୋରି ଅଭିଯୋଗରେ ବୈରୀ ପୋଲିସ ଛତିଆ ପଞ୍ଚାୟତର ଜଣଙ୍କୁ ରବିବାର ଥାନାରେ ଅଟକ ରଖି ପଚରାଉଚରା କରୁଛି। ପ୍ରକାଶ ଯେ, ଗତ ଦୁଇ ଦିନ ତଳେ ଜଗତପୁର ଥାନା ଅନ୍ତର୍ଗତ ବିରୂପା ନଦୀ ପୋଲ ଉପରୁ ଇପିକଲ ଛକର ଜଣେ ବ୍ୟକ୍ତିଙ୍କ ମୋବାଇଲ ଲୁଟ୍ ହୋଇଥିଲା। ଉକ୍ତ ବ୍ୟକ୍ତି ଜଗତପୁର ଥାନାରେ ଅଭିଯୋଗ କରିଥିଲେ। ମୋବାଇଲ ଚୋର ଜଣକ ବୈରୀ ଥାନା ଅଞ୍ଚଳର ବୋଲି ଜଗତପୁର ପୋଲିସ କୌଣସି ସୂତ୍ରରୁ ଖବରପାଇ ବୈରୀ ଥାନାକୁ ଜଣାଇଥିଲେ। ସମ୍ପୃକ୍ତ ମୋବାଇଲ ଲୁଟେରା ମୋଟରସାଇକେଲରେ ଆସୁଥିବା ଖବରପାଇ ବୈରୀ ଥାନା ଅଧିକାରୀ ନିରଞ୍ଜନ ଶବର ତାଙ୍କୁ ଧରିବା ପାଇଁ ସନ୍ତୋଷ କୁମାର ବେହେରା, ଯଶୋବନ୍ତ ପାତ୍ର, ଅରୁଣ କୁମାର ପ୍ରଧାନଙ୍କୁ ପଠାଇଥିଲେ। ପୋଲିସକୁ ଦେଖି ସେ ଦୌଡ଼ି ପଳାଇଥିଲେ। ପୋଲିସ ତାଙ୍କ ପିଛା କରି ଅମରାବତୀ ମଠ ନିକଟରେ କାବୁ କରିବା ସହ ସେ ବ୍ୟବହାର କରୁଥିବା ମୋଟରସାଇକେଲ (ଓଡି-୦୪-ଏମ୍-୪୧୮୭)କୁ ଜବତ କରିଛି।

# ଶେଷ ହେଲା ଜଗନ୍ନାଥ ଚେତନା ମହାଧିବେଶନ

**ବିରଜାକ୍ଷେତ୍ର,୧୦।୨(ଡି.ଏନ୍.ଏ)**

୩୭ତମ ଜଗନ୍ନାଥ ଚେତନା ମହାଧିବେଶନ ରବିବାର ଶେଷ ହୋଇଛି। ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ଗତ ୧ତାରିଖରୁ ଆରମ୍ଭ ହୋଇଥିବା ୩୭ତମ ଚେତନା ମହାଧିବେଶନର ଶେଷ ଦିନରେ ଜଗନ୍ନାଥଙ୍କ ରୀତିନୀତି ଓ ବିଧିବିଧାନ ଅନୁଯାୟୀ ପୂଜା ହୋଇଥିଲା। ଏହାପରେ ସକାଳ ୭ଟାରେ ପହଡ଼ ଖୋଲିଥିଲା। ସକାଳୁ ଅଧିବେଶନ ସ୍ଥଳକୁ ଭକ୍ତଙ୍କ ସୁଅ ଛୁଟିଥିଲା। ଜଗନ୍ନାଥ ଚେତନା ମହାଧିବେଶନ ଆରମ୍ଭ ହେବା ଦିନଠାରୁ ଅଧିବେଶନ ସ୍ଥଳରେ ମହାଯଜ୍ଞ ଆରମ୍ଭ ହୋଇ ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଛି। ବାଳାଶ୍ରମ ପଡ଼ିଆ ୧୦ଦିନ ଧରି ଅସ୍ଥାୟୀ ଶ୍ରୀକ୍ଷେତ୍ର ଭାବେ ଶୋଭା ପାଉଥିଲା। ୨୨ ପାହାଚ, ମେଘନାଦ ପାଚେରୀ, ସିଂହଦ୍ୱାର, ଗରୁଡ଼ ସ୍ତମ୍ଭ, ଅରୁଣ ସ୍ତମ୍ଭ ପ୍ରଭୃତି ଚେତନା ଅଧିବେଶନ ସ୍ଥଳରେ ଭକ୍ତଙ୍କୁ ଭାବବିହ୍ୱଳ କରିଦେଇଥିଲା। ଜଗନ୍ନାଥଙ୍କ ତନ୍ତ୍ର, ମନ୍ତ୍ର, ଯନ୍ତ୍ର, ତତ୍ତ୍ୱ ମଣ୍ଡଳ ଓ ବେଶ ଜାଣିବା ପାଇଁ ଅସ୍ଥାୟୀ ମନ୍ଦିରକୁ ଲାଗି ଜଗନ୍ନାଥଙ୍କ ୩୨ବେଶ ଶୋଭା ପାଉଥିଲା। ଏ ନେଇ ମନ୍ତ୍ର, ଯନ୍ତ୍ର ଓ ତତ୍ତ୍ୱ ସମ୍ବଳିତ ଆଧାରିତ ଅନ୍ୟ ଏକ ଗୃହରେ ପ୍ରଦର୍ଶିତ କରାଯାଇଥିଲା। ପ୍ରତ୍ୟେକଦିନ ଜଗନ୍ନାଥଙ୍କ ଖଜା ଭକ୍ତଙ୍କୁ ପ୍ରଦାନ କରାଯାଉଥିଲା। ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ଦ୍ୱାରା ଜଗନ୍ନାଥଙ୍କ ପୂଜା ନୀତି ଅନୁଷ୍ଠିତ ହେଉଥିବା ବେଳେ ଯଜ୍ଞର ମୁଖ୍ୟ ପୁରୋଧା ସାଜିଥିଲେ। ଯଜ୍ଞ ଓ ପୂଜା କାର୍ଯ୍ୟରେ ରଥଶର୍ମାଙ୍କୁ ପୁରୀ ମନ୍ଦିରର ବ୍ରାହ୍ମଣମାନେ ସହଯୋଗ କରିଥିଲେ। ଶେଷ ଦିନରେ ଯଜ୍ଞର ପୂର୍ଣ୍ଣାହୁତି ଦେଖିବା ଓ ଜଗନ୍ନାଥଙ୍କୁ ଦର୍ଶନ କରିବା ସହ ରତ୍ନ ସିଂହାସନରେ ମୁଣ୍ଡ ମାରିବା ପାଇଁ ଚେତନା ଅଧିବେଶନ ସ୍ଥଳରେ ୬୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଯାଜପୁର ଥାନାର ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚେତନା ଅଧିବେଶନ ସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ୧୦ଦିନ ଧରି ଚେତନା ଅଧିବେଶନ ସ୍ଥଳରେ ପ୍ରତ୍ୟେହ ସନ୍ଧ୍ୟାରେ ଆଧାତ୍ମିକ ପ୍ରବଚନ ଓ ଭଜନ ପରିବେଷଣ କରାଯାଉଥିଲା।



ଶେଷ ଦିନରେ ମହାଧିବେଶନ ସ୍ଥଳରେ ଭକ୍ତଙ୍କ ଭିଡ଼।

## ରିକ୍ସାବାଲା କବିଙ୍କୁ ସାରସ୍ୱତ ପ୍ରତିଭା ସମ୍ମାନ

**ଯାଜପୁର ଅଫିସ,୧୦।୨**

ରିକ୍ସାବାଲା କବି ଭାବେ ପରିଚିତ କୋରାବନ୍ଧୀ ଗ୍ରାମର କୈଳାସ ପାତ୍ର। ତାଙ୍କୁ ଶନିବାର ନୀଳାଚଳ ପ୍ରତିଭା ଦର୍ଶନ ପରିଷଦ ପକ୍ଷରୁ ସାର୍ଥକ କବି ଭାବେ ସାରସ୍ୱତ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି । ଯାଜପୁରରୋଡ ଧବଳଗିରିରେ ଶନିବାର ଅନୁଷ୍ଠିତ ଉକ୍ତ ପରିଷଦର ବାର୍ଷିକ ଉତ୍ସବରେ ତାଙ୍କୁ ପ୍ରମାଣପତ୍ର ସହ ଉପଢୌକନ ଦେଇ କବି ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ସଭାପତି କୀର୍ତ୍ତନ ବିହାରୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନିହାର ଜେନା ମୁଖ୍ୟଅତିଥି, ବୈଲୋଚନ ଜେନା, ସମ୍ପାଦକ କିଶୋରଚନ୍ଦ୍ର ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନା ଥାଉକି, କୈଳାସ ପେଶାରେ ଜଣେ ରିକ୍ସାବାଲା ହୋଇଥିବା ବେଳେ ନିଶା କବିତା ଲେଖିବା। ସେ ୧୯୯୦ ମସିହାରୁ କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତ କୋରାବନ୍ଧୀ ଗ୍ରାମରୁ ଯାଜପୁରରୋଡ ସହର ପର୍ଯ୍ୟନ୍ତ ରିକ୍ସା ଚଳାଇ ପରିବାର ପ୍ରତିପୋଷଣ କରନ୍ତି । ପ୍ରତିଦିନ ପ୍ରାୟ ୨୮କି.ମି. ରିକ୍ସା ଚଳାଇ ପେଟ ପୋଷୁଥିବା କୈଳାସ ସାହିତ୍ୟ ସୃଷ୍ଟି ପାଇଁ ପୂର୍ବରୁ ବହୁ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ତାଙ୍କ ଦୁଇ ପୁଅ ଓ ଦୁଇ ଝିଅଙ୍କୁ ଉଚ୍ଚଶିକ୍ଷା ଦେବାରେ ସେ କୌଣସି ଅବହେଳା କରିନାହାନ୍ତି। ପ୍ରଶାସନ ପକ୍ଷରୁ ଏବେ ତାଙ୍କୁ କଳାକାର ଭତ୍ତା ପ୍ରଦାନ କରାଯାଇଛି। ସାହିତ୍ୟ ମାଧ୍ୟମରେ ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ସଚେତନ କରିବା ତାଙ୍କ ଲକ୍ଷ୍ୟ ବୋଲି କୈଳାସ କୁହନ୍ତି।



ସମ୍ବର୍ଦ୍ଧିତ ହୋଇଥିବା କୈଳାସ ପାତ୍ର।

# ସରକାରୀ ସହାୟତା ପ୍ରଦାନ ମେଳା

**ରସୁଲପୁର,୧୦।୨(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଅତଲାପୁର ପଞ୍ଚାୟତରେ ରବିବାର ସରପଞ୍ଚ ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସରକାରୀ ସହାୟତା ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସରକାରୀ ସୁବିଧା ପାଇବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଓ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଲୋକାରଣ୍ୟ ହୋଇଉଠିଥିଲା। ରସୁଲପୁର ବିଡିଓ ଉମାକାନ୍ତ ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ପ୍ରମାଣପତ୍ର, ମୂଳଧନ ପ୍ରୋତ୍ସାହନ ରାଶି ଓ ମୋବାଇଲ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ରାଶନ କାର୍ଡ ହିତାଧିକାରୀଙ୍କୁ ଏଲଇଡି ବଲ୍‌ବ ପ୍ରଦାନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ଅଭିମନ୍ୟୁ ମହାଳିକ, ସମିତି ସଭ୍ୟ ଲକ୍ଷ୍ମୀଧର ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅନିତା ବେହୁରା, ପ୍ରଗତି ସହାୟକ ପ୍ରତିସ୍ କୁମାର ସ୍ୱାଇଁ, ଜିଲା ଯୁବ ବିଜେଡି ଉପସଭାପତି ପ୍ରଭାତ ପୃଷ୍ଟି, ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର ସଭାନେତ୍ରୀ ତୁଳସୀ ମଲିକ, ସମ୍ପାଦିକା ପୁଷ୍ପଲତା ସାହୁ, ଯୁବନେତା ବାବୁଲି ସେଠୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଯୋଗୁ ପଞ୍ଚାୟତର ମହିଳାଙ୍କୁ ସମ୍ମାନ ମିଳିଛି ବୋଲି ମତ ରଖିଥିଲେ। ନିର୍ବାହୀ ଅଧିକାରୀ ରମେଶ ରଣା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଚକ୍ରଧର ପୃଷ୍ଟି, ଅବଦୁଲ୍ ହାଇ, ଶଙ୍କର୍ଷଣ ସାହୁ, ନିରଞ୍ଜନ ସାହୁ, ନାରାୟଣ ମହାନ୍ତି, ଗୁଣନିଧି ସାହୁ, ନଟବର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଳାରେ ୫୪ ଗୋଷ୍ଠୀ ଓ ୩୫୦ ରାଶନ କାର୍ଡଧାରୀ ପରିବାରକୁ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା। ରାଶନ କାର୍ଡଧାରୀ ପରିବାରକୁ ୪ଟି ଲେଖାଏ ଏଲଇଡି ବଲ୍‌ବ ପ୍ରଦାନ କରାଯାଇଥିଲା। ବିଭିନ୍ନ ସହାୟତା ପାଇବା ପାଇଁ ୧୫ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ସମାଗମ ହୋଇଥିଲା।



ମହିଳାଙ୍କୁ ସହାୟତା ପ୍ରଦାନ କରାଯାଉଛି।

## ବିଭିନ୍ନ ଅନୁଷ୍ଠାନରେ ସରସ୍ୱତୀ ପୂଜା

**ଧର୍ମଶାଳା,୧୦।୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ଅନୁଷ୍ଠାନଗୁଡିକରେ ରବିବାର ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ଧର୍ମଶାଳା ମହାବିଦ୍ୟାଳୟ, ଧର୍ମଶାଳା ମହିଳା ମହାବିଦ୍ୟାଳୟ, ଜେନାପୁର କଲେଜ, ଜଗନ୍ନାଥଜୀଉ ମହାବିଦ୍ୟାଳୟ ଚଢେଇଧରା, ମୁକୁନ୍ଦପାତ୍ର ମହାବିଦ୍ୟାଳୟ, ବଜ୍ରଗିରି ମହାବିଦ୍ୟାଳୟ, ଧର୍ମଶାଳା ବାଣୀପୀଠ, ପତିତପାବନ ହାଇସ୍କୁଲ, ଜାରକା ହାଇସ୍କୁଲ, ଧର୍ମଶାଳା ପବ୍ଲିକ ସ୍କୁଲ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, କାଏମା ଶିଶୁ ମନ୍ଦିର, ବିବେକାନନ୍ଦ ଶିକ୍ଷାନିକେତନ ଆଦି ବିଭିନ୍ନ ଅନୁଷ୍ଠାନରେ ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଛାତ୍ରୀଛାତ୍ର ନୂତନ ବସ୍ତ୍ର ପରିଧାନ କରିବା ସହ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅନେକ ଅନୁଷ୍ଠାନରେ ଭୋଜିଭାତର ଆୟୋଜନ କରାଯାଇଥିଲା।

■ ମା' ମଙ୍ଗଳାଙ୍କ ପାଞ୍ଚପାଦ ପ୍ରତିଷ୍ଠା ଉତ୍ସବ

# ୭ ଗ୍ରାମଦେବତୀଙ୍କୁ ଆମନ୍ତ୍ରଣ

**ରସୁଲପୁର,୧୦।୨(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତର ମା' ମଙ୍ଗଳାଙ୍କ ପାଞ୍ଚପାଦ ପ୍ରତିଷ୍ଠା ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ମା'ଙ୍କ ପୀଠରୁ ପାନ, ଗୁଆ ଓ ଶ୍ରୀଫଳ ଦିଆଯାଇ ୭ ଗାଁର ଗ୍ରାମଦେବତୀଙ୍କୁ ଆମନ୍ତ୍ରଣ କରାଯାଇଛି। ମା' ମଙ୍ଗଳାଙ୍କ ପୀଠରୁ ଏକ ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟୁଆ ଓ ଶଙ୍ଖୁଆ ଦଳ ଏକ ପଟୁଆରେ ବାହାରିଥିଲେ। ସେମାନେ ଗାଁ ପୁରୋହିତଙ୍କ ନେତୃତ୍ୱରେ ପୂଜା ସମାଗ୍ରୀ ସହ ୭ ଖଣ୍ଡ ଗାଁ ପରିକ୍ରମା କରିଥିଲେ। ମଧୁବନର ହିଙ୍ଗୁଳା, ପାଞ୍ଚଗୋଛିଆର ଜାଗୁଳାଇ, କଇଁଚି ଶାସନର କଇଁଚିଆଣି, ନାଉପାଳର ବାସୁଳାଇ, ଗୋପୀନାଥପୁର ଧୋବଳେଇ, ଗରୁଆଳର ବ୍ରାହ୍ମଣଦେବୀ, ଗୋରଧାର ବୁଢ଼ୀ ଜାଗୁଳାଇ ପ୍ରଭୃତି ଦେବୀପୀଠରେ ପହଞ୍ଚିଥିଲା। ପୂଜାର୍ଚ୍ଚନା କରାଯିବା ସହ ଗ୍ରାମଦେବତୀଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି। ଯଜ୍ଞ ଉତ୍ସବକୁ ନେଇ ଗ୍ରାମରେ ଭକ୍ତିଭାବଧାରା ଜାଗ୍ରତ ହୋଇଛି। ଯୁବକମାନେ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ମା'ଙ୍କ ପୀଠରେ ଗ୍ରାମ ପ୍ରତିଭାଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଏଥିସହ ଯଜ୍ଞ ମଣ୍ଡପରେ ଅଧିବାସ ଓ ଅଙ୍କୁରାରୋପଣ କାର୍ଯ୍ୟ ସମାପନ ହୋଇଛି।



ମା'ମଙ୍ଗଳାଙ୍କ ପାଞ୍ଚପାଦ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଉଛି।

■ ସରକାରୀ ସହାୟତା ପ୍ରଦାନରେ ପାତରଅନ୍ତର ଅଭିଯୋଗ

# ବାଦ୍ ପଡ଼ିଛନ୍ତି ଯୋଗ୍ୟ ହିତାଧିକାରୀ, ଅଯୋଗ୍ୟଙ୍କୁ ଭତ୍ତା

**ରସୁଲପୁର,୧୦।୨(ଡିଏନଏ)**

ରସୁଲପୁର ବ୍ଲକର ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ବନ୍ଧଡିହ ପଞ୍ଚାୟତରେ ବୃଦ୍ଧାବୃଦ୍ଧ ଓ ବିଧବା ସରକାରୀ ସହାୟତା ପାଇବାରେ ପାତରଅନ୍ତରର ଶିକାର ହୋଇଛନ୍ତି। ଏହି ପଞ୍ଚାୟତରେ ଅଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ମିଳୁଥିବାବେଳେ ଯୋଗ୍ୟ ହିତାଧିକାରୀ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏଠାରେ ଭତ୍ତା ପାଇଁ ହିତାଧିକାରୀ ଚୟନ ଯୋଗ୍ୟତା ଆଧାରରେ କରା ନ ଯାଇ ଦଳୀୟ ସମର୍ଥକଙ୍କୁ ପ୍ରାଥମିକତା ଦିଆଯାଉଛି ବୋଲି ଅଭିଯୋଗ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ତାହା ବ୍ଲକ ଓ ଜିଲା ପ୍ରଶାସନକୁ ପ୍ରଭାବିତ କରିପାରୁ ନାହିଁ। ଭତ୍ତା ଟଙ୍କା ପାଇବା ପାଇଁ ପଞ୍ଚାୟତର ଶତାଧିକ ହିତାଧିକାରୀଙ୍କୁ ବର୍ଷବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ସରକାରୀ ସହାୟତା ପ୍ରଦାନରେ ହେଉଥିବା ଅନିୟମିତତା ସମ୍ପର୍କରେ ତଦନ୍ତ କରାଯାଇ ବୃଦ୍ଧାବୃଦ୍ଧଙ୍କୁ ନ୍ୟାୟ ପ୍ରଦାନ ପାଇଁ ସାଧାରଣରେ ଦାବି ହେଉଛି।

ଏହି ପଞ୍ଚାୟତର ବନ୍ଧଡିହ ଓ ସାହାପଡ଼ା ଗ୍ରାମର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ବୃଦ୍ଧାବୃଦ୍ଧ ଓ ବିଧବାମାନେ ଭତ୍ତା ପାଇଁ ପଞ୍ଚାୟତ ଓ ବ୍ଲକରେ ବହୁବାର ଆବେଦନ କରିଛନ୍ତି। ଭତ୍ତା ପାଇବା ପାଇଁ ୧୦ବର୍ଷ ତଳୁ ଯୋଗ୍ୟ ହୋଇଥିଲେ ବି ସେମାନଙ୍କୁ ଅଣଦେଖା କରାଯାଉଛି। ଏପରିକି ବିଧବାକୁ ବି ଭତ୍ତା ପ୍ରଦାନ କରାଯାଉ ନାହିଁ। ସ୍ୱାମୀକୁ ହରାଇଥିବା ମହିଳାଙ୍କୁ ବି ଅଣଦେଖା କରାଯାଉଛି ବୋଲି ହିତାଧିକାରୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏହିକ୍ରମରେ ବନ୍ଧଡିହ ଗ୍ରାମର ଅରକ୍ଷିତ ମଳିକ (୬୯) ଜଳଧର ମଳିକ (୬୪), ବିଧବା ହେମଲତା ମଳିକ (୫୬), ପାକି ମଳିକ (୬୭), ପଞ୍ଚୁ ମଳିକ (୬୭), ଦାମ ମଳିକ (୭୦), ବଳରାମ ମଳିକ (୭୮) ଓ ସାହାପଡା ଗ୍ରାମର ଲୋକନାଥ ମଳିକ (୬୨), ଜାନକି ମଳିକ (୫୭) ଦୀର୍ଘ ବର୍ଷ ଧରି ଭତ୍ତା ପାଇଁ ଆବେଦନ କରୁଥିଲେ ହେଁ ସେମାନଙ୍କୁ ଭତ୍ତା ମିଳିପାରି ନାହିଁ। ଭତ୍ତା ପ୍ରଦାନକୁ ନେଇ ରାଜନୀତି କରାଯାଉଛି। ଅଭିଯୋଗକାରୀ ସମସ୍ତେ ଦଳିତ ବର୍ଗର ହୋଇଥିବାରୁ



ସରକାରୀ ସହାୟତାରୁ ବଞ୍ଚିତ ହୋଇଥିବା ପ୍ରକୃତ ହିତାଧିକାରୀ।

**ବନ୍ଧଡିହ ପଞ୍ଚାୟତ**

ସେମାନଙ୍କୁ ଉପେକ୍ଷା କରାଯାଉଛି। ଫର୍ମ ବାରମ୍ବାର ପଞ୍ଚାୟତରେ ଦାଖଲ କଲେ ବି ସୁଫଳ ମିଳୁନାହିଁ। ହେଲେ ପଞ୍ଚାୟତର ଥିଲାବାଲା ଓ ସେମାନଙ୍କଠାରୁ କମ୍ ବର୍ଷର ହିତାଧିକାରୀଙ୍କୁ ଭତ୍ତା ମିଳୁଛି । ଏ ଦିଗରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସରପଞ୍ଚ ଅମଲତା ଜେନାଙ୍କୁ ପଚାରିବାରୁ, ୬୦ରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କ ଫର୍ମ ବ୍ଲକରେ ଦାଖଲ କରାଯାଇ ଆସୁଛି। ହେଲେ ଏ ଦିଗରେ ବ୍ଲକ ପ୍ରଶାସନ ପକ୍ଷରୁ ସହଯୋଗ କରାଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ, ଭିଏଲଡବ୍ଲ୍ୟୁମାନେ ଯେଉଁ ଫର୍ମ ସିଲେକ୍ସନ କରି ଦେଇଥିଲେ ସେ ସମସ୍ତଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ତେବେ ଯେଉଁମାନେ ଭତ୍ତାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କ ଫର୍ମ ତାଙ୍କ ପାଖକୁ ଆସି ନ ଥିଲା ବୋଲି କହିଥିଲେ।




## ସଂକ୍ଷେପରେ

### ନୀଳମାଧବ ଜୀଉଙ୍କ ଜାମାଲାଗି ବେଶ



**ଖଣ୍ଡପଡ଼ା,୧୦।୨(ସ୍ୱ.ପ୍ର.):** ପବିତ୍ର ବସନ୍ତ ପଞ୍ଚମୀ ତିଥି ତଥା ରବିବାରଠାରୁ ବସନ୍ତ ମହୋତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ କଣ୍ଟିଲୋ ଶ୍ରୀ ନୀଳମାଧବଜୀଉଙ୍କ ଜାମାଲାଗି ବେଶ ଅନୁଷ୍ଠିତ ହେଉଛି। ଠାକୁରଙ୍କ ବାହ୍ୟ ଯାତ୍ରା ସହ ବସନ୍ତ ମହୋତ୍ସବ ମଧ ଶୁଭାରମ୍ଭ ହୋଇଥିବା ଦେବୋତ୍ତର କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଠାକୁରଙ୍କ ସନ୍ଧ୍ୟା ଆଳତିପରେ ଜାମାଲାଗି ହୋଇ ପରମ୍ପରା ଅନୁଯାୟୀ ନୀଳମାଧବଜୀଉ ଦୟଣାଚୋରି ବଗିଚାକୁ ବିଜେ ହୋଇଛନ୍ତି। ଏହି ଉତ୍ସବ ଆସନ୍ତା ଦୋଳପୂର୍ଣ୍ଣିମୀ ପର୍ଯ୍ୟନ୍ତ ଚାଲୁ ରହିବ। ଶ୍ରୀ ଜୀଉ ଗତ ଓଢଣ ଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଓଢଣ ଲାଗି ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ।

ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

# କେବଳ ସଚେତନ ନୁହେଁ ଅଭ୍ୟସ୍ତ ହେବା ଦରକାର

**ନୟାଗଡ଼ ଅଫିସ,୧୦।୨**

ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ୨୦୧୯ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସ ସକାଳ ୮ଟାରେ ବ୍ରଜେନ୍ଦ୍ର ହାଇସ୍କୁଲ ପଡ଼ିଆଠାରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଶୋଭାଯାତ୍ରାରେ ସହର ପରିକ୍ରମା କରି ସଡ଼କ ସୁରକ୍ଷା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। ପରେ ପଠାଣିସାମନ୍ତ ଅଡ଼ିଟୋରିୟମଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ ମୁଖ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କେବଳ ସଚେତନ ହେଲେ ସଡ଼କ ସୁରକ୍ଷା ହେବ ତା' ନୁହେଁ, ଏଥିପାଇଁ ସମସ୍ତେ ଅଭ୍ୟସ୍ତ ହେବା ଦରକାର ବୋଲି ବକ୍ତବ୍ୟରେ କହିଥିଲେ। ସେହିପରି ଗାଡ଼ି ଚଲାଇବା ବେଳେ ସମସ୍ତେ ହେଲମେଟ୍ ପିନ୍ଧିବା ପାଇଁ ସଚେତନ ଅଛୁ, ହେଲେ ଏହାକୁ କେହି ଅଭ୍ୟାସରେ ପରିଣତ କରୁନାହାନ୍ତି। ଆରଟିଓ ପ୍ରତାପ ପ୍ରୀତିମୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଘରୋଇ ବସ୍ ଆସୋସିଏଶନ୍ ସଭାପତି ମନୋଜ କୁମାର ନାୟକ, ସମ୍ପାଦକ ଶେଖ୍ ୟୁସୁଫ ପ୍ରମୁଖ ମଞ୍ଚାସୀନ ଥିଲେ।




ବୈଠକରେ ଯୋଗଦେଇଥିବା ଅତିଥିମାନେ।



ରଘୁନାଥଜୀଉଙ୍କ ସ୍ୱତନ୍ତ୍ର ବେଶ।

## ଶ୍ରୀ ରଘୁନାଥ ଜୀଉ ମନ୍ଦିରରେ ବସନ୍ତ ପଞ୍ଚମୀ ନୀତି

**ଓଡ଼ଗାଁ,୧୦।୨ (ସ୍ୱ.ପ୍ର.)**

ଓଡ଼ଗାଁ ବ୍ଲକ ରଘୁନାଥ ଜୀଉଙ୍କ ମନ୍ଦିରରେ ମାଘ ଶୁକ୍ଳ ପଞ୍ଚମୀ ଅବସରରେ ବସନ୍ତ ପଞ୍ଚମୀ ନୀତି ପାଳିତ ହୋଇଯାଇଛି। ଖେଚୁଡ଼ି ଧୂପ ପରେ ୧୨ ଘଟିକା ସମୟରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ପାଇଁ ବିଜେ ପରଭାରେ ପାଟପତନୀ ଲାଗି ଓ ରତ୍ନବେଦୀରେ ବିଜେ ଆଳତି ହୋଇଥିଲା। ମଣିବିମାନରେ ବସନ୍ତ ପଞ୍ଚମୀ ନୀତି ମଣ୍ଡପକୁ ଆସିବା ପରେ ଦୋଳି ଖଟୁଲିରେ ଶ୍ରୀଜୀଉମାନଙ୍କୁ ଅବସ୍ଥାନ କରାଯାଇଥିଲା। ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ରାଜଭୋଗ, କର୍ପୂର ଆଳତି, ଶ୍ରୀ ପଞ୍ଚମୀ ବନ୍ଦାପନା ଓ ମହାଆଳତି ଲାଗି ହୋଇଥିଲା। ରାତ୍ର ୮ଟା ସମୟରେ ମଣି ବିମାନରେ ପ୍ରଭୁ ବିଜେ ହୋଇ ସହର ପରିକ୍ରମା କରିବା ସମୟରେ ଚାଚେରି ଭୋଗ, ନୈବେଦ୍ୟ (ଦୁଆର ପୂଜା) ସରିବା ପରେ ରାତ୍ର ୯ଟା ସମୟରେ ମନ୍ଦିର ପ୍ରବେଶ ହୋଇଥିଲେ। ପରେ ରାତ୍ର ଧୂପ, ଗୀତଗୋବିନ୍ଦ ଓ ବଡ଼ସିଂଗାର ନୀତି କରାଯାଇଥିଲା। ରାତ୍ର ୧୦ଟା ସମୟରେ ପହୁଡ଼ ହୋଇଥିଲା। ସେହିପରି ମନ୍ଦିର ବେଢ଼ାରେ ପୂଜିତ ମା ସରସ୍ୱତୀଙ୍କୁ ଦିବା ୧୧ଟା ସମୟରେ ସ୍ୱତନ୍ତ୍ର ରାଜଭୋଗ ଓ ଆଳତି ଅର୍ପଣ କରାଯାଇଥିଲା।

ବ୍ୟବସାୟୀଙ୍କଠାରୁ ଅଳଙ୍କାର ଲୁଟ୍ ଘଟଣା

## ରାସ୍ତାରୁ ମିଳିଲା ସ୍କୁଟି ଓ ଖାଲି ବ୍ୟାଗ

**ଖଣ୍ଡପଡା,୧୦।୨(ସ୍ୱ.ପ୍ର.)**

ଖଣ୍ଡପଡା ଥାନା କଣ୍ଟିଲୋର ଜଣେ ଅଳଙ୍କାର ବ୍ୟବସାୟୀଙ୍କଠାରୁ ଶନିବାର ରାତିରେ ଲୁଟ୍ ହୋଇଥିଲା। ଲୁଟେରାମାନେ ବ୍ୟବସାୟୀଙ୍କୁ ବନ୍ଧୁକରେ ପିଟି ତାଙ୍କ ସ୍କୁଟି ସହ ସମସ୍ତ ସୁନା ଅଳଙ୍କାର ଲୁଟିନେଇଥିଲେ। ରବିବାର ସକାଳୁ ରାସ୍ତା ଉପରୁ ଲୁଟ୍ ହୋଇଥିବା ସ୍କୁଟି ଓ ଖାଲି ବ୍ୟାଗ ମିଳିଛି। କଣ୍ଟିଲୋ ଯାତ୍ରାପଦା ବଜାରରେ ଅଳଙ୍କାର ଦୋକାନ ଦେଇଥିବା ଅମିତ କୁମାର ସାହୁ ରାତି ୮ଟାରେ ଦୋକାନ ବନ୍ଦ କରି ସମସ୍ତ ସୁନା ଅଳଙ୍କାର ବ୍ୟାଗରେ ରଖି ସ୍କୁଟିରେ ଘରକୁ ଫେରୁଥିଲେ। ପଛରେ ତାଙ୍କ ବାପା ଅଜୟ ସାହୁ ମଧ୍ୟ ଏକ ବାଇକ୍‌ରେ ଯାଉଥିଲେ। ନିକଟସ୍ଥ ଚଣ୍ଡୀ ପୋଖରୀ ପାର୍ଶ୍ୱ ମୁଖ୍ୟ ରାସ୍ତାରେ ୫ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଉଭୟଙ୍କୁ ଆକ୍ରମଣ କରି ସ୍କୁଟି ସହ ଅଳଙ୍କାର ଲୁଟି ନେଇଥିଲେ। ବ୍ୟାଗ୍‌ରେ ଥିବା ପ୍ରାୟ ୪୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିବା ନେଇ ଅମିତ କଣ୍ଟିଲୋ ଫାଣ୍ଡି ପୋଲିସକୁ ଅବଗତ କରିଥିଲେ। ଖବର ପାଇ ନୟାଗଡ ଏସ୍‌ପି ଶଶୀଭୂଷଣ ଶତପଥୀ, ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି, ଖଣ୍ଡପଡା ଆଇଆଇସି ବିମଳ କୁମାର ମଲ୍ଲିକ, କଣ୍ଟିଲୋ ଫାଣ୍ଡି ଅଧିକାରୀ ରଘୁନାଥ ଷଡ଼ଙ୍ଗୀ ପ୍ରମୁଖ ରାତି ୧୨ଟା ପର୍ଯ୍ୟନ୍ତ ଅନୁସନ୍ଧାନ ଜାରି ରଖିଥିଲେ। ତେବେ ରବିବାର ସକାଳେ ଗ୍ରାମବାସୀଙ୍କଠାରୁ ଖବର ପାଇ ପୋଲିସ କଣ୍ଟିଲୋ-ଗଣିଆ ପୂର୍ତ୍ତ ବିଭାଗ ରାସ୍ତା କୁମୁଣ୍ଡିଆଠାରୁ ବ୍ୟବସାୟୀଙ୍କ ସ୍କୁଟି (ନଂ.ଓଡି୨୫ଏଫ୍-୯୨୪୬), ଖାଲି ଥିବା ବ୍ୟାଗ୍ ଜବତ କରିଛି। ଅଜୟ ସାହୁଙ୍କ ଅଭିଯୋଗକ୍ରମେ ଖଣ୍ଡପଡ଼ା ଥାନାରେ ଏକ ମାମଲା (ନଂ.୨୨/୧୯) ରୁଜୁ ହୋଇଛି। ସିସିଟିଭି ଫୁଟେଜ୍ ଯାଞ୍ଚ କରି ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରିଥିବା ଜଣାପଡ଼ିଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ

**ରଣପୁର,୧୦।୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳର ପରିଷଦର ସାଗରସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି । ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ପ୍ରାଦେଶିକ କାର୍ଯ୍ୟକର୍ତ୍ତା ଶ୍ରୀଧର ସାହୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ସିଆର୍‌ସି ଜ୍ୟୋତିରଞ୍ଜନ କର, ରଣପୁର କଲେଜ କ୍ରୀଡା ଅଧ୍ୟାପକ ବ୍ରଜ ମୋହନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବିଦ୍ୟାମନ୍ଦିରର ସଭାପତି ଗୋପାଳ ଚନ୍ଦ୍ର ରଥ ବୈଠକରେ ସଭାପତିତ୍ୱ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରତିଯୋଗିତା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସୁନିଲ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

JEWELS INTERNATIONAL
**Chetana College of Special Education**

**(Recognized by SSEPD Department, Govt. of Odisha, Approved by Rehabilitation Council of India) Affiliated to Utkal University**

**Contact : 9437126187, 9437265920, 9090207307**
**E-mail : chetanacollege@yahoo.co.in**
**Website: http://www.chetana-jewelsinternational.org**

Applications are invited for admission in to D.Ed.Special Education (MR) for the Academic Session 2019-2021. Last date for receiving on line application is 15.03.2019. The Prospectus and Application form is available at RCI Website **https://applyadmission.net/aioat2019/.** Application Forms of B.Ed, M.Ed. Special Education (MR) & M.A in Applied Psychology will be available after 15.03.2019.

**Principal**

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା: ଭଦ୍ରକ,
ମାଷ୍ଟର ବାବୁ କମ୍ପ୍ଲେକ୍ସ, ଛପୁଲିଆ, ବାଏପାସ୍ ରୋଡ୍, ଜିଲ୍ଲା: ଭଦ୍ରକ
ଶାଖା ଫୋନ୍ ନଂ.: ୦୬୭୮୪-୨୫୦୩୫୩, ଶାଖା ଇ-ମେଲ: sbi.18397@sbi.co.in

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ, ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ**
ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

**କ୍ଷମତାପ୍ରାପ୍ତ ଅଧିକାରୀ: ଜାମିନୀ ରଞ୍ଜନ ସାହୁ, ଇ-ମେଲ: jamini.sahu@sbi.co.in, ମୋ: ୯୪୩୭୪୯୭୦୫୩**

| କ୍ର. ନଂ. | ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | **ତାଳଚେର ଫର୍ଟିଲାଇଜର ଟାଉନସିପ୍ ଶାଖା /** ୧. ଋଣଗ୍ରହୀତା: **ସୁମନ୍ତ ସାହୁ,** ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୨୩୪୦୧୦୮୮୨, ୩୨୫୫୮୩୯୬୧୯୨, ୩୧୭୩୪୨୩୩୦୫୫** | | **ସୁମନ୍ତ ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତୁରଙ୍ଗ, ଜିଲ୍ଲା: ଅନୁଗୁଳ, ଖାତା ନଂ.: ୯୨୯/୨୫୬୦, ପ୍ଲଟ୍ ନଂ.: ୧୯୩୦/୯୭୧୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ଖାତା ନଂ.: ୯୨୯/୨୬୧୪, ପ୍ଲଟ୍ ନଂ.: ୧୯୨୫, କ୍ଷେତ୍ର: ଏକର୦.୦୬ଡିସିମିଲି ଓ ପ୍ଲଟ୍ ନଂ.: ୧୯୩୧, କ୍ଷେତ୍ର: ଏକର୦.୦୫ଡିସିମିଲି ଏବଂ ଖାତା ନଂ.: ୯୨୯/୨୭୪୫, ପ୍ଲଟ୍ ନଂ.: ୧୯୩୦, କ୍ଷେତ୍ର: ଏକର୦.୦୪ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୩ଡିସିମିଲି,** କିସମ: ଘରବାରୀ | **୩୧.୦୭.୨୦୧୪ ସୁଦ୍ଧା ଟ.୭୧,୨୧,୧୩୪/-** + ୦୧.୦୮.୨୦୧୪ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / **୧୧.୦୯.୨୦୧୪** | ଟ.୧,୪୭,୬୦,୦୦୦/- / ଟ.୧୪,୭୬,୦୦୦/- / ଟ.୧,୦୦,୦୦୦/- |
| | ୨. ଋଣଗ୍ରହୀତା: **ରଘୁନାଥ ନାଏକ,** ପିତା: ହରିହର ନାଏକ, ସା/ପୋ: ସାକସିଂହା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୦୮୫୯୫୩୧୨୧** | **ଜାମିନ୍‌ଦାର/ବନ୍ଧକଦାତା: ସୁମନ୍ତ ସାହୁ,** ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ | | **୨୧.୦୯.୨୦୧୬ ସୁଦ୍ଧା ଟ.୧୯,୧୬,୧୨୦.୮୧** + ୨୨.୦୯.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / **୨୨.୦୯.୨୦୧୬** | |
| ୨. | **ଏସ୍‌ଏଲ୍ ମାଇନିଂ ଶାଖା, ଜୁରୁଡି /** **ଋଣଗ୍ରହୀତାମାନେ: ୧) ରୋଜ୍ ମହମ୍ମଦ,** ପିତା: ଅବଦୁଲ ସତାର, **୨) ଶେହନାଜ୍ ବାନୋ,** ସ୍ୱାମୀ: ରୋଜ୍ ମହମ୍ମଦ, ଉଭୟଙ୍କ ଠିକଣା: ସା: ଜୁରୁଡି, ପୋ: ଜଜାଙ୍ଗ, ଭାୟା: ଯୋଡା, ଜିଲ୍ଲା: କେନ୍ଦୁଝର-୭୫୮୦୩୪ / **ଆକାଉଣ୍ଟ ନଂ.: ୩୦୯୬୧୮୩୩୮୬୬** | | **ରୋଜ୍ ମହମ୍ମଦ ଏବଂ ଶେହନାଜ୍ ବାନୋଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜାରୋଲି, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରୀ | **୩୦.୦୪.୨୦୧୬ ସୁଦ୍ଧା ଟ.୬୩,୮୭,୯୦୬/-** + ୦୧.୦୫.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / **୦୨.୦୫.୨୦୧୬** | ଟ.୧,୧୪,୫୮,୦୦୦/- / ଟ.୧୧,୪୫,୮୦୦/- / ଟ.୧,୦୦,୦୦୦/- |

* ମାନ୍ୟବର ଡେବ୍‌ଟ୍ସ ରିକଭରି ଆପିଲେଟ୍ ଟ୍ରିବୁନାଲ, କୋଲକାତାଙ୍କ ଠାରେ ବିଚାରାଧିନ ଟେଣ୍ଡର ନଂ. ୧୩୧/୨୦୧୭ ର ନିର୍ଣ୍ଣୟ ଅନୁଯାୟୀ କ୍ର. ନଂ. ୧ରେ ଦର୍ଶିତ ସମ୍ପତ୍ତିର ବିକ୍ରୟ ଚୁଡାନ୍ତ ହେବ।

ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: **ତା.୨୧.୦୨.୨୦୧୯ରିଖ** ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା

ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ:
**ତା.୨୭.୦୨.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୱେବସାଇଟ୍
**www.sbi.co.in at link https://bank.sbi/portal/web/home/auction-notices** ଦେଖନ୍ତୁ

ତାରିଖ : ୦୮.୦୨.୨୦୧୯, ସ୍ଥାନ: ଭଦ୍ରକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଭାରତ ସରକାର

ଏକ ପାଦ ସ୍ୱଚ୍ଛତା ଆଡ଼କୁ



**ସାରା ଓଡ଼ିଶାରେ ଏକ ସାଥିରେ ପାଳନ ହେଉଛି**

**ଉଜ୍ଜ୍ୱଳା "ସ୍ୱାଭିମାନ ଉତ୍ସବ"**

**ଶୁଶ୍ରୀ ଉମା ଭାରତୀ**
ପାନୀୟ ଜଳ ଏବଂ ପରିମଳ ମନ୍ତ୍ରୀ
ଭାରତ ସରକାର

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍,
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

**ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗଦେବେ**

**ଉତ୍ସବ ସ୍ଥଳ**

| ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ | ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ |
|---|---|---|---|
| ମୟୂରଭଞ୍ଜ | ମେଳଣ ପଡ଼ିଆ, କରଞ୍ଜିଆ | କନ୍ଧମାଳ | ଶିବ ମନ୍ଦିର ପଡ଼ିଆ, କେ ନୂଆଗାଁ |
| ମୟୂରଭଞ୍ଜ | ଗାନ୍ଧି ପଡ଼ିଆ, ନଛିପୁରିଆ, ବେତନଟୀ | ଗଞ୍ଜାମ | ରଥଦାଣ୍ଡ, ଜରଡ଼ା, ପାତ୍ରପୁର |
| ବାଲେଶ୍ୱର | ଚଣ୍ଡିମନ୍ଦିର ସାମ୍ନା ପଡ଼ିଆ, ସଜନାଗଡ଼, ନୀଳଗିରି | ଗଞ୍ଜାମ | ସମଲେଇ ମନ୍ଦିର ପାଖ ପଡ଼ିଆ, ବୁରୁପଦା, ହିଞ୍ଜିଳି |
| ଭଦ୍ରକ | ବ୍ଲକ୍ ଅଫିସ୍ ସାମ୍ନା ପଡ଼ିଆ, ବନ୍ତ | ରାୟଗଡ଼ା | ବସ୍‌ଷ୍ଟାଣ୍ଡ ପାଖ ପଡ଼ିଆ, ଶିକରପଇ, କଲ୍ୟାଣସିଂହପୁର |
| କେନ୍ଦ୍ରାପଡ଼ା | ରାଜନଗର ହାଇସ୍କୁଲ ପଡ଼ିଆ, ରାଜନଗର | କୋରାପୁଟ | ବ୍ଲକ୍ ଅଫିସ୍ ପାଖ ପଡ଼ିଆ, ଲକ୍ଷ୍ମୀପୁର |
| ଯାଜପୁର | ବାସନ୍ତୀ ପଡ଼ିଆ, ଦାଣ୍ଡିସାହି, ଦଶରଥପୁର | ମାଲ୍‌କାନଗିରି | ମାଥିଲି ଖେଳ ପଡ଼ିଆ, ମାଥିଲି |
| କେନ୍ଦୁଝର | ଗାଁ ପଡ଼ିଆ, ବାଲିପାଳ, ଘସିପୁରା | ନବରଙ୍ଗପୁର | ରତାଖଣ୍ଡିଗୁଡ଼ା ଷ୍ଟାଡିୟମ, ରତାଖଣ୍ଡିଗୁଡ଼ା, ଝରିଗାଁ |
| ଅନୁଗୋଳ | ମକର ମେଳଣ ପଡ଼ିଆ, ବାଲିସାହି | କଳାହାଣ୍ଡି | ପଞ୍ଚାୟତ ହାଇସ୍କୁଲ ପଡ଼ିଆ, ଦୁଆରସୁଣି, ଭବାନୀପାଟଣା |
| ଢେଙ୍କାନାଳ | ବିଶ୍ୱକର୍ମା ପଡ଼ିଆ, ଖଜୁରିଆକଟା, ହିନ୍ଦୋଳ | ନୂଆପଡ଼ା | ସାପ୍ତାହିକ ବଜାର ପଡ଼ିଆ, ବୋଡ଼େନ, ଖରିଆର |
| କଟକ | ବନିପଦା ଫୁଟବଲ ପଡ଼ିଆ, ଟାଙ୍ଗୀ | ବଲାଙ୍ଗୀର | କରମତଳା ହାଇସ୍କୁଲ ପଡ଼ିଆ, ସଇଁତଳା |
| କଟକ | ଗୋବରୀ ବ୍ରିଜ୍ ପାଖ ପଡ଼ିଆ, ଅଲିକୋଡ଼ା, ମାହାଙ୍ଗା | ବରଗଡ଼ | ଗାଁ ପଡ଼ିଆ, କଣ୍ଟାପାଲ୍ଲୀ |
| ଜଗତସିଂହପୁର | ବିବେକାନନ୍ଦ ହାଇସ୍କୁଲ ପଡ଼ିଆ, ଜୋତ | ଝାରସୁଗୁଡ଼ା | ସତସଙ୍ଗ ଭବନ ପଡ଼ିଆ, ମନମୋହନ ଏମ୍‌ଇ ସ୍କୁଲ ପାଖ |
| ପୁରୀ | ଶୁଭପ୍ରଭା ମଣ୍ଡପ ପଡ଼ିଆ, କୁସୁପୁର, ଗୋପ | ସମ୍ବଲପୁର | ମିନି ଷ୍ଟାଡିୟମ, ନାକଟିଦେଉଳ |
| ଖୋର୍ଦ୍ଧା | ନୂଆ ବସ୍‌ଷ୍ଟାଣ୍ଡ ପଡ଼ିଆ, ଜଟଣୀ | ସୁନ୍ଦରଗଡ଼ | ରାଜାବଙ୍ଗଳା ପଡ଼ିଆ, ବାଲିଶଙ୍କରା |
| ନୟାଗଡ଼ | ବାଲୁକେଶ୍ୱର ପଡ଼ିଆ, କଞ୍ଚନବିଲି | ସୁନ୍ଦରଗଡ଼ | ରାହାସ ପଡ଼ିଆ, ଜଗନ୍ନାଥ ମନ୍ଦିର ପାଖ, କୁଆଁରମୁଣ୍ଡା |

**୧୧ ଫେବୃୟାରୀ ୨୦୧୯**



ଏତିକି ପ୍ରାର୍ଥନା କରୁଥାଏ ଯେ ମୃତ୍ୟୁ ପୂର୍ବରୁ ତୁମର ଦୁର୍ଗୁଣଗୁଡିକ ଯେପରି ମୃତ୍ୟୁ ହୋଇଯାଇଥିବ।
- ଫ୍ରାଙ୍କ୍‌ଲିନ୍‌



## ସଂକ୍ଷେପରେ

### ଦୁର୍ଘଟଣା: ଜଣେ ଗୁରୁତର



**ଖଣ୍ଡପଡ଼ା,୧୦।୨(ସ୍ୱ.ପ୍ର.):** କଣ୍ଟିଲୋ-ପଥରଚକଡା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାରେ ରବିବାର ଅପରାହ୍ନରେ ଏକ ବୋଲେରୋ ସହ ଧକ୍କା ହେବା ଫଳରେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକଙ୍କ ହେଉଛନ୍ତି ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡା ଗ୍ରାମର ସଞ୍ଜୟ ଡାକୁଆ(୧୯)। ତାଙ୍କୁ ନୟାଗଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାରୁ ପ୍ରକାଶ, ଅପରାହ୍ନ ସାଢେ ୪ଟା ସମୟରେ ସଞ୍ଜୟ ଏକ ହିରୋହଣ୍ଡା ନଂ-ଓଆର-୦୫ଏଏମ୍-୪୧୫୭ରେ ସେହି ଗ୍ରାମର ଶିବପ୍ରସାଦ ଶତପଥୀ(୧୭)ଙ୍କୁ ପଛରେ ବସାଇ କଣ୍ଟିଲୋରୁ ନିଜ ଗ୍ରାମକୁ ଫେରୁଥିଲେ । ତେବେ କମେଇ ସେତୁ ନିକଟ କୁକୁଡାଖାଇ ନାଳ ଉପରଦେଇ ଆସିବା ବେଳେ ଏକ ବୋଲେରୋ ଗାଡି ସହ ବାଇକ୍ ଧକ୍କା ହୋଇଥିଲା । ଫଳରେ ଶିବ ସାମାନ୍ୟ ଆହତ ହୋଇଥିବା ବେଳେ ସଞ୍ଜୟଙ୍କ ଡାହାଣ ଗୋଡ ଭାଙ୍ଗିଯାଇଥିଲା।

# ବାଲୁଗାଁ ପଞ୍ଚାୟତରେ ବ୍ୟାପୁଛି ଜଣ୍ଡିସ୍

**ନୟାଗଡ଼ ଅଫିସ,୧୦।୨**

ନୟାଗଡ଼ ଜିଲା ସଦର ବ୍ଲକ ବାଲୁଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜଣ୍ଡିସ୍ ରୋଗ ବ୍ୟାପିବାରେ ଲାଗିଛି। ୭ଦିନ ମଧ୍ୟରେ ବାଲୁଗାଁର ଗଡ଼ଭିତର ସାହି, ବଣିଆ ସାହି ଓ କ୍ଲବ ସାହିରେ ୪୦ରୁ ଊର୍ଦ୍ଧ୍ୱ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଆଶା କର୍ମୀ ପ୍ରଭାତୀ ପଣ୍ଡାଙ୍କ ଝିଅ ବର୍ଷାରାଣୀ ଦାସ ଓ ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାମୀ ଦୀନବନ୍ଧୁ ନାୟକ ଅଛନ୍ତି। ପାନୀୟଜଳ ରୋଗ ବ୍ୟାପିବାର ପ୍ରମୁଖ କାରଣ ବୋଲି ଜଣାପଡିଛି।

ଦୀନବନ୍ଧୁ ନାୟକ କହିବା ଅନୁଯାୟୀ, ୭ଦିନ ପୂର୍ବେ ପରିସ୍ରା ହଳଦିଆ ହେବା ଦେଖି ସେ ପ୍ରଥମେ ଭୟଭୀତ ହୋଇପଡିଥିଲେ। ବିଳମ୍ବ ନ କରି ସଙ୍ଗେ ସଙ୍ଗେ ସେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ପରୀକ୍ଷା ପରେ ତାଙ୍କୁ ଜଣ୍ଡିସ୍ ହୋଇଥିବା ଜାଣିଥିଲେ। ପରେ ସେ ଔଷଧ ନେଇ ଘରକୁ ଫେରିଥିଲେ। କିନ୍ତୁ ଘରେ ପହଞ୍ଚିବା ପରେ ପଡିଶାଘରର ଦୁଇଜଣ ବ୍ୟକ୍ତିଙ୍କୁ ଜଣ୍ଡିସ୍ ହୋଇଥିବା ଜଣାପଡିଥିଲା। ଏହିପରି ଜଣକ ପରେ ଜଣେ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ। ଗଡ଼ଭିତର ସାହିର ଇନ୍ଦ୍ରମଣି ସ୍ୱାଇଁ, ଭାବଗ୍ରାହୀ ସ୍ୱାଇଁ, ପ୍ରଭାତ କୁମାର ଦଳବେହେରା, ଆଶା ଦଳବେହେରା, ରଞ୍ଜିତ ବେହେରା, କେଶବ ଚନ୍ଦ୍ର ଦଳବେହେରା, ଦେବାଶିଷ ଦାସ, ପୁଷ୍ପାଞ୍ଜଳି ପ୍ରଧାନ, ପ୍ରମିଳା ନାୟକ, ମମତା ଡାକୁଆ, ସରୋଜ କୁମାର ରାଉତ, କ୍ଲବ ସାହିର ସରୋଜିନୀ ମହାନ୍ତି, ରାକେଶ ପ୍ରଧାନ ପ୍ରମୁଖ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଆଶା ଦଳବେହେରାଙ୍କୁ ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।



ଗଡ଼ଭିତର ସାହିର ଦୃଶ୍ୟ।



ଦୀନବନ୍ଧୁ ନାୟକ।

- ୭ ଦିନ ମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ
- ପାନୀୟ ଜଳ ମୁଖ୍ୟ କାରଣ
- ଆଶାକର୍ମୀଙ୍କ ଝିଅ ଓ ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାମୀ ଆକ୍ରାନ୍ତ

ଅନ୍ୟମାନେ ଘରେ ଚିକିତ୍ସିତ ହୋଇ ବିଶ୍ରାମ ନେଉଛନ୍ତି। ଆଶା ଦିଦି ପ୍ରଭାତୀ ପଣ୍ଡା କହନ୍ତି, ୭ରୁ ୮ଦିନ ହେଲା ଗ୍ରାମରେ ଜଣ୍ଡିସ୍ ବ୍ୟାପିଛି। ତାଙ୍କ ସୂଚନା ଅନୁଯାୟୀ ଏହି ଗ୍ରାମରେ ୬୫ଟି ଘରୋଇ କୂଅ ଓ ୪ଟି ସରକାରୀ କୂଅ ରହିଛି। ପାଇପ୍ ଯୋଗେ ଆସୁଥିବା ଜଳରୁ ଏହି ରୋଗ ବ୍ୟାପିଥିବା ଜଣାପଡ଼ିଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଖବର ପାଇବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗ୍ରାମରେ ପହଞ୍ଚି ଆକ୍ରାନ୍ତମାନଙ୍କ ରକ୍ତ ନମୁନା ସହ ପାନୀୟ ଜଳ ସଂଗ୍ରହ କରିଛି। ଏହାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଲ୍ୟାବ୍‌କୁ ପଠାଯାଇଛି, ସେଠାରୁ ରିପୋର୍ଟ ଆସିଲା ପରେ ଏହା କିପରି ବ୍ୟାପୁଛି ଜଣାପଡ଼ିବ ଓ ତଦନୁଯାୟୀ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯିବ। ସୂଚନାଯୋଗ୍ୟ କିଛିଦିନ ତଳେ ସଦର ବ୍ଲକ କ୍ରୀଦାଶପୁର ପଞ୍ଚାୟତର ୫ ଖଣ୍ଡ ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ଓ ଶରଧାପୁର ପଞ୍ଚାୟତର ୪ ଖଣ୍ଡ ଗ୍ରାମରେ ୪୦ରୁ ଅଧିକ ଲୋକ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପହଞ୍ଚି ପରୀକ୍ଷାନିରୀକ୍ଷା କରିବା ସହ ପ୍ରତିଷେଧକମୂଳକ ବ୍ୟବସ୍ଥା ଗ୍ରହଣ କରିଥିଲା।

## ୧୭ରୁ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା

**ପୁରୀ ଅଫିସ, ୧୦।୨:** ଶ୍ରୀକ୍ଷେତ୍ରର ଅନ୍ୟତମ କଳା ଓ ସାଂସ୍କୃତିକ ସଙ୍ଗଠନ 'ଅନୁଷ୍ଠାନ ଆମର' ପକ୍ଷରୁ ଚଳିତ ବର୍ଷ ୧୨ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଫେବୃୟାରୀ ୧୭ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୭ରୁ ୨୫ତାରିଖ ପର୍ଯ୍ୟନ୍ତ ୮ଜିଲାରୁ ୮ଟି କଳା ଅନୁଷ୍ଠାନ ନାଟକ ପରିବେଷଣ କରିବେ। ଶେଷ ରଜନୀରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷ ସନ୍ଧ୍ୟାରେ ବାଲେଶ୍ୱରର ଏକ କଳାକେନ୍ଦ୍ର ଶ୍ରୀଜଗନ୍ନାଥଙ୍କ ଉପରେ ଏକ ସ୍ୱତନ୍ତ୍ର ନାଟକ ପରିବେଷଣ କରିବେ। ଶ୍ରେଷ୍ଠ ନାଟକ, ନିର୍ଦ୍ଦେଶକ ଓ କଳାକାରଙ୍କୁ ସମ୍ମାନିତ କରାଯିବ। ପ୍ରଥମ ଦିନରେ ଭୁବନେଶ୍ୱରର ଇନ୍ଦ୍ରଧନୁ ଥିଏଟର ନାଟକ କ୍ଷେତ୍ରଶନ ପରିବେଷଣ କରିବେ। ପରେ କ୍ରମାନ୍ୱୟରେ ବୌଦ୍ଧ, ବ୍ରହ୍ମପୁର, ସମ୍ବଲପୁର, ମୟୂରଭଞ୍ଜ, ଖୋର୍ଦ୍ଧା, ବଲାଙ୍ଗୀର, ଯାଜପୁର ପ୍ରଭୃତି ଜିଲାର କଳାନୁଷ୍ଠାନ ନାଟକ ପରିବେଷଣ କରିବେ ବୋଲି ରବିବାର ଭକ୍ତ ସାଲବେଗ ପୀଠ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି କହିଛନ୍ତି। ୯ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ମଞ୍ଚ ଓ ସିନେ ଜଗତର ଭୀଷ୍ମ ପୀତାମହ ସ୍ୱର୍ଗତ ରାମଚନ୍ଦ୍ର ପ୍ରତିହାରୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯିବ ବୋଲି ସଂସ୍ଥାର ସଭାପତି ଭରତ ନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ବଟରାଜଦେବ ଗୋସ୍ୱାମୀ, ପୂର୍ବତନ କାଉନସିଲର ଭକ୍ତଚରଣ ଦାଶ, ବିନୟ ନୃସିଂହ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନବଦିନାତ୍ମକ ପ୍ରବଚନ ଓ ପାରାୟଣ

**ରଣପୁର,୧୦।୨(ସ୍ୱ.ପ୍ର.)**

ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦସ୍ଥିତ ରଘୁନାଥପୁର ନୂଆଗାଁରେ ରବିବାର ସରସ୍ୱତୀ ପୂଜା କମିଟି ତରଫରୁ ନବଦିନାତ୍ମକ ପ୍ରବଚନ ଓ ପାରାୟଣ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ଗ୍ରାମର ପୁରୁଷ ଓ ମହିଳାମାନେ ଶନିବାର ଅଙ୍କୁରାରୋପଣ କରି ରବିବାର ବରମୂଳ ନଦୀରୁ ସକାଳୁ କଳସଯୋଗେ ଜଳନେଇ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମରେ ପହଞ୍ଚିଥିଲେ। ସେଠାରେ ମା ସରସ୍ୱତୀଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କୁ ପୂଜା, ଅର୍ଚ୍ଚନା ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଠାରେ ୯ଦିନ ଧରି ପ୍ରବଚନ ପାରାୟଣ ଅନୁଷ୍ଠିତ ହେବ । ଆସନ୍ତା ୧୯ତାରିଖରେ ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ରହିଛି । ରଣପୁର ଚୈତନ ମଠ ମହାନ୍ତ ପର୍ଶୁରାମ ଦାସ ମହାରାଜ କାର୍ଯ୍ୟକ୍ରମକୁ ତଦାରଖ କରୁଛନ୍ତି ।



କଳସ ଶୋଭାଯାତ୍ରା।

### ତ୍ରିନାଥ ଦେବଙ୍କ ପାଞ୍ଚମେଳା ମହୋତ୍ସବ



**ଭାପୁର,୧୦।୨(ଡି.ଏନ୍.ଏ.):** ଭାପୁର ବ୍ଲକ ବିଜିପୁର ଗ୍ରାମର ବଜାରଠାରେ ପ୍ରତିଷ୍ଠିତ ତ୍ରିନାଥଦେବଙ୍କ ୨୫ତମ ପାଞ୍ଚମେଳା ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ସୂର୍ଯ୍ୟପୂଜା ଓ କଳସ ସ୍ଥାପନ ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ସୁଶାନ୍ତ କୁମାର ନନ୍ଦ ମୁଖ୍ୟ ପୁରୋଧା ଭାବେ କାର୍ଯ୍ୟ କରିଥିବା ବେଳେ ସନ୍ତୋଷ କୁମାର ଦାଶ ଓ ବିକ୍ରମ କେଶରୀ ଦାଶ ସହଯୋଗ କରିଥିଲେ। ଏହି ଧାର୍ମିକ କାର୍ଯ୍ୟରେ ବିଜିପୁର, ବାଦିଲୋ ଓ ବାଘେଡ଼ିଆର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ କରିଥିଲେ।

## ଦିବ୍ୟାଙ୍ଗ ସମାନତା ଓ ସଶକ୍ତୀକରଣ ଅଭିଯାନ

**ବୋଲଗଡ଼,୧୦।୨(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ସାଗରଗାଁ ସ୍ଥିତ ଅଲଟ୍ରା ଅନୁଷ୍ଠାନର ଦିବ୍ୟାଙ୍ଗ ବିଦ୍ୟାଳୟଠାରେ ଶନିବାର ଦିବ୍ୟାଙ୍ଗ ସମାନତା, ସଂରକ୍ଷଣ ଓ ସଶକ୍ତିକରଣ ଅଭିଯାନ ଆରମ୍ଭ ହୋଇଯାଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଭିନ୍ନକ୍ଷମ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟନେଇ ୧୫୦ ବିଦ୍ୟାଳୟରେ ଅଭିଯାନ କରାଯାଇଛି। ସେମାନଙ୍କୁ ସଶକ୍ତୀକରଣ, ଉତ୍ସାହିତ କରିବା ପାଇଁ ଚିତ୍ର ପ୍ରଦର୍ଶନୀ, ଭିଡିଓ, ସଙ୍ଗୀତ, ଗୁଣାତ୍ମକ ଖେଳ ଓ ରାଜଯୋଗ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜସ୍ଥାନ ମାଉଣ୍ଟ ଆବୁସ୍ଥିତ ବ୍ରହ୍ମାକୁମାରୀ ଅନୁଷ୍ଠାନ ଦିବ୍ୟାଙ୍ଗ ସେବା ବିଭାଗର ଆନ୍ତଃରାଷ୍ଟ୍ରୀୟ ସଂଯୋଜକ ବ୍ରହ୍ମାକୁମାର ସୂର୍ଯ୍ୟମଣି ଦାସ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ମହାଦେବ ପରିଡା, ପରିଚାଳନା ପରିଷଦର କର୍ମକର୍ତ୍ତା ବ୍ରହ୍ମଚାରୀ ରାୟ, ଫକିର ମହାରାଣା ଓ ଆଲୋକ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦିବ୍ୟାଙ୍ଗମାନେ।

**୧୫୦ ବିଦ୍ୟାଳୟ ସାମିଲ**

### ଛାତ୍ରୀଙ୍କୁ ପୂର୍ବତନ ଛାତ୍ରମାନଙ୍କ ସମ୍ବର୍ଦ୍ଧନା

**ଭାପୁର,୧୦।୨(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ବାଳିକା ହାଇସ୍କୁଲଠାରେ ଗତମାସ ୪ ତାରିଖରେ ଓଷ୍ଟା ତରଫରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ସୃଜନଶୀଳ ଲିଖନରେ ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ୧୦ମ ଶ୍ରେଣୀ ଛାତ୍ରୀ ଓମ୍‌ପ୍ରିୟା ସାହୁ ୨ୟ ସ୍ଥାନ ଅଧିକାର କରିଥିଲେ। ଭାପୁର ଗ୍ରାମର ପ୍ରତିଷ୍ଠିତ ବ୍ୟବସାୟୀ ପ୍ରଦୀପ ସାହୁଙ୍କ କନ୍ୟା ଓମ୍‌ପ୍ରିୟାଙ୍କୁ ସରସ୍ୱତୀ ପୂଜା ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ରମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରମାନଙ୍କ ସହ ସ୍ଥାନୀୟ ସରପଞ୍ଚ ପ୍ରସନ୍ନ କୁମାର ନାୟକ, ପୂର୍ବତନ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରଧାନଶିକ୍ଷକ ଶୈଳବାଳା ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସାଧୁ ଚରଣ ସିଂହ, ଗଙ୍ଗାଧର ବାରିକ ଓ ଶୁଭେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଲାଇବ୍ରେରି ଗୃହ ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୧୦।୨**

ନୟାଗଡ଼ ସହରର ପୁରୁଣା ବାର୍ ଆସୋସିଏଶନଠାରେ ନୂତନ ଭାବେ ଓକିଲମାନଙ୍କ ପାଇଁ ଏକ ଲାଇବ୍ରେରି ଗୃହ ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୃହ ଉଦ୍‌ଘାଟନ କରିଥିଲେ। ଏହି ଲାଇବ୍ରେରିରେ ନ୍ୟାୟିକ ବ୍ୟବସ୍ଥା ସମ୍ପର୍କୀୟ ବିଭିନ୍ନ ପୁସ୍ତକ ଉପଲବ୍ଧ ଥିବା ନେଇ ସୂଚନା ଦିଆଯାଇଥିଲା। ଆୟୋଜିତ ବୈଠକରେ ବିଚାରପତି ରଥ ଯୋଗଦେଇ ଖୁବ୍‌ଶୀଘ୍ର ନୂଆ କୋର୍ଟ ବିଲ୍ଡିଂର ଦକ୍ଷିଣପାର୍ଶ୍ୱରେ ବାର୍ ଆସୋସିଏଶନ ହଲ୍ କାର୍ଯ୍ୟ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାର ଆସୋସିଏଶନ ସଭାପତି ଅମିୟ ପଟ୍ଟନାୟକ, ସମ୍ପାଦକ କାଳୁଚରଣ ସ୍ୱାଇଁଙ୍କ ସମେତ ଜିଲାସ୍ତରୀୟ ବିଚାର ବିଭାଗୀୟ ଅଧିକାରୀ ଓ ସଂଘର ସମ୍ପାଦକମାନେ ଉପସ୍ଥିତ ଥିଲେ।



ବିଚାରପତିଙ୍କୁ ସଭାସ୍ଥଳକୁ ପାଛୋଟି ନିଆଯାଉଛି।

## ଶ୍ରୀ ଗୁରୁ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା



ଶ୍ରୀଗୁରୁଙ୍କ ବିଗ୍ରହ।

**ଖଣ୍ଡପଡ଼ା,୧୦।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତର ଅକୁରାବନ୍ଧ ଶାନ୍ତି କୁଟୀରଠାରେ ରବିବାର ଶ୍ରୀଗୁରୁ ବିଗ୍ରହ ଓ ଭବ୍ୟମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶନିବାର ପୂର୍ବାହ୍ନରେ ଏକ କଳସ ଶୋଭାଯାତ୍ରା ଓ ଅଙ୍କୁରାରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ସ୍ୱରୂପାନନ୍ଦ ଭଜନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାତଃ ୬ଟାରେ ଅଖଣ୍ଡ ଶ୍ରୀଗୁରୁ ନାମଯଜ୍ଞ, ସକାଳ ୮ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା କର୍ମ, ଶ୍ରୀଗୁରୁ ବିଗ୍ରହ ସ୍ଥାପନ, ପୂଜନ ଓ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା । ସୋମବାର ଆନୁଷ୍ଠାନିକ ଭାବେ କାର୍ଯ୍ୟ ସମ୍ପନ୍ନ ହେବ।

## ପଥପ୍ରାନ୍ତ ନାଟକ 'ସିଧାକଥା' ମଞ୍ଚସ୍ଥ

**କୃଷ୍ଣପ୍ରସାଦ,୧୦।୨(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ଲୋକାଭିମୁଖି କରିବା ପାଇଁ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଛି । ଭୁବନେଶ୍ୱର ଆଦର୍ଶ ଯୁବକ ମଞ୍ଚ ପକ୍ଷରୁ ଡ୍ୟାନ୍ସ, ପଥପ୍ରାନ୍ତ ନାଟକ 'ସିଧାକଥା' ମାଧ୍ୟମରେ ଜନସାଧାରଣ ଓ ହିତାଧିକାରୀମାନେ ସରକାରୀ ଯୋଜନା ସମ୍ପର୍କରେ ଅବଗତ ହୋଇଥିଲେ।

## କଲେଜ ରେଡକ୍ରସ୍ ୟୁନିଟ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ନୟାଗଡ଼ ଅଫିସ,୧୦।୨**

ନୟାଗଡ଼ ଜିଲା ଶରଣକୁଳ ମହାବିଦ୍ୟାଳୟ ରେଡକ୍ରସ୍ ୟୁନିଟ୍ ପକ୍ଷରୁ ଶନିବାର ସ୍ୱଚ୍ଛ ଭାରତ ଅଭିଯାନ ଓ ସଚେତନମୂଳକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଯୋଗେଶ୍ୱର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରା ଉଦ୍‌ଘାଟନ କରିଥିଲେ। ଶତାଧିକ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ଆଖପାଖ ବିଭିନ୍ନ ଗ୍ରାମ ଓ ବଜାର ପରିକ୍ରମା କରିଥିଲେ। ପରେ ଛାତ୍ରୀଛାତ୍ର ଲଡୁବାବାଙ୍କ ପୁଷ୍କରଣୀ ଚତୁଃପାର୍ଶ୍ୱ, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ପୂର୍ତ୍ତ ବିଭାଗ ରାସ୍ତା ସଫା କରିଥିଲେ। ରେଡକ୍ରସ୍ ୟୁନିଟ୍‌ର କାଉନସିଲର୍ ଶରତ ଚନ୍ଦ୍ର ମହାପାତ୍ର ଏନ୍ଏସ୍ଏସ୍ ସଂଯୋଜକ ନାରାୟଣ ପ୍ରଧାନ ଓ ରୋଭର ୟୁନିଟ୍ ଅଧିକାରୀ ବ୍ୟୋମକେଶ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଛାତ୍ରୀଛାତ୍ରଙ୍କ ଦ୍ୱାରା ପୁଷ୍କରିଣୀ ସଫେଇ କରାଯାଉଛି।

# ମା' ବାଗ୍‌ଦେବୀଙ୍କୁ ଆବାହନ



ନୟାଗଡ଼।



ରଣପୁର।



ଭାପୁର।



ଗଣିଆ।



ଦଶପଲ୍ଲା।

**ନୟାଗଡ଼ ଅଫିସ**

ନୟାଗଡ଼ ସହରର ବିଭିନ୍ନ ସ୍ଥାନରେ ରବିବାର ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସହରରେ ଥିବା ବିଭିନ୍ନ ଅନୁଷ୍ଠାନ, ସ୍କୁଲ, କଲେଜ, ଟ୍ୟୁଟୋରିଆଲ୍ ଓ କ୍ଲବରେ ମା'ଙ୍କୁ ଆବାହନ କରାଯାଇଥିଲା। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସ୍ୱୟଂଶାସିତ ମହାବିଦ୍ୟାଳୟ, ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ବିଭିନ୍ନ ଘରୋଇ ଆବାସିକ ବିଦ୍ୟାଳୟ, ଡ଼ିଏଭି ପବ୍ଲିକ ସ୍କୁଲ, ବଚପନ୍ ପ୍ଲେ ସ୍କୁଲ, ବଡ଼ପଣ୍ଡୁସରସ୍ଥିତ ପ୍ରମିଳା ପଣ୍ଡା ପବ୍ଲିକ ସ୍କୁଲରେ ଛାତ୍ରୀଛାତ୍ରମାନେ ଆନନ୍ଦ ଉଲ୍ଲାସରେ ପୂଜା ପାଳନ କରିଥିଲେ।

**ଦଶପଲ୍ଲା,(ଡି.ଏନ୍.ଏ.):** ଦଶପଲ୍ଲାରେ ପବିତ୍ର ସରସ୍ୱତୀ ପୂଜା ରବିବାର ପାଳିତ ହୋଇଯାଇଛି। ଏଥିନିମନ୍ତେ ବିଭିନ୍ନ ଶିକ୍ଷା ଅନୁଷ୍ଠାନଗୁଡିକ ଉତ୍ସବମୁଖର ହୋଇଉଠିଥିଲା। ଛାତ୍ରୀଛାତ୍ର ନୂତନ ପୋଷାକ ପରିଧାନ କରି ବିଦ୍ୟାଳୟରେ ସରସ୍ୱତୀ ପୂଜା ଆନନ୍ଦ ସହକାରେ ପାଳନ କରିଥିଲେ । ସ୍ଥାନୀୟ ବିଣାପାଣୀ ବଜାରଠାରେ ୪ଦିନ ବ୍ୟାପୀ ପୂଜା ଉତ୍ସବ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ଜଣାଯାଇଛି।

**ଭାପୁର,(ଡି.ଏନ୍.ଏ.):** ଭାପୁର ଅଞ୍ଚଳରେ ରବିବାର ବାଗ୍‌ଦେବୀ ମା' ସରସ୍ୱତୀଙ୍କ ପୂଜା ପାଳିତ ହୋଇଛି। ଭାପୁର ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାପୀଠ, ଖଇରଗାଡ଼ିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁମନ୍ଦିର ସମେତ ଗ୍ରାମର କ୍ଲବଗୁଡିକରେ ପୂଜା ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ର ନୂତନ ପୋଷାକ ପରିଧାନ କରି ବିଦ୍ୟାଳୟରେ ପହଞ୍ଚି ମା'ଙ୍କୁ ପୂଜା କରିଥିଲେ।

**ଗଣିଆ,(ଡି.ଏନ.ଏ.):** ଗଣିଆ ଅଞ୍ଚଳର ବିଭିନ୍ନ ସ୍ଥାନରେ ବାଗ୍‌ଦେବୀ ମା' ସରସ୍ୱତୀଙ୍କ ପୂଜା ରବିବାର ଧୁମ୍‌ଧାମର ସହ ପାଳିତ ହୋଇଯାଇଛି। ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଗାଁର ଯୁବକସଂଘରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆର୍‌ସି ସାମନ୍ତରାୟ କଲେଜରେ ପୂଜା ଅବସରରେ ଦିବା ୧୨ ଘଟିକା ସମୟରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷିତ ହୋଇଥିଲା। ବିଶେଷକରି ଗଣିଆ ଆଡଭାନ୍ସ ଟ୍ୟୁଟୋରିଆଲରେ ଛାତ୍ରୀଛାତ୍ରମାନେ ଜାକଜମକରେ ପୂଜା ପାଳନ କରିଥିଲେ।

**ଖଣ୍ଡପଡ଼ା,(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରାଞ୍ଚଳର ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସାମନ୍ତ ଚନ୍ଦ୍ରଶେଖର ଶିକ୍ଷା କେନ୍ଦ୍ର, ମଧୁବନ ନୋଡାଲ ବିଦ୍ୟାଳୟ, ଟାଉନ ବାଳିକା ପ୍ରାଇମେରୀ ବିଦ୍ୟାଳୟ, କଣ୍ଟିଲୋ କୁଞ୍ଜବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ନୀଳମାଧବ ନୋଡାଲ ହାଇସ୍କୁଲ, ନୀଳମାଧବ ମହାବିଦ୍ୟାଳୟ ତଥା ଖଳିସାହି, ବେଣାଗାଡିଆ, ସିଧାମୂଳା ଓ ବିଭିନ୍ନ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନରେ ରବିବାର ବିଦ୍ୟାଦାତ୍ରୀ ସରସ୍ୱତୀ ଦେବୀଙ୍କ ପୂଜା ଧୁମ୍‌ଧାମରେ ପାଳିତ ହୋଇଯାଇଛି । ବିଦ୍ୟାଦାତ୍ରୀ ମା' ସରସ୍ୱତୀ ଦେବୀଙ୍କ ପୂଜାର୍ଚ୍ଚନା ପରେ ପିଲାମାନେ ପୁଷ୍ପାଞ୍ଜଳି ଦେଇ ପ୍ରସାଦ ପାଇଥିଲେ ।

**ରଣପୁର, (ସ୍ୱ.ପ୍ର.):** ରଣପୁର ଏବଂ ଏହାର ଆଖପାଖ, ଗୋପାଳପୁର, ସୁନାଖଳା, ଚାନ୍ଦପୁର, ଦର୍ପନାରାୟଣପୁର ଅଞ୍ଚଳରେ ବିଦ୍ୟାଦାତ୍ରୀ ମା'ସରସ୍ୱତୀଙ୍କ ପୂଜା ପାଳିତ ହୋଇଯାଇଛି । ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ରଣପୁର ବାଳିକା ବିଦ୍ୟାଳୟ, ବିସି ହାଇସ୍କୁଲ୍, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଳିଙ୍ଗ ଲୋଟସ୍, ହରିଜନ ବସ୍ତି ଉପ୍ରା ବିଦ୍ୟାଳୟ, ଚାରିୟଟ୍ ପବ୍ଲିକ୍ ସ୍କୁଲ୍ ଓ ବୀଣାପାଣି କ୍ଲବ ତରଫରୁ ଆନନ୍ଦ ଓ ଉଲ୍ଲାସର ସହ ମା'ଙ୍କ ପୂଜା ଆୟୋଜିତ ହୋଇଥିଲା।

## ସଂକ୍ଷେପରେ

### ଶେରଗଡ଼ କଲେଜ ଉଦୟ ପ୍ରତାପ ସିଂଦେଓଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ଶେରଗଡ,୧୦।୨(ଡି.ଏନ୍.ଏ.):** ଶେରଗଡ କଲେଜରେ ରବିବାର ଶେରଗଡର ପୂର୍ବତନ ରାଜା ସାହେବ ସ୍ୱର୍ଗତ ଉଦୟ ପ୍ରତାପ ସିଂଦେଓଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ରାଜପୁତ୍ର ପ୍ରସନ୍ନ କୁମାର ସିଂଦେଓ ଯୋଗଦେଇ ରାଜା ସାହେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଶେରଗଡ କଲେଜ ପ୍ରତିଷ୍ଠାରେ ସ୍ୱର୍ଗତ ରାଜାସାହେବଙ୍କ ଅବଦାନ ଅତୁଳନୀୟ। ବର୍ତ୍ତମାନର ଅଧକ୍ଷ ଲୋକନାଥ ନାୟକଙ୍କ ପ୍ରଚେଷ୍ଟାରେ ସ୍ଥାନୀୟ ଲୋକଙ୍କ ସହଯୋଗ ଓ କର୍ମଚାରୀଙ୍କ ପରିଚାଳନାରେ ସ୍ୱର୍ଗତ ରାଜାସାହେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇପାରିଛି। ଅନ୍ୟମାନଙ୍କ ମଧରେ ବି. ଚେଇନ ପାତ୍ର, ଗଗନ ଦାଶ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ



**ବୁଗୁଡ଼ା,୧୦।୨(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ବିରଞ୍ଚିପୁର ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ହୋତା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବୁଗୁଡ଼ା ବଳଦେବ ମହିଳା ମହାବିଦ୍ୟାଳୟ ଅଧକ୍ଷ ବିଭୁତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସବିତା କର, ଅରୁଣ କୁମାର ନନ୍ଦ, ପ୍ରିୟ ରଞ୍ଜନ ତ୍ରିପାଠୀ, ରଞ୍ଜୁବାଳା ସାହୁ, ଛବିରାଣୀ ବେହେରା, ପ୍ରଭାତ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ ଓ ସୁଶାନ୍ତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସୁକାନ୍ତ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଦିତ୍ୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ପିପୁଲ୍ସ ହାଇସ୍କୁଲ ବାର୍ଷିକୋତ୍ସବ



**ବୁଗୁଡ଼ା,୧୦।୨(ଡି.ଏନ.ଏ.):** ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ ପିପୁଲସ୍ ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ତହସିଲଦାର ସଂଗ୍ରାମ କେଶରୀ ଜେନା, ମୁଖ୍ୟବକ୍ତା ବାଲିପଦର ଉଚ୍ଚ ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ତାରା ଶଙ୍କର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ସମାଜସେବୀ ଇଂ. ମଦନ ଗୋପାଳ ଦୋରା, ସ୍କୁଲ ପରିଚାଳନା କମିଟି ସଭାପତି ମହେନ୍ଦ୍ର କୁମାର ବିଷୋୟୀ, ଶିକ୍ଷକ ସରୋଜ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ପ୍ରଶାନ୍ତ କୁମାର ଗୌଡ଼ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଚାଳନାରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ଗଳ୍ପ ମାଧମରେ ଛାତ୍ରୀଙ୍କୁ ସଚେତନ

**ଭଞ୍ଜନଗର,୧୦।୨(ଡି.ଏନ.ଏ):** ଭଞ୍ଜନଗର ନିକଟସ୍ଥ ଜିଲୁଣ୍ଡି ମା' ବୈଷ୍ଣବୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭଞ୍ଜନଗର ଆର୍‌ଟିଓ ଶୁଭେନ୍ଦୁ ରଞ୍ଜନ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସଡକ ସୁରକ୍ଷା ସହ, ଟ୍ରାଫିକ ନିୟମ ଏବଂ ଅନ୍ୟାନ୍ୟ ନିୟମ ଗଳ୍ପ ମାଧମରେ ସଚେତନତା ସୃଷ୍ଟି କରିଥିଲେ। ଅନ୍ୟମାନଙ୍କ ମଧରେ ସଙ୍ଗଠକ ଶୂଳପାଣି ଶତପଥୀ, ଲୋହରାଖଣ୍ଡି ସାହିତ୍ୟ ସଂସଦର ସମ୍ପାଦକ ଚିନ୍ମୟ କୁମାର ବେବର୍ତ୍ତା, ଘୁମୁସର ବୈଦ୍ୟ ସଂଘର ସଭାପତି ଗୋପାଳ କୃଷ୍ଣ ପତି, ବିଦ୍ୟାଳୟ ସମ୍ପାଦକ ସିଂହାସନୀ ପତି ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ହୋଇଥିଲା।

## ଅପରାଧ ସମୀକ୍ଷା କଲେ ଏସ୍‌ପି

# ବୁଥ୍ ସ୍ଥିତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ଛତ୍ରପୁର,୧୦।୨(ଡି.ଏନ.ଏ)**

ଗଞ୍ଜାମ ପୋଲିସ ଜିଲାସ୍ତରୀୟ ଅପରାଧ ସମୀକ୍ଷା ବୈଠକ ରବିବାର ଛତ୍ରପୁରସ୍ଥିତ ଏସ୍‌ପିଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଅଧକ୍ଷତା କରିଥିଲେ। ଆଗକୁ ସାଧାରଣ ନିର୍ବାଚନ। ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟକରିବାକୁ ପଡିବ ବୋଲି ଏସପି ବିଭିନ୍ନ ଥାନା ଆଇଆଇସିମାନଙ୍କୁ କହିଥିଲେ। ଯେଉଁ ସବୁ ଥାନା ଅଧୀନରେ ପୋଲିଂ ବୁଥ୍ ରହିଛି ସେହି ସବୁ କେନ୍ଦ୍ରଗୁଡିକ ନିକଟକୁ ଯାଇ ସମସ୍ତ ତଥ୍ୟ ସଂଗ୍ରହ କରିବାକୁ ଏସ୍‌ପି କହିଛନ୍ତି। ପ୍ରତ୍ୟେକ ବୁଥ୍‌ରେ ମୋବାଇଲ ଫୋନ ନେଟ୍‌ୱାର୍କ କାର୍ଯ୍ୟ କରୁଛି କି ନାହିଁ ତାହା ଯାଞ୍ଚ କରାଯିବ।



ବୈଠକରେ ଉପସ୍ଥିତ ଏସ୍‌ପି ଏବଂ ଅନ୍ୟମାନେ।

ଏଥିସହ ସମ୍ବେଦନଶୀଳ ବୁଥଗୁଡିକୁ ଠିକ୍ ଭାବେ ଚିହ୍ନଟ କରି ତାଲିକା ଦେବାକୁ ଏସ୍‌ପି କହିଥିଲେ। ଥାନା ଗୁଡିକରେ ପଡ଼ି ରହିଥିବା ମାମଲା, ମହିଳା ଶିଶୁ ଡେସ୍କ, ସ୍ୱୟଂସିଦ୍ଧା, ଆମ ପୋଲିସ କାର୍ଯ୍ୟକ୍ରମ, ଗାଁରେ ଥିବା ବିବାଦ, ଆଦର୍ଶ ପୋଲିସ ଷ୍ଟେଶନ, ସିନିୟର ସିଟିଜେନ ସେଲ, ରାସ୍ତା ସୁରକ୍ଷା, ଜାଲ ଜାତିଗତ ପ୍ରମାଣପତ୍ର, ଶିଶୁ ଓ ଶ୍ରମିକ ଚାଲାଣ ରୋକିବା ଆଦି ସମ୍ପର୍କରେ ଆଲୋଚନା କରିବା ସହ ଏହାକୁ ତ୍ୱରାନ୍ୱିତ କରିବାକୁ ଏସପି ନିର୍ଦ୍ଦେଶ ଦେଇଛନ୍ତି। ଅସାମାଜିକ ଓ ପୁରୁଣା ଅପରାଧୀଙ୍କ ଉପରେ ନଜର ରଖିବା ସହ ଆବଶ୍ୟକ ପଡିଲେ ୧୦୭ ଓ ୧୧୦ ଧାରାରେ ନୋଟିସ୍ ଦେବାକୁ ଏସପି କହିଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି ପତିତପାବନ ଚୌଧୁରୀ, ଅମରେଶ ପଣ୍ଡା, ଡିଆଇବି ଡିଏସପି କେଶବ ଚନ୍ଦ୍ର ବେହେରା, ପୁରୁଷୋତ୍ତମପୁର ଏସଡିପିଓ ସିଲଭରିଅସ ଟପୋ, ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାଶ, ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ, ଆସିକା ଏସଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ସମେତ ସମସ୍ତ ଥାନାଅଧିକାରୀମାନେ ଉପସ୍ଥିତ ଥିଲେ।

# ସାଇକେଲ ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ବାର୍ତ୍ତା




ପୁରୀ ସିଂହଦ୍ୱାରଠାରେ ସାଇକେଲ ଶୋଭାଯାତ୍ରା ଆରମ୍ଭ କରାଯାଉଛି।

**ପୁରୀ ଅଫିସ, ୧୦।୨**

ଦ୍ରୁତ ଜନସଂଖ୍ୟା ବୃଦ୍ଧି ସହିତ ଯାନବାହନ ମଧ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଯାନବାହନର ବ୍ୟବହାର ବଢିଛି। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ଏହାର ପ୍ରଭାବ ଜୀବଜଗତ ଉପରେ ପଡୁଛି। ଅନ୍ୟପଟେ ଜୈବିକ ଇନ୍ଧନ ମଧ ଧୀରେ ଧୀରେ କମିବାରେ ଲାଗିଲାଣି। ଏଣୁ ଏହାର ବିକଳ୍ପ ସ୍ୱରୂପ ସାଇକେଲ ଚଳାଇବା ଲାଗି ରବିବାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନିର୍ମାଲ୍ୟ ଆହ୍ୱାନ ଦେଇଛି। ପ୍ରାକୃତିକ ସମ୍ବଳ(ପେଟ୍ରୋଲ)ର ସଂରକ୍ଷଣ, ସୁସ୍ଥ ପରିବେଶ ଲାଗି ବାଇକ ଛାଡି ସାଇକେଲ ଚଳାଇବା ପ୍ରତି ଆଗ୍ରହ ସୃଷ୍ଟି ଉଦେଶ୍ୟରେ ରବିବାର ଅନୁଷ୍ଠିତ ହୋଇଥିଲା ସାଇକେଲ ଶୋଭାଯାତ୍ରା। ସିଂହଦ୍ୱାରଠାରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶତାଧିକ ସ୍ୱେଚ୍ଛାସେବୀ ଓ ଯୁବକ ଏଥିରେ ଯୋଗଦାନ କରିଥିଲେ। ଏହି ଶୋଭାଯାତ୍ରାକୁ ଅର୍ଜୁନ ପୁରସ୍କାରପ୍ରାପ୍ତ ମିନତୀ ମହାପାତ୍ର ଓ କ୍ରୀଡାବିତ୍ ଅନୁରାଧା ବିଶ୍ୱାଳ, ଭାରତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆରଟିଓ ରବୀନ୍ଦ୍ର ମହାନ୍ତି କହିଲେ ଯେ, ପ୍ରତିବର୍ଷ ସଡକ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଦ୍ରୁତ ଗତିରେ ଗାଡ଼ି ଚଳାଚଳ ଏବଂ ଯାନବାହନ ଚଳାଇବା ବେଳେ ମୋବାଇଲରେ କଥାହେବା ବିପଦକୁ ଟାଣି ଆଣିଥାଏ। ନିରାପତ୍ତା ଦୃଷ୍ଟିରୁ ବାଇକ ଚଲାଇବା ବେଳେ ହେଲମେଟ ପିନ୍ଧିବାକୁ ସେ ସମସ୍ତଙ୍କୁ କହିଥିଲେ।

ଅନୁଷ୍ଠାନର ସଭାପତି ବଦ୍ରି ମିଶ୍ର ଓ ସମ୍ପାଦକ ବିଶ୍ୱନାଥ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ଲିଙ୍ଗରାଜ ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ, ଟାଉନ ଥାନାଧିକାରୀ ଉମାଶଙ୍କର ସିଂ, ଗିନିଜ୍‌ବୁକ୍ ରେକର୍ଡଧାରୀ ଦୁର୍ଗାଚରଣ ମିଶ୍ର, ପରିବେଶବିତ୍ ବିଭୁଦତ୍ତ ସୁବୁଦ୍ଧି, ସେବାୟତ ଡ.ଶରତ ମହାନ୍ତି, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିମଳ ପ୍ରସାଦ ମହାନ୍ତି, ମଧୁସୂଦନ ମିଶ୍ର, ଶାନ୍ତିଭୂଷଣ ମିଶ୍ର, ବିଶ୍ୱଜିତ ପଟ୍ଟନାୟକ ଓ ଶ୍ୟାମପ୍ରକାଶ ସେନାପତିଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତାପ ନନ୍ଦୀ, ସୌମ୍ୟରଞ୍ଜନ ପାତ୍ର, ସତ୍ୟସୁନ୍ଦର ପାତ୍ର, କେଦାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଭଞ୍ଜ ସାହିତ୍ୟ ଉପରେ ଅଧିକ ଗବେଷଣା ଆବଶ୍ୟକ

**ଭଞ୍ଜନଗର,୧୦।୨(ଡି.ଏନ.ଏ.)**

କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମମାଟି ହେଉଛି ଭଞ୍ଜନଗର ନିକଟସ୍ଥ କୁଲାଡ। ତେଣୁ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ଭଞ୍ଜ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଭଞ୍ଜ ସାହିତ୍ୟ ପରିଷଦରେ ୩ଦିନ ଧରି ଭଞ୍ଜ ଜୟନ୍ତୀ ଓ ଭଞ୍ଜ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ରବିବାର ବିଳମ୍ବିତ ସନ୍ଧ୍ୟାରେ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ଉମାକାନ୍ତ ମିଶ୍ର ଉତ୍ସବରେ ଅଧକ୍ଷତା କରିଥିଲେ। ଡ. ସୁରେଶ ଚନ୍ଦ୍ର ପଣ୍ଡା ସଭା ସଂଯୋଜନା କରିଥିଲେ। ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ବିବେକାନନ୍ଦ ପାଣିଗ୍ରାହୀ, ଡ. ସରୋଜିନି ବରାଇ, ପ୍ରେମାନନ୍ଦ ମହାପାତ୍ର, ବିଦେଶୀ ନାୟକ ପ୍ରମୁଖ ଯୋଗଦେଇ ଭଞ୍ଜ ସାହିତ୍ୟ ଉପରେ ଅଧିକ ଗବେଷଣା ଆବଶ୍ୟକତା ରହିଛି ବୋଲି କହିଥିଲେ। ଗୁରୁମୂର୍ତ୍ତି ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଭାତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ମମତା ମହାପାତ୍ର, ଅଶୋକ ସ୍ୱାଇଁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।



ଭଞ୍ଜସାହିତ୍ୟ ଉତ୍ସବରେ ମଞ୍ଚାସୀନ ଅତିଥି।

**ଭଞ୍ଜ ଜୟନ୍ତୀ ପାଳିତ**

ସେହିଭଳି ଏନ୍ଏସି ପକ୍ଷରୁ ଷ୍ଟେଟବ୍ୟାଙ୍କ ଛକରେ ଥିବା ଭଞ୍ଜ ପ୍ରତିମୂର୍ତ୍ତିଠାରେ ଭଞ୍ଜ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିସହ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନରେ ମଧ ଭଞ୍ଜ ଜୟନ୍ତୀ ପାଳିତ ହୋଇଯାଇଛି।

### ନିର୍ମାଣ ଶ୍ରମିକଙ୍କ ଲାଗି କୋଠାଘର ଭୂମିପୂଜା

**ଆର.ଉଦୟଗିରି,୧୦।୨(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରିରେ ନିର୍ମାଣ ଶ୍ରମିକମାନଙ୍କ ସଭା ସମିତି ପାଇଁ କୌଣସି ଗୃହ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ନୂତନ କୋଠା ନିର୍ମାଣ ନିମନ୍ତେ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି କୋଠାଘର ନିର୍ମାଣ ନିମନ୍ତେ ମୋହନା ବିଧାୟିକା ବାସନ୍ତୀ ମଲ୍ଲିକ ଭୂମିପୂଜା କରିଛନ୍ତି। ଉକ୍ତ କୋଠାଗୃହ ନିର୍ମାଣ ନିମନ୍ତେ ବଳକା ଟଙ୍କା ବିଧାୟିକା ତାଙ୍କ ଫଣ୍ଡରୁ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଭୂମିପୂଜା ବେଳେ ବ୍ଲକ ଉପାଧକ୍ଷ ନବୀନ ରଇତ, ପୂର୍ବତନ ଜିଲା ପରିଷଦ ସଭ୍ୟ ଜଗବନ୍ଧୁଦାସ, ଏମ୍‌ପିପ୍ରତିନିଧି କିଶୋର ଚନ୍ଦ୍ର ଘଡ଼େଇ, ବସ୍ତିଗୁଡ଼ା ସମିତିସଭ୍ୟ କିଶୋର ଗୌଡ଼, ଦୁତିୟା ମଣ୍ଡଳ, ରେବତୀ କାନ୍ତ ତ୍ରିପାଠୀ, ନିର୍ବାହୀ ଯନ୍ତ୍ରୀ ବି. ଶାନ୍ତନୁ କୁମାର, ସହକାରୀ ଯନ୍ତ୍ରୀ ବିରଜା ପ୍ରସାଦ ପଣ୍ଡା ଓ ନିର୍ମାଣ ଶ୍ରମିକମାନେ ଉପସ୍ଥିତ ଥିଲେ।

# ଶିକ୍ଷା ହେଉଛି ପ୍ରଗତିର ଚାବିକାଠି

**ଗଞ୍ଜାମ,୧୦।୨(ଡି.ଏନ୍.ଏ.)**

ଗଞ୍ଜାମରେ ଥିବା ବହୁ ପୁରାତନ ଭାରତୀ ବିଦ୍ୟାପୀଠ ସ୍କୁଲ ପକ୍ଷରୁ ୬୩ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗଞ୍ଜାମ ଥାନାଧିକାରୀ ଅନିଲ କୁମାର ମାହାନ୍ତି ଯୋଗଦେଇ ଶିକ୍ଷା ହେଉଛି ପ୍ରଗତିର ଚାବିକାଠି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ରବୀନ୍ଦ୍ର କୁମାର ପଣ୍ଡା, ସିଆରସିସି ବିପ୍ର ଚରଣ ସାହୁ, ମୁଖ୍ୟବକ୍ତା ଭାବେ ରାଜନୀତିବିଜ୍ଞାନ ଅଧ୍ୟାପକ ଅମର ବିଶୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ୧୯୫୫ରେ ପ୍ରତିଷ୍ଠା ହୋଇଥିବା ଏହିସ୍କୁଲରେ ଆବଶ୍ୟକ ଖେଳ ପଡ଼ିଆ, ସ୍ଥାୟୀ ପ୍ରଧାନ ଶିକ୍ଷକ ନଥିବା ଜଣାପଡ଼ିଛି। ଅନ୍ୟପଟେ ଭାରତୀ ବିଦ୍ୟାପୀଠ ଶ୍ରେଷ୍ଠ ସ୍କୁଲ ଭାବେ ପରିଗଣିତ ହୋଇ ରାଜ୍ୟ ସରକାର ଏକ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ସ୍କୁଲ ସ୍କାଉଟ ସ୍ୱୀକୃତିପ୍ରାପ୍ତ କରିବା ସହ ୭ ଜଣ ଛାତ୍ର ମେଧାବୃତ୍ତିରେ ସଫଳତା ହାସଲ କରି ୫ ହଜାର ଟଙ୍କା ପାଇଥିବା ପ୍ରଧାନ ଶିକ୍ଷକ ଦାସ ଘୋଷଣା କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।




ମଞ୍ଚାସୀନ ଅତିଥି।

### ଶିକ୍ଷକ, ଅଭିଭାବକ ବୈଠକ

**ତୁମୁଡିବନ୍ଧ,୧୦।୨(ଡି.ଏନ୍.ଏ.)**

ତୁମୁଡିବନ୍ଧ ବ୍ଲକର ଜାଲେଶପଟା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟଠାରେ ଅଭିଭାବକ ଓ ଶିକ୍ଷକ ବୈଠକ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ପୁରୁଷୋତ୍ତମପୁର ଲେଙ୍କା ସଭାପତିତ୍ୱ କରିଥିଲେ। ପ୍ରଥମେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ଅଧକ୍ଷ ଦିଲୀପ କୁମାର ସାହୁ ସ୍ୱାଗତ ଅଭିଭାଷଣ ରଖିଥିଲା। ଏହାପରେ ବୈଠକ ଆରମ୍ଭ ହୋଇଥିଲା। ମହାସିଙ୍ଗ ଏକଲବ୍ୟ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଥିବାରୁ ଛାତ୍ରୀଛାତ୍ରମାନେ ସୁରକ୍ଷିତ ଭାବରେ ଯାଇ ପରୀକ୍ଷା ଦେବାନେଇ ଆଲୋଚନା କରାଯାଇଥିଲା। ନବମ ଓ ଦଶମ ଛାତ୍ରୀଛାତ୍ରମାନଙ୍କୁ ସ୍ୱତନ୍ତ୍ର କୋଚିଂ, ଦୂର ଗ୍ରାମରୁ ଆସୁଥିବା ଛାତ୍ରୀଛାତ୍ରମାନଙ୍କ ଯାତାୟାତରେ ଅସୁବିଧା ଥିବାରୁ କିଛି ଛାତ୍ରୀଛାତ୍ର ମାନେ ପିରିୟଡ ନସରୁଣୁ ଘରକୁ ଯିବା, ବିଦ୍ୟାଳୟରେ ୧୧କେଭି ବିଦ୍ୟୁତ୍ ସଂଯୋଗ, ବିଦ୍ୟାଳୟର ଚାରିପଟେ ପାଚେରି ଓ ଖେଳ ପଡିଆ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ବିଶେଷ କରି ହଷ୍ଟେଲ ନିର୍ମାଣ ପାଇଁ ଦାବିକରାଯାଇଥିଲା। ସଂସ୍କୃତ ଶିକ୍ଷକ ସୁବୋଧ କୁମାର ହୋତା ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ, କଳାପତାକା ପ୍ରଦର୍ଶନ



କଂଗ୍ରେସ କର୍ମକର୍ତ୍ତାଙ୍କୁ ପୋଲିସ ଧରି ନେଉଛି।

**ଫୁଲବାଣୀ ଅଫିସ, ୧୦।୨**

ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କନ୍ଧମାଳ ଗସ୍ତକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯିବା ସହ କଳା ପତାକା ପ୍ରଦର୍ଶନ କରାଯାଇଥିଲା। ପୋଲିସ ସମସ୍ତଙ୍କୁ ନେଇ ଅଟକ ରଖିବା ପରେ ଛାଡି ଦେଇଛି। ପ୍ରଥମେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରାଯାଇଥିଲା। ଏହାପରେ ଭାଜପା ନେତା ଓ କର୍ମୀମାନେ ସହରରେ ନବୀନ ବିରୋଧୀ ନାରା ଦେଇଥିଲେ। ଅନ୍ୟପକ୍ଷରେ କଂଗ୍ରେସ ନେତାମାନେ ଯୋଜନା ମୁତାବକ କଳା ପତାକା ପ୍ରଦର୍ଶନ କରିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଟାଉନ ଥାନା ପୋଲିସ ସେମାନଙ୍କୁ ହେପାଜତକୁ ନେଇଥିଲା। ନଗର କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ସଞ୍ଜୟ ଭଞ୍ଜଙ୍କ ନେତୃତ୍ୱରେ ଅନ୍ୟ କର୍ମକର୍ତ୍ତା କଳାପତାକା ଦେଖାଇଥିଲେ।

# ଭାଜପାର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**କନିଷି,୧୦।୨(ଡି.ଏନ.ଏ.)**

ଗୋପାଳପୁର ନିର୍ବାଚନ ମଣ୍ଡଳୀର ଭାଜପା ପକ୍ଷରୁ ଶନିବାର ହଳଦିଆପଦର ଗ୍ରାମସ୍ଥିତ ଚନ୍ଦ୍ରକନ୍ତେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ରଙ୍ଗେଇଲୁଣ୍ଡା ବ୍ଲକ ପ୍ରତି ଗ୍ରାମପଞ୍ଚାୟତର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତି ବୁଥର ସମସ୍ତ କାର୍ଯ୍ୟକର୍ତ୍ତା, ଶକ୍ତିକେନ୍ଦ୍ର ପ୍ରମୁଖ, ମଣ୍ଡଳ ସଭାପତି ପଦାଧିକାରୀମାନେ ଯୋଗଦେଇଥିଲେ। ଆଗାମୀ ନିର୍ବାଚନରେ ପ୍ରତି ବୁଥ୍‌ରେ ଭାଜପାକୁ ମଜଭୁତ କରି ଯେପରି ବିପୁଳ ସଂଖ୍ୟାରେ ବିଜୟ ଲାଭ କରିବ ସେ ନେଇ କାର୍ଯ୍ୟକର୍ତ୍ତାମାନଙ୍କୁ ଭାଜପା ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନା କହିଥିଲେ । ହଳଦିଆପଦର ପଞ୍ଚାୟତ ଶକ୍ତିକେନ୍ଦ୍ରର ପ୍ରମୁଖ ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ସମ୍ମିଳନୀ ହୋଇଥିଲା । ଏଥିରେ ରଙ୍ଗେଇଲୁଣ୍ଡା ବ୍ଲକ ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ଇ. କାନ୍ତା ରାଓ, ରାଜେଶ କୁମାର ସାହୁ, ରଜତ କୁମାର ପଣ୍ଡିତ, ସମୀର ବ୍ରହ୍ମା, ସୁନିଲ ପାତ୍ର, ସନତ କୁମାର ନାୟକ, ମନ୍ତ୍ରିଡ଼ି ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ଅମର ଜେନା ପ୍ରମୁଖ ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ।

# ସଡ଼କ ସୁରକ୍ଷା ସଚେତନତା ରାଲି

**ଜି.ଉଦୟଗିରି,୧୦।୨(ଡି.ଏନ.ଏ.)**

ଜି.ଉଦୟଗିରି ପୋଲିସ ସୌଜନ୍ୟରୁ ଥାନାଧିକାରୀ ଲକ୍ଷ୍ମଣ ସେଠୀଙ୍କ ତତ୍ତ୍ୱାବଧାନରେ ଶନିବାର ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ଜି.ଉଦୟଗିରି ସହର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ର୍‍ୟାଲିରେ ପୋଲିସ ଏଏସ୍‌ଆଇ ତୃପ୍ତି ରଞ୍ଜନ ନାୟକ, କୌଶଲ୍ୟା ବେହେରାଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଅଂଶଗ୍ରହଣ କରିଥିବା ବେଳେ ମା' ବରାଳିନୀ ଅଟୋ ମାଲିକ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ। ଅଟୋ ମାଲିକ ସଂଘ ତରଫରୁ ସଂଘ ସଭାପତି ବାଳକୃଷ୍ଣ ମହାନ୍ତି, ସମ୍ପାଦକ ଦୁର୍ଗା ମାଧବ ପଟ୍ଟନାୟକ, କୋଷାଧକ୍ଷ ନାନୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ହାତୀଶାଳ ସ୍କୁଲ ଛାତ୍ରୀଛାତ୍ରମାନେ ସଚେତନତା ପ୍ଲାକାର୍ଡ ସହ ସହର ପରିକ୍ରମା କରିଥିଲେ।




ସଚେତନତା ରାଲି।

# କନ୍ୟାରତ୍ନ ସୁରକ୍ଷା ଶପଥପାଠ

**ଦିଗପହଣ୍ଡି,୧୦।୨(ଡି.ଏନ.ଏ.)**

ଦିଗପହଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ କନ୍ୟାରତ୍ନ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡିପିଓ ଯଶୋବନ୍ତୀ ସାହୁ ଅଧକ୍ଷତା କରିଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ସଂଘ ସଭାପତି କେ. ହରିବନ୍ଧୁ ରେଡ୍ଡୀ, ଆଇନଜୀବୀ ହରପ୍ରସାଦ ରଥ, କ୍ରୀଡ଼ା ଶିକ୍ଷୟିତ୍ରୀ ଅମରଜିତ କାଉର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆୟୋଜିତ ସଚେତନତା ସଭାରେ ଲିଙ୍ଗ ଚୟନ ନିଷେଧ ଆଇନ, କନ୍ୟାଭ୍ରୂଣ ହତ୍ୟା ବନ୍ଦ କରାଯିବା, ବାଲ୍ୟ ବିବାହ ନିରୋଧ ଆଇନ ଓ ଶିଶୁ କନ୍ୟା ଚାଲାଣ ନିଷେଧ ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ କନ୍ୟାରତ୍ନ ସୁରକ୍ଷା ପାଇଁ ଶପଥ ପାଠ କରାଯିବା ସହ ସେମାନଙ୍କ ଆବଶ୍ୟକ ଯତ୍ନ ନିମନ୍ତେ ସଂକଳ୍ପ ଘୋଷଣାନାମା ପାଠ କରାଯାଇଥିଲା। ପରେ ପୁଞ୍ଜିକୟାଁ ଛକରୁ ବ୍ଲକ ପର୍ଯ୍ୟନ୍ତ ସଚେତନତା ପାଇଁ ଆୟୋଜିତ ମିନି ମାରାଥନରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସାଧନ ମହିଳା ସଂଘ ସଭାନେତ୍ରୀ ପି. ବିଜୟଲକ୍ଷ୍ମୀ, ଅଙ୍ଗନୱାଡି ସୁପରଭାଇଜର ଭାରତୀ ବ୍ରହ୍ମା, ଇନ୍ଦିରା ମହାପାତ୍ର, ଅନିମା ପ୍ରଧାନ ଓ ଇନ୍ଦିରା ପାତ୍ରଙ୍କ ସମେତ ଅଙ୍ଗନୱାଡି କର୍ମୀ ଗାୟତ୍ରୀ ପାତ୍ର, ରଶ୍ମିତା ପାତ୍ର ଓ ଭାରତୀ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଶପଥ ପାଠ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।